# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୫/୨୦୨୧ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 15/2021 | ★★★★

୪୭ଶ ଭାଗ ୨୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଳା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।

ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।


KP
GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP Quality Since 1965
MADHUBAN
Safal TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ରବିବାର, ଅଗଷ୍ଟ ୧୫/୨୦୨୧ | Sunday, August 15/2021




## ଜୋ ରୁଟ୍‌ଙ୍କ ଶତକ

ଭାରତ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଶତକ ହାସଲ କରିଛନ୍ତି।


୧୬



୧୪


## ବିବାହର ବର୍ଷେ ପରେ ବିଚ୍ଛେଦ

ମାତ୍ର ୧୮ ବର୍ଷ ବୟସରେ ବିବାହ କରିଥିବା ଗାୟିକା ସୁନିଧି ଚୌହାନଙ୍କ ଦାମ୍ପତ୍ୟ ଜୀବନ ଅଧିକ ଦିନ ତିଷ୍ଠିପାରି ନ ଥିଲା।





ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମଦିବସରେ ଧରିତ୍ରୀର ବିନମ୍ର ପ୍ରଣତି।

### ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଧରିତ୍ରୀ ତା'ର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଖବରଦାତା, ଏଜେଣ୍ଟ, ବିତରକ, ପୃଷ୍ଠପୋଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

### ଧରିତ୍ରୀର ଛୁଟି

ସ୍ୱାଧୀନତା ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୧୫ ତାରିଖ ରବିବାର ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

ଆମେ କ'ଣ କରିଛୁ

### ଆଜିର ମନ୍ତବ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭାଜନବାଦୀ ଓ ଧ୍ୟାନ ହଟାଇବା ରାଜନୀତି କରୁଛନ୍ତି।

–ରଣଦୀପ ସୁର୍ଯ୍ୟେୱାଲା, କଂଗ୍ରେସ ମୁଖପାତ୍ର


### ପବିତ୍ର ସ୍ୱାଧୀନତା ଦିବସ – ୨୦୨୧ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

DADLS-12

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ବୈଶ୍ୱିକ ମହାମାରୀ କରୋନା ବିରୋଧରେ ସମଗ୍ର ମାନବଜାତିର ଲଢ଼େଇରେ ଓଡ଼ିଶାର ପ୍ରଦର୍ଶନ ବେଶ ଉତ୍ସାହଜନକ ଓ ପ୍ରେରଣାଦାୟୀ। ଏହି ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)

OIPR-15001/13/0024/2122

### ୭୫ତମ ସ୍ୱାଧୀନତା ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

DADLS-12

୭୫ତମ ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ପାଇଁ ଏକ ଗର୍ବ ଓ ଗୌରବର ଦିନ । ଆସନ୍ତୁ, ଏହି ମହାର୍ଘ ମୁହୂର୍ତ୍ତ ଅବସରରେ ଶପଥ ନେଇ ଦେଶ ଓ ରାଜ୍ୟର ଗୌରବକୁ ନୂଆ ଶିଖରରେ ପହଞ୍ଚାଇବା ପାଇଁ ପ୍ରତିବଦ୍ଧତାର ସହ କାମ କରିବା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

OIPR-15001/13/0024/2122

### ପବିତ୍ର ସ୍ୱାଧୀନତା ଦିବସ ଅବସରରେ ବାର୍ତ୍ତା

DADLS-12

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଅବସରରେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଦେଶପ୍ରେମୀ ସଂଗ୍ରାମୀମାନଙ୍କର ଆତ୍ମୋତ୍ସର୍ଗ, ଜାତୀୟ ପ୍ରୀତି, ଅହିଂସା–ଅସହଯୋଗ ମନ୍ତ୍ର ବଳରେ ଭାରତର ସ୍ୱାଧୀନତା ପ୍ରାପ୍ତି ଆମର ମହାନ୍ ଉପଲବ୍ଧି ।

ଆସନ୍ତୁ, ସ୍ୱାଧୀନତାର ମୂଲ୍ୟବୋଧକୁ ସ୍ମରଣ କରି ସେହି ସଂଗ୍ରାମୀମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟ କରିବା । ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ଜାରି କରାଯାଉଥିବା କୋଭିଡ୍ ମାର୍ଗଦର୍ଶିକାକୁ ଅନୁପାଳନ ସହ କରୋନା ମହାମାରୀକୁ ହରାଇ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ନିର୍ମାଣ କରିବାକୁ ସଂକଳ୍ପବଦ୍ଧ ହେବା ।

ରଘୁନନ୍ଦନ ଦାସ
(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0024/2122







**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରୀୟା
ପରିବାରବର୍ଗ


ରିଷି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆର୍ଦ୍ରଭୂମି ସୁରକ୍ଷା ମାମଲା: ପକ୍ଷ ରଖିଲେ ୪ ଜିଲାପାଳ

କଟକ ଅଫିସ,୧୪।୮: ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲାର ଶୁଣାଣି ଶନିବାର ହାଇକୋର୍ଟରେ ହୋଇଥିଲା। କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଗଞ୍ଜାମ ଓ ପୁରୀ ଜିଲାପାଳ ଭର୍ଚୁଆଲ ମାଧ୍ୟମରେ ହାଜର ହୋଇ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦର ଅଗ୍ରଗତି ସମ୍ପର୍କରେ ନିଜର ପକ୍ଷ ରଖିଥିଲେ। ସେହିପରି କେତେଜଣ ମତ୍ସ୍ୟଜୀବୀ ମଧ୍ୟ ହାଜର ହୋଇ ନିଜର ପକ୍ଷ ରଖିଛନ୍ତି। ଉଚ୍ଛେଦ ସମୟରେ ବେଆଇନ ଭାବେ ବ୍ୟବହୃତ ସରଞ୍ଜାମ, ଯନ୍ତ୍ରପାତି ଜବତ କରିବା ସହ ଘେରି ଉଚ୍ଛେଦ ତ୍ୱରାନ୍ୱିତ କରିବାକୁ ହାଇକୋର୍ଟ ୪ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ସେପ୍ଟେମ୍ବର ୨୩ରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲାରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ନେଇ କି ପଦକ୍ଷେପ ନେଇଛ ଓ କେତେଜଣଙ୍କ ନାଁରେ ମାମଲା ରୁଜୁ କରିଛ, ତାହାର ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟ ଉପରୋକ୍ତ ୪ ଜିଲାର ଜିଲାପାଳଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାପଡାର ଭିତରକନିକା ଓ ଅନ୍ୟ ୩ ଜିଲା ଅନ୍ତର୍ଗତ ଚିଲିକାର ଚିଙ୍ଗୁଡ଼ି ଘେରି ଉଚ୍ଛେଦ ନେଇ କହିଥିଲେ। ଗତ ଜୁଲାଇ ୨୭ରେ କେବଳ ଗଞ୍ଜାମ ଜିଲାପାଳ ସତ୍ୟପାଠ ଦାଖଲ କରିଥିଲେ। ତେଣୁ ହାଇକୋର୍ଟ ଏଥିରେ ବିରକ୍ତି ପ୍ରକାଶ କରିବା ସହ ସମସ୍ତ ଜିଲାପାଳଙ୍କୁ ଅଗଷ୍ଟ ୧୪ରେ ଭିଡିଓ କନଫରେନ୍ସ ମାଧ୍ୟମରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେତେ ଚାହୁଁଥାଉ ମୋତେ?
ତୋଠୁଁ ସୁନ୍ଦର ମୋର ବିନୋଦିଆ।
ଚାକର ରଖିବ ତୋତେ ।**

ସୁଖୀ ଦାମ୍ପତ୍ୟ ପାଇଁ ପରସ୍ପରର ବିଶ୍ୱସ୍ତ ହେବା ବାଞ୍ଛନୀୟ। ଜୀବନସାଥୀ ପ୍ରତି ଶ୍ରଦ୍ଧା ସମ୍ମାନ ଭାବ ରଖୁଥିବା ବ୍ୟକ୍ତି କେବେ ବି ଅବୈଧ ସମ୍ପର୍କକୁ ପ୍ରଶ୍ରୟ ଦେଇ ନ ଥାନ୍ତି। ଦୈହିକ ସୁଖ ଲାଳସାରେ ମାତି ନିଜ ସୁନା ସଂସାରରେ ନିଆଁ ଲଗାଇବାକୁ ଉଚିତ ମଣି ନ ଥାନ୍ତି। ଏପରି ସ୍ଥଳେ ନିଜ ପତିକୁ ଜୀବନଠୁ ଅଧିକ ଭଲପାଉଥିବା ନାରୀ ପରକୀୟା ପ୍ରୀତିଠାରୁ ନିଜକୁ ଦୂରେଇ ରଖିବା ନେଇ ଦୃଢ଼ପ୍ରତିଜ୍ଞ ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କନିଅର
ଡୁଙ୍ଗାଟାରେ କିଆଁ ଫରଫର।**

କଥା ସେଭଳି କିଛି ଗୁରୁତ୍ୱର ନ ଥିଲେ ମଧ୍ୟ ସେଥିରୁ ଖିଅ ବାହାର କରି କିଛି ବ୍ୟକ୍ତି ମୁହଁ ଫର ଫର କରିଥାନ୍ତି। କଣ୍ଟା ବାଡ଼ରେ ଲୁଗା ପକାଇ କଳି କରିବା ସେମାନଙ୍କ ଏକ ମନ୍ଦ ପ୍ରକୃତି ହୋଇଥାଏ। ସାମାନ୍ୟ କଥାକୁ କେନ୍ଦ୍ର କରି ଅଯଥା ଅଶାନ୍ତି ସୃଷ୍ଟି କରୁଥିବା କଳିହା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

**ବ୍ରହ୍ମପୁର ଅଫିସ, ୧୪।୮**

ଗଞ୍ଜାମ ଜିଲା ସଦର ଥାନା ନିମଖଣ୍ଡିର ଜଣେ ଯୁବକଙ୍କୁ ଶନିବାର ରାତି ପ୍ରାୟ ସାଢେ ୮ଟାରେ ୩ଜଣ ଯୁବକ ସଂଘବଦ୍ଧ ଭାବେ ଖଣ୍ଡାରେ ହାଣି ପଥରରେ ଛେଚି ହତ୍ୟା କରିଛନ୍ତି। ମୃତକ ହେଲେ ଗୋପାଳ କୃଷ୍ଣ ସାହୁ(୩୩)। ସେ ତାଙ୍କ ମାଉସୀ ଘର ଦାଣ୍ଡରେ ଠିଆ ହୋଇଥିଲେ, ସେହି ସମୟରେ ଗୋଟିଏ ବାଇକ୍‌ରେ ୩ ଜଣ ଆସି ତାଙ୍କ ମୁଣ୍ଡକୁ ଖଣ୍ଡାରେ ହାଣିବା ସହ ପଥର ଛେଚି ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୂର୍ବଶତ୍ରୁତାରୁ ତାଙ୍କୁ ଅନ୍ୟ ଏକ ଗୋଷ୍ଠୀର ଯୁବକମାନେ ହାଣି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପରିବାର ଲୋକେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖିବା ସୁଦ୍ଧା ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ମାମଲା ରୁଜୁ ସମ୍ପର୍କରେ ଜଣାପଡିନାହିଁ।

# ୧୧୪ ଜଣଙ୍କୁ ଡିଜିପି ଡିସ୍କ ଆୱାର୍ଡ

**କଟକ ଅଫିସ,୧୪।୮**

ଡିଜିପି ଡିସ୍କ ଆୱାର୍ଡ ପାଇବା ପାଇଁ ୧୧୪ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୦୦ଜଣ କାର୍ଯ୍ୟରତ ପୋଲିସ ଅଧିକାରୀ, କର୍ମଚାରୀ ରହିଥିବାବେଳେ ୧୪ଜଣ କରୋନା ଯୋଦ୍ଧାଙ୍କୁ ମରଣୋତ୍ତରଭାବେ ଏହି ଆୱାର୍ଡ ଦିଆଯିବ। ଭୁବନେଶ୍ୱର ୟୁପିଡିର ଇନ୍ସପେକ୍ଟର ଉମାକାନ୍ତ ପ୍ରଧାନ, ଏସ୍‌ଆଇ ନିରଞ୍ଜନ ବେହେରା, ଏଏସ୍‌ଆଇ ଅଲେଖ କୁମାର ଜେନା, ଲିଜିନା ବାରିକ, କୋଭିଡ୍ ସମୟରେ ପ୍ରାଣ ହରାଇଥିବା କନଷ୍ଟେବଲ ଧୋବେଇ ବେହେରା ଡିଜିପି ଡିସ୍କ ଆୱାର୍ଡ ପାଇଁ ମନୋନୀତ ହୋଇଛନ୍ତି। ଅଗଷ୍ଟ ୧୫ରେ ଭୁବନେଶ୍ୱର ପୋଲିସ ଭବନ ସମ୍ମିଳନୀ ହଲରେ ଅନୁଷ୍ଠିତ ଆୱାର୍ଡ ପ୍ରଦାନ ଉତ୍ସବରେ ସେମାନଙ୍କୁ ଏହି ଆୱାର୍ଡ ଦିଆଯିବ। ସେହିପରି ଅନ୍ୟମାନଙ୍କ ପାଇଁ ରାଉରକେଲା ଓ କୋରାପୁଟ, କଳାହାଣ୍ଡିରେ ଖୁବ୍‌ଶୀଘ୍ର ଆୱାର୍ଡ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ପଦକ ପାଇବାକୁ ଥିବା ପୋଲିସ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି ଡିଜିପି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ୧ ଟନ୍‌ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୩ ଗିରଫ



**ଜୟପୁର, ୧୪।୮ (ନି.ପ୍ର.)**

ଗଞ୍ଜେଇ ଚୋରାଚାଲାଣ ବେଳେ ଜୟପୁର ସଦର ପୋଲିସ ଚାଲାଣକାରୀଙ୍କ ଯୋଜନାକୁ ପଣ୍ଡ କରିଛି । ପୋଲିସ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କଳାହାଣ୍ଡି ଜୟପାଟଣାର ରୂପେଶ ସାହୁ (୨୩), ଜୟନ୍ତ ନାୟକ (୨୩) ଓ ନୃରୁପତି ନାୟକ (୨୧) । ଜୟପୁର ଘାଟି ଶିବ ମନ୍ଦିର ନିକଟରେ ଟ୍ରକ୍ (ସିଜି- ୦୪- ଏମ୍‌ଏମ୍-୩୦୯୫)ରେ ଗଞ୍ଜେଇ ବୋଝେଇ ହୋଇ ରହିଥିବା ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ସୂଚନା ପାଇ କର୍ମଚାରୀଙ୍କୁ ନେଇ ଘାଟିରେ ଚଢ଼ାଉ କରିଥିଲେ । ଟ୍ରକରୁ ୧୧୩ଟି ପ୍ୟାକେଟରୁ ୧ଟନ୍ ୯୫ କେଜି ଗଞ୍ଜେଇ ପୋଲିସ ଜବତ କରିଥିଲା। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ଟଙ୍କା ହେବ । ଏହି ଗଞ୍ଜେଇ ଅନ୍ୟ ଏକ ଟ୍ରକରେ ବୋଝେଇ ହୋଇ ବାହାର ରାଜ୍ୟକୁ ଚାଲାଣ ହୋଇଥାନ୍ତା। ପୋଲିସ ଟ୍ରକ ସହ ଛିଡା ହୋଇଥିବା ଏକ କାର୍ ଏବଂ ୪ଟି ମୋବାଇଲ ଜବତ କରିଛି। ଘଟଣା ସ୍ଥଳରୁ ଜଣେ ଫେରାର ହୋଇଯାଇଥିଲେ। ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ମହାକୁଡ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଏବଂ ସକାଳୁ କର୍ମତତ୍ପରତା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। ପିଲାମାନଙ୍କ ଦାବି ମୁତାବକ ଜିନିଷ ନ ଆଣିପାରି ଅଶାନ୍ତିର ସମ୍ମୁଖୀନ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ।

**ବୃଷ** - ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ମତାନ୍ତର ଘଟିପାରେ, ଏଣୁ ମନରେ ଟେନ୍ସନ ଲାଗି ରହିବ। ଆକସ୍ମିକ ଆବଶ୍ୟତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇ ଦେବାର ସୂଚନା ରହିଛି। ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି।

**ମିଥୁନ** - ଆଜି ବିଭିନ୍ନ ଧନ୍ଦା କରିବା ସକାଶେ ସହକର୍ମୀମାନେ ଉତ୍ସାହିତ କରିବେ। ଜଣେ ବନ୍ଧୁ ମାର୍ଗଦର୍ଶକ ସାଜି ପାରନ୍ତି, ଯାହାକି ଆପଣଙ୍କ ସକାଶେ ହିତକର ହେବ। କର୍ମକ୍ଷେତ୍ରରେ ଏବଂ ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ମାଲିମକଦ୍ଦମାରେ କାର୍ଯ୍ୟ ହାସଲ କରିନେବା ସକାଶେ ନୂତନ ଦିଗ ପ୍ରତି ଚିନ୍ତା କରିପାରନ୍ତି।

**କର୍କଟ** - ଆଜି ବାରମ୍ବାର ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ଦୁର୍ଭାବନା ସୃଷ୍ଟି ହେବ। ସାଧାରଣ କଥାକୁ ବଡ କରି ସହକର୍ମୀମାନେ କଳହର ମାତ୍ରାକୁ ବଢାଇବେ। ହଠାତ୍ କୌଣସି ବନ୍ଧୁଙ୍କ ଜରିଆରେ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ** - ଆଜି କୌଣସି ପ୍ରକାରେ ଅନ୍ୟକୁ ସନ୍ତୁଷ୍ଟ କରି ପାରିବେ ନାହିଁ। କିନ୍ତୁ ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବା ସାଙ୍ଗକୁ ପ୍ରଶଂସିତ ମଧ୍ୟ ହେବେ। ଏକା ସାଙ୍ଗରେ ବହୁତଗୁଡିଏ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ବହୁତ ଦିନରୁ ଖୋଜି ପାଉ ନ ଥିବା ଜିନିଷଟି ହଠାତ୍ ପାଇଯିବେ।

**କନ୍ୟା** - ବାକି ରଖିଥିବା ଲୋକଟି ଘରେ ଆସି ଟଙ୍କା ଦେଇଯିବ। ନିଜ ଲୋକଙ୍କ ଭୁଲ୍‌ରୁ ଅଫିସରେ ସାଧାରଣ କଥାରେ ମତାନ୍ତର ସୃଷ୍ଟି ହୋଇପାରେ। ଆମଦାନୀ କାରବାର ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ଗୃହ ସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିପାରନ୍ତି।

**ତୁଳା** - ପରିବାର ଭିତରେ ସାଧାରଣ କଥାରୁ ଝଡ଼ ଉଠିବାରୁ ମନ ଅସ୍ଥିର ରହିବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନ ରହିଲେ ବିବାଦର ସମ୍ମୁଖୀନ ହେବେ। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** - ଆଜିର ବ୍ୟସ୍ତବହୁଳ ସମୟ ଭିତରେ ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାର କରଜ କରି ଆବଶ୍ୟକତା ଚଳାଇ ନେବାକୁ ବାଧ୍ୟ ହେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି।

**ଧନୁ** - ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ବାଧ୍ୟ ହୋଇପାରନ୍ତି। ଆପଣଙ୍କ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ବେଶ୍ ଖୁସି ରହିବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର** - ଆଜି ଯାହା କରିବାକୁ ମନସ୍ଥ କରିଛନ୍ତି ବନ୍ଧୁଙ୍କ କଥା ମାନି କଲେ ଭଲ। ସହକର୍ମୀଙ୍କ ସହୃଦୟତାରୁ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇପାରନ୍ତି। ପ୍ରକାଶନ, ସାହିତ୍ୟ ଚର୍ଚ୍ଚା ଓ ପ୍ରଶାସନିକ ସଫଳତା ଅବଶ୍ୟ ପାଇବେ ଏବଂ ପୁରସ୍କୃତ କିମ୍ବା ସମ୍ବର୍ଦ୍ଧିତ ହେବାର ସୁଯୋଗ ପାଇବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିପାରନ୍ତି, ଏଣୁ ସତର୍କ ରହିବା ଭଲ।

**କୁମ୍ଭ** - ଆଜି ଦିନ ଭିତରେ ଆପଣ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ନିକଟସ୍ଥ ବ୍ୟକ୍ତିଙ୍କ ସହାୟତାରେ ବକେୟା ଆଦାୟରେ ସକ୍ଷମ ହେବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ମୀନ** - ଆଜି ସମସ୍ୟା ସମାଧାନ ହେବାରୁ ମନ ଭଲ ରହିବ। ଧନାଧିପତିଙ୍କ ବଳହୀନତା କାରଣରୁ ଆର୍ଥିକ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁ କିଛି ଖବର ନ ଦେଇ ହଠାତ୍ ପହଞ୍ଚି ଆପଣଙ୍କ ବ୍ୟସ୍ତତାକୁ ବୃଦ୍ଧି କରିବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଂଗଠନ, ଲେଖାପଢ଼ାରେ କିଛିଟା ସାମୟିକ ସମସ୍ୟା ଲାଗି ରହିପାରେ।

# ସାପ କାମୁଡ଼ାରେ ୨ ଭଉଣୀଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୧୪।୮-ଅନୁଗୋଳ ଜିଲା ପୁରୁଣାକୋଟ କୋଠଭୂଇଁ ପଞ୍ଚାୟତ କୁମୁଡ଼ି ଗ୍ରାମରେ ଶନିବାର ହୃଦୟ ବିଦାରକ ଘଟଣା ଘଟିଛି। ଶୋଇଥିବା ଅବସ୍ଥାରେ ସାପ କାମୁଡ଼ି ଦେବାରୁ ୨ ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରୁଷି ପ୍ରଧାନଙ୍କ ବଡ଼ ଝିଅ ଲାବନ୍ୟା (୧୪) ଏବଂ ସାନଝିଅ ଗଙ୍ଗା (୭)। ଲାବନ୍ୟା ଓ ଗଙ୍ଗା ଶୁକ୍ରବାର ରାତିରେ ପାଖାପାଖି ଶୋଇଥିଲେ। ଭୋର୍ ସମୟରେ ଉଭୟଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣୁଥିବାବେଳେ ରାସ୍ତାରେ ଗଙ୍ଗାଙ୍କ ମୃତ୍ୟୁ ହୋଇଯାଇଥିଲା। ଲାବନ୍ୟାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# classifieds Everyday
0674-2580101, 2549302




## BRIDE WANTED

Handsome Khandayat boy 1991/5'9" B.Tech SR Software Engineer, Bangalore require beautiful bride Odishi. 8144591758. D-69400

Suitable bride of age-35 or above required for Brahmin groom. Contact: 8895491804. D-70725

## GROOM WANTED

Searching both Kaibarta Groom in Bhubaneswar for Very Fair Bride & Very Fair Bride for Kaibarta Groom (IAS Faculty). Mob: 9990161440. D-21319

57 ବୟସ୍କା unmarried Government ଚାକିରିଆ 78000/- ଦରମା ବ୍ରାହ୍ମଣ ଝିଅଙ୍କୁ any caste married/ unmarried ଘରଜ୍ୱାଇଁ ଆବଶ୍ୟକ। 7381460017 D-21345

Groom Wanted preferable Doctor Chartered Accountant Architect OJS in general caste no bar for a beautiful Teli girl 5'7" 29 years final year Anastasia in a reputed Govt. Medical College Odisha. Contact: 9861430524. D-21353

ସରକାରି ଚାକିରି କରୁଥିବା 47 ବୟସ୍କା ଗୋପାଳ ଛାଡ଼ପତ୍ର ପ୍ରାପ୍ତ ଝିଅଙ୍କ ପାଇଁ ପୁଅ ଆବଶ୍ୟକ। (any caste). 7681044808. D-21351




## SALE

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21279

ପୁରୀ ସହର ଗୁଡ଼ିଆ ସାହିରେ 1000sqft. ପୁସ୍ତାନି ଘର ବିକ୍ରିହେବ। ମନ୍ଦିରଠୁ 500mtr. 8763795928, 9861162562. D-59882

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact-9443101191".** D-21097

Bhubaneswar plot/ land available near AIIMS Hospital sqft.- 550/-, 900/-, 2200/- & at Janla-1000/-, Contact: 9583174462. D-70885

**Hurry-Up-Offer Offer ready/ under construction flat/ duplex for sale in posh location of Bhubaneswar. 9938569014, 9861433014.** D-21323

Cuttack prime residential location Three Storied Core House Building with 15Bedrooms & 10Toilets for immediate sale @90Lacs. Only for SC caste buyers. M-90784 69434. D-21341

**Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118.** D-70887

Contact-7894639282 for 1500sqft. plot near ITER College, Jagamara, Bhubaneswar. (Price-45 lakhs). D-71130

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

**2400sft. GA plot immediately sale at Bharatpur (near Sum Hospital) & 3500sft. BDA plot sale at Patrapada (near DN Regalia Mall) & 1800sft. BDA plot sale at Pokhariput & 2178sft. plot sale at Samantarapur, Bhubaneswar, please contact- DEEPAK- 9937329999.** D-69989

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70467

**1/2/3BHK ready to move apartment for sale at DHPL Enclave 2, Kalarahanga and DHPL Platinum, Rudrapur. Contact: 9937059891.** D-21159

2BHK flat inbetween Garage Chhak and Ravitalkies Bus Stop, Bhubaneswar. Buyer 8328890345. D-70236

ଭୁବନେଶ୍ୱର ଚନ୍ଦକାରେ **Nalanda** ଓ **BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

## PURCHASE

**Land required in Bhubaneswar & Puri for Outright/ Share basis for Apartment/ Duplex and Ploted Scheme. Interested Land Owner please contact: 9438109040/ 8144658008.** D-21327

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Want a dream home on your own plot assistance for construction, design and development. Contact: K.K. Construction 7008268129, 9439143273. D-71313




Single room attached Toilet near Sisupalgad College, Bhubaneswar. Contact: 9437764734. D-70727

Rent for Office/ Bank/ Shop 2000sqft. area. Prime location on NH-Cosmopolis Chaka, near Khandagiri, Bhubaneswar- 751019 was let-out to Bank. Contact- 9871816986. D-71401

2BHK room near Krishna Annex at Siddheswar Nagar, Jagamara. Mobile No.- 9437797201. D-21295

3BHK Ground Floor portico 979/1035 Prakruti Vihar, Delta Chowk, Baramunda. 9437303387. D-67798




Lotus SPA newly open positively health benefits/ expert therapist. 8455987557. D-71403

Panchakarma, Acupressure, Magneto therapy, Piles, Fisure, Fistfula, Treatment Bhubaneswar. 8763725072. D-21329

Newly open full body massage ladies and gents. 8658471570, 8327740003. D-70469

Swarna SPA newly open positively health benefits with expert therapist. 9556978408. D-71128

Refreshing your mind, your body with tha best therapy at Lotus Spa. 8018891951. D-70468

Newly open SPA offer @799/-, positively health benefits, Jaydev Bihar. 7846814019. D-60000

Newly open SPA center positively health benefits by expert therapist, (home service available). 9439008685. D-71402

## BUSINESS

Job-Rapido Captainରେ ରେଜିଷ୍ଟ୍ରେସନ୍ ହେବା ପାଇଁ DL, RC & Android Mobile ନେଇ ତଳ ଏଡରେସ୍‌ରେ ଆସନ୍ତୁ ଆଉ 25000/- ଯାଏ ମାସିକ କମାନ୍ତୁ। Address- 40, Pawani Complex, Lane L 4, Jagmohan Nagar, Bhubaneswar. Call & WhatsApp. 9513764947, 080-41434143. D-21338

## AFFIDAVIT

Affidavit before Notary, Dhenkanal dtd. 13.08.2021, I have changed my name from Laxmi Narayan Nayak to Laxminarayan Naik. Henceforth I shall be known as Laxminarayan Naik, S/o. Rameswar Naik, At/PO-Khairabani,PS-Bangiriposi, District-Mayurbhanj for all official purposes. D-70340

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ଜନ୍ମଦିନ ଶୁଭେଚ୍ଛା।**






(ରିଷି)

**ସ୍ୱାଧୀନ କୁମାର ପଣ୍ଡା**

ଖୁଣ୍ଟୁଣୀ, କଟକ
ଆଜି ତୋର ୪ର୍ଥ ବାର୍ଷିକୀ ଶୁଭ ଜନ୍ମ ଦିନରେ ଆମେ ସମସ୍ତ ପରିବାର ତୋର ଶହେ ଆଠ ପରମାୟୁ ପାଇଁ ମା' ଷଠି ଦେବୀଙ୍କ ପାଖରେ ପ୍ରାର୍ଥନା କରୁଛୁ। ଜଗତର ନାଥ ଜଗନ୍ନାଥ ତୋତେ ଦୀର୍ଘାୟୁ କରି ତୋର ଚଲାପଥ କୁସୁମିତ କରନ୍ତୁ, ଏହାହିଁ ତାଙ୍କ ନିକଟରେ ପ୍ରାର୍ଥନା। **ତୋର:** ବଡ଼ଜେଜେ, ଜେଜେ-ଜେଜେମା, ବାପା-ମମି, ପଯାବାବା-ମାମା, ସାନବାବା-ସାନ ମମି, ଖୁସି ଦିଦି, ବନ୍ଧୁ ଓ ପରିବାର ।

ଧ-୨୧୩୫୦

ଧରିତ୍ରୀ
DHARITRI
ରବିବାର, ଅଗଷ୍ଟ ୧୫/୨୦୨୧ | Sunday, August 15/2021 | ପୃଷ୍ଠା-୧



**ଜଙ୍ଗଲ ସୁରକ୍ଷା ପାଇଁ ଅସ୍ତ୍ର ଧରିଲେ ଆଦିବାସୀ**

ମାଲକାନଗିରି ଜିଲା ସଦର ବ୍ଲକ୍ ମାଟାପାକା ପଞ୍ଚାୟତର କଟାମାଟେଗୁ ଗ୍ରାମରେ ବନ ସଂରକ୍ଷଣ ସମିତି ସଦସ୍ୟମାନେ ଜଙ୍ଗଲ ସୁରକ୍ଷା ପାଇଁ ଶପଥ ନେଉଛନ୍ତି। (ରିପୋର୍ଟ: ପୃଷ୍ଠା-୮)

# ଝିଅଙ୍କୁ ସୁଯୋଗ ଦେଲେ ଦେଶ ଆଗେଇବ

**ଜାତି ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ବାର୍ତ୍ତା**

ନୂଆଦିଲ୍ଲୀ, ୧୪।୮(ପି.ଟି.)

୭୫ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଝିଅମାନଙ୍କୁ ସୁଯୋଗ ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଖେଳାଳିମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଭାରତୀୟ ଅଲିମ୍ପିଆନ୍‌ମାନେ ଆମକୁ ଗର୍ବିତ କରିଛନ୍ତି। ଅନ୍ତର୍ଜାତୀୟ କ୍ରୀଡ଼ାରେ ଝିଅମାନେ ବେଶ୍ ସଫଳତା ହାସଲ କରିପାରିଛନ୍ତି। ବିଜ୍ଞାନଠାରୁ ଆରମ୍ଭ କରି କ୍ରୀଡ଼ା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେମାନେ ଇତିହାସ ରଚିଲେଣି। ଝିଅମାନଙ୍କୁ ସୁଯୋଗ ଦେଲେ ଦେଶ ଆଗେଇବ ବୋଲି ରାଷ୍ଟ୍ରପତି କହିଛନ୍ତି।



ରାମନାଥ କୋବିନ୍ଦ

ସଂସଦ ଦେଶର ଗଣତନ୍ତ୍ରର ମନ୍ଦିର। ଜନସାଧାରଣଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା, ☞ପୃଷ୍ଠା-୧୧

# ଉଭେଇଯାଉଛି ଝୋଟ ଚାଷ

■ ପ୍ରୋତ୍ସାହନ ଅଭାବରୁ ମୁହଁ ଫେରାଉଛନ୍ତି ଚାଷୀ

■ ୪ ଜିଲାରେ ନିର୍ମାଣ ହେବ ୪୦ କଂକ୍ରିଟ୍ ପଣ୍ଡ

ଭୁବନେଶ୍ୱର,୧୪।୮(ବ୍ୟୁରୋ)

ଅର୍ଥକରୀ ଫସଲ ଝୋଟଚାଷ ରାଜ୍ୟରୁ ଲୋପ ପାଇବାରେ ଲାଗିଛି। ଉପକୂଳବର୍ତ୍ତୀ କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର ଆଦି ଜିଲାରେ ପ୍ରବଳ ମାତ୍ରାରେ ଝୋଟଚାଷ ହେଉଥିଲା। ଗତ କିଛିବର୍ଷ ହେବ ଏହି ସବୁ ଜିଲାରୁ ନଳିତାଚାଷ ଉଭାନ ହୋଇଗଲାଣି। ଝୋଟଚାଷ ହେଉଥିବା ଜମିକୁ ଅନ୍ୟ ଫସଲ ପାଇଁ ବ୍ୟବହାର କରିବା ଯୋଗୁ ଏହି ଫସଲର ଅସ୍ତିତ୍ୱ ହଜିବାରେ ଲାଗିଛି। ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି ଚାଷରୁ ଚାଷୀମାନେ ମୁହଁ ଫେରାଇ ଦେଉଛନ୍ତି। ପ୍ରମୁଖ ଝୋଟ ଉତ୍ପାଦନକାରୀ ରାଜ୍ୟ ମଧ୍ୟରେ ଓଡ଼ିଶା ଅଗ୍ରଣୀ ସ୍ଥାନ ଅଧିକାର କରିଥିଲା। ଝୋଟରୁ କାର୍ପେଟ, ଅଖା, ବ୍ୟାଗ୍, ଦଉଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ ହେଉଥିଲା। ଏହା ପରିବେଶ ଅନୁକୂଳ ଓ ସହଜରେ ନଷ୍ଟ ହେଉଥିବା ସାମଗ୍ରୀ । କାଉଁରିଆ କାଠିକୁ ମଧ୍ୟ ଗ୍ରାମାଞ୍ଚଳରେ ପ୍ରମୁଖ ଜାଳେଣି ଭାବେ ବ୍ୟବହାର କରାଯାଉଥିଲା। ବଜାର ସୁବିଧା ଏବଂ ପ୍ରୋତ୍ସାହନ ଅଭାବରୁ ଝୋଟ ବା ନଳିତାଚାଷ କରୁଥିବା ଚାଷୀମାନେ ଦୁର୍ଦ୍ଦଶା ମଧ୍ୟକୁ ଠେଲିହୋଇ ଯାଇଛନ୍ତି। ଏଥିସହିତ ଝୋଟର ଅଭାବୀ ବିକ୍ରି ରାଜ୍ୟର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି।



କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ଝୋଟଚାଷ କମି କମି ଯାଉଛି। ୧୯୭୦ରୁ ୧୯୯୫ ଯାଏ ରାଜ୍ୟରେ ୨୦ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ନଳିତାଚାଷ ହେଉଥିଲା। ୨୦୦୦ ମସିହା ପରଠାରୁ ଏହି ଚାଷ ଧୀରେ ଧୀରେ ସୀମିତ ହେବାରେ ଲାଗିଛି। ୨୦୧୪-୧୫ରେ ରାଜ୍ୟରେ ୭.୫୬ ଲକ୍ଷ ହେକ୍ଟର ଜମିରେ ଝୋଟଚାଷ ହେଉଥିବା ବେଳେ ୨୦୧୫-୧୬ରେ ଏହା ୫.୬୩ ଲକ୍ଷ, ୨୦୧୬-୧୭ରେ ୩.୮୮ ଲକ୍ଷ, ୨୦୧୭-୧୮ରେ ୪.୩୭ ଲକ୍ଷ,୨୦୧୮-୧୯ରେ ୩.୯୯ ଲକ୍ଷ ଏବଂ ୨୦୧୯-୨୦ରେ ୩୬୬୦ ହେକ୍ଟରକୁ ଖସି ଆସିଛି। ଏହି ଚାଷ ପାଇଁ ରାଜ୍ୟ ସରକାର କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରୁନାହାନ୍ତି। ଧାନଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଏହି ଅର୍ଥକରୀ ଫସଲ ପାଇଁ ବଜେଟରେ କିମ୍ବା କୃଷିନୀତିରେ ସେପରି କୌଣସି ବ୍ୟବସ୍ଥା ନାହିଁ। ରାଜ୍ୟରେ ଝୋଟଚାଷ କମୁଥିବା ବିଷୟକୁ ସରକାର ସ୍ୱୀକାର କରିଛନ୍ତି । ପଲିଥିନ ଓ ପ୍ଲାଷ୍ଟିକ୍ ନିଷେଧ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେଉଥିବାରୁ ଝୋଟର ଚାହିଦା ବଢ଼ିବାରେ ଲାଗିଛି। ଝୋଟଚାଷକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଅର୍ଥକରୀ ଫସଲ ମାଧ୍ୟମରେ ଚାଷୀଙ୍କୁ ଉନ୍ନତମାନର ଝୋଟ ଚାଷ ପାଇଁ ୨୦ ହଜାର, ଆଗଧାଡ଼ି ଚାଷୀ ପାଇଁ ହେକ୍ଟର ପିଛା ୯ହଜାର, ପ୍ରାମାଣିକ ବିହନ କିଲୋଗ୍ରାମ ପ୍ରତି ୧୦୦ ଟଙ୍କା ରିହାତି ଦେବାର ବ୍ୟବସ୍ଥା ରହିଛି। ☞ପୃଷ୍ଠା-୧୧

# ଯୁକ୍ତ ୨ କଳାରେ ୮୯.୪୯%

**ପରୀକ୍ଷା ଫଳ ପ୍ରକାଶିତ**

■ ଧନ୍ଦାମୂଳକ ପାସ୍ ହାର ୮୬.୦୨%

ଭୁବନେଶ୍ୱର, ୧୪।୮(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଚଳିତବର୍ଷ କଳାରେ ପାସ୍ ହାର ୮୯.୪୯% ଥିବାବେଳେ ଧନ୍ଦାମୂଳକ ଶିକ୍ଷାରେ ୮୬.୦୨% ରହିଛି। ସିଏଚ୍ଏସ୍ଇ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ଫଳାଫଳ ଘୋଷଣା କରିଛନ୍ତି। ଛାତ୍ରୀଛାତ୍ରମାନେ orissaresults.nic.inରେ ସେମାନଙ୍କ ରେଜଲ୍ଟ ପାଇପାରିବେ।

କଳା ରେଗୁଲାର, ଏକ୍ସ-ରେଗୁଲାର ଓ କରେସ୍‌ପଣ୍ଡେନ୍ସରେ ମୋଟ ୨,୨୦,୦୮୧ ଛାତ୍ରୀଛାତ୍ରଙ୍କ ମୂଲ୍ୟାୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧,୯୬,୯୫୯ଜଣ ପାସ୍ କରିଛନ୍ତି। ୧,୮୯,୩୬୩ଜଣ ରେଗୁଲାର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧,୮୬,୬୮୫ ଜଣ ପାସ୍ କରିଛନ୍ତି। ପାସ୍ ହାର ରହିଛି ୯୮.୫୮%। ସେହିପରି ଏକ୍ସ-ରେଗୁଲାରେ ୨୬,୧୮୯ ଜଣଙ୍କ ମଧ୍ୟରୁ ୬,୯୪୩ଜଣ ଏବଂ କରେସ୍‌ପଣ୍ଡେନ୍ସରେ ୪,୫୨୯ଜଣଙ୍କ ମଧ୍ୟରୁ ୩,୩୩୧ଜଣ ପାସ୍ କରିଛନ୍ତି। ଏଥର ବି ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୨.୩୪% ଓ ଛାତ୍ରଙ୍କର ୮୫.୯୮% ରହିଛି। ୩୦,୫୧୦ଜଣ ପ୍ରଥମ ଶ୍ରେଣୀରେ, ୪୬,୧୦୧ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧,୧୯,୫୦୫ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ☞ପୃଷ୍ଠା-୧୧




# ସୈନ୍ୟ ପଠାଇଲେ ଫଳ ଭୋଗିବ

**ଭାରତକୁ ତାଲିବାନର ଧମକ**

କାବୁଲ, ୧୪।୮(ଆଇଏଏନ୍ଏସ୍)

ଆଫଗାନିସ୍ତାନକୁ ସେନା ପ୍ରେରଣର ପରିଣତି ଭଲ ହେବ ନାହିଁ ବୋଲି ଶନିବାର ଭାରତକୁ ତାଲିବାନ୍ ଚେତାବନୀ ଦେଇଛି। ଅନ୍ୟ ସାମରିକ ଶକ୍ତିଗୁଡ଼ିକର ଅବସ୍ଥାର ଉଦାହରଣ ଦେଇ ତାଲିବାନ ମୁଖପାତ୍ର ମହମ୍ମଦ ସୁହେଲ ଶାହିନ କହିଛନ୍ତି, ଭାରତ ଯଦି ଆଫଗାନିସ୍ତାନକୁ ସୈନ୍ୟବାହିନୀ ପଠାଏ, ତେବେ ଅନୁରୂପ ସ୍ଥିତିର ସମ୍ମୁଖୀନ ହେବେ। ଆଫଗାନିସ୍ତାନକୁ ଆସିଥିବା ଅନ୍ୟ ଦେଶର ସାମରିକ ଶକ୍ତିଙ୍କ ଭାଗ୍ୟ କ'ଣ ହେଲା ସେମାନେ ତାହା ଦେଖିଛନ୍ତି। ଏହା ସେମାନଙ୍କ ପାଇଁ ଏକ ଖୋଲା ବହି ବୋଲି ଶାହିନ ଗଣମାଧ୍ୟମକୁ କହିଛନ୍ତି। ☞ପୃଷ୍ଠା-୧୧

# କ୍ରାଇମ୍‌ବ୍ରାଞ୍ଚ ହାତରେ ତଦନ୍ତ

ଭୁବନେଶ୍ୱର(ବ୍ୟୁରୋ)/ପାରଳାଖେମୁଣ୍ଡି/ ଖଇରା(ଡି.ଏନ୍.ଏ.),୧୪।୮

ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ(ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାକୁ ଏକ ମାସ ବିତିଯାଇଥିଲେ ସୁଦ୍ଧା ରହସ୍ୟ ଖୋଜି ପାଉନି ପୋଲିସ। ପୋଲିସର କାର୍ଯ୍ୟଶୈଳୀ ଉପରେ ସୌମ୍ୟଙ୍କ ପରିବାର ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଅଭିଯୁକ୍ତଙ୍କୁ ଖସାଇବାରେ ପୋଲିସ ସାହାଯ୍ୟ କରୁଥିବା ନେଇ ଅଭିଯୋଗ ଆଣିଛନ୍ତି। ଏଭଳିସ୍ଥିତିରେ ଶନିବାର ଏହି ମାମଲାର ତଦନ୍ତ ଭାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି। ତଦନ୍ତ ଭାର ନେବା ପରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ଜ୍ଞାନରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ☞ପୃଷ୍ଠା-୧୧



**ଏସିଏଫ୍ ମୃତ୍ୟୁ ମାମଲା**

■ ସୌମ୍ୟରଞ୍ଜନଙ୍କ ସରକାରୀ କ୍ୱାର୍ଟର୍ସରେ ୩ ଜଣିଆ ଟିମ୍

■ ପୁଣିଥରେ ଡିଏଫ୍ଓ, ବିଦ୍ୟାଭାରତୀଙ୍କୁ ହେବ ଜେରା

# ୨ ଓଡ଼ିଆ ଶହୀଦଙ୍କୁ ଶୌର୍ଯ୍ୟ ଚକ୍ର

**୮୦ ଜଣଙ୍କୁ ପୋଲିସ ମେଡାଲ**

କଟକ ଅଫିସ,୧୪।୮

ସାହସିକତା ଓ ବୀରତ୍ୱ ପାଇଁ ଓଡ଼ିଶାର ୨ ଶହୀଦ ଓଡ଼ିଆ ଯବାନଙ୍କୁ ମରଣୋତ୍ତର ଶୌର୍ଯ୍ୟ ଚକ୍ର ସମ୍ମାନ ମିଳିବ। ସେମାନେ ହେଲେ କମାଣ୍ଡୋ ସୁଧୀର ଟୁଡୁ ଓ ଦେବାଶିଷ ସେଠୀ। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି। ୨୦୨୦ ସେପ୍ଟେମ୍ବର ୯ରେ କଳାହାଣ୍ଡି ଜିଲା ସିରକି ଗ୍ରାମ ନିକଟ ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ ହୋଇଥିଲା। ଏହି ସମୟରେ ସୁଧୀର ଓ ଦେବାଶିଷ ☞ପୃଷ୍ଠା-୧୧

# ଆମେରିକାରେ ବଢ଼ୁଛନ୍ତି ଏସୀୟ

**କମିଛି ଶ୍ୱେତାଙ୍ଗଙ୍କ ସଂଖ୍ୟା**

ୱାଶିଂଟନ, ୧୪।୮

ଆମେରିକା ଇତିହାସରେ ପ୍ରଥମ ଥର ପାଇଁ ଜନସଂଖ୍ୟାରେ ବ୍ୟାପକ ବିବିଧତା ପରିଲକ୍ଷିତ ହୋଇଛି। ସଦ୍ୟ ପ୍ରକାଶିତ ଆମେରିକା ଜନଗଣନାରେ ଗତ ୧୦ ବର୍ଷ ମଧ୍ୟରେ ଶ୍ୱେତାଙ୍ଗଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ଏସୀୟ ବଂଶୋଦ୍ଭବଙ୍କ ସଂଖ୍ୟା ଆଖିଦୃଶିଆ ଭାବେ ବୃଦ୍ଧି ପାଇଛି। ୧୭୭୬ ମସିହାରେ ଦେଶ ପ୍ରତିଷ୍ଠା ହେବା ପରଠାରୁ ପ୍ରଥମ ଥର ପାଇଁ ଆମେରିକୀୟ ଲୋକଙ୍କ ସଂଖ୍ୟା କମିଛି। ୧ ଦଶନ୍ଧି ମଧ୍ୟରେ ସଂଖ୍ୟାଲଘୁଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଥିବା ଜନଗଣନା ରିପୋର୍ଟରୁ ଜଣାପଡ଼ିଛି।



ରିପୋର୍ଟ ମୁତାବକ, ଗତ ୧୦ ବର୍ଷ ମଧ୍ୟରେ ଅଣ-ହିସ୍‌ପାନିକ୍ ଶ୍ୱେତାଙ୍ଗଙ୍କ ସଂଖ୍ୟା ୫୧ ଲକ୍ଷ କମି ୧୯ କୋଟି ୧୭ ଲକ୍ଷରେ ପହଞ୍ଚିଛି। ୧୭୯୦ ପରଠାରୁ ଆମେରିକାରେ କୌଣସି ଜନଗଣନାରେ ଶ୍ୱେତାଙ୍ଗଙ୍କ ସଂଖ୍ୟା ୬୦ ପ୍ରତିଶତ ତଳେ ରହିଛି। ୨୦୧୦ରେ ଏହା ୬୩.୭% ଥିବାବେଳେ ୨୦୨୦ରେ ୫୭.୮% ରହିଛି। ୨୦୦୦ରେ ଏହି ସଂଖ୍ୟା ୬୯% ରହିଥିଲା। ଆମେରିକାରେ ଏସୀୟ ବଂଶୋଦ୍ଭବ ଲୋକଙ୍କ ସଂଖ୍ୟା ରେକର୍ଡ ସଂଖ୍ୟାରେ ବଢ଼ିଥିବା ଏଥିରୁ ଜଣାଯାଇଛି। ସଂଖ୍ୟାଲଘୁ ଜନସଂଖ୍ୟା ୨.୪ କୋଟିରେ ପହଞ୍ଚିଥିବାବେଳେ ସେମାନଙ୍କ ମଧ୍ୟରୁ ୨ କୋଟି ହେଉଛନ୍ତି ଏସୀୟ ବଂଶୋଦ୍ଭବ। ଅନ୍ୟ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ସଂଖ୍ୟା ୪୦ ଲକ୍ଷ ରହିଛି। ୧୯୯୦ରେ ଏସୀୟଙ୍କ ସଂଖ୍ୟା ମାତ୍ର ୩ ପ୍ରତିଶତ ☞ପୃଷ୍ଠା-୧୧

> ବର୍ତ୍ତମାନ ଯାହାକୁ ରାଜନୀତି କୁହାଯାଉଛି – ତାହା ଅତିମାତ୍ରାରେ ରାଜସିକ– ବିଭ୍ରାନ୍ତିକର– ଏବଂ ସବୁପ୍ରକାର ଅହଂସର୍ବସ୍ୱ ଉଦ୍ଦେଶ୍ୟରେ କ୍ଲେଦାକ୍ତ। ଆମର ପଥ ହେଉଛି ପୃଥିବୀର ଚେତନା ଉପରେ ଆତ୍ମାର ଚାପ ବା ପ୍ରଭାବ ପକାଇବା। ତା'ଫଳରେ ଇ ପୃଥିବୀର ପରିବର୍ତ୍ତନ ହେବ। –ଶ୍ରୀମା

# ଆମେ କ'ଣ କରିଛୁ



ଆକାର ପଟେଲ

ଆମେ ୧୫ ଅଗଷ୍ଟରେ ସ୍ୱାଧୀନତା ଦିବସ ଓ ୨୬ ଜାନୁୟାରୀରେ ଗଣତନ୍ତ୍ର ଦିବସ ପାଳନ କରୁ। ଏହି ଦୁଇ ଜାତୀୟ ଦିବସର ଗୁରୁତ୍ୱ ରହିଛି ଓ ଭାରତ ସରକାର ମଧ୍ୟ ଏହାକୁ ପାଳନ କରିବାରେ ବେଶ୍ ତତ୍ପରତା ପ୍ରକାଶ କରିଥାଆନ୍ତି। ୧୫ ଅଗଷ୍ଟରେ ବ୍ରିଟିଶ ସରକାର ଭାରତକୁ କ୍ଷମତା ହସ୍ତାନ୍ତର କରିଥିବାରୁ ଆମେ ଏହାକୁ ସ୍ୱାଧୀନତା ଦିବସ ଭାବେ ପାଳନ କରିଥାଉ। କିନ୍ତୁ ବାସ୍ତବରେ ଏହି ଦିବସରେ ସମ୍ପୂର୍ଣ୍ଣ କ୍ଷମତା ହସ୍ତାନ୍ତର ହୋଇ ନ ଥିଲା। ଏପରି କି ୧୫ ଅଗଷ୍ଟ ପରେ ଦେଶରେ ଲର୍ଡ ମାଉଣ୍ଟବ୍ୟାଟେନ୍ ଆଉ ୧୦ ମାସ ମୁଖ୍ୟ ଭୂମିକାରେ ରହିଥିଲେ। ଏହି ସମୟରେ କଂଗ୍ରେସ ପାର୍ଟି ପ୍ରିନ୍ସଲେ ଷ୍ଟେଟ୍ ବା ରାଜାଙ୍କ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକୁ କେନ୍ଦ୍ର ସହ ସମ୍ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଥିଲା। ବହୁସମୟରେ ମାଉଣ୍ଟବ୍ୟାଟେନ୍ ମଧ୍ୟ ଏହି କାର୍ଯ୍ୟରେ କଂଗ୍ରେସକୁ ସହଯୋଗ କରୁଥିଲେ। ଉଦାହରଣ ସ୍ୱରୂପ, ଯୋଧପୁର ରାଜା ହନୱନ୍ତ ସିଂ ପାକିସ୍ତାନ ସହ ମିଶିବାକୁ ଓ ହାଇଦ୍ରାବାଦର ନିଜାମ ଓସ୍‌ମାନ ଅଲି ଖାନ୍ ସ୍ୱାଧୀନ ରହିବା ପାଇଁ ଚାହିଁଥିଲେ। ମାଉଣ୍ଟବ୍ୟାଟେନ ଏହି ଦୁଇଜଣଙ୍କ ଉପରେ ପରୋକ୍ଷରେ ଚାପ ପକାଇ ଭାରତରେ ମିଶିବା ଲାଗି ଚେଷ୍ଟା କରିଥିଲେ। ବ୍ରିଟିଶ୍ ସରକାର କେବଳ ସ୍ୱାଧୀନତା ଦିବସରେ ସବୁ କିଛି ହସ୍ତାନ୍ତର କରିଥିଲା ବୋଲି ଯାହା ବିଚାର କରାଯାଏ, ପ୍ରକୃତରେ ତାହା ଘଟି ନ ଥିଲା। ବ୍ରିଟିଶ୍ ସରକାର ୧୯୪୭ ପୂର୍ବରୁ କିଛି ଦଶନ୍ଧି ମଧ୍ୟରେ କ୍ଷମତା ହସ୍ତାନ୍ତର କରିବା ଆରମ୍ଭ କରିଥିଲେ। ୧୯୩୦ ଦଶନ୍ଧିର ଶେଷ ଆଡ଼କୁ ସ୍ପଷ୍ଟ ହୋଇଯାଇଥିଲା ଯେ, ନିକଟ ଭବିଷ୍ୟତରେ କୌଣସି ସମୟରେ ଇଂରେଜମାନେ ଦେଶ ଛାଡି ଚାଲିଯିବେ। ନେହେରୁ, ପଟେଲ ଏବଂ ଅନ୍ୟ ନେତାମାନେ ଏହା ଅନୁଭବ କରିଥିଲେ। ଅବଶ୍ୟ ସେତେବେଳେ ଭାରତୀୟ ସେନା ସମ୍ପୂର୍ଣ୍ଣ ଭାବେ ଇଂରେଜଙ୍କ ନିୟନ୍ତ୍ରଣରେ ରହିଥିଲା। ବିଶେଷକରି ଦ୍ୱିତୀୟ ବିଶ୍ୱଯୁଦ୍ଧ ଦୃଷ୍ଟିରୁ ବ୍ରିଟିଶ୍ ସରକାର ଏକ କଠିନ ସମୟ ଦେଇ ଗତି କରୁଥିଲେ। ଏଭଳି ପରିସ୍ଥିତିରେ ଭାରତର ଶାସନ କଥା ବୁଝିବା ସମ୍ପୂର୍ଣ୍ଣ କଷ୍ଟକର ଥିଲା। ଏବେ ୨୦୨୧ରେ ଆମେ ଦେଶରେ ସେହିଭଳି ପରିସ୍ଥିତି ଦେଖିବାକୁ ପାଇଛୁ। ଆମ ଆତ୍ମନିର୍ଭର ସରକାର ଅତି ନିଅଣ୍ଟିଆ ପରିସ୍ଥିତିରେ ଚାଲୁଛି, ଯାହାଦ୍ୱାରା ଋଣ ମାଧ୍ୟମରେ ଆର୍ଥିକ ପ୍ରବନ୍ଧନ କରିବା ଆବଶ୍ୟକ ପଡ଼ିଛି। ଶେଷରେ ୧୯୪୧ରେ ଚର୍ଚ୍ଚିଲ ଏବଂ ଆମେରିକା ରାଷ୍ଟ୍ରପତି ରୁଜ୍‌ଭେଲଟଙ୍କ ମଧ୍ୟରେ ଆଟ୍‌ଲାଣ୍ଟିକ ଘୋଷଣାପତ୍ର ସ୍ୱାକ୍ଷରିତ ହେବା ପରେ ବିଶ୍ୱକୁ ଉପନିବେଶବାଦରୁ ମୁକ୍ତ କରି ଲୋକଙ୍କୁ ସ୍ୱାଧୀନତା ପ୍ରଦାନ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲା ଇଂଲଣ୍ଡ। ଏହିସବୁ କାରଣ ଯୋଗୁ ୧୫ ଅଗଷ୍ଟରେ କ୍ଷମତା ହସ୍ତାନ୍ତର କରିବା ଅପରିହାର୍ଯ୍ୟ ଥିଲା। ଏହାକୁ ଆମେ 'ମଧ୍ୟରାତ୍ରିର ସ୍ୱାଧୀନତା' ବୋଲି କହୁ, ଯାହା ସୂଚିତ କରେ ସମସ୍ତ ଘଟଣା କିଛି କ୍ଷଣରେ ସଂଘଟିତ ହୋଇଛି। କିନ୍ତୁ ତାହା ନୁହେଁ, ଏହା ଥିଲା ଏକ ଦୀର୍ଘକାଳୀନ ପ୍ରକ୍ରିୟା।

ଦ୍ୱିତୀୟରେ ୨୬ ଜାନୁୟାରୀରେ ଗଣତନ୍ତ୍ର ଦିବସ ପାଳନ କରୁଛୁ। ୧୯୫୦ରେ ଏହି ଦିନ ଭାରତର ସମ୍ବିଧାନ ଔପଚାରିକ ଭାବେ ଲାଗୁ ହୋଇଥିଲା। ବ୍ରିଟିଶ୍ ସରକାର ଏହାକୁ ଅନୁମତି ଦେଇଥିବା ଯୋଗୁ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଏହାର ଲେଖା ଆରମ୍ଭ କରାଯାଇଥିଲା। ତେବେ ୨୬ ଜାନୁୟାରୀକୁ ଗଣତନ୍ତ୍ର ଦିବସ ଭାବେ ପାଳନ କରିବାର ଅର୍ଥ କ'ଣ ? ଗଣତନ୍ତ୍ର ସରକାରର ଏକ ରୂପ, ଯେଉଁଠି କ୍ଷମତା ଲୋକଙ୍କ ପାଖରେ ରହେ। ଏଥିରେ ଭାରତୀୟମାନେ ଶାସକ, କୌଣସି ବ୍ୟକ୍ତିବିଶେଷ ନୁହନ୍ତି। ଲୋକମାନଙ୍କ ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ଚାଲେ ସେମାନଙ୍କ ସରକାର। ଏଣୁ ଗଣତନ୍ତ୍ର ଦିବସ ହେଉଛି ସମ୍ବିଧାନର ଏକ ଉତ୍ସବ। ଗଣତନ୍ତ୍ର କହେ, ଭାରତୀୟମାନେ ସ୍ୱାଧୀନ ଓ ପ୍ରକୃତ ଶାସକ। ସତରେ କ'ଣ ଆମେ ସ୍ୱାଧୀନ ? କେବେ ବି ନୁହେଁ। ବାସ୍ତବରେ ଭାରତରେ ସରକାର ସବୁକିଛି, ଲୋକେ ନୁହନ୍ତି। ଦେଶ ପାଇଁ ଲୋକ ଦରକାର, କାରଣ ସେମାନେ ଏହାକୁ ବୈଧତା ପ୍ରଦାନ କରିଛନ୍ତି। କିନ୍ତୁ ସରକାର ତାଙ୍କ ପଥରେ ଲୋକମାନଙ୍କୁ କଣ୍ଟା ମଣୁଛନ୍ତି। କିଛି ବର୍ଷ ହେବ ସମ୍ବିଧାନର ଅବମୂଲ୍ୟାୟନ କରାଯାଉଥିବାରୁ ଏହି ପରିସ୍ଥିତି ଉପୁଜିଛି। ଏହା ସତ୍ୟ ଯେ, ସମ୍ବିଧାନର ଅବମୂଲ୍ୟାୟନ ସବୁ ସରକାରଙ୍କ ସମୟରେ ଘଟିଛି, କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ଏବେକାର ସରକାରରେ ଏହା ଢେର ବଢ଼ିଯାଇଛି। ତିନୋଟି ବାଟରେ ଏହା ଘଟିଛି। ପ୍ରଥମେ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକ ଉପରେ ଆକ୍ରମଣ କରାଯାଇଛି। ସମାନତାର ଅଧିକାର, ବାକ୍ ସ୍ୱାଧୀନତା, ବୃତ୍ତିଗତ, ଧର୍ମୀୟ, ଆନ୍ଦୋଳନ, ସମାରୋହ ଏବଂ ସଂଗଠନ ଅଧିକାର, ଜୀବନ ଓ ସ୍ୱତନ୍ତ୍ରତାର ଅଧିକାରକୁ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣରୁ ବିଚାର କଲେ ଭାରତରେ ଏହା ନାହିଁ ବୋଲି ବୁଝିବାକୁ ହେବ। ଦ୍ୱିତୀୟରେ ବିଭିନ୍ନ ନକାରାତ୍ମକ ମନ୍ତବ୍ୟ ଦ୍ୱାରା ଆକ୍ରମଣ କରାଯାଇଛି। ଏଥିପାଇଁ ଯେଉଁମାନେ ନିୟମ ଉଲ୍ଲଂଘନ କରିଛନ୍ତି ସେମାନେ ସରକାରଙ୍କ ସମର୍ଥକ ହୋଇଥିଲେ ଦଣ୍ଡିତ ହେଉନାହାନ୍ତି କି ସେମାନଙ୍କ ବିରୋଧରେ ମକଦ୍ଦମା କରାଯାଉନାହିଁ। ସେମାନଙ୍କ ମଧ୍ୟରେ ଅନୁରାଗ ଠାକୁର ଓ କପିଳ ମିଶ୍ର ରହିଛନ୍ତି। ଏଭଳି ଘଟଣାଗୁଡ଼ିକ ଏବେ ଭାରତରେ ସାଧାରଣ ହୋଇଯାଇଛି।

ତୃତୀୟ ବିଷୟଟି ସଂସଦ ସହ ଜଡ଼ିତ। ଲୋକଙ୍କ ଭୋଟ ପାଇ ସରକାରରେ ନ ଥିବା ପାର୍ଟିଗୁଡ଼ିକୁ ଉପେକ୍ଷା କରାଯାଉଛି। ସତେ ଯେମିତି ସେମାନଙ୍କୁ ଭୋଟ ଦେଇଥିବା ଲୋକମାନେ ସରକାରଙ୍କ ପାଇଁ ଅଲୋଡ଼ା। ସମସ୍ୟା ହେଉଛି ସରକାର ପ୍ରଥମେ ସଂସଦୀୟ ଆଇନ ଉଲ୍ଲଂଘନ କରିବା ଆରମ୍ଭ କରିଥିଲେ। ରାଜ୍ୟ ସଭାରେ ବିନା ଭୋଟରେ କୃଷି ଆଇନଗୁଡ଼ିକ ପାସ୍ କରିବା ଥିଲା ସମ୍ପୂର୍ଣ୍ଣ ଅସାମ୍ବିଧାନିକ। ଏହି ସବୁ ଘଟଣାକୁ ଲକ୍ଷ୍ୟ କଲେ ପ୍ରଶ୍ନ ଉଠୁଛି– ଏହା କେଉଁ ପ୍ରକାର ଗଣତନ୍ତ୍ର। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ଯଦି ଆମେ ଗଣତନ୍ତ୍ରବାଦୀ ହୋଇପାରିନେ ତେବେ ଆମ ଭବିଷ୍ୟତ କ'ଣ ହେବ। ଆମେ ନାଗରିକ ଭାବେ ଏହି ସବୁ ବିଷୟ ଉପରେ ବିଚାର କରିବା ଦରକାର। ସ୍ୱାଧୀନତା ଦିବସ କହିଲେ ଦଳମତ ନିର୍ବିଶେଷରେ ଦେଶକୁ ଏକାଠି କରିବା। କାରଣ ଏହା ବିଦେଶୀଙ୍କ ଉପରେ ଆମ ବିଜୟର ପ୍ରତୀକ। ଆମେ ଯେଉଁଦିନ ବିଦେଶୀଙ୍କଠାରୁ କ୍ଷମତା ପାଇଲୁ, ତାକୁ ନେଇ ଆମେ କ'ଣ କରିଛୁ ତାହା ପ୍ରଦର୍ଶିତ କରିବାରେ ଏହା ଏକ ଶୁଭ ମୁହୂର୍ତ୍ତ। ଏହାବାଦ୍ ଆମେ ଆମ ପରପିଢ଼ି ପାଇଁ କ'ଣ ଛାଡ଼ିଯାଉଛୁ ତାହା ଦର୍ଶାଇବା ମଧ୍ୟ ଆବଶ୍ୟକ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 7 | | | 1 | | 4 | | |
| | | 1 | 3 | | 5 | | | |
| | | 8 | 7 | 6 | | 1 | | |
| | 5 | | | | | | 8 | |
| | | | | | 3 | | | |
| | 9 | 4 | 8 | | | 7 | | 2 |
| 5 | | | | | | | 9 | |
| | 8 | | | | | | 7 | |
| | | | 1 | | | | | 6 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 8 | 4 | 1 | 2 | 5 | 3 | 7 |
| 5 | 1 | 7 | 3 | 6 | 8 | 2 | 9 | 4 |
| 2 | 4 | 3 | 7 | 5 | 9 | 8 | 6 | 1 |
| 4 | 6 | 1 | 2 | 9 | 7 | 3 | 8 | 5 |
| 7 | 5 | 2 | 8 | 3 | 1 | 9 | 4 | 6 |
| 8 | 3 | 9 | 5 | 4 | 6 | 1 | 7 | 2 |
| 9 | 8 | 5 | 1 | 7 | 4 | 6 | 2 | 3 |
| 3 | 7 | 6 | 9 | 2 | 5 | 4 | 1 | 8 |
| 1 | 2 | 4 | 6 | 8 | 3 | 7 | 5 | 9 |

ଗତକାଲିର ଉତ୍ତର

# ସ୍ୱଦେଶ ପ୍ରେମର କବି ଶ୍ରୀଅରବିନ୍ଦ



ବିମଳ ପ୍ରସନ୍ନ ଦାସ

ଅଗଷ୍ଟ ୧୫ ତାରିଖ ୧୮୭୨ ମସିହା ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମତିଥି। ସେହି ଆକାଂକ୍ଷିତ ଦିବସରେ ୧୯୪୭ରେ ଆମ ଦେଶ ସ୍ୱାଧୀନତା ଲାଭ କରିଥିଲା। ଏହା କେତେ ଲୁହ ଓ ଲହୁର ଅଭୁଲା ସ୍ମୃତିର ସ୍ମାରକୀ। କାଳବକ୍ଷରେ ଇତିମଧ୍ୟରେ ୭୪ ବର୍ଷ ବିତି ଗଲାଣି। ସ୍ୱାଧୀନ ଭାରତର ୭୫ତମ ପବିତ୍ର ଜୟନ୍ତୀ ଆଜି ପାଳନ କରୁଛି। ଏହି ଦିନର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ଶ୍ରୀଅରବିନ୍ଦ କହିଥିଲେ 'ମୋ ଜନ୍ମ ଦିନରେ ଭାରତ ସ୍ୱାଧୀନତା ଲାଭ କରିବା ଏକ କାକତାଳିକ ଘଟଣା ନୁହେଁ। ଏହା ବିଧାତାର ବିଧାନ।' ବିଦେଶୀ ଶାସନର ବିଲୁପ୍ତି ଥିଲା ତାଙ୍କ ତ୍ୟାଗ ଓ ତପସ୍ୟାର ପ୍ରଥମ ଓ ପ୍ରଧାନ ପ୍ରୟାସ। ସେ ସମ୍ପର୍କରେ କେତୋଟି ଐତିହାସିକ ଘଟଣା ଉଲ୍ଲେଖ କରିବା ଏ ଆଲେଖ୍ୟର ଉଦ୍ଦେଶ୍ୟ।

୧୯୦୮ ମସିହା ଶୁକ୍ରବାର ମେ ପହିଲା। ଐତିହାସିକ 'ବନ୍ଦେ ମାତରମ୍' ଆନ୍ଦୋଳନର ବିଖ୍ୟାତ ଆଲିପୁର ବୋମା କେସ୍‌ରେ ଦୁଇଜଣ ୟୁରୋପୀୟ ମହିଳାଙ୍କର ମୃତ୍ୟୁ ହେବାରୁ ଶ୍ରୀଅରବିନ୍ଦଙ୍କୁ ଏହି ହତ୍ୟା ତଥା ଆନ୍ଦୋଳନର ମୁଖ୍ୟ ଅପରାଧୀ ଭାବରେ ପୋଲିସର ମିଥ୍ୟା ଅଭିଯୋଗ ଫଳରେ ଗିରଫ କରାଗଲା। ଉକ୍ତ ମିଥ୍ୟା ଅଭିଯୋଗର ବିଚାର ଆଲିପୁର ଦୌରାଜଜ୍‌ଙ୍କ ଅଦାଲତରେ ହେବା ସମୟରେ ଶ୍ରୀଅରବିନ୍ଦଙ୍କ ତରଫରୁ ବାରିଷ୍ଟର ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ବଳିଷ୍ଠ ଯୁକ୍ତି ଉପସ୍ଥାପନା କରି କହିଥିଲେ– ଶ୍ରୀଅରବିନ୍ଦ କେବଳ ଏହି ବିଚାରାଳୟ ସମ୍ମୁଖରେ ନୁହେଁ, ଇତିହାସର ବିଚାରାଳୟ ସମ୍ମୁଖରେ ଆଜି ଦଣ୍ଡାୟମାନ। ଆଜିର ଏହି ବାଦ ପ୍ରତିବାଦ ନୀରବ ହୋଇଯିବାର ବହୁତ ଦିନ ପରେ ଏହି ଉତ୍ତେଜନା, ଏହି ବିକ୍ଷୋଭ ଶାନ୍ତ ହୋଇଯିବା ପରେ ସ୍ୱୟଂ ପୃଥିବୀ ପୃଷ୍ଠରୁ ବିଦାୟ ନେବାର ବହୁତ ଦିନ ପରେ, ସେ (ଶ୍ରୀଅରବିନ୍ଦ) ଏ ଦେଶରେ ପୂଜାପାଇବେ ସ୍ୱଦେଶ ପ୍ରେମର କବି ଜାତୀୟତାର ବାର୍ତ୍ତାବହ ଏବଂ ମାନବ ସମାଜର ଗଭୀର ପ୍ରେମିକ ହିସାବରେ। ତାଙ୍କ ମୃତ୍ୟୁର ବହୁତ ଦିନ ପରେ ତାଙ୍କର ବାଣୀ କେବଳ ଭାରତରେ ନୁହେଁ, ସାଗର ମହାସାଗର ଅତିକ୍ରମ କରି ଦେଶ ବିଦେଶରେ ଧ୍ୱନିତ ଓ ପ୍ରତିଧ୍ୱନିତ ହେବାକୁ ଲାଗିବ। ତାଙ୍କର ବାଣୀ ସାରା ବିଶ୍ୱରେ ଏବେ ଧ୍ୱନିତ ଓ ପ୍ରତିଧ୍ୱନିତ ହୋଇଛି। ବନ୍ଦୀଶାଳାରୁ ମୁକ୍ତ ହୋଇ ଭାରତର ଏହି ପ୍ରାଣ ପୁରୁଷ ତ୍ରାଣକର୍ତ୍ତା, ସତ୍ୟଦ୍ରଷ୍ଟା, ବିପ୍ଳବୀ, ସ୍ୱଦେଶ ପ୍ରେମର କବି, ଜାତୀୟତାର ବାର୍ତ୍ତାବହ ଓ ଗଭୀର ମାନବବାଦୀ ମହାଯୋଗୀ ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ପଦାର୍ପଣ କଲେ ୪ ଏପ୍ରିଲ ୧୯୧୦ରେ। ଆରମ୍ଭ ହେଲା ନୂତନ ମାନବ ଜାତିର ପ୍ରତିଷ୍ଠା ପାଇଁ ତାଙ୍କ ଯୋଗ ସାଧନାମୟ ଜୀବନର ଏକାନ୍ତ ଗଭୀର ସାଧନା। ତାଙ୍କ ଜନ୍ମତିଥିରେ ୧୯୪୭ ଅଗଷ୍ଟ ୧୫ରେ ଭାରତର ସ୍ୱାଧୀନତାକୁ ସେ ଏକ ଐଶ୍ୱରୀକ ସମନ୍ୱୟ ବୋଲି ଅଭିହିତ କରିଛନ୍ତି।

ସମଗ୍ର ମଣିଷ ଜାତିର ଭବିଷ୍ୟତ ଓ ସାରା ବିଶ୍ୱରେ ଭାରତର ଆଧ୍ୟାତ୍ମିକ ଭୂମିକା ସମ୍ପର୍କରେ ତାଙ୍କର ବାର୍ତ୍ତା ବିପୁଳ ସମ୍ଭାବନା, ମହାନ୍ ଭରସା ଓ ପରମ ଆଶ୍ୱାସନା ବହନ କରିଛି। ଏହି ପରିପ୍ରେକ୍ଷୀରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କୁ ୧୯୨୨ରେ ସେ ଲେଖିଥିବା ପତ୍ର ଗଭୀର ତାତ୍ପର୍ଯ୍ୟପୂର୍ଣ୍ଣ।

–ସମ୍ଭବତଃ ଆପଣ ଜାଣିଥିବେ ମୋର ବର୍ତ୍ତମାନର ଆଦର୍ଶ କ'ଣ ? ଆଉ ତଦନୁଯାୟୀ ଜୀବନ ଓ କର୍ମ ପ୍ରତି ମୋର ମନୋଭାବ କ'ଣ ? ଗୋଟିଏ ଧାରଣା ମୋ ଭିତରେ ବଦ୍ଧମୂଳ ହୋଇଛି, ଯାହା ଆଗରୁ ବି ରହିଥିଲା... ତେବେ ଏତେ ସ୍ପଷ୍ଟ ହୋଇ ନ ଥିଲା– ଦିନକୁ ଦିନ ସେହି ଜିନିଷଟି ଅଧିକ ସ୍ପଷ୍ଟ ହୋଇଯାଉଛି, ଯାହା କଥା ମୁଁ ଏଠି କହିବାକୁ ଯାଉଛି। ଜୀବନ ତଥା କର୍ମ ସମୂହର ଯଥାର୍ଥ ଆଧାର ଯାହାକୁ ଖାଲି ଯୋଗସାଧନା ଦ୍ୱାରା ହିଁ ବିକଶିତ କରାଯାଇ ପାରିବ। ଉତ୍ତରୋତ୍ତର ଏଇ ଜିନିଷଟି ମୋ ଆଗରେ ସ୍ପଷ୍ଟ ହୋଇ ଯାଉଛି ଯେ, ମଣିଷ ଜାତି ଖାଲି ବ୍ୟର୍ଥ ଚକ୍ରରେ ଅନବରତ ଚକା–ଭଉଁରି ଭଳି ଘୂରୁଛି। ଯେତେବେଳ ଯାଏ ଏ ଜାତି ଗୋଟିଏ ନୂଆ ପ୍ରତିଷ୍ଠା ଖୋଜି ନ ପାଇଛି, ଅର୍ଥାତ୍ ଗୋଟିଏ ନୂଆ ସ୍ତରର ଉପରକୁ ଉଠିଯାଇ ସେଠାରେ ନିଜର ଆସ୍ଥାନ ଜମାଇ ନ ବସିଛି, ସେହିଭଳି ପୁରୁଣା ଗୁଳା ଭିତରେ ପଡ଼ି ଚକା–ଭଉଁରି କାଟିବା ହିଁ ତା'ର ସାର ହେବ। ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଯେ ସାରା ସଂସାର ପାଇଁ ଭାରତବର୍ଷ ହିଁ ସେହି ମହାବ୍ରତ ସମ୍ପନ୍ନ କରିବ– ସେହି ମହାନ୍ ବିଜୟ ସେ ଲାଭ କରିବ– ଉପରସ୍ତରକୁ ଉଠିବା ପାଇଁ।

ମାତ୍ର ମୁଁ ଯେଉଁ ମହତର ଚେତନାର କଥା କହୁଛି, ତା'ର କାର୍ଯ୍ୟକାରୀ ଶକ୍ତିର ଠିକ୍ ଠିକ୍ ରୂପରେଖ କ'ଣ ? କେଉଁ କେଉଁ ସର୍ତ୍ତ ମାନି ସେଇ ଚେତନା ବାସ୍ତବ ରୂପ ନେଇ ଆମକୁ ସାହାଯ୍ୟ କରିବ, ପୁଣି କିପରି ଭାବରେ ତାହାକୁ ତଳକୁ ଓହ୍ଲାଇ ଅଣାଯାଇ ପାରିବ ଓ ତାହା କେଉଁ ଧାରା ଅନୁଯାୟୀ କାର୍ଯ୍ୟ କରିବାକୁ ଲାଗିବ ଏବଂ ସର୍ବୋପରି ମାନବ ଜୀବନ ଉପରେ ତା'ର କି



ପ୍ରଭାବ ପଡ଼ିବ, କେଉଁ ପ୍ରକାରରେ ଆମେ ଆମର ବର୍ତ୍ତମାନର ଉପାଦାନ ଓ କାରଣଗୁଡ଼ିକୁ ଯଥା ମନ, ବୁଦ୍ଧି, ପ୍ରାଣ ଓ ଶରୀରକୁ ଏଇ ମହାନ୍ ରୂପାନ୍ତର ବଳରେ ସେଗୁଡ଼ିକର ସତ୍ୟ ସ୍ୱରୂପକୁ ଅର୍ଥାତ୍ ସୁସିଦ୍ଧ ଆଧାରରେ ପରିଣତ କରିପାରିବା– ଏସବୁ ସମସ୍ୟାର ସମାଧାନ ମୁଁ ନିଜର ଅନୁଭୂତି ଦ୍ୱାରା ପାଇବାକୁ କେବେଠାରୁ ପ୍ରୟାସ କରୁଛି ଏବଂ ମୁଁ ଏବେ ଗୋଟିଏ ନିଶ୍ଚିତ ଆଧାରକୁ ଓ ପ୍ରଶସ୍ତ ନିଗୂଢ଼ ଜ୍ଞାନକୁ ପାଇସାରିଛି। ଏଇ ନିଗୂଢ଼ ରହସ୍ୟର ଅନେକାଂଶ ଆୟତ୍ତ କରି ନେଇଛି। ଅବଶ୍ୟ ଏବେ ବି ସମ୍ପୂର୍ଣ୍ଣରୂପେ ଓ ଅବ୍ୟର୍ଥ ଶକ୍ତିରେ ମୁଁ ତାହା ଲାଭ କରିନାହିଁ। ଅତଏବ ଏବେ ବି ମୋତେ କର୍ମ କ୍ଷେତ୍ରରୁ ଅଲଗା ରହିବାକୁ ପଡୁଛି। କାରଣ ମୁଁ ଦୃଢ଼ ପ୍ରତିଜ୍ଞା କରିଛି ଯେ ଯେତେବେଳ ଯାଏ ବାହାରର କର୍ମରେ ନିଜକୁ ମିଶାଇ ନାହିଁ, ତା' ଭିତରେ ପିଶିବି ନାହିଁ, ମୋ ଆଧାରକୁ ନିର୍ଦ୍ଦୋଷ ଓ ସୁସିଦ୍ଧ ନ କରିବା ଯାଏ ମୁଁ କୌଣସି ନୂତନ କାମ କରିବି ନାହିଁ।

ଶ୍ରୀଅରବିନ୍ଦ ଏହି ଚିଠି ୨୨ ନଭେମ୍ବର ୧୯୨୨ରେ ଲେଖିଥିଲେ। ସେହି ଦିନଠାରୁ ନୂଆ କର୍ମଶକ୍ତି ଓ ଆଦର୍ଶ ଉପରେ ତାଙ୍କର ପ୍ରଭୁତ୍ୱ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଲା ଏବଂ ଏହି ତପସ୍ୟାର ସିଦ୍ଧି ଦିଗରେ ସେ ସମ୍ପୂର୍ଣ୍ଣ ନିମଗ୍ନ ହୋଇଥିଲେ। ତାଙ୍କର ସେହି କର୍ମ ଓ ତପସ୍ୟାର ଲକ୍ଷ୍ୟ ହେଉଛି ସମଗ୍ର ଜୀବନକୁ ଗ୍ରହଣ କରିବା। ସକଳ କ୍ରିୟାକଳାପକୁ ଅଧ୍ୟାତ୍ମ ଭାବାପନ୍ନ କରିବା। ଅଥଚ କୌଣସି କର୍ମକୁ ତ୍ୟାଗ ନ କରିବା। ଶ୍ରୀଅରବିନ୍ଦଙ୍କର ଦୃଢ଼ ବିଶ୍ୱାସ ଯେ ଏକ ନବୀନ ଓ ଉଦାର ମାର୍ଗରେ ଆପଣାର ମହାନ୍ ଅଧ୍ୟାତ୍ମ ଆଦର୍ଶକୁ ଅନୁସରଣ କରିବା ଏବଂ ସେହି ଆଦର୍ଶ ଜଗତକୁ ଉଦ୍ଧାର କରିବ। ପାର୍ଥିବ କ୍ରମ ବିକାଶ ଭିତରେ ଶ୍ରୀଅରବିନ୍ଦଙ୍କ ସମଗ୍ର ଜୀବନ ଏକ ଗଭୀର ତପସ୍ୟା।

୧୯୨୪ ନଭେମ୍ବର ୨୬, ଶ୍ରୀଅରବିନ୍ଦଙ୍କ ଯୋଗ ସାଧନାମୟ ଜୀବନରେ ମହାସିଦ୍ଧିର ବିଜୟ ବାର୍ତ୍ତା ଉଦ୍‌ଘୋଷିତ ହେଲା 'ଏଇ ଭାରତରେ ମହାମାନବର ସାଗର ତୀରେ।' ଏହାର ଅବ୍ୟବହିତ ପରେ ୧୯୨୮ରେ ବିଶ୍ୱକବି ରବୀନ୍ଦ୍ର ନାଥ ମହାଯୋଗୀ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ କରି ତାଙ୍କର ଅନୁଭୂତି ନିଜ ଅମ୍ଳାନ କୃତି 'ନମସ୍କାର' କବିତାରେ ଲିପିବଦ୍ଧ କରିଛନ୍ତି। ଭାରତର ପ୍ରାଣ–ପୁରୁଷ, ତ୍ରାଣକର୍ତ୍ତା, ସିଦ୍ଧସାଧକ, ମହାଯୋଗୀ, ମହାନ୍ ବିପ୍ଳବୀ, ସତ୍ୟଦ୍ରଷ୍ଟାଙ୍କ ପ୍ରତି ଅନ୍ତରର ଗଭୀର ଶ୍ରଦ୍ଧାଞ୍ଜଳି ନିବେଦନ କରି କବିଗୁରୁ କହିଛନ୍ତି: 'ଭାରତ ଆତ୍ମାର ବାଣୀ ମୂର୍ତ୍ତି ତୁମେ'। ମୋ ମନ କହିଲା ସେ ହିଁ ତାଙ୍କ ଅନ୍ତରର ଆଲୋକ ଦେଇ ବାହାରେ ଆଲୋକ ଜଳାଇବେ। ସେଥିପାଇଁ ତାଙ୍କର ମୁଖଶ୍ରୀରେ ଶାଶ୍ୱତ ଦୀପ୍ତି ଓ ଉଜ୍ଜ୍ୱଳ ଆଭା। ମୁଁ ତାଙ୍କୁ କହି ଆସିଲି ଆତ୍ମାର ବାଣୀ ବହନ କରି ଆପଣ ଆମ୍ଭମାନଙ୍କ ମଧ୍ୟକୁ (ବାହାର ଜଗତକୁ) ଆସିବେ, ଏହି ଅପେକ୍ଷାରେ ରହିଲୁ। ସେହି ବାଣୀରେ ଭାରତର ପଞ୍ଚଜନ୍ୟ ନିନାଦିତ ହେବ। 'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ'। ଏହା ହିଁ ଥିଲା 'ଅରବିନ୍ଦ ରବୀନ୍ଦ୍ରର ଘେନ ନମସ୍କାର।' ଆଜି ତାଙ୍କ ୧୪୯ତମ ପବିତ୍ର ଜୟନ୍ତୀରେ ତାଙ୍କୁ ଏ ଜାତିର କୋଟି ପ୍ରଣାମ।

ମୋ: ୯୪୩୮୧୮୬୨୨୬

# ପ୍ରଗତିପନ୍ଥୀ ବିଚାରପତି

ବ୍ୟକ୍ତିତ୍ୱ



ଆୟେଶା ମଲିକ

ପାକିସ୍ତାନ ୧୪ ଅଗଷ୍ଟ ୨୦୨୧ରେ ୭୫ତମ ସ୍ୱାଧୀନତା ଦିବସ ପାଳନ କରିଛି। ଏହାର ଅବ୍ୟବହିତ ପୂର୍ବରୁ ତା'ର ନ୍ୟାୟପାଳିକା ଇତିହାସରେ ଏକ ପ୍ରଗତିଶୀଳ ପଦକ୍ଷେପ ନିଆଯାଇଥିବାରୁ ତାହାକୁ ନେଇ ଚର୍ଚ୍ଚା ହେଉଛି। ଲାହୋର ହାଇକୋର୍ଟ ବିଚାରପତି ଥିବା ଜଷ୍ଟିସ୍ ଆୟେଶା ମଲିକଙ୍କୁ ସେପ୍ଟେମ୍ବର ୯ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ କରାଯିବ। ପାକିସ୍ତାନର ସର୍ବୋଚ୍ଚ ଅଦାଲତରେ ବିଚାରପତି ରୂପେ ନିଯୁକ୍ତ ହେବାରେ ଜଷ୍ଟିସ୍ ଆୟେଶା ହେବେ ପ୍ରଥମ ମହିଳା। ପାକିସ୍ତାନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ମୁଶିର ଆଲାମ ଆସନ୍ତା ୧୭ରେ ଅବସର ନେବେ। ଖାଲି ହେବାକୁ ଥିବା ଏହି ପଦବୀରେ ଜଷ୍ଟିସ୍ ଆୟେଶାଙ୍କୁ ନିଯୁକ୍ତି ଦେବା ଲାଗି ପ୍ରଧାନ ବିଚାରପତି ଗୁଲଜାର ଅହମ୍ମଦ ସୁପାରିସ କରିଛନ୍ତି। ତେବେ ରୂଢ଼ିବାଦୀ ଚିନ୍ତାଧାରାରେ ବୁଡ଼ି ରହିଥିବା କେତେକ ପାକିସ୍ତାନ ନାଗରିକ ସର୍ବୋଚ୍ଚ ନ୍ୟାୟାଳୟକୁ ମହିଳାଙ୍କ ଉନ୍ନୀତ ହେବା ବିଷୟକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଅପରପକ୍ଷରେ ପାକିସ୍ତାନର ଅନେକ ଟ୍ୱିଟର ବ୍ୟବହାରକାରୀ ଆୟେଶାଙ୍କୁ ନେଇ ବହୁ ସକାରାତ୍ମକ ମତ ଦେବାରେ ଲାଗିଛନ୍ତି। ଲାହୋର ହାଇକୋର୍ଟ ବିଚାରପତି ଭାବେ ସେ ବିଭିନ୍ନ ସମୟରେ ଦେଇଥିବା ନିର୍ଭୀକ ରାୟ ପାକିସ୍ତାନ ବିଚାର ବ୍ୟବସ୍ଥାରେ ନୂଆ ଧାରା ସୃଷ୍ଟି କରିଥିବାରୁ ଯୁବପିଢ଼ି ତାଙ୍କ ପଦୋନ୍ନତିରେ ଖୁସିବ୍ୟକ୍ତ କରିଛନ୍ତି। ପାକିସ୍ତାନର ସର୍ବୋଚ୍ଚ ଅଦାଲତ ପୁରୁଷ ପ୍ରାଧାନ୍ୟ ରହି ଆସିଥିବାରୁ ମହିଳାଙ୍କ ସଂକ୍ରାନ୍ତୀୟ ରାୟ ବେଳେ ଅସଙ୍ଗତି ଦେଖାଦେଉଥିବା ଅଭିଯୋଗ ହୋଇଥାଏ। ଏପଟେ ଭାରତୀୟ ନ୍ୟାୟପାଳିକା କଥା ଦେଖିଲେ ୬ ଅକ୍ଟୋବର ୧୯୮୯ରେ ସୁପ୍ରିମକୋର୍ଟରେ ପ୍ରଥମ ମହିଳା ବିଚାରପତି ହେବାରେ ଫାତିମା ବିବି ଗୌରବ ଅର୍ଜନ କରିଥିଲେ। ମାତ୍ର କେଇ ଘଣ୍ଟାର ବ୍ୟବଧାନରେ ପାକିସ୍ତାନ ଓ ଭାରତ ସ୍ୱାଧୀନତା ଲାଭ କରିଥିଲେ ହେଁ ଫାତିମାଙ୍କ ଦାୟିତ୍ୱ ଗ୍ରହଣର ପ୍ରାୟ ୩୨ ବର୍ଷ ପରେ ଆୟେଶା ପାକିସ୍ତାନର ଶୀର୍ଷ ଅଦାଲତରେ ମହିଳା ଭାବେ ବିଚାର କରିବାର ସୁଯୋଗ ପାଇବେ।

ଆୟେଶା ୩ ଜୁନ୍ ୧୯୬୬ରେ ଜନ୍ମଗ୍ରହଣ କରିଥିଲେ। କରାଚି ଗ୍ରାମାର ସ୍କୁଲରୁ ପଢ଼ା ସାରି ସେ କରାଚିସ୍ଥିତ ଗଭର୍ନମେଣ୍ଟ କଲେଜ ଅଫ୍ କମର୍ସ ଆଣ୍ଡ୍ ଇକୋନମିକ୍ସରୁ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଲାହୋରସ୍ଥିତ ପାକିସ୍ତାନ କଲେଜ ଅଫ୍ ଲ'ରୁ ଆଇନର ପ୍ରାରମ୍ଭିକ ପଢ଼ା ଶେଷ କରିବା ପରେ ସେ ଆମେରିକାର ହାର୍ଭାର୍ଡ ଲ' ସ୍କୁଲରୁ ଏଲ୍‌ଏଲ୍‌ଏମ୍ ଡିଗ୍ରୀ ହାସଲ କରିଥିଲେ। ତେବେ ଉଲ୍ଲେଖନୀୟ ମେଧା ଲାଗି ଆୟେଶା ଲଣ୍ଡନ ଏଚ୍. ଗାମୋନ୍ ଫେଲୋ ୧୯୯୮–୯୯ ପାଇ ତାଙ୍କ ଦକ୍ଷତାର ପ୍ରମାଣ ଦେଇଥିଲେ। ସେ ୧୯୯୭ରେ ଫଖ୍ରୁଦ୍ଦିନ ଜି. ଇବ୍ରାହିମ୍‌ଙ୍କ ଲିଗାଲ ଫାର୍ମରେ କ୍ୟାରିୟର ଆରମ୍ଭ କରି ୨୦୦୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ୨୦୦୧ରୁ ୨୦୦୪ ଯାଏ ସେ ରାଜ୍‌ଭି, ଇସା, ଆଫ୍ରିଦି ଆଣ୍ଡ୍ ଏଞ୍ଜେଲା (ଆର୍‌ଆଇଏଏ) କମ୍ପାନୀରେ ସିନିୟର ଆସୋସିଏଟ୍ ଭାବେ କାମ ଆରମ୍ଭ କରିଥିଲେ। ୨୦୦୪ରୁ ୨୦୧୨ ପର୍ଯ୍ୟନ୍ତ ସେ କମ୍ପାନୀର ପାର୍ଟନର ମଧ୍ୟ ରହିଥିଲେ। କମ୍ପାନୀର ଲାହୋରସ୍ଥିତ କାର୍ଯ୍ୟାଳୟ ଦାୟିତ୍ୱରେ ରହିବା ସହ ଆୟେଶା ଏହାର କର୍ପୋରେଟ ଆଣ୍ଡ୍ ଲିଟିଗେଶନ ଡିପାର୍ଟମେଣ୍ଟ ବୁଝାଶୁଝା କରୁଥିଲେ। କମ୍ପାନୀ ଦୁନିଆରୁ ଢେର ଅଭିଜ୍ଞତା ତୋଳିବା ପରେ ସେ ବାସ୍ତବ ଆଇନ ଦୁନିଆକୁ ଓହ୍ଲାଇଥିଲେ। ୨୭ ମାର୍ଚ୍ଚ ୨୦୧୨ରେ ତାଙ୍କୁ ଲାହୋର ହାଇକୋର୍ଟ ବିଚାରପତି କରାଯାଇଥିଲା। ମହିଳାଙ୍କ ଅଧିକାର ସଂକ୍ରାନ୍ତ ତାଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଜାନୁୟାରୀ ୨୦୧୯ରେ ସେ ଲାହୋରଠାରେ ମହିଳା ବିଚାରପତିଙ୍କୁ ସୁରକ୍ଷା ଦିଆଯିବା ସଂକ୍ରାନ୍ତ ନୂଆକରି ଗଠନ କରାଯାଇଥିବା କମିଟିର ଅଧ୍ୟକ୍ଷ ହୋଇଥିଲେ। ବିଭିନ୍ନ ଜିଲା କୋର୍ଟରେ ମହିଳା ବିଚାରପତିମାନଙ୍କୁ ସ୍ଥାନୀୟ ଆଇନଜୀବୀମାନେ ହଇରାଣହରକତ କରୁଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଲାହୋର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଏହି କମିଟି ଗଠନ କରାଯାଇଥିଲା। ଆୟେଶାଙ୍କ ଏଭଳି ସାହସ ତାଙ୍କୁ ଆଗକୁ ବଢ଼ିବାରେ ସହାୟକ ହୋଇଥିଲା। ସେ ମଧ୍ୟ ଅନ୍ତର୍ଜାତୀୟ ମହିଳା ବିଚାରପତି ସଂଘ (ଆଇଏଡବ୍ଲୁଜେ)ର ଅଂଶବିଶେଷ ରହି ପ୍ରତ୍ୟେକ ବାଳିକା ଓ ମହିଳାଙ୍କ ପ୍ରତି ସମାନତା ଓ ନ୍ୟାୟ ଦେବା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଆୟେଶା ହାଇକୋର୍ଟ, ଜିଲା କୋର୍ଟ, ବ୍ୟାଙ୍କିଙ୍ଗ କୋର୍ଟ, ସ୍ପେଶାଲ ଟ୍ରିବ୍ୟୁନାଲ ଓ ଆର୍ବିଟ୍ରେଶନ ଟ୍ରିବ୍ୟୁନାଲରେ ଲିଗାଲ ପ୍ରାକ୍ଟିସ୍ କରିଛନ୍ତି। ଏପରିକି ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ଫ୍ୟାମିଲ ଲ'ର ବିଶେଷଜ୍ଞ ସାକ୍ଷୀ (ଏକ୍ସପର୍ଟ ୱିଟ୍‌ନେସ୍) ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି। କେତେକ କଲେଜରେ ବ୍ୟାଙ୍କିଙ୍ଗ୍ ଓ ମର୍କାଣ୍ଟାଇଲ ଲ' ପଢ଼ାଇବା ସହ ଆଇନ ସଂକ୍ରାନ୍ତ ପୁସ୍ତକ ମଧ୍ୟ ରଚନା କରିଛନ୍ତି।

ବର୍ତ୍ତମାନ ଆୟେଶା ଲାହୋର ହାଇକୋର୍ଟରେ କାର୍ଯ୍ୟରତ ଓ ବରିଷ୍ଠତା ତାଲିକାରେ ଚତୁର୍ଥ ର୍‌ୟାଙ୍କ୍‌ରେ ଅଛନ୍ତି। ପଦୋନ୍ନତି ପାଇଲେ ସେ ୨୦୩୧ ମାର୍ଚ୍ଚ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ବିଚାରପତି ଭାବେ କାର୍ଯ୍ୟ କରିବେ। ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ସମ୍ପର୍କୀୟଙ୍କୁ ସେମାନଙ୍କ ମାଲିକାନାରେ ଥିବା ଚିନି କାରଖାନାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦେଇ ନ ଥିବାରୁ ଜଷ୍ଟିସ୍ ଆୟେଶାଙ୍କ ସାହସକୁ ୟୁଟ୍ୟୁବର ଅଲି ରଜାଙ୍କ ସମେତ ଅନେକେ ପ୍ରଶଂସା କରିଛନ୍ତି। ସେହିପରି ଚଳିତବର୍ଷ ଜାନୁୟାରୀରେ ଲାହୋର ହାଇକୋର୍ଟ ଯୌନ ପୀଡ଼ିତାଙ୍କ ଟୁ–ଫିଙ୍ଗର ଟେଷ୍ଟ (ଟିଏଫ୍‌ଟି) ଓ ହାଇମେନ୍ (ସତୀଚ୍ଛଦ) ପରୀକ୍ଷାକୁ ବେଆଇନ ଓ ଅସାମ୍ବିଧାନିକ ବୋଲି ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଆୟେଶା ଐତିହାସିକ ନିଷ୍ପତ୍ତି ନେଇ ୩୦ ପୃଷ୍ଠା ବିଶିଷ୍ଟ ସମ୍ପୂର୍ଣ୍ଣ ରାୟ ପ୍ରଦାନ କରିବା ବେଳେ ଏଭଳି ପରୀକ୍ଷାକୁ ଅବୈଜ୍ଞାନିକ ବୋଲି ବିବେଚନା କରିଥିଲେ। ସୁପ୍ରିମକୋର୍ଟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରି ପାକିସ୍ତାନ ନ୍ୟାୟ ବ୍ୟବସ୍ଥାରେ ସେ ଆହୁରି ଅନେକ ଯୁଗାନ୍ତକାରୀ ରାୟ ଦେବେ ବୋଲି ଆଶା କରାଯାଉଛି।

ଆୟେଶାଙ୍କ ବ୍ୟକ୍ତିଗତ ଜୀବନ କହିଲେ ସ୍ୱାମୀ ଓ ୩ ସନ୍ତାନକୁ ନେଇ ତାଙ୍କ ସଂସାର।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କରୋନା ସମୟରେ ଅନ୍‌ଲାଇନ ପଢ଼ାରୁ ବଞ୍ଚିତ ଗରିବ ପିଲାମାନଙ୍କ ସାହାରା ପାଲଟିଛନ୍ତି ଝାଡ଼ଖଣ୍ଡର ଦିବ୍ୟାଙ୍ଗ ଉପେନ୍ଦ୍ର ଯାଦବ। ତାଙ୍କ ଘର ଚତରା ଗାଁରେ ଓ ବୟସ ୧୮। ଉପେନ୍ଦ୍ରଙ୍କ ଡାହାଣ ହାତ ଓ ଗୋଡ଼ ପିଲାଦିନୁ ଅଚଳ ହୋଇଯାଇଛି। ଏହାସତ୍ତ୍ୱେ ସେ ଏକ ଠେଙ୍ଗା ସାହାଯ୍ୟରେ ଦୁଇ କିଲୋମିଟର ଚାଲିଚାଲି ଯାଇ ଗାଁ ସ୍କୁଲରେ ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି। ତାଙ୍କ ଗାଁ ଆଖପାଖରୁ ୬୦ ଜଣ ପିଲା ପଢ଼ିବାକୁ ଆସୁଛନ୍ତି। ଗତବର୍ଷ ସେ କରୋନାର ପ୍ରଥମ ଲହର ପରେ ଦୁଇଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଦ୍ୱିତୀୟ ଲହର ଆରମ୍ଭ ହେବା ପରେ ବନ୍ଦ ହୋଇଯାଇଥିଲା। ଲକ୍‌ଡାଉନ ଉଠିବା ପରେ ଏବେ ଏହି ସଂଖ୍ୟା ୬୦ରେ ପହଞ୍ଚିଛି ଓ ସେମାନଙ୍କ ମଧ୍ୟରେ ରହିଛନ୍ତି ୪୦ ଜଣ ବାଳିକା। ପ୍ରଥମରୁ ନବମ ଶ୍ରେଣୀଯାଏ ପିଲା ପଢୁଛନ୍ତି। କୋଭିଡ୍ ନିୟମ ମାନି ପିଲାମାନଙ୍କୁ ପଢ଼ାଉଛନ୍ତି। ଉପେନ୍ଦ୍ର ବାମ ହାତରେ ଲେଖୁଛନ୍ତି। ଗାଁ ସ୍କୁଲରେ ଭଲ ବ୍ଲାକ୍‌ବୋର୍ଡ ନ ଥିବାରୁ ନିଜ ଖର୍ଚ୍ଚରେ ତାହା କରିଛନ୍ତି। ଉପେନ୍ଦ୍ର ଦ୍ୱାଦଶ ଶ୍ରେଣୀରେ ପଢୁଛନ୍ତି ଓ ଆଇଏଏସ୍ ଅଫିସର୍ ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଅଗଷ୍ଟ ୧୯୯୬**

- ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଜାପାନୀ ସୈନ୍ୟମାନେ ଏସୀୟ ମହିଳାଙ୍କୁ ଯୌନଦାସୀ କରି ବଳପୂର୍ବକ ଉପଭୋଗ କରିବା ପ୍ରଶ୍ନ ଉପରେ ଜାପାନ ପ୍ରଧାନମନ୍ତ୍ରୀ ର୍ୟୁତାରୋ ହାସିମୋତୋଙ୍କ କ୍ଷମାପ୍ରାର୍ଥନା।
- ଜନତାଦଳ ଓ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁଫ୍‌ତି ମହମ୍ମଦ ସୟିଦ କଂଗ୍ରେସରେ ପୁନର୍ବାର ଯୋଗଦେଇଛନ୍ତି।
- କାଳିଆବୋଦା ଅଞ୍ଚଳରେ ଦୀର୍ଘଦିନ ଧରି ଚାଲିଥିବା ଏକ ଅତ୍ୟାଧୁନିକ ତେଲ ଅପମିଶ୍ରଣ କାରଖାନା ପୋଲିସ ଦ୍ୱାରା ଜବତ।

## ଚିରନ୍ତନୀ

ବେଦନାର ଅମାବାସ୍ୟା ଆସେ ଘୋଟି
ନିବିଡ଼ୁଁ ନିବିଡ଼
ଗରଜେ ଭୀଷଣ ନିଶା
ମରଣର କୁହାଟ ଗଭୀର।
(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମୋ ସାଇକେଲ ଯୋଜନା ଅସଫଳ

ମହାଶୟ,

ବିଦେଶରେ ଖବରକାଗଜଗୁଡ଼ିକ ଷ୍ଟଲ୍‌ରେ ଥାଏ। ପାଠକ ଖବର କାଗଜର ଉଚିତ୍ ଦାମ ଷ୍ଟଲ୍‌ରେ ରଖି ଖବର କାଗଜ ଆଣନ୍ତି। ସେଠରେ ଖବରକାଗଜ ଦୋକାନୀ କିମ୍ବା ହକର ନ ଥାନ୍ତି। ଏକଥାକୁ ଶୁଣି ବେଶ୍ ଆଶ୍ଚର୍ଯ୍ୟ ଲାଗୁଛି। ହେଲେ ଆମ ଦେଶରେ ଲୋକ ଚରିତ୍ର ଅଲଗା । କିଛି ଲୋକ ଦିଅଁ ଦେବତା ପୂଜା କରୁଥିଲେ ମଧ୍ୟ ଚୋର ମନୋବୃତ୍ତି ପୋଷଣ ପୂର୍ବକ ମନ୍ଦିରରୁ ଦିଅଁମାନଙ୍କ ଅଳଙ୍କାର ଓ ବାସନକୁସନ ଚୋରାଇ ନେଇଥାନ୍ତି। ଚୋରମାନଙ୍କର ଏପରି ମନୋବୃତ୍ତି ଥିବାବେଳେ ସରକାର ମୋ ସାଇକେଲ ଯୋଜନା ପ୍ରଚଳନ କରିବା ପୂର୍ବରୁ ବିଚାରବିମର୍ଷ କରିବାର ଥିଲା। ଏହି ଯୋଜାନର ମା' ବାପା କେହି ନ ଥିବା ଭଳି ଜଣାଯାଉଛି। କିଛି ସାଇକେଲ ଚୋରି ହୋଇଗଲାଣି ଓ ଆଉ କିଛି ଖରା ବର୍ଷା ଖାଇ ଗତ ପାଲଟିଗଲାଣି । ତା'ଛଡ଼ା କିଛି ଅସାଧୁ ବ୍ୟକ୍ତି ମୋ ସାଇକେଲକୁ ନେଇ କବାଡ଼ି ଗୋଦାମରେ ବିକ୍ରୟ କରି ଦେଲେଣି। ଏହି ଯୋଜନା ସମ୍ପୂର୍ଣ୍ଣ ଅପଫଳ ହୋଇଛି।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୭୨,୬୮,୭୨୮ | ୪୩,୭୩,୩୫୦ | ୧୮,୫୮,୭୩,୩୨୦ |
| ଭାରତ | ୩,୨୧,୯୦,୮୪୬ | ୪,୩୧,୨୪୦ | ୩,୧୩,୭୫,୩୧୬ |
| ଓଡ଼ିଶା | ୯,୯୩,୫୦୭ | ୬୮୨୩(+୫୩) | ୯,୭୭,୧୯୭ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୫ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୪।୮(ବ୍ୟୁରୋ)

## ସତର୍କ ରହିବାକୁ ଜିଲାପାଳଙ୍କୁ ଏସ୍ଆର୍‌ସିଙ୍କ ନିର୍ଦ୍ଦେଶ

ସମ୍ଭାବ୍ୟ ଲଘୁଚାପକୁ ନେଇ ଚାଷୀକୂଳ ଆଶାବାନ୍ଧି ବସିଥିବାବେଳେ ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ଆରମ୍ଭ କରିଛି। ଶନିବାର ବାରିପଦାରେ ସର୍ବାଧିକ ୧୦୮.୮ ମି.ମି. ବର୍ଷା ହୋଇଛି। ଫଳରେ ସହରର ଅଧିକାଂଶ ରାସ୍ତାରେ ପାଣି ସୁଅ ଚାଲିବାରୁ ବହୁ ସମୟ ପର୍ଯ୍ୟନ୍ତ ଯାତାୟତ ଠପ୍ ହୋଇଯାଇଥିଲା। ସେହିପରି ପାରଳାଖେମଣ୍ଡିରେ ୫୮ମି.ମି., କଟକ ୨୦, ଭବାନିପାଟଣା ୨୦, ବଲାଙ୍ଗୀର ୧୬, କେନ୍ଦୁଝରରେ ୧୫ ମି.ମି. ବର୍ଷା ରେକର୍ଡ କରାଯାଇଛି। ଏଥିସହିତ ଭୁବନେଶ୍ୱର, ଫୁଲବାଣୀ, ଟିଟିଲାଗଡ଼, ନୟାଗଡ଼, ମାଲକାନଗିରି, କୋରାପୁଟ, ଅନୁଗୋଳରେ ମଧ ବର୍ଷା ହୋଇଥିବା ଜଣାପଡ଼ିଛି। ଆସନ୍ତ ୫ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଜାରି ରହିବ। ୧୬ ତାରିଖରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜରି କରିଛି। ୧୫ ତାରିଖରେ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ବର୍ଷା ହେବ। ସେହିପରି ୧୬ରେ ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁରରେ ପ୍ରବଳରୁ ଅତିପ୍ରବଳ ଓ ୧୭ରେ ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ପାରିପାଗ ବିଭାଗର ଏହି ସୂଚନା ପରେ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍ଆର୍‌ସିଙ୍କ ଚିଠିରେ ଉଲ୍ଲେଖ ରହିଛି ଯେ, ୟେଲୋ ୱାର୍ନିଂ ଥିବା ଜିଲାଗୁଡ଼ିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ। ସେହିପରି ସହରାଞ୍ଚଳରେ ତଳିଆ ସ୍ଥାନରେ ପାଣି ଭର୍ତ୍ତି ହୋଇ ବିପରୀତ ପରିସ୍ଥିତି ସୃଷ୍ଟି କରିପାରେ। ତେଣୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷାର ପ୍ରଭାବରେ ସମୁଦ୍ରରେ ପବନର ବେଗ ଘଣ୍ଟା ପିଛା ୪୫ କିଲୋମିଟର ରହିପାରେ। ତେଣୁ ୧୭ ତାରିଖଠାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି।

**ଆଉ ଏକ ସଂଗ୍ରାମ**




# ହାତୀଦାନ୍ତ ଜବତ:୨ ଗିରଫ

## ବିକ୍ରି ପାଇଁ ଉଦ୍ୟମ ବେଳେ ବନବିଭାଗ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ଚଢ଼ାଉ



ଜବତ ହାତୀଦାନ୍ତ ସହ ବନ କର୍ମଚାରୀ ଓ ଦୁଇ ଅଭିଯୁକ୍ତ।

ଦେବଗଡ, ୧୪।୮(ଡି.ଏନ୍.ଏ.)

ଶନିବାର ହାତୀଦାନ୍ତ ବିକ୍ରି ପାଇଁ ଉଦ୍ୟମବେଳେ ଦେବଗଡ଼ ବନବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ହାତରେ ଧରାପଡ଼ିଛି। ୨ଟି ହାତୀଦାନ୍ତ ଜବତ ହୋଇଥିବାବେଳେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଂସର ଫରେଷ୍ଟ ସେକ୍ସନ ଭୂତେଲ ଗ୍ରାମର ପବିତ୍ର ମାଝି (୪୧) ଓ ମନଫୁଲ ମାଝି (୩୨)। ହାତୀଦାନ୍ତ ଦୁଇଟି ୪କିଲୋ ୭ ଶହ ଗ୍ରାମ୍ ରହିଥିବା ଜଣାପଡିଛି। ଦେବଗଡ଼ ବନାଞ୍ଚଳ କଂସର ସେକ୍ସନ ଅଞ୍ଚଳରେ ହାତୀଦାନ୍ତ ଚୋରା କାରବାର ଚାଲିଥିବା ବନବିଭାଗ ସୂଚନା ପାଇଥିଲା। ଏହା ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ଦେବଗଡ ବନଖଣ୍ଡ ଅଧିକାରୀ (ଡିଏଫ୍ଓ) କ୍ଷମା ଷଡଙ୍ଗୀ ନିର୍ଦ୍ଦେଶ ଦେଇଥିଲେ। ବନବିଭାଗର ରେଞ୍ଜ ଅଫିସର ଦେବଦତ୍ତ ନନ୍ଦ, ରିଆମାଳ ଫରେଷ୍ଟ ରେଞ୍ଜ ଅଫିସର ମହେନ୍ଦ୍ର ସାହୁ, ବାରକୋଟ ରେଞ୍ଜ ଅଫିସର ଜୟଶ୍ରୀ ମୁର୍ମୁ, ପାଲଲହଡା ଫରେଷ୍ଟ ରେଞ୍ଜ ଅଫିସର ଦୁର୍ଯ୍ୟୋଧନ ଜରେଇ, ଦେବଗଡ ଫରେଷ୍ଟର ପ୍ରସନ୍ନ କୁମାର ସାହୁ, ରିଆମାଳ ଫରେଷ୍ଟର ତୁଷାର ରଞ୍ଜନ ପ୍ରଧାନ, ଖମାର ଫରେଷ୍ଟର ପ୍ରଦୀପ କୁମାର ଶତପଥୀ, ଠିଆନାଳ ଫରେଷ୍ଟର ମନ୍ମଥ ବେହେରା ଓ ଦେବଗଡ଼ ଫରେଷ୍ଟଗାର୍ଡ ଭୋଳେଶ୍ୱର ସାହୁଙ୍କ ସମେତ ଏକାଧିକ ଫରେଷ୍ଟଗାର୍ଡଙ୍କୁ ନେଇ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲା। ଏହି ସ୍କ୍ୱାଡ୍ ୧୦ ଦିନ ହେଲା ବିଭିନ୍ନ ଅଞ୍ଚଳରେ ବୁଲାବୁଲି କରି ତଥ୍ୟ ସଂଗ୍ରହ କରିବା ସହ ହାତୀଦାନ୍ତ ଚୋରଙ୍କ ଗତିବିଧି ସମ୍ପର୍କରେ ଖବର ସଂଗ୍ରହ ଜାରି ରଖିଥିଲେ। ଶନିବାର ପବିତ୍ର ଓ ମନଫୁଲ ସଡୋ ଗ୍ରାମର ଏକ ନିର୍ଜନ ସ୍ଥାନରେ ୨ଟି ହାତୀଦାନ୍ତ ବିକ୍ରି ପାଇଁ ଉଦ୍ୟମ ଚଳାଇଥିବାବେଳେ ଉକ୍ତ ସ୍ୱତନ୍ତ୍ର ସ୍କ୍ୱାଡ୍ ଅତର୍କିତ ଚଢାଉ କରିଥିଲା।


**OFFICE OF THE PRINCIPAL**
**LOKANATH MOHAVIDYALAYA, PATKURA**
**QUOTATION CALL NOTICE**

Sealed quotations are invited from eligible authorized dealer/suppliers having valid GST and PAN No. for supply of Science Laboratory Equipments, Apparatus & Computer Items. The details of items can be obtained from College website **(www.lokanathmohavidyalaya.org)**. Separate sealed quotations for Science Apparatus, Chemicals & Computer items must reach this office within 10 days of this publication of the notice.
The authority has the right to reject the quotation without assigning the reason thereof.

**Sd./- Principal**


## ବର୍ଷାରେ ବାଇକ ସହ ଭାସିଗଲେ ଯୁବକ

ବାରିପଦାଅଫିସ, ୧୪।୮ -ଶନିବାରଅପରାହ୍ନରେପ୍ରବଳବର୍ଷାହେଉଥିବାବେଳେବାରିପଦାମ୍ୟୁନିସିପାଲିଟି ଅଞ୍ଚଳର ଜଣେ ବାଇକ ଆରୋହୀ ଜଳସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ୧୯ନଂ. ୱାର୍ଡରୁ ୧୭ନଂ. ୱାର୍ଡକୁ ସଂଯୋଗ କରୁଥିବା ଶୁକଯୋଡି ନାଳ ପୋଲ ଦେଇ ବର୍ଷା ଜଳ ପ୍ରବାହିତ ହେଉଥିବା ବେଳେ ବାଇକ ଆରୋହୀ ଜଣକ ଜାଣି ନ ପାରି ଅତିକ୍ରମ କରୁଥିବା ବେଳେ ସ୍ରୋତରେ ଭାସିଯାଇଛନ୍ତି। ତେବେ ତାଙ୍କର ପତ୍ତା ମିଳିପାରିନାହିଁ। ଦମକଳବାହିନୀ ଓ ପୋଲିସ ପହଞ୍ଚି ଖୋଜାଖୋଜି କରୁଛି।










## ହନୁମାନ ମନ୍ଦିରରୁ ଚୋରି

ରସୁଲପୁର,୧୪।୮(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମର ପୂର୍ବ ବିଭାଗ ରାସ୍ତା ପାର୍ଶ୍ୱସ୍ଥ ହନୁମାନ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ମନ୍ଦିର ଫାଟକ ଭାଙ୍ଗି ସିଂହାସନରେ ପୂଜା ପାଉଥିବା ୧୭ ଇଞ୍ଚର ପିତଳ ମୂର୍ତ୍ତି, ପିତଳ ବାସନ ଯଥା: ୨ଟି ନୋଟା, ୩ଟା ଥାଳି, ୨ଟି ହାତଘଣ୍ଟି, ୨ଟି ପିଟା ଘଣ୍ଟ, ୩ଟା ତସଲା ଓ ହୁଣ୍ଡି ବାକ୍ସ ଭାଙ୍ଗି ପ୍ରାୟ ୨ ହଜାର ଟଙ୍କା ନେଇ ଯାଇଛନ୍ତି। ଏନେଇ ମନ୍ଦିର ପରିଚାଳକ ବିଜୟ କୁମାର ସାହୁ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ନଂ.୨୭୧/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି।



## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ସିଂହପୁର,୧୪।୮(ଡି.ଏନ୍.ଏ.): ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ଯୁବକଙ୍କ ଶନିବାର କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବିଞ୍ଝାରପୁର ଥାନା ଅଧୀନ ଦେସାହି ଗ୍ରାମର ଜଗନ ଜେନା। ଶୁକ୍ରବାର ଜଗନ ବାଛୋଳ ଛକ ନିକଟରେ ବାଇକ୍‌ରେ ଯାଉଥିବା ବେଳେ ଏକ କ୍ଷୀର ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବାଇକ୍ ପଛରେ ବସିଥିବା ଅନ୍ୟଜଣେ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

### ଚୋରି କରି ଖୁଣ୍ଟରେ ବନ୍ଧା ହେଲେ ଯୁବକ

ମହାକାଳପଡ଼ା,୧୪।୭(ଡି.ଏନ.ଏ.): ମହାକାଳପଡ଼ା ଥାନା ଅଧୀନ ମହାକାଳପଡ଼ା ଗ୍ରାମର ପ୍ରଶନ୍ନା ସାହାଣୀ ନାମ୍ନୀ ଜଣେ ମହିଳାଙ୍କ ଘରୁ ଚୋରି କରୁଥିବା ଜଣେ ଯୁବକ ଧରାପଡିଛନ୍ତି । ସେ ଶୁକ୍ରବାର ବିଳମ୍ବିତ ରାତିରେ ଛୁରି ଧରି ପ୍ରଶନ୍ନାଙ୍କ ଘରେ ପଶିଥିଲେ । ହେଲେ ଚୋରି କରୁଥିବା ବେଳେ ଆସବାବପତ୍ର ପଡିବାରୁ ଘର ଲୋକ ଉଠି ପଡିଥିଲେ । ଘର ଲୋକଙ୍କ ପାଟି ଶୁଣି ପଡ଼ୋଶୀ ଓ ଗାଁ ଲୋକମାନେ ସମ୍ପୃକ୍ତ ଯୁବକଙ୍କୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ଦେଇଥିଲେ । ଥାନାରେ ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୨୪/୨୧) ରୁଜୁ ହୋଇଛି ।

### ଶ୍ରୀଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟକୁ ଗ୍ରୀନ୍ ଚାମ୍ପିୟନ ପୁରସ୍କାର

ଧର୍ମଶାଳା,୧୪।୮(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ଶ୍ରୀଦଧିବାମାନଜୀଉ ସଂସ୍କୃତ ମହାବିଦ୍ୟାଳୟ ଗ୍ରୀନ୍ ଚାମ୍ପିୟନ ପୁରସ୍କର ଲାଭ କରିଛି। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ଶିକ୍ଷା ପରିଷଦ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ୨୦୨୦/୨୧ ବର୍ଷ ପାଇଁ ଉକ୍ତ ମହାବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି। ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲିକ ଶନିବାର ମହାବିଦ୍ୟାଳୟ ଅଧକ୍ଷ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ପୁରସ୍କାର ସ୍ୱରୂପ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ସବୁଜ କ୍ୟାମ୍ପସ, ଜଳପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା, ଶକ୍ତି ସଂରକ୍ଷଣ ଓ ସ୍ୱଚ୍ଛତାକୁ ଆଧାର କରି କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଯାଜପୁର ଜିଲାରେ ଚଳିତ ବର୍ଷ କେବଳ ଶ୍ରୀଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରତିନିଧି ଟି. ସନ୍ଧ୍ୟାଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଅଧକ୍ଷ, ଅଧାପିକା, ଅଧାପକ ଓ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ।

# କଳାବଜାରରେ ସାର ବିକ୍ରି: ଚିନ୍ତାରେ ଚାଷୀ

ନାଉଗାଁ,୧୪।୮(ସ୍ୱ.ପ୍ର.)

■ ଚାଷ ସମୟରେ ମିଳୁନି ସରକାରୀ ସାର

■ ୭ ହଜାର ୩୦ ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଛି

ନାଉଗାଁ ବ୍ଲକରେ ଶତକଡା ୯୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। କୃଷି ବିଭାଗର ତଥ୍ୟ ଅନୁସାରେ ଚଳିତ ବର୍ଷ ବ୍ଲକର ୧୬ ପଞ୍ଚାୟତରେ ୭ ହଜାର ୩୦ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯାଇଛି। ଏବେ ଧାନ ଚାଷ ପାଇଁ ଚାଷୀମାନେ ଅଣ୍ଟା ଭିଡ଼ିଥିବା ବେଳେ ସରକାରଙ୍କ ତରଫରୁ ଆବଶ୍ୟକ ଅନୁସାରେ ସାର ସେମାନଙ୍କୁ ଯୋଗାଇ ଦିଆଯାଉନାହିଁ। ଫଳରେ ସେମାନେ କଳାବଜାରରୁ ଅଧିକ ଦାମ୍ ଦେଇ ସାର କିଣିବାକୁ ବାଧ ହେଉଛନ୍ତି।

ବ୍ଲକରେ ସାଧାରଣତଃ ୨ ପ୍ରକାର ଧାନ ଚାଷ ହୋଇଥାଏ। ସେଗୁଡିକ ହେଲା ବୁଣା ଓ ରୁଆ ଧାନ। ତିରୁଣା, ଜାମୁଗାଁ, ଡାବର ଆଦି ପଞ୍ଚାୟତରେ ଅଧିକାଂଶ ଢିପ ଜମି ଥିବାରୁ ଏଠାରେ ପ୍ରାୟତଃ ଜୁନ୍‌ରେ ଧାନ ବୁଣା କାର୍ଯ୍ୟ ହୋଇଥାଏ। ସେହିପରି ଡେରିକି, କୋରୁଅ, ଓଷକଣା, ନାଉଗାଁ, ବାଂଶ, ରୋହିଆ, ବଛାଳୋ, ଗଜରାଜପୁର, ଗଳଦାରୀ, ନୂଆଗାଁ, ଅଲଣା ଓ ଘୋଡାଂଶ, ଆଦି ପଞ୍ଚାୟତରେ ଖାଲୁଆ ଜମି ହୋଇଥିବାରୁ ଏଠାରେ ଅଗଷ୍ଟ ମଧ୍ୟରେ ଧାନ ରୁଆ କାର୍ଯ୍ୟ ହୋଇଥାଏ। ରୁଆ ହେଉ କି ବୁଣା ଅଧିକ ଅମଳ ପାଇଁ ଉନ୍ନତମାନର ବିହନରେ ଚାଷ କରିବା ସହ ବିଭିନ୍ନ କୀଟନାଶନ ଓ ସାର ଆଦି ପ୍ରୟୋଗ କରାଯାଏ। ସରକାରଙ୍କ ତରଫରୁ ସୁଲଭ ମୂଲ୍ୟରେ ସାର ବିକ୍ରି ପାଇଁ ବ୍ଲକରେ ଥିବା ୬ ସେବା ସମବାୟ ସମିତିକୁ ସାର ଯୋଗାଇ ଦିଆଯାଉଥିବାବେଳେ ୧୭ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରେ ସାର ବିକ୍ରି କରାଯାଉଛି। କିନ୍ତୁ ଚାଷ ସମୟରେ ବ୍ଲକରେ ସାର ଅଭାବ ହେଉଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

କୃଷି କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ବ୍ଲକରେ ୬,୫୯୦ କୁଇଣ୍ଟାଲ ୟୁରିଆ, ୯,୨୨୬ କୁଇଣ୍ଟାଲ ଡିଏପି, ୪,୩୯୩ କୁଇଣ୍ଟାଲ ପଟାସ୍ ସାର ଆବଶ୍ୟକ। କିନ୍ତୁ ଏପର୍ଯ୍ୟନ୍ତ କେବଳ ୯୧୮ କୁଇଣ୍ଟାଲ ୟୁରିଆ, ୧,୨୧୦ କୁଇଣ୍ଟାଲ ଡିଏପି ଓ ୧୩୨ କୁଇଣ୍ଟାଲ ପଟାସ୍ ସାର ବ୍ଲକର ନିର୍ଦ୍ଧାରିତ ସମବାୟ ସମିତିକୁ ଆସିଛି। ତେବେ ଆବଶ୍ୟକ ଅନୁସାରେ ସାର ମିଳୁ ନ ଥିବାରୁ ବ୍ୟବସାୟୀମାନେ ଏହାର ଫାଇଦା ଉଠାଉଛନ୍ତି।

ଫଳରେ ଚାଷୀ ଏକ ପ୍ରକାର ଶୋଷଣର ଶିକାର ହେଉଛନ୍ତି। ସରକାରୀ ମୂଲ୍ୟ ଅନୁସାରେ ଡିଏପିର ମୂଲ୍ୟ ୧୨୦୦ ଟଙ୍କା ଥିବାବେଳେ କଳା ବଜାରରେ ୧୩୫୦ ଟଙ୍କା, ୟୁରିଆର ସରକାରୀ ମୂଲ୍ୟ ୨୬୬.୫୦ ଟଙ୍କା ଥିବାବେଳେ ବ୍ୟବସାୟୀମାନେ ୪୦୦ଟଙ୍କାରେ ବିକ୍ରି କରୁଛନ୍ତି। ସେହିପରି ପଟାସ୍‌ର ସରକାରୀ ମୂଲ୍ୟ ୮୭୫ ଟଙ୍କା ଥିବାବେଳେ ବଜାରରେ ୧୦୦୦ ଟଙ୍କାରେ ବିକ୍ରି ହେଉଛି।

ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୁଲଭ ମୂଲ୍ୟରେ ଓ ଆବଶ୍ୟକ ପରିମାଣର ସାର ଯୋଗାଇ ଦେବା ପାଇଁ ଜିଲା ପ୍ରଶାସାନ ନିକଟରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ, କୈଳାସ ପରିଡା ଓ ଚତୁର୍ଭୁଜ ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ନାଉଗାଁ କୃଷି ସହ ଅଧିକାରୀ ନିର୍ମାଲ୍ୟ ନାୟକ କୁହନ୍ତି, ସାର କଳାବଜାର ରୋକିବା ପାଇଁ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ ଟିମ୍ ଗଠନ କରାଯାଇଛି। ସ୍ୱୀକୃତିପ୍ରାପ୍ତ ସାର ଦୋକାନୀ କାନ୍ଥରେ ସୂଚନା ଫଳକ ଲଗାଇ ସାରର ମୂଲ୍ୟ ସୂଚୀ ଲେଖିଛନ୍ତି କି ନାହିଁ ତାହାର ତଦନ୍ତ କରାଯାଉଛି। ବିଭିନ୍ନ ସାର ଦୋକାନ ବୁଲି କଳା ବଜାର ରୋକିବା ପାଇଁ ପଦକ୍ଷେପ ନିଆଯାଉଛି।

# ପାଟନାଳୀ ହୁଡ଼ାରେ ଶବଦାହ ଗୃହ



ପାଟନାଳୀ ହୁଡାରେ ନିର୍ମାଣ ହୋଇଥିବା ଶବଦାହ ଗୃହ ।

ପଟ୍ଟାମୁଣ୍ଡାଇ,୧୪।୮(ସ୍ୱ.ପ୍ର.)

**ଯିବାକୁ ରାସ୍ତା ନାହିଁ, ସାପ ଭୟ ବଢ଼ୁଛି**

ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତ ବାଇପଦା ଶ୍ମଶାନରେ ନିର୍ମିତ ହୋଇଥିବା ଶବଦାହ ଗୃହ କାମରେ ଲାଗୁନାହିଁ। ସେହି ଗୃହଟି ଏପରି ସ୍ଥାନରେ ନିର୍ମିତ ହୋଇଛି ଯେ ଲୋକମାନେ ସେଠାକୁ ଶବ ଦାହ ପାଇଁ ଯିବାକୁ ଭୟ କରୁଛନ୍ତି । ସୂଚନା ଅନୁଯାୟୀ, ବ୍ଲକ ପକ୍ଷରୁ ବାଇପଦା ଶ୍ମଶାନରେ ଶବ ଦାହ ଗୃହ ନିର୍ମାଣ ନିମନ୍ତେ ଅର୍ଥ ବରାଦ ହୋଇଥିଲା । କିନ୍ତୁ ନାମକୁ ମାତ୍ର ଢଳେଇ ଖୁଣ୍ଟ ଉଠାଯାଇ ସ୍ଲାବ ପଡ଼ିଛି। ବ୍ଲକ ପକ୍ଷରୁ ଏହି କାର୍ଯ୍ୟର ତଦାରଖ କରା ନ ଯିବାରୁ ଠିକାଦାର ଯେନତେନ ପ୍ରକାରେ ନିର୍ମାଣ ଶେଷ କରି ବିଲ୍ ଉଠାଇ ନେଇଥିବା ଅଭିଯୋଗ ହୋଇଛି ।

ଉକ୍ତ ଶବଦାହ ଗୃହ ପାଟନଳୀ ହୁଡାରେ ନିର୍ମାଣ କରାଯାଇଛି । ସେହି ଅଞ୍ଚଳ ଏବେ ଅନାବନା ଗଛଲତାରେ ପୂର୍ଣ୍ଣ ହୋଇ ରହିଛି। ସେଠାରେ ବିଭିନ୍ନ ପ୍ରଜାତିର ବିଷଧର ସାପ ବାସ କରୁଛନ୍ତି। ସେଥିପାଇଁ ଲୋକମାନେ ସେଠାକୁ ଶବ ନେବାକୁ ଭୟ କରୁଛନ୍ତି । ଏଣେ ଶବଦାହ ଗୃହକୁ ଯିବା ପାଇଁ ରାସ୍ତା ନିର୍ମାଣ କରାଯାଇ ନାହିଁ । ଲୋକମାନେ ସେହି ଶବଦାହ ଗୃହକୁ ଯିବାକୁ ହେଲେ ଦଳଭର୍ତ୍ତି ପାଟନାଳି ଅତିକ୍ରମ କରିବାକୁ ପଡିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏଥିପାଇଁ ଶବବାହକମାନେ ଗ୍ରାମର ପୁରୁଣା ଶ୍ମଶାନରେ ଶବଦାହ କରୁଥିବା ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

# ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ତାଲା ପଡ଼ିଲା

ଜଗତ୍‌ସିଂହପୁର ଅଫିସ, ୧୪।୮

ରଘୁନାଥପୁରଠାରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପୂର୍ବତନ ବିଧାୟକ ତଥା ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ବିବାଦ ଲାଗି ରହିଛି। ଏହାଦ୍ୱାରା ଗୋପବନ୍ଧୁଙ୍କ ପ୍ରତି ଅସମ୍ମାନ ହୋଇଥିବା ଅଭିଯୋଗ କରି ନବ ନିର୍ମାଣ କୃଷକ ସଙ୍ଗଠନର ନେତା ଓ କର୍ମୀମାନେ ଶନିବାର ଅପରାହ୍ନରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଫାଟକରେ ତାଲା ପକାଇ ଦେଇଥିଲେ। ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। ଏହାପରେ ପୋଲିସ ପହଞ୍ଚି ବିକ୍ଷୋଭକାରୀଙ୍କୁ ସେଠାରୁ ଉଠାଇ ନେଇଥିଲେ। ଏଥିସହ ବିକ୍ଷୋଭକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଏକାଧିକଙ୍କୁ ଗିରଫ କରାଯାଇଛି ବୋଲି ଅତିରିକ୍ତ ଆଇଆଇସି ପ୍ରଜ୍ଞା ରିତମ୍ଭରା କର ସୂଚନା ଦେଇଛନ୍ତି। ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ବିଷ୍ଣୁଙ୍କ ପ୍ରତିମୂର୍ତ୍ତିକୁ ବିରୋଧ କରି ରଘୁନାଥପୁରରେ ନବନିର୍ମାଣ ସଂଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହା ଭିତରେ ଉପଜିଲାପାଳ ଆନ୍ଦୋଳନସ୍ଥଳକୁ ଯାଇ ଜିଲାପାଳ ବିବାଦର ସମାଧାନ ପାଇଁ ବିଚାର କରୁଛନ୍ତି ବୋଲି କହିଥିଲେ। ସରକାରୀ



ନବନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି

**ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ବିବାଦ**

■ ମାମଲା ରୁଜୁ, ଏକାଧିକ ଗିରଫ

■ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ ଅଭିଯୋଗ

ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇପାରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଇତିମଧ୍ୟରେ ୪ ଦିନ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଜିଲାପାଳ କୌଣସି ନିର୍ଭର ପ୍ରତିଶ୍ରୁତି ଦେଇପାରି ନ ଥିବା ଦର୍ଶାଇ ସଙ୍ଗଠନ ପ୍ରତିକ୍ରିୟାଶୀଳ ହୋଇଯାଇଥିଲା।

ଏ ସମ୍ପର୍କରେ ରଶ୍ମିରଞ୍ଜନ, ଶରତ ଚନ୍ଦ୍ର ମହାପାତ୍ର, ଭୁବନାନନ୍ଦ ନାୟକ, ଅଶୋକ କମାର ସ୍ୱାଇଁ ପ୍ରମୁଖ କହିଛନ୍ତି, ଉତ୍କଳମଣି ଗୋପବନ୍ଧୁ ଆମ ଓଡ଼ିଆ ଜାତିର ଗର୍ବ ଓ ଗୌରବ। ପ୍ରଶାସନ ତାଙ୍କୁ ସମ୍ମାନ ଦେବା ପରିବର୍ତ୍ତେ ଅପମାନିତ କରୁଛି। ତୁରନ୍ତ ପ୍ରଶାସନ ପକ୍ଷରୁ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରା ନଗଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ । ଏ ବିଷୟରେ ଜିଲାପାଳଙ୍କ ଉତ୍ତର ପାଇଁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଅପେକ୍ଷା କରାଯାଇଥିଲା। କିନ୍ତୁ ଜିଲାପାଳ ପହଞ୍ଚି ନ ଥିଲେ। ଏନେଇ ସେମାନେ ଆନ୍ଦୋଳନ କରୁଥିବାବେଳେ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା।

# ଶରତଙ୍କ ଘରକୁ ୨ଥାନା ଅଧିକାରୀ ଯାଇନାହାନ୍ତି

କେନ୍ଦ୍ରାପଡ଼ା ଅଫିସ, ୧୪।୮

ଖରସ୍ରୋତା ନଦୀରୁ ପାଣି ଉଠାକୁ ନେଇ ଗତ ଗୁରୁବାର ରାଜକନିକା ଥାନା ବରୁଣାଡିହାରେ ଆନ୍ଦୋଳନକାରୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ । ପରେ ରାଜକନିକା ଥାନାରେ ଦୁଇଟି ମାମଲା ରୁଜୁ ହେବା ସହ ଜିଲା ପୋଲିସ ୨୪ ଜଣଙ୍କୁ ଗିରଫ କରିଛି । ତେବେ ଏହି ଥାନା ଅନ୍ତର୍ଗତ ମନାଇଡିହ ଗ୍ରାମର ପ୍ରମିଳା ମଲ୍ଲିକ ଶୁକ୍ରବାର ଅଭିଯୋଗ କରିଥିଲେ, ରାଜକନିକା ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ଟାଉନ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସାମନ୍ତରାୟ ତାଙ୍କ ଘରେ ପଶି ସ୍ୱାମୀ ଶରତ ରାଉତ ଓ ଦେଢ଼ଶୁର ନିରାକାର ରାଉତଙ୍କୁ ଖୋଜିଥିଲେ । ପରିବାର ସଦସ୍ୟଙ୍କୁ ଗାଳି କରିବା ସହ ମୋବାଇଲ, ସୁନା ଗହଣା, ୩୨ ହଜାର ଟଙ୍କା ଆଦି ଲୁଟି ନେଇଥିଲେ । ଏପରିକି ଶରତ ଓ ନିରାକାର ଥାନାରେ ଆତ୍ମ ସମର୍ପଣ ନ କଲେ ଏନକାଉଣ୍ଟର କରିବେ ବୋଲି ଧମକ ଦେଇଥିବା ଥାନାରେ ଦାଖଲ ଅଭିଯୋଗ ପତ୍ରରେ ପ୍ରମିଳା ଦର୍ଶାଇଥିଲେ । ଏହି ଖବର ଶନିବାର ଧରିତ୍ରୀରେ ପ୍ରକାଶ ପରେ ରାଜକନିକା ଥାନା ଅଧିକାରୀ ନାୟକ କହିଛନ୍ତି, ଗୁରୁବାର ରାତିରେ ମୁଁ ଓ ଟାଉନ ଥାନା ଅଧିକାରୀ ସାମନ୍ତରାୟ ଅନ୍ୟ ସ୍ଥାନରେ ଡିଉଟି କରୁଥିଲୁ । ପ୍ରମିଳାଙ୍କ ଘରକୁ ଆମେ ଯାଇନାହୁଁ । ସୂଚନାଯୋଗ୍ୟ, ଶରତ ହେଉଛନ୍ତି ଖରସ୍ରୋତା ନଦୀ ବଞ୍ଚାଅ ସିମିତିର କର୍ମକର୍ତ୍ତା । ତାଙ୍କ ବିରୋଧରେ ରାଜକନିକା ଥାନାରେ ଏକ ମାମଲା(ନଂ.୨୮୫/ ୨୧)ରୁଜୁ ହୋଇଛି।



ରାଜନଗରର ୨ ଶିଶୁଙ୍କ ହାତରେ ତ୍ରିରଙ୍ଗା ।

# କାଳିଆ ଟଙ୍କା ହଡ଼ପ ଅଭିଯୋଗରେ ଯୁବକ ଅଟକ

କୋରେଇ,୧୪।୮(ସ୍ୱ.ପ୍ର.)

ହିତାଧିକାରୀଙ୍କ କାଳିଆ ଯୋଜନା ଟଙ୍କା ହଡ଼ପ ଅଭିଯୋଗରେ ଜଣେ ଯୁବକଙ୍କୁ କୋରେଇ ଥାନା ପୋଲିସ ଅଟକ ରଖିଛି। କୋରେଇ ଥାନା ତଳଗଡ଼ ପଞ୍ଚାୟତ ଗୋପୀନାଥପୁର ଗ୍ରାମର ସମ୍ପୃକ୍ତ ଯୁବକ ଅସନଝର ପଞ୍ଚାୟତ ରଘୁପୁର ଗ୍ରାମର କେତେଜଣ ଚାଷୀଙ୍କୁ ମିଳିଥିବା ଅର୍ଥକୁ ଚଞ୍ଚକତା କରି ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିଛନ୍ତି। ସମ୍ପୃକ୍ତ ଯୁବକ ଶୁକ୍ରବାର ଅପରାହ୍ନରେ ରଘୁପୁର ଗ୍ରାମରେ ପହଞ୍ଚି ମେଶିନ ସାହାଯ୍ୟରେ ଲୋକଙ୍କ କାଳିଆ ଯୋଜନା ଟଙ୍କା ଯାଞ୍ଚ କରିବା ପାଇଁ ଆଧାର କାର୍ଡ ସଂଗ୍ରହ କରିବା ସହ ସେମାନଙ୍କ ଫିଙ୍ଗର ପ୍ରିଣ୍ଟ ନେଇଥିଲେ। ପରେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିବା ନେଇ ମୋବାଇଲକୁ ମେସେଜ୍ ଆସିଥିଲା। ଏହା ଜାଣିବା ପରେ ଲୋକେ ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ପ୍ରତ୍ୟେକଙ୍କ ଆକାଉଣ୍ଟରୁ ୧ ହଜାରରୁ ଉର୍ଦ୍ଧ୍ୱ ଟଙ୍କା କଟିଥିବା ଲୋକେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଯୁବକଙ୍କୁ ଏ ସମ୍ପର୍କରେ ପଚରାଯିବାରୁ ଭୁଲରେ ଟଙ୍କା ତାଙ୍କ ଆକାଉଣ୍ଟକୁ ଚାଲି ଆସିଥିବା କହିଥିଲେ। ତାଙ୍କ ବିରୋଧରେ ଗ୍ରାମର ବାବୁ ସାମଲ, ରବୀନ୍ଦ୍ର ଖଟୁଆ, ବଳରାମ ସାମଲ ଶିବରାମ ସ୍ୱାଇଁ ଓ ଅଭିମନ୍ୟୁ ଖଟୁଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ କହିଛନ୍ତି, ଯୁବକଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ଚାଲିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଗଞ୍ଜେଇ ବେପାରୀ ଗିରଫ

ପାରାଦୀପ,୧୪।୮(ସ୍ୱ.ପ୍ର.)

ପାରାଦୀପ ଆଦର୍ଶଥାନା ପୋଲିସ ଶନିବାର ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୨୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ସେ ହେଲେ ନୂଆବଜାର ଅଞ୍ଚଳର ଗୁରୁଚରଣ ପରିଡା। ଏନେଇ ମାମଲା (ନଂ.୧୭୯/୨୧) ରୁଜୁହୋଇଛି।

# ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା

କାଳିଆପାଣି,୧୪।୮(ଡି.ଏନ.ଏ.)

୭୫ତମ ସ୍ୱାଧୀନତା ଦିବସ ଅବସରରେ ଖଣିନିଗମର ପାରିପାର୍ଶ୍ୱିକ ଉନ୍ନୟନ ଯୋଜନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିଏସ୍‌ଆର୍ ପରାମର୍ଶଦାତା ମଧୁସ୍ମିତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାଳିଆପାଣି ହାଇସ୍କୁଲ ଠାରେ ଶନିବାର ଏହି କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆତ୍ମନିର୍ଭର ଭାରତ ଓ ଜାତୀୟତାକୁ ପ୍ରାଥମିକତା ଶୀର୍ଷକ ବିଷୟବସ୍ତୁ ଉପରେ ଛାତ୍ରୀଛାତ୍ର ବକ୍ତବ୍ୟ ରଖିବା ସହ ଦେଶାତ୍ମକ ବୋଧକ ଚିତ୍ରାଙ୍କନ କରିଥିଲେ। ସିଏସ୍‌ଆର୍ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନାଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# ସଂଗ୍ରାମ ସମିତିର ବୈଠକ, ସ୍ଥିର ହେଲା ରଣନୀତି



ବୈଠକରେ ଉପସ୍ଥିତ ସଂଗ୍ରାମ ସମିତିର କର୍ମକର୍ତ୍ତା ।

କେନ୍ଦ୍ରାପଡ଼ା ଅଫିସ, ୧୪।୮

ରାଜକନିକା ବ୍ଲକ ଅଚ୍ୟୁତପୁର ଗ୍ରାମର ଅନ୍ଧାରଘରଣୀ ପୀଠରେ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମ ସମିତି ସଭାପତି ଦୁର୍ଯ୍ୟୋଧନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଖରସ୍ରୋତା ପାଣି ବିବାଦ ମାମଲାର ରଣନୀତି ସ୍ଥିର ହୋଇଥିଲା। ଏଥିରେ ଭାଜପା ଓ ଜିଲା କଂଗ୍ରେସର ନେତୃମଣ୍ଡଳୀ ଯୋଗ ଦେଇ ଖରସ୍ରୋତା ନଦୀ ଆନ୍ଦୋଳନକୁ ଶାନ୍ତିପୂର୍ଣ୍ଣ ଢ଼ଙ୍ଗରେ ଜାରି ରଖିବାକୁ ସ୍ଥିର କରାଯାଇଛି। ଏହି ବିବାଦରେ ଗିରଫ ହୋଇଥିବା ୨୪ ଜଣଙ୍କ ପରିବାର ସଦସ୍ୟଙ୍କ ସହିତ ସମିତିର କର୍ମକର୍ତ୍ତାମାନେ ଆଲୋଚନା କରିଛନ୍ତି ।

ଏସମ୍ପର୍କରେ ସମ୍ପାଦକ ବିଧାନ ଦାସ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ଜୀବନ ଜୀବିକା ସହ ଭିତରକନିକା ପ୍ରଭାବିତ ହେବାକୁ ଥିବାରୁ ପ୍ରକଳ୍ପକୁ ବିରୋଧ କରାଯିବ। ରବିବାରଠାରୁ ଏହି କାର୍ଯ୍ୟକ୍ରମ ଧାରାବାହିକ ଭାବେ ଚାଲୁ ରହିବ । ସାଂପ୍ରତିକ ସ୍ଥିତିରେ ଜିଲା ପ୍ରଶାସନ କଳ, ବଳ ଓ କୌଶଳ ଲଗାଇ ପ୍ରକଳ୍ପ କାମକୁ ଆଗେଇବା ପାଇଁ ଯୋଜନା କରିଛି। ଏଥିପାଇଁ ଗିରଫ ଭୟ ଦେଖାଇଲେ ମଧ୍ୟ ରାଜକନିକା ଓ ଆଳି ବାସୀ ନିଜର ଅସନ୍ତୋଷ ପ୍ରକାଶ କରୁଛନ୍ତି। ପ୍ରକଳ୍ପ କାର୍ଯ୍ୟ ବନ୍ଦ ନ ହେବା ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳବାସୀ ଗିରଫକୁ ଭୟ କରୁନାହାନ୍ତି। ଖରସ୍ରୋତାର ସ୍ରୋତ ଚିରଦିନ ରହିବା ପାଇଁ ଯାହା ଆବଶ୍ୟକ, ସେ ସମ୍ପର୍କରେ ଆଲୋଚନା ହୋଇଥିବା ସେ ପ୍ରକାଶ କରିଛନ୍ତି । ବୈଠକରେ ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଆଳିର ପୂର୍ବତନ ବିଧାୟକ ଦ୍ୱୟ ଦେବେନ୍ଦ୍ର ଶର୍ମା, ଦୋଳଗୋବିନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ନିମ୍ନମାନର ଡ୍ରେନ୍ କାମକୁ ବିରୋଧ

ନାଉଗାଁ,୧୪।୮(ସ୍ୱ.ପ୍ର)

■ ୨କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି

■ ସୂଚନା ଫଳକ ଲାଗିନାହିଁ

■ ଗ୍ରାମଠାରୁ ନଦୀବନ୍ଧ ଉଚ୍ଚରେ ଥିବାରୁ ପାଣି ଜମୁଛି

ନାଉଗାଁ ବ୍ଲକର ଗଳଦାରୀ ପଞ୍ଚାୟତର ଗଳଦାରୀଠାରେ ଏକ ଡ୍ରେନ ନିର୍ମାଣ କରାଯାଉଛି। ତେବେ ନିର୍ମାଣଧୀନ କାମ ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଡ୍ରେନ୍ ଭୁଶୁଡ଼ିଯିବା ନେଇ ଆଶଙ୍କାବ୍ୟକ୍ତକରି ସେମାନେ ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରିଛନ୍ତି।

ଗ୍ରାମର ଭାନୁଦତ୍ତ ନାୟକ, ପ୍ରକାଶ ମଲିକ, ଦୀପକ ନାୟକ, ତାପସ ମଲିକଙ୍କ କହିବା ମୁତାବକ, ଡ୍ରେନ ନିର୍ମାଣ କାମରେ ଅତ୍ୟନ୍ତ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଛି। ଏହାଛଡ଼ା ସରକାରଙ୍କ ନିୟମାନୁସାରେ ବାଲି, ସିମେଣ୍ଟ, ଗୋଡିର ମାପ ଯାହା ରହିବା କଥା ତାହା ରହୁନାହିଁ। ଠିକାଦାରଙ୍କ କାର୍ଯ୍ୟ ତଦାରଖ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ମଧ ଦେଖାନାହିଁ। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ବସିଥିବାବେଳେ ଏପର୍ଯ୍ୟନ୍ତ ସେଠାରେ ସୂଚନାଫଳକ ଲଗାଯାଇନାହିଁ। ଫଳରେ ଲୋକ କାର୍ଯ୍ୟ ବିଷୟରେ ସବିଶେଷ ତଥ୍ୟ ଜାଣି ପାରୁନାହାନ୍ତି। ଗ୍ରାମଟି ଦେବୀ ନଦୀର ଅପର ପାର୍ଶ୍ୱରେ ରହିଛି। ଗ୍ରାମଠାରୁ ନଦୀ ବନ୍ଧର ଉଚ୍ଚତା ଅଧିକ ରହିଛି। ଫଳରେ ବର୍ଷା ଦିନେ ଚାଷ ଜମି ଓ ଉକ୍ତ ଗ୍ରାମରୁ ପାଣି ନିଷ୍କାସିତ ହୋଇ ପାରେନାହିଁ। ଦୀର୍ଘ ଦିନ ଧରି ପାଣି ଜମିବା ଯୋଗୁ କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି କରିଥାଏ। ପାଣିରେ ଅଳିଆ, ଆବର୍ଜନା ପଡି ପରିବେଶ ମଧ ଦୂଷିତ ହୋଇଥାଏ। ସେଥିରେ ପଶି ଯାତାୟାତ କରିବା ଦ୍ୱାରା ବିଭନ୍ନ ଚର୍ମରୋଗ ମଧ ହୋଇଥାଏ। ଗ୍ରାମରୁ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ବାରମ୍ୱାର ଦାବି ହୋଇ ଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ଡ୍ରେନେଜ୍ ବିଭାଗ ପକ୍ଷରୁ ଡ୍ରେନ୍ ନିର୍ମାଣ କରାଯାଉଛି। ଏଥିପାଇଁ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ମାତ୍ର ନିମ୍ନମାନର କାମ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଦୟାନିଧି ନାଥ କହିଛନ୍ତି, କାର୍ଯ୍ୟ ଠିକ୍ ଭାବେ ଚାଲୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗର ତଦାରଖ କରିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରକଳ୍ପସ୍ଥଳକୁ ପଠାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ଗଳଦାରୀ ଗ୍ରାମରେ ଡ୍ରେନ୍ ନିର୍ମାଣ ଚାଲିଛି।

# ଏବେ ବି ସେଦିନ ଅଭୁଲା


ସ୍ୱାଧୀନତା ସଂଗ୍ରାମରେ ସାମିଲ ଥିବା ପାଣିମୋରା ଗ୍ରାମର ୩୨ଜଣ ସଂଗ୍ରାମୀ । (ଫାଇଲ ଫଟୋ)


ଜିତେନ୍ଦ୍ର ପ୍ରଧାନ

ବରଗଡ଼ ଜିଲା ସୋହେଲା ବ୍ଲକ୍‌ର ପାଣିମୋରା । ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଚର୍ଚ୍ଚିତ ଏଇ ଗାଁ । ଦେଶ ସ୍ୱାଧୀନତା ପାଇବା ଦିନର ଅର୍ଥାତ୍ ୧୯୪୭ ମସିହା ଅଗଷ୍ଟ ୧୫ର ସ୍ମୃତି ରୋମନ୍ଥନ କରନ୍ତି ଏଇ ଗ୍ରାମର ସଂଗ୍ରାମୀ ଜିତେନ୍ଦ୍ର ପ୍ରଧାନ– 'ଦେଶ ସ୍ୱାଧୀନତା ଖବର ପାଇ ଆନନ୍ଦର ସୀମା ରହିଲା ନାହିଁ । ୧୪ତାରିଖ ରାତି ବିତିଗଲା କିନ୍ତୁ ଆମ ଆଖିରେ ନିଦ ନ ଥିଲା । ପୌଷ ପୂର୍ଣ୍ଣିମା ଭଳି ପିଠାପଣା କରି ଆନନ୍ଦ ଉତ୍ସବ ମନାଇଥିଲୁ । ସକାଳୁ ଭାରତମାତା ପ୍ରତିମୂର୍ତ୍ତି ତିଆରି କରି ଏକ ଶଗଡ଼ରେ ରଖିଥିଲୁ । ଦେଶାତ୍ମବୋଧକ ସ୍ଲୋଗାନ ଦେବା ସହିତ ଜାତୀୟ ପତାକା ଉତ୍ତୋଳନ କରିଥିଲୁ । ତା'ପରେ ଭାରତମାତାଙ୍କୁ ଶଗଡ଼ରେ ନେଇ ଗ୍ରାମର ସବୁ ଗଳିକନ୍ଦି ପରିକ୍ରମା କରାଇଥିଲୁ । ପରିକ୍ରମା ସମୟରେ ପ୍ରତି ଘରଦ୍ୱାରରେ ମା'ମାନେ ପୂର୍ଣ୍ଣକଳସ ବସାଇଥିଲେ । ଆମେ ପହଞ୍ଚିବା ପରେ ଆମର ପାଦଧୌତ କରାଯାଇଥିଲା । ଏହି ପରିକ୍ରମାରେ ଗ୍ରାମର ୩୨ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସମେତ ଗାଁ ଲୋକେ ମଧ୍ୟ ସାମିଲ ହୋଇଥିଲେ । ସେଦିନର ସ୍ମୃତି ମୋ ପାଇଁ ସବୁବେଳେ ଅଭୁଲା ହୋଇ ରହିଛି । ଏବେ ମଧ୍ୟ ଆଖି ଆଗରେ ନାଚି ଯାଉଛି ସେ ଦିନର ଦୃଶ୍ୟ । ଆଉ ମନେପଡ଼ିଗଲେ ଶରୀରର ଲୋମ ଟାଙ୍କୁରି ଉଠୁଛି' ।

**– ପ୍ରେମାନନ୍ଦ ଖମାରୀ, କ୍ଷମାନିଧି ନାୟକ**



**ଆଜି ଦେଶ ପାଳନ କରୁଛି ୭୫ତମ ସ୍ୱାଧୀନତା ଦିବସ। ଏବେ ବି ଜୀବିତ ଅଛନ୍ତି ଦେଶ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା କେତେକ ସଂଗ୍ରାମୀ। ତେବେ ପ୍ରଥମ ସ୍ୱାଧୀନତା ଦିବସ ପାଳନର ଅଭୁଲା ସ୍ମୃତି ବଖାଣିଛନ୍ତି ଦୁଇ ସଂଗ୍ରାମୀ...**

# ସେଦିନ ଗାଁରେ ତ୍ରିରଙ୍ଗା ଉଡ଼ାଇଥିଲୁ

ଭଦ୍ରକ ଜିଲାର ବାସୁଦେବପୁର ସଂଗ୍ରାମୀଙ୍କ ମାଟି ଭାବେ ପରିଚିତ । ସ୍ୱାଧୀନତା ସଂଗ୍ରାମୀ ସାରଦା ପ୍ରସାଦ ରାୟ ପାଇଁ ଏହି ବ୍ଲକର ଆରୁହା ପଞ୍ଚାୟତ ଅନ୍ତର୍ଗତ ତୁଳମତୁଳା ଗାଁ ଆଜି ଗର୍ବିତ । ସାରଦା ପିଲାଟିଦିନରୁ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଝାସଦେଇଥିଲେ ସାରଦା । ଭାରତଛାଡ଼ ଆନ୍ଦୋଳନରେ ସାମିଲ ହେବା ସହ ଇରମ ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ । ଇଂରେଜ ସରକାରଙ୍କୁ ବିରୋଧ କରି ବାସୁଦେବପୁରର ବିଭିନ୍ନ ଅଞ୍ଚଳରେ ସଭାସମିତି କରି ୨ ଥର କାରାବରଣ କରିଥିଲେ । ଦେଢ଼ବର୍ଷ ବାଲେଶ୍ୱର ଜେଲ ଓ ୪ ମାସ ବିହାରର ପାଟଣା ଜେଲରେ ବନ୍ଦୀ ଜୀବନ ବିତାଇଥିଲେ । ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟ ଓ ଗୌରାଙ୍ଗଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ବିଶେଷ ଭାବରେ ଅନୁପ୍ରାଣିତ ହୋଇ ନିଜର ସଂଗ୍ରାମୀ ଜୀବନକୁ ଆଗେଇ ନେଇଥିଲେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେ ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ଜଣେ ସଫଳ ଶିକ୍ଷକ ଭାବେ ୧୯୮୨ ମସିହାରେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ । ତେବେ ଚଳିତବର୍ଷ ଅଗଷ୍ଟକ୍ରାନ୍ତି ଦିବସରେ ୯୫ ବର୍ଷୀୟ ସଂଗ୍ରାମୀ ସାରଦା ପ୍ରସାଦଙ୍କୁ ରାଷ୍ଟ୍ରପତିଙ୍କ ପକ୍ଷରୁ ପ୍ରଦତ୍ତ ଉତ୍ତରୀୟ, ଅଙ୍ଗବସ୍ତ୍ର ତାଙ୍କ ତୁଳମତୁଳାସ୍ଥିତ ବାସଭବନରେ ଜିଲାପାଳ ଓ ବିଧାୟକ ସମ୍ବର୍ଦ୍ଧିତ କରିବାକୁ ନେଇ ପରିବାର ଲୋକେ ଗୌରବାନ୍ୱିତ ମନେକରିଥିବା କହିଛନ୍ତି । ତେବେ ଭାରତଛାଡ଼ ଆନ୍ଦୋଳନର ୫ ବର୍ଷ ପରେ ୧୯୪୭ ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହେଉଥିବା କଥା ଶୁଣି ଖୁସିରେ ସମସ୍ତେ ନାଚି ଉଠିଥିଲେ । ବଡ଼ଭାଇ ସଂଗ୍ରାମୀ ବରଦା ପ୍ରସାଦ ରାୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ନିଜ ଗାଁରେ ପ୍ରଥମ ସ୍ୱାଧୀନତା ଦିବସ ପାଳନ କରି ତ୍ରିରଙ୍ଗା ପତାକା ଉଡ଼ାଇଥିଲେ ସାରଦା । ପରବର୍ତ୍ତୀ ସମୟରେ ପ୍ରତି ସ୍ୱାଧୀନତା ଦିବସରେ ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ସଂଗ୍ରାମୀ ସାରଦା ଜାତୀୟ ପତାକା ଉତ୍ତୋଳନ କରିବା ସହିତ ନିଜ ଘରେ ମଧ ପତାକା ଉଡ଼ାଇଥାନ୍ତି । ଏକଥା କହିଛନ୍ତି ସଂଗ୍ରାମୀ ସାରଦାଙ୍କ ପତ୍ନୀ କମଳା କୁମାରୀ ରାୟ । ସୂଚନାଯୋଗ୍ୟ ବୟସାଧିକ୍ୟ କାରଣରୁ ସାରଦା ବିଶେଷ ଭାବେ ସ୍ମୃତିକୁ ଠିକ ଭାବରେ କହି ପାରୁନାହାନ୍ତି । ତେବେ କିଛି ବର୍ଷ ପୂର୍ବରୁ ଦେଶର ପ୍ରଥମ ସ୍ୱାଧୀନତା ଦିବସ ପାଳନର ଖୁସି ମୁହୂର୍ତ୍ତ ତାଙ୍କ ପତ୍ନୀ ଓ ପରିବାର ଲୋକଙ୍କ ପାଖରେ କହିଥିଲେ ବୋଲି ପରିବାର ଲୋକ କୁହନ୍ତି ।


ପତ୍ନୀ କମଳା କୁମାରୀଙ୍କ ସହ ସ୍ୱାଧୀନତା ସଂଗ୍ରାମୀ ସାରଦା ପ୍ରସାଦ ରାୟ ।

**– ନାରାୟଣ ପ୍ରସାଦ ବାରିକ**




# ଜନଗଣମନରେ ଜାତୀୟତାବାଦ

ସମ୍ପ୍ରତି କରୋନା ଯୋଗୁ ଏବର୍ଷ ସ୍ୱାଧୀନତା ଦିବସ ନିରାଡ଼ମ୍ବରରେ ପାଳନ କରାଯିବ ବୋଲି ସ୍ଥିର କରାଯାଇଛି । ଦିଲ୍ଲୀ ସମେତ ଅନ୍ୟସବୁ ରାଜ୍ୟଗୁଡ଼ିକରେ ସ୍ୱାଧୀନତା ଦିବସ ପାଳନ କଲାବେଳେ ସାମାଜିକ ଦୂରତ୍ୱ ତଥା ଶାରୀରିକ ବ୍ୟବଧାନ, ମୁହଁରେ ମାସ୍କ ଭିଡ଼ିବା ଇତ୍ୟାଦି କୋଭିଡ୍ କଟକଣା ତଥା ମାର୍ଗଦର୍ଶିକା ପାଳନ ଉପରେ କଡ଼ାକଡ଼ି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏହି ଦିବସର ପୃଷ୍ଠଭୂମି ଉପରେ ଦୃଷ୍ଟିପାତ କଲେ ଜାଣିବାକୁ ମିଳେ, ବହୁବର୍ଷ ଧରି କଂଗ୍ରେସ ଛବିଶ ଜାନୁୟାରୀକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିଆସୁଥିଲା । ୧୯୨୯ ଲାହୋର ଅଧିବେଶନରେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ ପୂର୍ଣ୍ଣ ସ୍ୱରାଜ ଘୋଷଣା କରିଥିଲା ଏବଂ ଜାନୁୟାରୀ ଛବିଶକୁ ଗଣତନ୍ତ୍ର ଦିବସ ରୂପେ ଘୋଷଣା କରାଯାଇଥିଲା । ସ୍ୱାଧୀନତା ଦିବସ ସମାରୋହରେ ଭାରତୀୟ ଜନଗଣ ମନରେ ଜାତୀୟତାବାଦ ତଥା ରାଷ୍ଟ୍ରପ୍ରୀତି ଭାବନା ଉଦ୍ରେକ କରାଯାଇଥିଲା । ଦେଶକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତକରିବା ସଙ୍ଗେ ସଙ୍ଗେ ଭାରତବାସୀଙ୍କୁ ସାର୍ବଭୌମ କ୍ଷମତା ତଥା ସ୍ୱାଧୀନତା ହସ୍ତାନ୍ତର କରିବା ଲାଗି ଫିରିଙ୍ଗିମାନଙ୍କୁ ଏକପ୍ରକାର ବାଧ୍ୟ କରାଯାଇଥିଲା । ୧୯୩୦ରୁ ୧୯୫୦ ମଧ୍ୟରେ ୨୬ଥର ଜାନୁୟାରୀ ୨୬କୁ ସ୍ୱାଧୀନତା ଦିବସ ରୂପେ ପାଳନ କରାଯାଇଥିଲା । ଏଥିରେ ଦେଶବାସୀ ଏକଜୁଟ ହୋଇ ସ୍ୱାଧୀନତାର ବଜ୍ର ଶପଥ ନେଇଥିଲେ । ଦେଶର ତଦାନୀନ୍ତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ନେହେରୁ ତାଙ୍କ ଆତ୍ମଜୀବନୀରେ ଏକଥା ବର୍ଣ୍ଣନା କରିଥିବା ଦେଖିବାକୁ ମିଳେ । ଏ ସଂକ୍ରାନ୍ତରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମାର୍ମିକ ଉକ୍ତି ବେଶ୍ ପ୍ରଣୀଧାନଯୋଗ୍ୟ । ସେ ସ୍ପଷ୍ଟ ଭାବେ କହିଥିଲେ–ଏଇ ପବିତ୍ର ଦିବସକୁ କିଛିଟା ଗଠନାତ୍ମକ ବା ରଚନାତ୍ମକ କାର୍ଯ୍ୟ ଯଥା ହିନ୍ଦୁ–ମୁସଲମାନ ପୁନର୍ମିଳନ କିମ୍ବା ଅସ୍ପୃଶ୍ୟ ସମ୍ପ୍ରଦାୟଙ୍କ ସେବାରେ ବିତାଇ ଦିଆଯାଉ । ଭାରତ ସମ୍ବିଧାନ ୧୯୫୦ ଜାନୁୟାରୀ ୨୬ରେ କାର୍ଯ୍ୟକାରୀ ହୋଇଥିଲା । ସେବେଠାରୁ ଜାନୁୟାରୀ ୨୬କୁ ଗଣତନ୍ତ୍ର ଦିବସ ରୂପେ ପାଳନ କରାଯାଉଅଛି । ୧୯୪୭ ଅଗଷ୍ଟ ୧୫ରେ ଭାରତକୁ ସ୍ୱାଧୀନତା ମିଳିଥିଲେ ମଧ୍ୟ ୧୯୫୦ ଜାନୁୟାରୀ ୨୬କୁ ଗଣରାଜ୍ୟ ଦିବସ ରୂପେ ପାଳନ କରାଯାଉଛି । ସମ୍ବିଧାନ ଲାଗୁ କରିବା ନିମନ୍ତେ ଜାନୁୟାରୀ ୨୬କୁ ଚୟନ କରାଯାଇଥିଲା । କାରଣ ୧୯୩୦ ଜାନୁୟାରୀ ୨୬ରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ଭାରତୀୟ ଜାତୀୟ କଂଗ୍ରେସ ଫିରିଙ୍ଗିଙ୍କ ବିରୋଧରେ ପୂର୍ଣ୍ଣ ସ୍ୱରାଜ ଘୋଷଣା କରିଥିଲା । ଗଣତନ୍ତ୍ର ରାଷ୍ଟ୍ର ସମ୍ପର୍କରେ ୩୧ ଡିସେମ୍ବର ୧୯୨୯ ରାତ୍ରିକାଳରେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଲାହୋର ଅଧିବେଶନରେ ବିଚାର ତଥା ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏଥିପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆହୂତ ହୋଇଥିଲା । ପଣ୍ଡିତ ଜବାହରଲାଲ ନେହେରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅଂଶଗ୍ରହଣ କରିଥିବା ଜାତୀୟବାଦୀ ନେତୃବୃନ୍ଦ ପ୍ରଥମେ ଜାନୁୟାରୀ ୨୬କୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ । ଆଉ ଠିକ୍ ସେହିଦିନ ଦେଶର ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା ।

ଏହି ପରିପ୍ରେକ୍ଷୀରେ ଏକଥା ମନେରଖିବାକୁ ହେବ ଯେ, ଅଗଷ୍ଟ ପନ୍ଦରରେ ଜାତୀୟ ପତାକା ଉତ୍ତୋଳନ କରାଯାଉଥିବା ବେଳେ ଜାନୁୟାରୀ ୨୬ରେ ଏହାକୁ ଉଡାଇଦିଆଯାଏ । ଅଗଷ୍ଟ ପନ୍ଦର ଦିନ ଜାତୀୟ ପତାକାକୁ ଖମ୍ବ ମଝିରୁ ଭାଙ୍ଗକରାଯାଇ ଖମ୍ବର ଶୀର୍ଷରେ ମେଲେଇ ହେବା ଆଗରୁ ଦଉଡ଼ିରେ ଟଣାଯାଇଥାଏ । ଏହାକୁ ଆମେ ପତାକା ଉତ୍ତୋଳନ ବୋଲି କହିଥାଉ । ତାତ୍ପର୍ଯ୍ୟ ଆମ ଦେଶ ବହୁବର୍ଷର ଔପନିବେଶିକ ସାର୍ବଭୌମତ୍ୱରୁ ସ୍ୱାଧୀନ ହୋଇଥିଲା । ଅପରପଟେ, ଜାନୁୟାରୀ ୨୬ରେ ତ୍ରିରଙ୍ଗାକୁ ଆକାଶରେ ଉଡାଇ ଦିଆଯାଏ । ଅର୍ଥାତ୍ ତ୍ରିରଙ୍ଗାକୁ ଧ୍ୱଜାଖମ୍ବ ଅଗରେ ଭଙ୍ଗାଯାଇ ରଜ୍ଜୁକୁ ଟାଣି ଆକାଶରେ ଉଡାଇ ଦିଆଯାଏ । କାରଣ ଏହା ସ୍ୱାଧୀନ ଦେଶର ତ୍ରିରଙ୍ଗା । ଆଉ ଏଇ ଧ୍ୱଜାକୁ ଆମେ ତଳେ ଝୁଲାଇ ପାରିବା ନାହିଁ, ଉର୍ଦ୍ଧ୍ୱରେ ରଖି ଉଡ଼ାଇବା ।

**– ନଗେନ୍ଦ୍ର ନାଥ ପଟ୍ଟନାୟକ**
**ମୋ: ୯୪୩୮୩୩୨୧୩୮**









# ଆମରି ନାଆରେ ଆମେ ନାଉରି ତ

ପିଲା ଦିନେ ଗର୍ବର ସହିତ ଗୀତ ବୋଲୁଥିଲୁ- ଦେଶ ଚଳାଉଛୁ ଆମେ ଆମରି- ଆମରି ନାଆରେ ଆମେ ନାଉରି। ଆଜି ମନରେ ପ୍ରଶ୍ନ ଆସୁଛି- ଆମରି ନାଆରେ ଆମେ ନାଉରି ତ? ଆମ ଦେଶ ଆମେ ଚଳାଉଅଛୁ ତ? ପିଲା ଦିନର ଗର୍ବ ଓ ଆନନ୍ଦ ଆଜି ସନ୍ଦେହ ପାଲଟି ଯାଇଛି। ଆମରି ଲୋକ ପ୍ରତିନିଧିମାନେ ଆମ୍ଭମାନଙ୍କ ସହିତ ଖେଳ ଖେଳୁ ନାହାନ୍ତି ତ? ଗତ ପାଞ୍ଚ ସାତ ବର୍ଷ ହେବ ମନୁଷ୍ୟ ଯେପରି ଭୟରେ ଥିବା ଭଳି ଅନୁଭବ ହେଉଛି। କେତେବେଳେ ବଞ୍ଚିବା ପାଇଁ ମନୁଷ୍ୟ ସଙ୍ଘର୍ଷ କରୁଛି ତ ପୁଣି କେତେବେଳେ ରୋଜଗାର ପାଇଁ, ଏମିତି ବି ସମୟ ଆସିଛି ମନୁଷ୍ୟ ବିନା କାରଣରେ ଓ ବିନା ରୋଜଗାରରେ ସଙ୍ଘର୍ଷ କରିଛି। ଆମ ନିଜ ଦେଶରେ ଆମେ ନିଜେ କିପରି ଅବସ୍ଥାରେ ଅଛନ୍ତି, ସେ ବିଷୟରେ ନିମ୍ନରେ ଆଲୋଚନା କରିବା। ଓଡ଼ିଆରେ ଗୋଟିଏ କଥା ଅଛି, ତାହା ହେଲା – ବଡ଼ ହେଉଛି ବାପର, ସାନ ହେଉଛି ମାଆର, ମଝି ମଝିଆଟି କାହାର? ଏହି ନ୍ୟାୟରେ ସମାଜରେ ଥିବା ମଧ୍ୟମ ଶ୍ରେଣୀର ଲୋକମାନେ ପେଷି ହୋଇ ଯାଉଛନ୍ତି।

ଜିଏସ୍‌ଟି ଲାଗୁ ହେବାର ଚାରି ବର୍ଷ ହୋଇଗଲାଣି, ମାତ୍ର ଆଜି ପର୍ଯ୍ୟନ୍ତ ଗୋଟିଏ କ୍ଲିକ୍‌ରେ ରିଟର୍ନ ଫାଇଲ ହୋଇପାରୁନାହିଁ। ଏଥିପାଇଁ ଅପେକ୍ଷା କରିବାକୁ ପଡୁଛି। ତା' ପରେ କୋଭିଡ୍ ମହାମାରୀ ଆସିଲା। ରୋଗୀଙ୍କୁ ଡାକ୍ତରଖାନାରେ ଆଡ୍‌ମିଶନ କରିବା ପାଇଁ ଲାଇନ ଲଗାଇବାକୁ ପଡ଼ିଲା। ଏହା ପରେ କୋଭିଡ୍ ଟିକା ଆସିଲା, ଟିକା ନେବା ପାଇଁ ଦୁଇ ଦୁଇ ଥର ଲାଇନ ଦେବାକୁ ପଡ଼ିଲା। କେବଳ ସେତିକି ନୁହେଁ, କୋଭିଡ୍ ମହାମାରୀକୁ ଠିକ୍ ଭାବରେ ପରିଚାଳନା ନ କରିବା ଯୋଗୁ ମୃତ୍ୟୁସଂଖ୍ୟା ବଢ଼ିଲା। ମୃତ୍ୟୁ ପରେ ଅନ୍ତିମ ସଂସ୍କାର କରିବା ପାଇଁ ମଧ୍ୟ ଲାଇନ ଲଗାଇବାକୁ ପଡ଼ିଲା। ସବସତ୍କାର ପାଇଁ ଏତେ ଅସୁବିଧା ହେଲା ଯେ, ପବିତ୍ର ଗଙ୍ଗା ନଦୀରେ ଅସ୍ଥି ବିସର୍ଜନ କରିବା ସ୍ଥାନରେ ଶବ ବିସର୍ଜନ ହେଲା।

ରୋଜଗାର କମିବା ସମୟରେ ଖର୍ଚ୍ଚ ବଢ଼ିବା ସବୁଠାରୁ ଉଦ୍‌ବେଗର ବିଷୟ। କରୋନାର ପ୍ରକୋପ ଯୋଗୁ ଦୋକାନ-ବଜାର, କଳ-କାରଖାନା, ବସ୍, ଅଟୋ ଓ ରେଳ ଆଦି ବନ୍ଦ ହୋଇଯିବା ଯୋଗୁ ବହୁ ବ୍ୟକ୍ତି ନିଜର ରୋଜଗାର ହରାଇଲେ। ଏହା ପୂର୍ବରୁ ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗିଥିବା ଯୋଗୁ ବହୁ ବ୍ୟକ୍ତି ରୋଜଗାର ହରାଇ ଥିଲେ। କରୋନା ଆସି ବେଢ଼ି ଉପରେ କରୋଡ଼ା ମାଡ଼ ଭଳି ଲୋକଙ୍କ ଉପରେ ମାଡ଼ି ବସିଲା। ବସି ଖାଇଲେ – ନଈ ବାଲି ସରେ। ବିନା ରୋଜଗାରରେ କେତେ ଦିନ ଚଳିବେ। ଏହି ପରିସ୍ଥିତିରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ଆକାଶ ଛୁଆଁ ହେବା କେତେ ଦୁଃଖଦାୟକ କେବଳ ଯେଉଁମାନେ ଭୁକ୍ତଭୋଗୀମାନେ ହିଁ କେବଳ ଅନୁଭବ କରିପାରିବେ। ଖାଇବା ତେଲର ଦର ଆକାଶ ଛୁଆଁ ହେବା ସହିତ ପେଟ୍ରୋଲ ଦର ୧୦୦ ଟପିବା ଓ ଡିଜେଲ ଦର ୧୦୦ ପାଖାପାଖି ହେବା ଚିନ୍ତାର ବିଷୟ। କରୋନାର ଉଭୟ ଲହର ସମୟରେ କିଛି ରାଜନୈତିକ ଫାଇଦା ପାଇଁ ଆମ ଦେଶରେ କରୋନାକୁ ଯେପରି ବଢ଼ିବାକୁ ଦିଆଗଲା ଓ ଲୋକଙ୍କ ଜୀବନକୁ ଗୁରୁତ୍ୱ ନ ଦେଇ ଯେପରି ଅକ୍ସିଜେନ କିଏ କାହାକୁ ଦେବ ଓ କରୋନା ଟିକା ରାଜ୍ୟ କିଣିବ ନା କେନ୍ଦ୍ର କିଣିବ ଏଥିପାଇଁ ଯେପରି ଟଣାଓଟରା ହେଲା ତାହା ଗଣତନ୍ତ୍ରର ପରିପନ୍ଥୀ। କେବଳ ସେତିକି ନୁହେଁ, ସର୍ବୋଚ୍ଚ ନ୍ୟାୟାଳୟର କେତେ ଜଣ ମାନ୍ୟବର ବିଚାରପତି ଯେପରି ଖୋଲା ଖୋଲି ଭାବେ କିଛି ଅସନ୍ତୋଷ ବ୍ୟକ୍ତ କରିବା ପାଇଁ ସାମ୍ବାଦିକ ସମ୍ମିଳନୀ କରିପାରିଲେ ଏ ସମସ୍ତ ଦେଖିବା ପରେ ଆମରି ଶାସନ ଆମ ହାତରେ ଅଛି ବୋଲି ବିଶ୍ୱାସ କରି ହେଉନାହିଁ। ଆଜି ଭଳି ପବିତ୍ର ସ୍ୱାଧୀନତା ଦିବସରେ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଆଉ ଏକ ଆହ୍ୱାନ।

**– ଦିଲ୍ଲୀପ ଦାଶଶର୍ମା,** ମୋ: ୮୯୮୪୦୦୭୬୦୦



ସ୍ୱାଧୀନତା ଦିବସ ଉପଲକ୍ଷେ ପୁରୀରେ ସସ୍ମିତା ପଟ୍ଟନାୟକ ଓ ନନ୍ଦିନୀ ପଟ୍ଟନାୟକଙ୍କ ଦ୍ୱାରା ଆଇସ୍‌କ୍ରିମ୍ କାଠିରେ ପ୍ରସ୍ତୁତ ଲାଲକିଲ୍ଲା କଳାକୃତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ସ୍ୱାଧୀନତାରେ ଅରଟ କଥା



ସ୍ୱାଧୀନତାର ୭୫ ବର୍ଷର ଉପଲବ୍ଧି ଆମେ ପାଳନ କରିବାକୁ ଯାଉଥିବାବେଳେ ଆସନ୍ତୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ତାଙ୍କ ଅତ୍ୟନ୍ତ ପ୍ରିୟ ଅରଟ ସମ୍ପର୍କରେ କିଛି ଆଲୋକପାତ କରିବା। ୧୯୪୮ ଜାନୁଆରୀ ୧୩ ରେ ଜାତିର ପିତା ମହାତ୍ମା ଗାନ୍ଧୀ ଶେଷଥର ପାଇଁ ଅନଶନ କରିଥାନ୍ତି- ଦିଲ୍ଲୀର ବିରଳାଭବନରେ। ସର୍ତ୍ତଥିଲା- ସାଂପ୍ରଦାୟିକ ଦଙ୍ଗାର ଅବସାନ ସହ ପାକିସ୍ତାନ ପାଇଁ ସଂପତ୍ତି ଭରଣା ଲାଗି ୫୫ କୋଟି ଟଙ୍କା ପ୍ରଦାନର ପ୍ରତିଶ୍ରୁତି। ଆଉ ତାଙ୍କର ଏହି ଦାବି ଥିଲା ସ୍ୱାଧୀନ ଭାରତର ନୂଆ ସରକାରଙ୍କ ନିକଟରେ। ଅନଶନରେ ଗାନ୍ଧୀଙ୍କ ଜୀବନ ସଙ୍କଟାପନ୍ନ ହୋଇପଡ଼ିଲା। ଅନ୍ୟପଟେ ତାଙ୍କର ନିଷ୍ପତ୍ତି ବି ଥିଲା ଅଟଳ। ଶେଷରେ ବୁଝାଶୁଝା ପରେ ଅନଶନ ଭାଙ୍ଗି ତାଙ୍କର ପ୍ରିୟ ଛେଳି ଦୁଧ ଓ ଚାରୋଟି କମଳା ଭୋଜନ କଲେ। ଖାଇସାରି ବିଶ୍ରାମ ନେବେ କ'ଣ ପାଖକୁ 'ଅରଟ'ଟିକୁ ଆଣିବାକୁ କହିଲେ। କେହି ଜଣେ ଅରଟଟି ଆଣି ତାଙ୍କ ହାତକୁ ବଢ଼େଇ ଦେବା ପରେ ସେ କ୍ଲାନ୍ତ ଥିଲେ ମଧ ସେଥିରେ ସୂତାକାଟିବା ଆରମ୍ଭ କରିଦେଲେ। ଡାକ୍ତର ଆସି ତାଙ୍କୁ ଏଥିରୁ ବାରଣ କରିଥିଲେ ବି ସେ ତାଙ୍କ କଥା ମାନି ନ ଥିଲେ। ଖାଦ୍ୟ ଗ୍ରହଣ କରିଛନ୍ତି ଯେତେବେଳେ ପରିଶ୍ରମ ହିଁ କରିବାକୁ ପଡ଼ିବ। ଯେଉଁ ଅରଟ ଦେଶକୁ ବିଦେଶୀ ଶୃଙ୍ଖଳରୁ ମୁକ୍ତିଦେଲା ଲୋକଙ୍କୁ ଦେଲା ସ୍ୱାବଲମ୍ବୀ ହେବାର ପନ୍ଥା – ସେଇ ଅରଟକୁ ସେ କ'ଣ ଛାଡ଼ିପାରିବେ? ଓଡ଼ିଶାରେ ପଦଯାତ୍ରାବେଳେ ମହାତ୍ମାଗାନ୍ଧୀ ତାଙ୍କ ସହ ବାଟ ଚାଲୁଥିବା ଲୋକଙ୍କୁ ଅରଟରେ ସୂତା କାଟିବା ପାଇଁ ପ୍ରବର୍ତ୍ତାଉଥିଲେ। ଅରଟ ଲୋକ ବିଶ୍ୱାସରେ ଥିଲା – ଦେଶପ୍ରୀତିର ସଂକେତ, ଯାହାକୁ ନେଇ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଲେଖିଛନ୍ତି- 'ଭାଇ ହେ ଏବେ ଅରଟ କାଟ, ଆଉ କିଛି ଭରସା ନାହିଁ, ଅରଟ ଏକା ମୁକତି ବାଟ।'

ଅରଟରେ କଟା ସୂତାର ଲୁଗାକୁ ଲୋକେ ସ୍ୱାଧୀନତା କାଳରେ ମୁକ୍ତିର ପୋଷାକ ମନେ କରୁଥିଲେ। ଦେଶର ଲକ୍ଷ ଲକ୍ଷ ଲୋକଙ୍କ ଭିତରେ ଅରଟ ବିଞ୍ଚି ଦେଇଥିଲା – ଦେଶପ୍ରେମର ବହ୍ନି ଆଉ ଦେଖାଇ ଦେଇଥିଲା ମୁକ୍ତିର ବାଟ। ଯୁଗପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ସ୍ୱାଧୀନତା ପ୍ରସଙ୍ଗରେ କହିଲେ – ଓ ବାବାଃ, ସ୍ୱାଧୀନତାର ମର୍ମ କେତେ ଲୋକ ବୁଝନ୍ତି? ତାହା ଯିଏ ବୁଝେ ଓ କରେ ସେ ସପରିବେଶ ଜୀବନର ମାଧୁର୍ଯ୍ୟ ଉପଲବ୍ଧି କରିପାରେ। ଶ୍ରୀଶ୍ରୀଠାକୁର ପୁନର୍ବାର ପ୍ରକାଶ କଲେ – ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଆଦର୍ଶକୁ କେନ୍ଦ୍ର କରି ଦେଶର ଜନସାଧାରଣ ଯେତେବେଳେ ପରସ୍ପରର ସତ୍ତା-ସ୍ୱାର୍ଥେ ସ୍ୱାର୍ଥନ୍ୱିତ ହୋଇ ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ ପରସ୍ପରକୁ ପରିପୂରଣ, ସେବା ଓ ସଂରକ୍ଷଣ କରିଚାଲନ୍ତି, ସେତେବେଳେ ହିଁ ଦେଶରେ ଆସେ ପ୍ରକୃତ ସ୍ୱାଧୀନତା।

**– ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର**
ମୋ: ୯୪୩୭୦୫୧୯୫୭




















































# ଭାରତମାତା ମନ୍ଦିର

**ଏଭଳି ଏକ ମନ୍ଦିର ଯେଉଁଠି ପୂଜା ପାଆନ୍ତି ଭାରତମାତା। ଦେଶ ସ୍ୱାଧୀନ ହେବା ଆଗରୁ ଏଠାରେ ଏଭଳି ପରମ୍ପରା ଚାଲିଆସିଛି।**



ବୌଦ୍ଧ ଜିଲାର ଚର୍ଚ୍ଚିତ ବନପାଲି ଗ୍ରାମ। ଏଠାରେ ରହିଛି ଭାରତ ମାତାଙ୍କ ମନ୍ଦିର। ମନ୍ଦିର ଭିତରେ ଥିବା ସିଂହାସନରେ ହାତରେ ତ୍ରିରଙ୍ଗା ଧରି ଭାରତମାତା ପୂଜା ପାଉଛନ୍ତି। ପ୍ରତିବର୍ଷ ସ୍ୱାଧୀନତା ଓ ସାଧାରଣତନ୍ତ୍ର ଦିବସରେ ସ୍ଥାନୀୟ ଲୋକଙ୍କ ଭିତରେ ଜାଗି ଉଠେ ଦେଶପ୍ରେମ ଭାବନା। ସକାଳୁ ସନ୍ଧ୍ୟା ଯାଏ ଗାଁ ସମେତ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ ଲାଗିଥାଏ। ସମସ୍ତଙ୍କଠାରେ ଉତ୍ସାହ ଏଠାରେ ଏକ ଭିନ୍ନ ମାହୋଲ ସୃଷ୍ଟିକରିଥାଏ। ୧୯୪୨ ମସିହାରୁ ଏହି ଗ୍ରାମରେ ପୂଜା ପାଇ ଆସୁଛନ୍ତି ଭାରତମାତା। ଏହି ଗ୍ରାମର ଗୋପୀନାଥ ମେହେର, ଡମଣ ମେହେର ଓ ରଘୁନାଥ ମେହେର ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ସେମାନଙ୍କ ଦ୍ୱାରା ଏଠାରେ ପ୍ରଥମେ ଭାରତମାତାଙ୍କ ମୂର୍ତ୍ତି ସ୍ଥାପନା ହୋଇଥିବା ଅନୁମାନ କରାଯାଏ। ତେବେ ବର୍ତ୍ତମାନ ଏହି ମନ୍ଦିରର ପୂଜକ ବୃଷଭ ମେହେର(୮୦ବର୍ଷ) କୁହନ୍ତି 'ପ୍ରଥମେ ଭାରତମାତାଙ୍କ ମନ୍ଦିର ଗ୍ରାମ ଭିତରେ ଥିଲା। ସମୟକ୍ରମେ ସେଠାରୁ ଦୁଇଟି ସ୍ଥାନକୁ ସ୍ଥାନାନ୍ତର ହେବା ପରେ ୫ ବର୍ଷ ତଳେ ଗାଁ ମୁଣ୍ଡ ପୋଖରୀ ନିକଟରେ ନୂତନ ମନ୍ଦିର ନିର୍ମାଣ କରାଯାଇଛି। ଅନ୍ୟ ଦେବା ଦେବୀ ମନ୍ଦିର ଭଳି ଏହି ମନ୍ଦିରରେ ସବୁ ପର୍ବପର୍ବାଣୀରେ ପୂଜାର୍ଚ୍ଚନା କରାଯାଏ। ପାଖ ପଡୋଶୀ ଗ୍ରାମରୁ ଶ୍ରଦ୍ଧାଳୁମାନେ ହାତରେ ଭୋଗଥାଳି ନେଇ ଦର୍ଶନ ପାଇଁ ଆସିଥାନ୍ତି। ମନ୍ଦିରରେ ପ୍ରତ୍ୟେକ ମଙ୍ଗଳବାର ଦିନ ଗ୍ରାମବାସୀ ସମବେତ ହୋଇ ପୂଜାର୍ଚ୍ଚନା ସହ ସଂକୀର୍ତ୍ତନ କରିଥାନ୍ତି। ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ମନ୍ଦିର ନିକଟରେ ଜାତୀୟ ପତାକା ଉତ୍ତୋଳନ ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଳିତ ହୋଇଥାଏ। ଅନ୍ୟ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଧ୍ୱଜା ଚଢ଼ା ଯିବାର ପରମ୍ପରା ରହିଥିବା ବେଳେ ଏଠାରେ ଭାରତମାତାଙ୍କୁ ତ୍ରିରଙ୍ଗା ଚଢ଼ାଇବାର ପରମ୍ପରା ମଧ୍ୟ ରହିଛି। ବର୍ଷ ତମାମ ଯେ କୌଣସି ଶ୍ରଦ୍ଧାଳୁ ଚାହିଁଲେ ମାତାଙ୍କ ପାଇଁ ନୂତନ ତ୍ରିରଙ୍ଗା ପତାକା ପ୍ରଦାନ କରିଥାନ୍ତି। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଏଠାରେ ଭାରତମାତାଙ୍କ ନିକଟରେ ପ୍ରଥମେ ନବାହ୍ନ ଲାଗି ହେବା ପରେ ଗ୍ରାମବାସୀ ଖାଇଥାନ୍ତି'। ଭାରତମାତାଙ୍କ ମନ୍ଦିର ପାଇଁ ଗ୍ରାମରେ ସର୍ବଦା ଶାନ୍ତ ବାତାବରଣ ରହିଥିବା ବୟସ୍କମାନେ କୁହନ୍ତି। ଏଥିସହିତ ମା'ଙ୍କ ପୂଜାର୍ଚ୍ଚନାରେ ହେଳା ନ କରିବା ଲାଗି ନୂଆପିଢ଼ିକୁ ପରାମର୍ଶ ଦେଇଥାନ୍ତି। ବନପାଲି ଗ୍ରାମବାସୀଙ୍କ ସମସ୍ତ ଦୁଃଖ, ସୁଖ, ପର୍ବପର୍ବାଣୀରେ ମୂକସାକ୍ଷୀ ଭାବେ ଦୀର୍ଘବର୍ଷ ହେଲା ପୂଜା ପାଇଆସୁଛନ୍ତି ଭାରତ ମାତା। ରାଜ୍ୟ ସରକାର ବର୍ତ୍ତମାନ ଅନେକ ମନ୍ଦିରର ବିକାଶ କାର୍ଯ୍ୟ ହାତକୁ ନେଇଥିବା ବେଳେ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ବନପାଲି ଗ୍ରାମବାସୀ ଦାବି କରନ୍ତି। ସତରେ ଏଇ ଗାଁଲୋକଙ୍କର ରାଷ୍ଟ୍ରଭକ୍ତି ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ।

– ଅଜିତ୍ ବାରିକ

# ଏବେବି ଅନେକ ଦୂରରେ

ଆଜି ସାରାଦେଶରେ ମହାମାରୀ କଟକଣା ଭିତରେ ପାଳିତ ହେଉଛି ୭୫ତମ ସ୍ୱାଧୀନତା ଦିବସ। ଏହି ଦିନ ପାଖେଇ ଆସିଲେ ମନଭିତରେ ସ୍ୱତଃପ୍ରବୃତ୍ତ ଭାବେ ବାହାରି ଆସେ ଅନେକ ଅନୁଚିନ୍ତା। ସ୍ୱାଧୀନତାର ପରିଭାଷା ବ୍ୟାପକ ବୋଲି ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତ କରନ୍ତି। କିନ୍ତୁ ସ୍ୱାଧୀନତାର ପ୍ରକୃତ ଉଦ୍ଦେଶ୍ୟ ଆଜି ଯେ ଅପହଞ୍ଚ, ଏକଥାକୁ ଯେ କେହି ଭାରତୀୟ ମୁକ୍ତକଣ୍ଠରେ ସ୍ୱୀକାର କରିବାକୁ ଆଦୌ କୁଣ୍ଠାବୋଧ ପ୍ରକାଶ କରିବେ ନାହିଁ। ଦେଶ ସ୍ୱାଧୀନ ହେବାର ମୂଳ ଲକ୍ଷ୍ୟ, ଯାହା ଗାନ୍ଧୀଙ୍କ ଦର୍ଶନ ତତ୍ତ୍ୱରେ ଲିପିବଦ୍ଧ ହୋଇଥିବା 'ସ୍ୱଦେଶୀ ଓ ସ୍ୱାବଲମ୍ବୀ' ଭଳି ମହାନ୍ ଜୀବନ ତତ୍ତ୍ୱକୁ ବୁଝିବାର ଆନ୍ତରିକତାକୁ ନେଇ ଆଜି ବି ଅନେକ ପ୍ରଶ୍ନବାଚୀ। ସେଦିନ ବି ଗାନ୍ଧୀ ସେଇ କଥା କହିଥିଲେ, ଆମେ ପରାଧୀନରୁ ସ୍ୱାଧୀନ ହେଲୁ, ଆମେ ଇଂରେଜମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷା ପାଇଲୁ ସତ, କିନ୍ତୁ ଆମକୁ ଅନେକ ବାଟ ଯିବାର ଅଛି। ଯେତେବେଳେ ସବୁ ଭାରତୀୟ ଭଲକରି ଦୁଇବେଳା ଦୁଇମୁଠା ଖାଇବାକୁ କାହା ଉପରେ ନିର୍ଭରଶୀଳ ହେବେ ନାହିଁ ଓ ସ୍ୱାଚ୍ଛନ୍ଦ୍ୟରେ ଜୀବନଯାପନ କରିପାରିବେ, ସେତେବେଳେ ଯାଇ ଆମେ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତ ହୋଇପାରିବା। ଏହି ବକ୍ତବ୍ୟରେ ଉଙ୍କି ମାରୁଥିଲା ସ୍ୱଦେଶୀ ଓ ସ୍ୱାବଲମ୍ବୀ ଭଳି ସର୍ବଜନାଦୃତ ଏବଂ ହୃଦୟସ୍ପର୍ଶୀ ବାଣୀ, ଯାହାକୁ ସିଦ୍ଧିଲାଭ କରିବା ପାଇଁ ଗଣତନ୍ତ୍ରକୁ ମୁଖ୍ୟ ଆୟୁଧ ରୂପେ ବାଛି ନେଇଥିଲେ। ଦେଶର ଶାସନ ଡୋରି ସାଧାରଣ ଜନତାଙ୍କ ହାତରେ ନ୍ୟସ୍ତ କରିଥିଲେ। ସେଇ ସ୍ୱପ୍ନକୁ ସାକାର କରିବା ପାଇଁ ସେ ଆମକୁ ଉତ୍ତରଦାୟିତ୍ୱ ଦେଇ ତାଙ୍କର ଇହଲୀଳା ସମ୍ବରଣ କଲେ। ଏଥି ମଧ୍ୟରେ ସମୟର ଢେର ପରିବର୍ତ୍ତନ ହୋଇଛି। ଶାସନକୁ ବ୍ୟବସ୍ଥିତ ଢଙ୍ଗରେ ଲୋକଙ୍କ ପାଖରେ ପହଞ୍ଚାଇବା, ଯାହା ଗଣତନ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବର୍ତ୍ତମାନ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସେଭଳି କିଛି ଆଖିଦୃଶିଆ ପରିବର୍ତ୍ତନ ଆସି ନ ଥିବାବେଳେ ଲୋକପ୍ରତିନିଧି ଚୟନ ବ୍ୟବସ୍ଥାରେ ଜାତି, ପରିବାର, ଆଞ୍ଚଳିକ ଓ ସଂରକ୍ଷଣ ଭଳି ନୂଆ ବ୍ୟବସ୍ଥା ଯୋଡ଼ି ହୋଇଯାଇଛି, ଯାହା ଗଣତନ୍ତ୍ରର ସଫଳ ରୂପାୟନରେ ପ୍ରତିବନ୍ଧକ ସାଜୁଛି। ଫଳରେ ଶାସନକଳଟି ଅପରିବର୍ତ୍ତିତ ହୋଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ ରାଜନୈତିକ ଦଳ ପାଖେ ବନ୍ଧା ପଡୁଛି। ଏ କଥା ସତ ଯେ, ଗଣତନ୍ତ୍ରର ମହାନ୍ ମନ୍ଦିରକୁ ନିର୍ବାଚିତ ହେଉଥିବା ଲୋକପ୍ରତିନିଧି 'ସେବା' ବଦଳରେ 'ନେବା'କୁ ଆୟୁଧ କରି ଶାସନତନ୍ତ୍ରକୁ ଅକାମୀ କରିଦେଉଛନ୍ତି। ଏହି ବିଶାଳ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ଲୋକଙ୍କୁ ବିଭିନ୍ନ ବାଟରେ ପ୍ରଲୋଭିତ କରି କ୍ଷମତା ହାସଲ କରିବାକୁ ଶ୍ରେୟ ମଣୁଛନ୍ତି। ଫଳରେ ଶାସନକଳଟି ବିତ୍ତଶାଳୀ, ବ୍ୟବସାୟୀ, ବାହୁବଳୀଙ୍କ ପାଖରେ ବନ୍ଧା ପଡୁଛି। ସାଧାରଣ ଜନତା ରାଜନେତାଙ୍କ ଦ୍ୱାରା ପ୍ରଲୋଭିତ ହେବା ସହ ଅଳ୍ପ ସମୟରେ ଖୁସି ହୋଇ କ୍ଷମତାକୁ ଅଧିକ ସମୟ ପର୍ଯ୍ୟନ୍ତ ଅନାୟାସରେ ଅନ୍ୟ ହାତକୁ ଟେକି ଦେଉଛନ୍ତି। ଦେଶ ସ୍ୱାଧୀନତା ପାଇବାର ଦୀର୍ଘ ବର୍ଷ ପରେ ମଧ୍ୟ ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ଦେଶବାସୀ। ଏବେ ବି ଅନେକ ଗାଁ ରାସ୍ତା, ପିଇବା ପାଣି, ବିଜୁଳି, ଡାକ୍ତରଖାନା, ସ୍କୁଲ ଓ କଲେଜ ଭଳି ମୌଳିକ ଆବଶ୍ୟକତାଠାରୁ ବହୁତ ପଛରେ ଅଛନ୍ତି। ଅନ୍ୟପକ୍ଷରେ ଅର୍ଥନୈତିକ ବିଷମତାରେ ଅନ୍ୟୂନ ୬୦ ପ୍ରତିଶତ ଲୋକ ଦୋକେମୋକେ ଖାଇ ଜୀବନ ବିତାଉଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ସରକାର ଜନକଲ୍ୟାଣ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗାଉଥିବା ମାଗଣା ଚାଉଳ ବଣ୍ଟନ ଏବେ ବୁମେରାଂ ସାବ୍ୟସ୍ତ ହୋଇଛି, ଯାହା ଲୋକଙ୍କ ଶାରୀରିକ କ୍ଷମତାକୁ ସ୍ଥାଣୁ କରିସାରିଲେଣି। ଗାଁ ଗହଳରେ ଯୁବକମାନେ କାମଧନ୍ଦା କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଦିନକୁ ଦିନ ଶିକ୍ଷିତ ବେକାର ଯୁବକ ଓ ଯୁବତୀଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ିବାରେ ଲାଗିଛି। ସ୍ୱାବଲମ୍ବୀ ହେବା ଲାଗି ଉପଯୁକ୍ତ ତାଲିମ ଓ ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତାକୁ ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ। ବାଟି ବାଟି ଚାଷ ଜମି ଏବେ ଗାଁ ଗହଳରେ ପଡିଆ ପଡୁଛି। ଜମିର ମାଲିକ ଏବେ ଭାଗଚାଷୀଙ୍କ ଉପରେ ନିର୍ଭରଶୀଳ। ଦେଶର ଖାଦ୍ୟ ଚାହିଦା ଏବେ ବି ସମ୍ପୂର୍ଣ୍ଣ ମେଣ୍ଟିପାରୁନି, ଯାହା ଦେଶର ଦ୍ରୁତ ଅର୍ଥନୈତିକ ପ୍ରଗତିରେ ପ୍ରତିବନ୍ଧକ ସାବ୍ୟସ୍ତ ହେଉଛି।

ନିରାଟ ସତକଥାଟି ହେଉଛି, ଆମେ ଦାରିଦ୍ର୍ୟ ଭିତରେ ଥାଇ ଅର୍ଥନୈତିକ ପ୍ରଗତି ହାସଲ କରିବା ସହ ପ୍ରଗତିଶୀଳ ରାଷ୍ଟ୍ରର ମାନ୍ୟତା ପାଇଛୁ। କାହିଁକି ନା ଦେଶର ଅର୍ଦ୍ଧାଧିକ ବ୍ୟବସ୍ଥା ଓ ସମ୍ପତ୍ତିର ମାଲିକାନା ୨୦ ପ୍ରତିଶତ ଧନିକ ଓ ମୁଷ୍ଟିମେୟ ଲୋକଙ୍କ କବ୍‌ଜାରେ ଥିବା କଳକାରଖାନାରୁ ଉତ୍ପାଦିତ ଦ୍ରବ୍ୟରୁ ମିଳୁଥିବା ଆୟ ଓ ଅନ୍ୟାନ୍ୟ ଟିକସରୁ ଭରଣା ହେଉଛି। ଏହାକୁ କ'ଣ ପ୍ରଗତି କୁହାଯିବ ? ଏଥିପାଇଁ ଦରକାର ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଯୁଗୋପଯୋଗୀ ସଂସ୍କାର ଓ ଉଭୟ ରାଜନୈତିକ ଦଳ ସହିତ ରାଜନେତାମାନଙ୍କ ସାଧୁତାପଣ। ଉଭୟ ସ୍ୱାବଲମ୍ବୀ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ ଦୃଢ଼ନିଶ୍ଚିତ ହେବା ଯେ, ଯେଉଁଦିନ ସମସ୍ତ ଭାରତୀୟ ନିଜର ଶକ୍ତି ଓ ସାମର୍ଥ୍ୟକୁ ନିଜେ ଉପଯୋଗ କରିପାରିବେ ସେହିଦିନ ଆମେ ପୂର୍ଣ୍ଣ ସ୍ୱାଧୀନତା ପାଇପାରିବା। ଆସନ୍ତୁ ସମସ୍ତେ ମିଶି ସୁନ୍ଦର ଓ ସୁସ୍ଥ ଜୀବନ ଅତିବାହିତ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା।

– ଡା. ଅଜୟ କୁମାର ନନ୍ଦ






























## କରୋନାକୁ ହରାଇ ଫେରିଲେ ଜୟପୁର ବିଧାୟକ

ଜୟପୁର, (ନି.ପ୍ର.)- ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପରେ ସେ ହାଇଦ୍ରାବାଦ ସ୍ଥାନାନ୍ତର ହୋଇଥିଲେ। ସେଠାରେ ଚିକିତ୍ସିତ ହୋଇ ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଜୟପୁରକୁ ଫେରିଛନ୍ତି । ତାଙ୍କୁ ଦଳୀୟ କର୍ମକର୍ତ୍ତା, କର୍ମୀ ସମ୍ବର୍ଦ୍ଧିତ କରିଛନ୍ତି। ହାଲୋ ଜୟପୁରଠାରୁ ତାଙ୍କୁ ବାଇକ୍ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ମା' ଭଗବତୀଙ୍କ ଆଶୀର୍ବାଦ ଓ ଲୋକଙ୍କ ଭଲ ପାଇବା ତାଙ୍କୁ ପୁନର୍ଜୀବନ ଦେଇଛି।

# ନାବାଳିକା ଅନ୍ତଃସତ୍ତ୍ୱା, ବାଳସ୍ୱଧାର ଗୃହରେ ନାବାଳକ

ପାଲଲହଡ଼ା, ୧୪।୮(ଡି.ଏନ୍.ଏ.) ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀ ଅନ୍ତଃସତ୍ତ୍ୱା ହୋଇଛନ୍ତି। ଜଣେ ନାବାଳକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ସେ ଗର୍ଭବତୀ ହୋଇଥିବା ଜଣାପଡ଼ିଛି। ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଅଟକ ରଖି ପଚରାଉଚୁରା କରିବା ପରେ ବାଳ ସ୍ୱଧାର ଗୃହକୁ ପଠାଇ ଦେଇଛି।

ପୋଲିସ ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ହାଇସ୍କୁଲ ଛାତ୍ରୀନିବାସରେ ରହି ପଢୁଥିଲେ। ହଠାତ୍ ତାଙ୍କର ଶାରୀରିକ ଗଠନରେ ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ୍ୟ କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ। ସନ୍ଦେହ ବଢ଼ିବାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ତାଙ୍କୁ ପଚରାଉଚୁରା ପରେ ପ୍ରକୃତ ସତ୍ୟ ପଦାକୁ ଆସିଥିଲା। କରୋନା କଟକଣା ବେଳେ ବିଦ୍ୟାଳୟ ବନ୍ଦ ଥିବା ସୁଯୋଗରେ କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳକଙ୍କ ସହିତ ତାଙ୍କର ସମ୍ପର୍କ ହୋଇଥିଲା। ନାବାଳକ ଜଣକ ତାଙ୍କ ସହିତ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଛାତ୍ରୀଜଣକ ଗର୍ଭବତୀ ହୋଇଥିବା ଜଣାପଡ଼ିଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଭିଯୋଗକ୍ରମେ ଶୁକ୍ରବାର ପାଲଲହଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ସମ୍ପୃକ୍ତ ୧୭ ବର୍ଷୀୟ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ହୋମ୍‌କୁ ପଠାଇ ଦେଇଛି। ଏ ନେଇ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଛି।

# ଜଙ୍ଗଲ ସୁରକ୍ଷା: ଅସ୍ତ୍ର ଧରିଲେ ଆଦିବାସୀ

ମାଲକାନଗିରି,୧୪।୮(ଡି.ଏନ୍.ଏ.) ଜଙ୍ଗଲ ଆମର ମା'। ବର୍ଷବର୍ଷ ଧରି ଆମେ ବନାଞ୍ଚଳରେ ବସବାସ କରୁଛୁ। ଏହା ଆମର ଜୀବନ ଜୀବିକାର ଉତ୍ସ। ଜଙ୍ଗଲ ଫଳମୂଳ ଓ ପୋଡୁଚାଷ ଆମକୁ ବଞ୍ଚାଇ ରଖିଛି। ଏହାର ସୁରକ୍ଷା ଆମ ଦାୟିତ୍ୱ। କୌଣସି ପରିସ୍ଥିତିରେ ମଧ୍ୟ ଜଙ୍ଗଲ ନଷ୍ଟ ହେବାକୁ ଆମେ ଦେବୁନାହିଁ ବୋଲି ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶପଥ ନେଇଛନ୍ତି ଆଦିବାସୀ। ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ମାଟାପାକା ପଞ୍ଚାୟତ କଟାମାଟେରୁ ଗ୍ରାମର ନବଗଠିତ ବନ ସଂରକ୍ଷଣ ସମିତି ସଦସ୍ୟମାନେ ଶନିବାର ଏପରି ଶପଥ ନେଇଛନ୍ତି।

ସମୟକ୍ରମେ ବିକାଶ ନାମରେ ଜଙ୍ଗଲ ନଷ୍ଟ କରାଯାଉଛି। ବୃକ୍ଷରୋପଣ ହେଉଥିଲେ ମଧ୍ୟ ତାହା ପ୍ରାକୃତିକ ଜଙ୍ଗଲ ସୃଷ୍ଟି କରିବାରେ ସହାୟକ ହୋଇପାରୁନାହିଁ। ଜଙ୍ଗଲ ସୁରକ୍ଷା ଏବଂ ବୃକ୍ଷରୋପଣ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିଲେ ମଧ୍ୟ ସଚେତନତା ଅଭାବରୁ ତାହା ଫଳପ୍ରଦ ହୋଇପାରୁନାହିଁ। ରାଜ୍ୟରେ ଜଙ୍ଗଲ ସୁରକ୍ଷା ଲାଗି ସରକାର ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କୁ ନିକଟସ୍ଥ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ଦେଇଛନ୍ତି। ଏଥିପାଇଁ ବନ ବିଭାଗ ବନ ସଂରକ୍ଷଣ ସମିତି ଗଠନ କରି ଏହାର ସଦସ୍ୟଙ୍କୁ ଏହି ଦାୟିତ୍ୱ ଦେଇଛି। ନିକଟରେ ମାଟାପାକା ପଞ୍ଚାୟତ କଟାମାଟେରୁ ଗ୍ରାମରେ ନୂତନ ବନ ସଂରକ୍ଷଣ ସମିତି ଗଠନ କରାଯାଇ ଏହାର ସଦସ୍ୟଙ୍କୁ ଜଙ୍ଗଲ ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଶନିବାର କଟାମାଟେରୁ ଗ୍ରାମରେ ବନପାଳ ତଥା ବନ ସଂରକ୍ଷଣ ସମିତି ସମ୍ପାଦକ ଦିବାକର ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ବୈଠକରେ ୨ଶହରୁ ଉର୍ଦ୍ଧ୍ୱ କୋୟା ସମ୍ପ୍ରଦାୟର ଆଦିବାସୀ ଧନୁତୀର, ଟାଙ୍ଗିଆ ଧରି ଜଙ୍ଗଲ ପରିକ୍ରମା କରି ବୈଠକ ସ୍ଥଳରେ ପହଞ୍ଚି ଜଙ୍ଗଲ ସୁରକ୍ଷା ନେଇ ଶପଥ ନେଇଥିଲେ। ଏହି ଅବସରରେ ବନ ସଂରକ୍ଷଣ ସଭାପତି ସନୁ କବାସୀ କହିଛନ୍ତି ଯେ, ତାଙ୍କ ପୂର୍ବପୁରୁଷଙ୍କ ସମୟରୁ ଏପର୍ଯ୍ୟନ୍ତ ସେମାନେ କଟାମାଟେରୁ ଜଙ୍ଗଲ ଉପରେ ନିର୍ଭର କରି ଆସୁଛନ୍ତି। ଜଙ୍ଗଲରୁ କେନ୍ଦୁପତ୍ର, ମହୁଲ, ଟୋଲା, ସିଆଳି ପତ୍ର, ଜାଳେଣି କାଠ, ଘର ତିଆରି ଉପକରଣ, ଚେରମୂଳୀ ଔଷଧ, ବିଭିନ୍ନ ଫଳ, ଫୁଲ, ଫୁଲଝାଡୁ, ମହୁ ଆଦି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଛୁ। ଜଙ୍ଗଲରେ ସୁସ୍ଥ ପରିବେଶରେ ରହି ପ୍ରଚୁର ଅମ୍ଳଜାନ ପାଉଛୁ। ଜଙ୍ଗଲ ହେଉଛି ଆମର ମା'। ତା'ର ସୁରକ୍ଷା ସହ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନାୟକ ମାଡକାମି, କୋସା ସୋଡି, ଜବଗାନ୍ଧୁ କବାସୀ, ଦେବା ସୋଡି, ଉରା କୁରାମି, ପଦିଆ ବେକ, ଲକ୍ଷ୍ମୀ ସୋଡି, ସିଙ୍ଗା ସୋଡି, ଆନନ୍ଦ ମାଡକାମି, କୁନା ମାଡକାମିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ୪ ବୋମା ଜବତ , ଜଣେ ଗିରଫ

ପୁରୀ ଅଫିସ,୧୪।୮- ଏକ ବୋମାମାଡ଼ ଘଟଣାରେ ପୁରୀ ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଶନିବାର ଗିରଫ କରିଛି। ସେ ହେଲେ ହରଚଣ୍ଡି ସାହିର ସଦାଶିବ ମାନସିଂହ। ତାଙ୍କ ନିକଟରୁ ୪ଟି ବୋମା ଜବତ ସହ ନଂ.୨୩୪/୨୧ରେ ଏକ ମାମଲା ରୁଜୁ ହୋଇଛି। ଗତ ୧୩ ତାରିଖ ରାତିରେ ଟାଉନ ଥାନା ଚକ୍ରକୋଟ ଲେନର ବୈଦ୍ୟନାଥ ମହାସୁଆରଙ୍କ ଘର ଉପରେ ଅଭିଯୁକ୍ତ ସଦାଶିବ ଓ ତାଙ୍କର କିଛି ସାଥୀ ବୋମାମାଡ଼ କରିଥିଲେ।


୭୫ତମ ସ୍ୱାଧୀନତା ଦିବସ ଅବସରରେ ବରୀ ଅଞ୍ଚଳର ଜନସାଧାରଣ ଓ ଗୁରୁଜନମାନଙ୍କୁ ଅଭିନନ୍ଦନ ।
ଜ୍ୟୋତ୍ସ୍ନାରାଣୀ ନାଥଶର୍ମା
ମହିଳା ସଭାପତି, ବିଜୁ ଜନତା ଦଳ, ବରୀ

୭୫ତମ ସ୍ୱାଧୀନତା ଦିବସ ଅବସରରେ ସମସ୍ତ ଗୁରୁଜନମାନଙ୍କୁ ମୋର ନମସ୍କାର ।
ବନ୍ଦେ ମାତରମ୍
ଜୟଜିତ୍

୭୫ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ରମ୍ଭା ଗ୍ରାମପଞ୍ଚାୟତର ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ବିଜୟ କୁମାର ସାହାଣୀ
ସରପଞ୍ଚ, ରମ୍ଭା ଗ୍ରାମପଞ୍ଚାୟତ

୭୫ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବରୀ ଅଞ୍ଚଳର ସମସ୍ତ ଜନସାଧାରଣମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ମାନଗୋବିନ୍ଦ ସାମଲ
ଯୁବ ସମାଜସେବୀ, ବରୀ

୭୫ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ କଳାମାଟିଆ ଗ୍ରାମପଞ୍ଚାୟତର ଜନସାଧାରଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା।
ସମୀର କୁମାର ମଲ୍ଲିକ
ସରପଞ୍ଚ, କଳାମାଟିଆ ଗ୍ରାମପଞ୍ଚାୟତ

୭୫ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବରୀ ଅଞ୍ଚଳର ଜନସାଧାରଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା।
ଗିରୀଶ ସାମଲ
ଯୁବନେତା, ବିଜୁ ଜନତା ଦଳ, ବରୀ

ପରାଛାଟ ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା।
ଅଚ୍ୟୁତାନନ୍ଦ ସାହୁ
ସରପଞ୍ଚ, ପରାଛାଟ

ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ୭୫ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଭୁବନେଶ୍ୱରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।
ମାନସୀ ଶତପଥୀ
ମ୍ୟାନେଜିଂ ଟ୍ରଷ୍ଟି, ଅଭିକ୍ଷା ଟ୍ରଷ୍ଟ

୭୫ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସାହୁପଡା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା।
ସରୋଜିନୀ ପଣ୍ଡା
ସରପଞ୍ଚ, ସାହୁପଡା ଗ୍ରାମପଞ୍ଚାୟତ

୭୫ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଅଲିପୁର ଗ୍ରାମପଞ୍ଚାୟତର ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଶୁଭଶ୍ରୀ ନାଥଶର୍ମା
ପ୍ରାକ୍ତନ ସରପଞ୍ଚ, ଅଲିପୁର ଗ୍ରାମପଞ୍ଚାୟତ

୭୫ତମ ସ୍ୱାଧୀନତା ଦିବସ ଅବସରରେ ରତ୍ନଗିରି ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।
ଅଶୋକ କୁମାର ଜେନା
ସରପଞ୍ଚ, ରତ୍ନଗିରି ଗ୍ରାମପଞ୍ଚାୟତ

୭୫ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଅନ୍ୟାସୀପୁର ପଞ୍ଚାୟତର ସମସ୍ତ ଜନସାଧାରଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା।
ବନୋଜା ମଲ୍ଲିକ
ସମିତି ସଭ୍ୟା, ଅନ୍ୟାସୀପୁର ଗ୍ରାମପଞ୍ଚାୟତ

୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବରୀ ପଞ୍ଚାୟତର ସମସ୍ତ ମଉସା, ମାଉସୀ, ଭାଇଭଉଣୀ ଓ ଗୁରୁଜନମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ରମାକାନ୍ତ ମଲ୍ଲିକ
ସରପଞ୍ଚ
ବରୀ ଗ୍ରାମପଞ୍ଚାୟତ

୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଗୁରୁଜନ ଓ ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ସୁଧୀର କୁମାର ପାଢୀ
ଯୁବସଭାପତି, ବିଜୁ ଜନତା ଦଳ, ଗଞ୍ଜାମ ଏନ୍ଏସି
ରାକେଶ ରଞ୍ଜନ ଦାଶ
ଛାତ୍ର ସଭାପତି, ବିଜୁ ଜନତା ଦଳ, ଗଞ୍ଜାମ ଏନ୍ଏସି

ସ୍ୱାଧୀନତା ଦିବସ ପାଳନ ଅବସରରେ ଗମ୍ଭୁ ପଞ୍ଚାୟତର ସମସ୍ତ ମଉସା, ମାଉସୀ, ଭାଇଭଉଣୀ ଓ ଗୁରୁଜନମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ଝୁନାରାଣୀ ସେଠୀ
ସରପଞ୍ଚ, ଗମ୍ଭୁ ଗ୍ରାମପଞ୍ଚାୟତ

ଆଲୋରି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା।
ଯୋଗେଶ୍ୱର ଶୁଣ୍ଢି
ସରପଞ୍ଚ, ଆଲୋରି

୭୫ତମ ସ୍ୱାଧୀନତା ଦିବସ ଅବସରରେ ବରୀ ଅଞ୍ଚଳର ସମସ୍ତ ଜନସାଧାରଣ ଓ ଗୁରୁଜନମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ରଞ୍ଜନ କୁମାର ପଣ୍ଡା
ସଭାପତି, ବିଜୁ ଜନତା ଦଳ, ବରୀ

ଶଙ୍ଖମୁର ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା।
ସ୍ୱର୍ଣ୍ଣଲତା ସାହୁ
ସରପଞ୍ଚ, ଶଙ୍ଖମୁର

୭୫ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବୋଦୁଅ ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଅର୍ଚ୍ଚନା ମଲ୍ଲିକ
ସରପଞ୍ଚ, ବୋଦୁଅ ଗ୍ରାମପଞ୍ଚାୟତ

୭୫ତମ ସ୍ୱାଧୀନତା ଦିବସ ଅବସରରେ ମହାକାଳପଡା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ପତିତପାବନ ଆରର୍କ୍ୟ
ସରପଞ୍ଚ, ମହାକାଳପଡା ଗ୍ରାମପଞ୍ଚାୟତ

ସ୍ୱାଧୀନତା ଦିବସ ପାଳନ ଅବସରରେ ବାଲିବିଲ ପଞ୍ଚାୟତର ସମସ୍ତ ମଉସା, ମାଉସୀ, ଭାଇଭଉଣୀ ଓ ଗୁରୁଜନମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ସୌମ୍ୟ ରଞ୍ଜନ ସାମଲ, ସଭାପତି
ଯୁବ ବିଜୁ ଜନତା ଦଳ, ବାଲିବିଲ ଗ୍ରା.ପ.

୭୫ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଧାରପୁର ଗ୍ରାମପଞ୍ଚାୟତର ଜନସାଧାରଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା।
ଟି ରୋଜାଲିନ ଶ୍ୟାନ୍ତି
ସରପଞ୍ଚ, ଧାରପୁର ଗ୍ରାମପଞ୍ଚାୟତ

ସ୍ୱାଧୀନତା ଦିବସ ପାଳନ ଅବସରରେ ଅଳିପୁର ପଞ୍ଚାୟତର ସମସ୍ତ ମଉସା, ମାଉସୀ, ଭାଇଭଉଣୀ ଓ ଗୁରୁଜନମାନଙ୍କୁ ଅନେକ ଅନେକ ଶୁଭେଚ୍ଛା।
ବୀରେନ୍ଦ୍ର ମିଶ୍ର, ସରପଞ୍ଚ
ଅଳିପୁର ଗ୍ରାମପଞ୍ଚାୟତ

୭୫ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରସନ୍ନ କୁମାର ସାହୁ (ପର୍ଶୁ)
ଯୁବନେତା

ରକ୍ତ ତୀର୍ଥ କଳାମାଟିଆ
୭୫ତମ ସ୍ୱାଧୀନତା ଦିବସ ଅବସରରେ ରକ୍ତତୀର୍ଥ କଳାମାଟିଆରୁ ବରୀବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ସୁକଦେବ ପରିଡା
ଆବାହକ, ସହିଦ ଚାରିଟେବୁଲ୍ ଟ୍ରଷ୍ଟ, କଳାମାଟିଆ, ବରୀ

୭୫ ତମ ସ୍ୱାଧୀନତା ଦିବସ ଅବସରରେ ସମସ୍ତ ବ୍ରହ୍ମପୁରବାସୀ ଓ ଗଞ୍ଜାମବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
କାହ୍ନୁଚରଣ ପତି
ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ଗଞ୍ଜାମ ଜିଲା ଭାଜପା ପୂର୍ବତନ ସଭାପତି

୭୫ତମ ସ୍ୱାଧୀନତା ଦିବସ ଅବସରରେ ମନ୍ଦାରୀ ପଞ୍ଚାୟତର ଜନସାଧାରଣଙ୍କୁ ଶୁଭ ଅଭିନନ୍ଦନ ।
କବିତା ପଣ୍ଡା, ସରପଞ୍ଚ
ମନ୍ଦାରୀ ଗ୍ରାମପଞ୍ଚାୟତ

୭୫ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ କିନ୍ତିରିଆପାଳ ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରତିମା ସାହୁ, ସରପଞ୍ଚ
କିନ୍ତିରିଆପାଳ, ଗ୍ରାମପଞ୍ଚାୟତ

ସଂଗ୍ରାମୀମାନଙ୍କ ଆଦର୍ଶରେ ବରୀର ଛାତ୍ର ସମାଜ ଅନୁପ୍ରାଣିତ ହେଉ, ପବିତ୍ର ସ୍ୱାଧୀନତା ଦିବସରେ ଏହା ହିଁ କାମନା ।
ସଦିଚ୍ଛା ସାମଲ, ସଭାପତି
ଛାତ୍ର ବିଜୁ ଜନତା ଦଳ, ବରୀ

**ଶିକ୍ଷକଙ୍କ ଅସ୍ୱାଭାବିକ ମୃତ୍ୟୁ**

ରଘୁନାଥପୁର,(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ବିରାଟକଟକସ୍ଥିତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶେଖ ସାମସଦ ଅଲ୍ଲୀଙ୍କ ଶୁକ୍ରବାର ରାତିରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସବୁଦିନ ପରି ସେ ବିଦ୍ୟାଳୟରୁ କାର୍ଯ୍ୟ ସାରି ବିରିଡି ଥାନା ଅନ୍ତର୍ଗତ ଅଡଙ୍ଗ ବାରାହାପୁରସ୍ଥିତ ବାସଭବନକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜଗତସିଂହପୁର ମେଡିକାଲ ନେଇଥିଲେ। ସେଠାରେ ଅଲ୍ଲୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସାହିତ୍ୟ ସମାଜର ପଥପ୍ରଦର୍ଶକ

ବିରିଡି, ୧୪।୮(ଡି.ଏନ.ଏ.)

ସାହିତ୍ୟ ହେଉଛି ସମାଜର ପଥପ୍ରଦର୍ଶକ। ବିଶୃଙ୍ଖଳିତ ମାନବ ସମାଜକୁ ସାହିତ୍ୟ ହିଁ ବାଟ ଦେଖାଇଥାଏ ବୋଲି ଶନିବାର ଅଲାଣ୍ଡୋ ବିଣାପାଣି ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜି ସାହିତ୍ୟ ଆସରରେ ବକ୍ତା ମତବ୍ୟକ୍ତ କରିଛନ୍ତି। ବିରିଡି ବ୍ଲକ ବାଲିଆସ୍ଥିତ ଝୁଲାଗୋପିନାଥ ଠାକୁରଙ୍କ ଜାଗା ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ନିକୁଞ୍ଜ ବିହାରୀ ଭଞ୍ଜ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରଣବ କିଶୋର ପରିଜା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହାଡିବନ୍ଧୁ ସାହୁ ଓ ମୃଦଙ୍ଗ ବାଦକ ସୁଧାକର ସ୍ୱାଇଁଙ୍କ ବିୟୋଗରେ ପ୍ରଥମେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଅନୁଷ୍ଠାନ ସମ୍ପାଦକ କବି ବନମାଳି ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବିତା ପାଠୋତ୍ସବକୁ କବୟିତ୍ରୀ ପ୍ରିୟତମା ସାହୁ ଓ ମନୋରମା ଶତପଥୀ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଭାପତି ତ୍ରିଲୋଚନ ରାଉତ ଉପସ୍ଥିତ ଥିଲେ। ଉପସ୍ଥିତ କବି ଓ କବୟିତ୍ରୀ ମାନେ ନିଜସ୍ୱ କବିତା ପାଠ କରିଥିଲେ। ଶେଷରେ ବଂଶୀଧର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ବିଧାୟକ


ବିଧାୟକ କର୍ମୀମାନଙ୍କ ସହ ଆଲୋଚନା କରୁଛନ୍ତି।

କାଳିଆପାଣି,୧୪।୮(ଡି.ଏନ.ଏ.)

ନିକଟରେ ଖଣି ଅଞ୍ଚଳର କାଙ୍କଡ଼ପାଳ ଓ କୁହିକା ପଞ୍ଚାୟତର ୧୩୨ ଜଣ ମହାମେଣ୍ଟ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ। ଶନିବାର ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ସେମାନଙ୍କୁ ଦଳର ଗୁରୁମନ୍ତ୍ର ଦେଇଛନ୍ତି। କାଳିଆପାଣିସ୍ଥିତ ଖଣିନିଗମ ପାର୍କଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ବିଧାୟକ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁକିନ୍ଦାର ମହାବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଅହ୍ୱାନ ଦେଇଥିଲେ। ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଗବତୀ ମହାନ୍ତ, ନାରୀନେତ୍ରୀ ଜେମା ଚାଖୀ, ଯୁବନେତା ପ୍ରଭାତ ପ୍ରଧାନ, ସୁଜିତ ରାଉତ, ଶାନ୍ତନୁ ସାମଲ, ପ୍ରଦୀପ ପାତ୍ର, ସଞ୍ଜୟ ପରିଡ଼ା, ପ୍ରଦୀପ ପାତ୍ର ଓ ଜାନକୀ ମହାନ୍ତ ପ୍ରମୁଖ ଯୋଗଦେଇ ଦଳକୁ ମଜଭୁତ କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

## ସମୁଦ୍ରରେ ଯୁବକ ନିଖୋଜ

ପାରାଦୀପ, ୧୪।୮(ସ୍ୱ.ପ୍ର.)

ପାରାଦୀପ ଜଟାଧାରମୁହାଣ ସାମୁଦ୍ରିକ ଥାନା ହନୁମାନ ମନ୍ଦିର ନିକଟ ସମୁଦ୍ରରେ ଶନିବାର ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ନୂଆବଜାର ତେଲୁଗୁପଡାର ଏମ୍.ମହେଶ (୧୯)। ସେ ୨ ଜଣ ସାଙ୍ଗଙ୍କ ସହ ଖରାବେଳେ ସମୁଦ୍ରକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ମହେଶ ସମୁଦ୍ରରେ ବୁଡିଯାଇ ନିଖୋଜ ହୋଇଯାଇଥିଲେ। ୨ ସାଙ୍ଗ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ସମୁଦ୍ରକୂଳରେ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ମହେଶଙ୍କ କୌଣସି ପତ୍ତା ମିଳି ନଥିଲା। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

# ସହାୟତା ପାଇଁ ସ୍ୱେଚ୍ଛାସେବୀ, ଶିକ୍ଷାନୁଷ୍ଠାନ ଆଗ୍ରହୀ

ରସୁଲପୁର,୧୪।୮(ଡି.ଏନ.ଏ.)

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ମାଣତୀର ଗ୍ରାମର ଅଭାବୀ ଛାତ୍ର ବିଶ୍ୱରଞ୍ଜନ ସାହୁଙ୍କୁ ଉଚ୍ଚ ଶିକ୍ଷା ଗ୍ରହଣ ଦିଗରେ ସହାୟତା କରିବାକୁ ସହୃଦୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଓ ଶିକ୍ଷାନୁଷ୍ଠାନ ଆଗ୍ରହ ପ୍ରକାଶ କରିଛନ୍ତି। ପାରିବାରିକ ଆର୍ଥିକ ଦୁରବସ୍ଥା ଯୋଗୁ ଏହି ମେଧାବୀ ଛାତ୍ର ଅଧାରୁ ପାଠ ଛାଡ଼ିବା ସ୍ଥିତି ଉପୁଜିଥିଲା। ଘର ଚଳାଇବା ପାଇଁ ଛାତ୍ର ପାଠପଢ଼ା ଛାଡ଼ିବେ ବୋଲି ମନସ୍ଥ କରିଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁ ବିଶ୍ୱରଞ୍ଜନଙ୍କ ଘରେ ପହଞ୍ଚି ପାଠପଢ଼ାରେ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରେନେସା ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟର ନିର୍ଦ୍ଦେଶକ ବିଭୁତିଭୂଷଣ ରାଉତ ବିଶ୍ୱରଞ୍ଜନଙ୍କୁ ପୋଷ୍ୟ ଛାତ୍ର ଭାବେ ଗ୍ରହଣ କରିବାକୁ ଇଚ୍ଛା ପ୍ରକଟ କରିଛନ୍ତି। ଜିଲାର ଆଉ କେତୋଟି ଶିକ୍ଷାନୁଷ୍ଠାନ ସହାୟତାର ହାତ ବଢ଼ାଇବାକୁ ଆଗେଇ ଆସିଛନ୍ତି। ଉକ୍ତ ଛାତ୍ର ପରିବାର ଏଯାଏ କିଛି ନିଷ୍ପତ୍ତି ନେଇ ପାରିନାହାନ୍ତି। ଦିନେ ଦୁଇଦିନ ମଧ୍ୟରେ ନିଷ୍ପତ୍ତି ନେବେ ବୋଲି ବିଶ୍ୱରଞ୍ଜନ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

**ବିଶ୍ୱରଞ୍ଜନଙ୍କ ଉଚ୍ଚ ଶିକ୍ଷାରେ ପ୍ରତିବନ୍ଧକ ଆର୍ଥିକ ଅନଟନ ପ୍ରସଙ୍ଗ**

ସୂଚନାଯୋଗ୍ୟ, ମେଧାବୀ ଛାତ୍ର ବିଶ୍ୱରଞ୍ଜନ ଓଡ଼ଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ। ଚଳିତ ମାଟ୍ରିକ ପରୀକ୍ଷାରେ ୫୪୦ ନମ୍ବର ହାସଲ କରି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଗକୁ ଅଧିକ ପଢ଼ିବେ ବୋଲି ଇଚ୍ଛା ପ୍ରକଟ କରିଥିଲେ। ମାତ୍ର ବାପା ବ୍ରଜକିଶୋର ସାହୁ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ବରଣ କରିବାରୁ ଘରର ବଡ଼ ପୁଅ ଭାବେ ପରିବାର ଚଳାଇବା ବୋଝ ବିଶ୍ୱରଞ୍ଜନଙ୍କ କାନ୍ଧରେ ଲଦି ହୋଇଗଲା। ସେ ପାଠପଢା ଛାଡି ବାରବାଟୀସ୍ଥିତ ଗଣେଶ ବାଜାରରେ ଦୋକାନ କରିବେ ବୋଲି ସ୍ଥିର କରିଥିଲେ। କିନ୍ତୁ ଏବେ ତାଙ୍କ ପାଠପଢା ସମସ୍ୟା ଦୂର ହେବା ସମ୍ଭାବନା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବିଶ୍ୱରଞ୍ଜନଙ୍କୁ ସହାୟତା ପାଇଁ ସରକାରୀ ଓ ରାଜନୈତିକ ସ୍ତରରେ ତତ୍ପରତା ପ୍ରକାଶ ପାଇନାହିଁ। ଉକ୍ତ ପରିବାରଟିକୁ ରାଶନକାର୍ଡ ଖଣ୍ଡିଏ ମିଳିନାହିଁ। ତାଙ୍କ ମା'ଙ୍କୁ ଭତ୍ତା ମିଳିପାରି ନାହିଁ। ତେଣୁ ଏସବୁ ସରକାରୀ ସହାୟତା ପ୍ରଦାନ ସହ ସାନ ପୁଅର ପାଠପଢ଼ା ପାଇଁ ପ୍ରଶାସନ ବ୍ୟବସ୍ଥା କରିବାକୁ ବିଶ୍ୱରଞ୍ଜନଙ୍କ ମା' ଦାବି କରିଛନ୍ତି।




## ନଦୀରେ ବୁଡ଼ି ବୃଦ୍ଧ ନିଖୋଜ

କୁଜଙ୍ଗ, ୧୪।୮ (ଡି.ଏନ୍.ଏ.): ଏରସମା ବ୍ଲକ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗଡ କୁଜଙ୍ଗ ଦଳିତ ସାହିର ଜଣେ ବୃଦ୍ଧ ମାହାଙ୍ଗା ନଦୀରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଲଛମନ ଭୋଇ(୬୨)। ଗାଁ ନିକଟ ରାଜନଅର ପଛପଟ ନଦୀ କୂଳକୁ ସେ ଧୋଇହେବାକୁ ଯାଇଥିଲେ। ଏହି ସମୟରେ ଭୁଲବଶତଃ ଗୋଡ଼ ଖସିଯିବାରୁ ସେ ଭାସି ଯାଇଥିଲେ। ଗାଁ ଲୋକେ ଲଛମନଙ୍କୁ ଉଦ୍ଧାର କରିବାକୁ ଗଲାବେଳକୁ ସେ ପାଣିରେ ନିଖୋଜ ହୋଇଯାଇଥିଲେ। ଖବରପାଇ କୁଜଙ୍ଗ ଅଗ୍ନିଶମବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳି ନ ଥିଲା।

## ଧର୍ମଶାଳା ଡାକ୍ତରଖାନାରେ ଚାରାରୋପଣ

ଧର୍ମଶାଳା,୧୪।୮(ଡି.ଏନ.ଏ.): ଧର୍ମଶାଳା ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସରୋଜିନୀ ସ୍ମୃତି ସଂସଦ ପକ୍ଷରୁ ଶନିବାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧୀର କୁମାର ସାହୁ ଉଦ୍‌ଘାଟନ କରି ଚାରାରୋପଣ ଏକ ମହତ କାର୍ଯ୍ୟ ବୋଲି କହିଥିଲେ। ସଂସଦ ସମ୍ପାଦକ ଡ. ଚିତ୍ତରଞ୍ଜନ ମହାନ୍ତି, ସାଙ୍ଗଠନିକ ସମ୍ପାଦକ ସିଦ୍ଧାର୍ଥସ୍ୱଂଦୀପ୍ତ ମହାନ୍ତି, ସଦସ୍ୟ ପୀତବାସ ସାହୁ, ଅମରେନ୍ଦ୍ର ରାଉତ, ଗୁରୁଚରଣ ନାଥ, ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ରମ ସଂଯୋଜକ ବିଜୟ କୁମାର ବେହେରା ଓ ଅଜୟ ବେଜ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣରେ ସହାୟତା କରିଥିଲେ।








କୁଜଙ୍ଗ ନିକଟସ୍ଥ ସମାଗୋଳ ଗ୍ରାମର ଦେବେନ୍ଦ୍ର ମହାନ୍ତିଙ୍କ ଏକ ଚାକୁଣ୍ଡାଗଛ ଶନିବାର ଉପୁଡି ରାସ୍ତାରେ ପଡ଼ିବାରୁ ୫ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କୁଜଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ରାସ୍ତାରୁ ହଟାଇଥିଲା।













## ଆଦର୍ଶ ଗ୍ରାମ ପ୍ରକଳ୍ପର ଶିଳାନ୍ୟାସ

ରାଜନଗର,୧୪।୮(ଡି.ଏନ.ଏ.)



ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ଭଗବାନ ପୁରଗାଁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନାରେ ସାମିଲ ହୋଇଛି। ଏହି ଯୋଜନାରେ ଗାଁର ଗଜିରିଆ ରାସ୍ତାରୁ ଭଗବାନପୁର (ଧୋୟା) ରାସ୍ତାର ରିଟର୍ଣ୍ଣୱାଲ ଓ ମେଡିକାଲ ରାସ୍ତାରୁ ଦଣ୍ଡାମୁଣ୍ଡ ଯାଏଁ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ରାଜନଗର ବ୍ଲକର ସହକାରୀ ନିର୍ବାହୀଯନ୍ତ୍ରୀ ଜଳଧର ବେହେରା, ଜିଲା ପରିଷଦ ସଭ୍ୟ ରବିନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## କଂଗ୍ରେସ, ଭାଜପା ନେତା ବିଜେଡିରେ ସାମିଲ

ରାଜନଗର,୧୪।୮(ଡି.ଏନ.ଏ.)

ଗତ ପଞ୍ଚାୟତ ନିର୍ବାଚନରେ ଓସ୍ତିଆ ପଞ୍ଚାୟତର କଂଗ୍ରେସ ସମର୍ଥନରେ ସରପଞ୍ଚ ପ୍ରାର୍ଥୀ ହୋଇଥିବା ପୃଥୀରାଜ ପାତ୍ର ଓ ଭାଜପା ସମର୍ଥନରେ ସମିତିସଭ୍ୟ ପ୍ରାର୍ଥୀ ହୋଇଥିବା ପ୍ରତାପ ରାଉତ ଶନିବାର ସେମାନଙ୍କ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି । ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓ ରାଜନଗର ବିଧାୟକଙ୍କ ନେତୃତ୍ୱ ତଥା ରାଜନଗର ବିକାଶ ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପରେ ପ୍ରଭାବିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା ସମ୍ପୃକ୍ତ ନେତାଦ୍ୱୟ କହିଛନ୍ତି । ଭଗବାନପୁରଠାରେ ଓସ୍ତିଆ ପଞ୍ଚାୟତ ବିଜେଡି ସଭାପତି ପ୍ରସନ୍ନ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଦଳରେ ସାମିଲ ନେତା ଓ ସଙ୍ଗଠକଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ବରିଷ୍ଠ ବିଜେଡି ନେତା ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।






# ୧୯ରୁ ଭାଜପାର ଦେଶବ୍ୟାପୀ 'ଜନ ଆଶୀର୍ବାଦ ଯାତ୍ରା'

ଭୁବନେଶ୍ୱର,୧୪।୮(ବ୍ୟୁରୋ)

କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସମସ୍ତ ରାଜ୍ୟର ପ୍ରତିନିଧି ଓ ସମସ୍ତ ସମ୍ପ୍ରଦାୟର ପ୍ରତିନିଧି ସ୍ଥାନ ପାଇଛନ୍ତି । ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସମସ୍ତ କେନ୍ଦ୍ରମନ୍ତ୍ରୀମାନେ ଦେଶର ପ୍ରାୟ ୨୧୨ଟି ସଂସଦୀୟ କ୍ଷେତ୍ରକୁ ଯାଇ ଜନ ଆଶୀର୍ବାଦ ଲୋଡିବେ। ଏହି ଜନ ଆଶୀର୍ବାଦ ଯାତ୍ରା ୧୪୨ ଦିନ ଯାଏ ଚାଲିବ।। ଏହି ଅବସରରେ କେନ୍ଦ୍ରମନ୍ତ୍ରୀମାନେ ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବେ।

## ୩ ଦିନିଆ ଗସ୍ତରେ ଆସୁଛନ୍ତି ୨ କେନ୍ଦ୍ରମନ୍ତ୍ରୀ

କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ମଧ୍ୟ ଅବଗତ କରିବେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ଜନ ଆଶୀର୍ବାଦ ଯାତ୍ରା ଅବସରରେ ଆସନ୍ତା ୧୯ ତାରିଖରେ ଓଡ଼ିଶାକୁ ୨ ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଶ୍ୱିନୀ ବୈଷ୍ଣବ ୩ ଦିନିଆ ଗସ୍ତରେ ଆସୁଛନ୍ତି । ୧୯ ତାରିଖ ସକାଳେ ଉଭୟ ମନ୍ତ୍ରୀ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ସିଧାସଳଖ ପୁରୀ ଗସ୍ତ କରି ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବେ। ଏହା ପରେ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଯୋଗଦେବେ । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ୧୯ ତାରିଖ ସନ୍ଧ୍ୟାରେ ରେଳ ଯୋଗେ ରାୟଗଡା ଗସ୍ତ କରିବେ । ୨୦ ତାରିଖ ସକାଳୁ କୋରାପୁଟ ଗସ୍ତ କରି ରାତ୍ରିଯାପନ କରିବେ। ୨୧ ତାରିଖରେ ଜୟପୁର, ନବରଙ୍ଗପୁର ଦେଇ ଗସ୍ତ କରି ଭବାନୀପାଟଣାରେ ରାତ୍ରିଯାପନ କରିବେ । ୨୨ ତାରିଖରେ ସେ କେସିଙ୍ଗା, ଟିଟିଲାଗଡ, କଣ୍ଟାବାଞ୍ଜି, ପାଟଣାଗଡ ଦେଇ ବଲାଙ୍ଗୀରଠାରେ ପହଞ୍ଚିବେ । ୨୨ ତାରିଖ ସନ୍ଧ୍ୟାରେ ବୈଷ୍ଣବ ବଲାଙ୍ଗୀରରୁ ଭୁବନେଶ୍ୱର ଫେରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ଏହି ଜନ ଆଶୀର୍ବାଦ ଯାତ୍ରା ଅବସରରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ୭ ଜିଲା, ୬ ଲୋକ ସଭା ଅଞ୍ଚଳରେ ୧୧୫ଟି ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ସଭା ଓ କାର୍ଯ୍ୟକ୍ରମରେ ଯୋଗଦେବେ । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଜିଲାର ବିଭିନ୍ନ ସ୍ଥାନ ଗସ୍ତ କରିବେ । ଅନ୍ୟତମ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଅସୁସ୍ଥ ଥିବା କାରଣରୁ ତାଙ୍କ କାର୍ଯ୍ୟକ୍ରମ ସ୍ଥିର ହୋଇନାହିଁ । କେନ୍ଦ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳିତ କରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି । ଏହି ଟିମ୍‌ରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ରବି ନାଏକ, ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ ପ୍ରମୁଖ ଅଛନ୍ତି ବୋଲି ମହାପାତ୍ର ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଏବଂ ସୁଜିତ୍ ଦାସ୍ ଉପସ୍ଥିତ ଥିଲେ ।

## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ



୰ବିରେନ୍ଦ୍ର ମୋହନ ପାତ୍ର
National Coir, Satasankha, Siriapur, Puri
ଆବିର୍ଭାବ: ୧୮।୦୮।୧୯୫୪
ତିରୋଧାନ: ୦୬।୦୮।୨୦୨୧

ତୁମର ଅକାଳ ବିୟୋଗ ଆମକୁ ହତୋତ୍ସାହ କରି ଦେଇଛି। ତୁମର କର୍ତ୍ତବ୍ୟନିଷ୍ଠା, ସ୍ନେହ ବତ୍ସଳ ଓ ପ୍ରେରଣା ଆମ ପାଇଁ ଚିର ସ୍ମରଣୀୟ । ଜୀବନର ଚଲା ପଥରେ ଯାହା ସବୁ ପ୍ରତିଷ୍ଠା କରି ଯାଇଛ ତାହା ଚିର ଅବିସ୍ମରଣୀୟ । ତୁମ ପୁଣ୍ୟ ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ । ତୁମର ହତଭାଗୀ ସ୍ତ୍ରୀ: ପ୍ରତିଭା, ପୁଅ: ଜ୍ୟୋତିରଞ୍ଜନ, ଝିଅ: କୁନି, ସୋନି, ମୋନି ଓ ଜ୍ୱାଇଁ: ଅମୀୟ, ହାପି ଓ ଦିପ୍ତ, ପୁତୁରା: ବାପି, ଟିକି ଓ ଲକି, ନାତି, ନାତୁଣୀ: ଦେବି, ଦିବ୍ୟା, ଓମ୍ ଓ ଅନ୍ୟାନ୍ୟ ବନ୍ଧୁ ଓ ପରିବାରବର୍ଗ ।

ଧ-୨୧୩୫୪

### ଶ୍ରଦ୍ଧାଞ୍ଜଳି



୰ବାସୁଦେବ ପଣ୍ଡା
ବାୟାବର, ବଳଙ୍ଗା, ପୁରୀ
ଆବିର୍ଭାବ: ୦୯।୦୧।୧୯୪୯
ତିରୋଧାନ: ୦୬।୦୮।୨୦୨୧

"ଅମା ଅନ୍ଧକାର ଭରିଦେଇ ତୁମେ
କାହିଁ ଚାଲିଗଲ ନନା
ଆଉ ଦେଖିବୁନି ତୁମ ଚାନ୍ଦ ମୁହଁ
କର୍ପୂର ଉଡିଛି କନା ।

**ଶୋକସନ୍ତପ୍ତ:** ପୁଅ-ବୋହୂ, ଝିଅ ଜ୍ୱାଇଁ, ନାତି-ନାତୁଣୀ ।

ଧ-୬୮୭୬

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ମନୋରଞ୍ଜନ ମଲ୍ଲିକ (ବିକି)
ଦାମୋଦରପୁର, ମଣପଡ଼ା, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୧୧।୧୨।୧୯୯୪
ତିରୋଧାନ: ୧୫।୦୮।୨୦୧୩
ମାତା: ଜ୍ୟୋତ୍ସ୍ନାରାଣୀ ମଲ୍ଲିକ
ପିତା: ମୂର୍ଷା ମଲ୍ଲିକ

ଚାହୁଁ ଚାହୁଁ ୮ବର୍ଷ ବିତିଗଲାଣି । ତୁ ଯେଉଁଠି ଥାଆ ଶାନ୍ତିରେ ଥାଆ । ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**:ଶୋକସନ୍ତପ୍ତ:**
ତୋର ଠୁବି ଆଣ୍ଟି, ଅଙ୍କଲ ଏବଂ ଆତ୍ମୀୟସ୍ୱଜନ

ଧ-୨୧୩୫୨

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ପଞ୍ଚାନନ ଦାଶ
ମହଦା, ବରପାଲି
ତିରୋଧାନ- ୦୫.୦୮.୨୦୨୧

ତୁମର ଅବର୍ତ୍ତମାନରେ ଆମେ ଅସହାୟ, ତୁମର ଆତ୍ମାର ଶାନ୍ତି ପାଇଁ ଭଗବାନଙ୍କ ଠାରେ ପ୍ରାର୍ଥନା ।

-: ଶୋକସନ୍ତପ୍ତ :-
ସ୍ତ୍ରୀ- ବୈଜୟନ୍ତି ଦାଶ, ପୁତ୍ର- ଅଶ୍ୱିନୀ ଓ ଅଜିତ, ଝିଅଜ୍ୱାଇଁ- ସୁବର୍ଣ୍ଣ, କମଳିନୀ, ଶତୃଘ୍ନ ଓ ନାତି ନାତୁଣୀ ଏବଂ ଦାଶ ପରିବାର ବନ୍ଧୁବର୍ଗ ।

ଧ-୨୧୩୪୮

DADLS-15
ଓଡ଼ିଶା ସରକାର



୭୫ତମ
ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ
୧୫ ଅଗଷ୍ଟ, ୨୦୨୧
ସ୍ଥାନ – ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର
ସମୟ : ପୂର୍ବାହ୍ନ ୯ ଘଟିକା
ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ଜାତୀୟ ପତାକା ଉତ୍ତୋଳନ କରି
ଅଭିବାଦନ ଗ୍ରହଣ କରିବେ ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ ।
ଜନସାଧାରଣଙ୍କ ପାଇଁ ଏହା ବୈଦ୍ୟୁତିକ ଗଣମାଧ୍ୟମ,
ସୂଚନା ଓ ଲୋକସମ୍ପର୍କ ବିଭାଗ ଫେସ୍‌ବୁକ୍ ପେଜ୍ ଏବଂ IPRodisha ୟୁଟ୍ୟୁବ୍‌ରେ
ସକାଳ ଘ.୮.୩୦ମି.ରୁ ଉପଲବ୍ଧ ହେବ ।
OIPR-15001/13/0028/2122

DADLS-14
ଓଡ଼ିଶା ସରକାର

## ନୂଆ ଓଡ଼ିଶା : ବିକାଶର ନୂଆ ଛବି

- ୧.୭ କୋଟିରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ରାଜ୍ୟର ବିଭିନ୍ନ ଟିକାକରଣ କେନ୍ଦ୍ରରେ ସଫଳତାର ସହ ଟିକା ଦାନ । ଶତପ୍ରତିଶତ ଟିକାକରଣରେ ଭୁବନେଶ୍ୱର ଦେଶରେ ପ୍ରଥମ ।
- ରାଜ୍ୟର ୩୦ଟି ଜିଲ୍ଲାରେ ମେଡିକାଲ ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ । ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ୨୦ଟି ଜିଲ୍ଲାରେ ।
- କୋଭିଡ଼ ମହାମାରୀର ଦ୍ୱିତୀୟ ଲହର ଯୋଗୁଁ ଅସୁବିଧାଜନକ ସ୍ଥିତିରେ ରହିଥିବା ରାଜ୍ୟର ନିର୍ମାଣ ଶ୍ରମିକ, ମନରେଗା ଶ୍ରମିକ, ଆଦିମ ଜନଜାତି ପରିବାର, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ, ମିଶନ ଶକ୍ତି ସଦସ୍ୟା, ଉଠା ଦୋକାନୀଙ୍କୁ ୨୦୦୪ କୋଟି ଟଙ୍କାର ସହାୟତା ।
- ବାତ୍ୟା 'ୟସ୍'ର ସଫଳ ମୁକାବିଲା ନିମନ୍ତେ ଓଡ଼ିଶାକୁ ଜାତିସଂଘର ପ୍ରଶଂସା । ବିପର୍ଯ୍ୟୟ ପରିଚାଳନା ପାଇଁ ଓଡ଼ିଶା ମଡେଲ ଅନୁକରଣୀୟ ।
- କୋଭିଡ୍ ମହାମାରୀରେ ବାପା, ମା' କିମ୍ବା ପରିବାରର ମୁଖ୍ୟ ରୋଜଗାରକ୍ଷମଙ୍କୁ ହରାଇଥିବା ପିଲାମାନଙ୍କ ଶିକ୍ଷା, ଭରଣପୋଷଣ, ଯତ୍ନ ତଥା ସୁରକ୍ଷିତ ଭବିଷ୍ୟତ ନିର୍ମାଣ ପାଇଁ 'ଆଶୀର୍ବାଦ' ଯୋଜନାର ଶୁଭାରମ୍ଭ ।
- ରାଜ୍ୟରେ କର୍କଟ ଚିକିତ୍ସା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରଠାରେ ମାଗଣା ସିଟି ସ୍କାନ ଓ ଏମ୍‌ଆର୍‌ଆଇ ସେବା ଆରମ୍ଭ ।
- 'ଟ୍ୟାପ୍‌ରୁ ବିଶୁଦ୍ଧ ପିଇବା ପାଣି' ମିଶନରେ ଲଣ୍ଡନ, ଲସ ଏଞ୍ଜେଲ୍‌ସ ଓ ସିଙ୍ଗାପୁର ଭଳି ଅନ୍ତର୍ଜାତୀୟ ସହର ସହିତ ସମକକ୍ଷ ହୋଇଛି ପୁରୀ ସହର । 5T ପ୍ରୟୋଗରେ ମାତ୍ର ୯ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହୋଇଛି ଏହି ପ୍ରକଳ୍ପ ।
- ମିଶନ ଶକ୍ତିରେ ସଶକ୍ତ ଆମ ରାଜ୍ୟର ୭୦ ଲକ୍ଷ ସ୍ୱାବଲମ୍ବୀ ମହିଳାଙ୍କୁ ୩୩୮ଟି ବ୍ଲକ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୧୬୯ କୋଟି ଟଙ୍କା, ୩୩୮ଟି ବ୍ଲକ 'ମିଶନ ଶକ୍ତି' ମହାସଂଘକୁ ୮୪.୫୦ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମିଶନ ଶକ୍ତି ଋଣ ସୁଧ ରିହାତି ନିମନ୍ତେ ୨୦୦ କୋଟି ଟଙ୍କା ପ୍ରଦାନ ।
- 'ଗୋଟିଏ ଦେଶ, ଗୋଟିଏ ରେସନ କାର୍ଡ', ଯୋଜନା ସମଗ୍ର ରାଜ୍ୟରେ ଆରମ୍ଭ । ମାଲକାନଗିରି ଜିଲ୍ଲାରେ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ସ୍ୱାସ୍ଥ୍ୟବର୍ଦ୍ଧକ ଭିଟାମିନ୍‌ଯୁକ୍ତ ଚାଉଳ ବଣ୍ଟନ ଆରମ୍ଭ ।
- ୪୨ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ ଚାଷୀ ପରିବାରଙ୍କୁ ଖରିଫ ୨୦୨୧ ପାଇଁ ୯୨୦ କୋଟି ଟଙ୍କାର 'କାଳିଆ' ସହାୟତା ପ୍ରଦାନ ।
- 'କାଳିଆ' ଯୋଜନାରେ ୧୮ଲକ୍ଷ ଭୂମିହୀନ କୃଷକ ପରିବାରଙ୍କୁ ୩୮୬ କୋଟି ଟଙ୍କାର ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ ।
- ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ୧୦୦୦ କୋଟି ଟଙ୍କା ବିନିଯୋଗ । ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ନିର୍ମିତ ହେବ ୮୯ଟି ବହୁବିଧ ଇନ୍‌ଡୋର୍ ଷ୍ଟାଡ଼ିୟମ । ୨୦୨୩ ବିଶ୍ୱ କପ୍ ପୁରୁଷ ହକି ପାଇଁ ରାଉରକେଲାରେ ନିର୍ମିତ ହେଉଛି ଦେଶର ସର୍ବବୃହତ୍ ହକି ଷ୍ଟାଡ଼ିୟମ ।
- କୋଭିଡ଼ ମହାମାରୀ ସତ୍ତ୍ୱେ ଓଡ଼ିଶାର ନିଜସ୍ୱ ସମ୍ବଳରୁ ୧୧୨.୫୪ ପ୍ରତିଶତ ରାଜସ୍ୱ ଅଭିବୃଦ୍ଧି ଘଟିଛି । ବିଗତ ବର୍ଷ ଜୁଲାଇ ମାସ ସୁଦ୍ଧା ଏହା ୮୩୦୭.୫୪ କୋଟି ଟଙ୍କା ଥିବା ସ୍ଥଳେ ବର୍ତ୍ତମାନ ଏହା ୧୭,୬୫୬.୭୦ କୋଟି ଟଙ୍କାରେ ପହଞ୍ଚିଛି ।





କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ପାଇଁ ଆପଣମାନେ ଟିକା ନିଶ୍ଚୟ ନିଅନ୍ତୁ, ୨ଟି ମାସ୍କ ବ୍ୟବହାର କରନ୍ତୁ ଏବଂ କୋଭିଡ୍ କଟକଣା କଡ଼ାକଡ଼ି ଭାବରେ ପାଳନ କରନ୍ତୁ ।
ମୁଖ୍ୟମନ୍ତ୍ରୀ

ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0027/2122

## କୋଟିଏ ଟଙ୍କାର ଗଞ୍ଜେଇ ସହ କଣ୍ଟେନର ଜବତ

**ଭୁବନେଶ୍ୱର,(ବ୍ୟୁରୋ):** ଓଡିଶାରୁ ଏକ କଣ୍ଟେନରରେ ଗଞ୍ଜେଇ ବୋଝେଇ ହୋଇ କୋଲକାତା ଯାଉଥିବା ସମୟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଶନିବାର ବାଲେଶ୍ୱର ବସ୍ତା ନିକଟରେ ଚଢ଼ାଉ କରି ଧରିଛି। ଯାଞ୍ଚବେଳେ ଉକ୍ତ କଣ୍ଟେନରରୁ ୯୯୦କିଗ୍ରାରୁ ଊର୍ଦ୍ଧ୍ୱ ଗଞ୍ଜେଇ ମିଳିଛି। ଏହାର ଆନୁମାନିକ ବଜାର ମୂଲ୍ୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଏସ୍‌ଟିଏଫ୍ ସୂଚନା ଦେଇଛି। ଏହି ଘଟଣାରେ ପୋଲିସ ଜଣେ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସମସ୍ତ ଗଞ୍ଜେଇ ଓ କଣ୍ଟେନର ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲା କୋଦଳା ଅଞ୍ଚଳର ପ୍ରଭାତ କୁମାର ସାହୁ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଏସ୍‌ଟିଏଫ ଅଧିକ ତଦନ୍ତ ଜାରିରଖିଛି।

# ପ୍ରଥମ ପୃଷ୍ଠାରୁ ...

## ଝିଅଙ୍କୁ ସୁଯୋଗ ଦେଲେ ...

ବିତର୍କ କରିବା ଓ ନିଷ୍ପତ୍ତି ନେବାର ଏହା ସର୍ବୋଚ୍ଚ ଫୋରମ୍। ନିକଟରେ ଶେଷ ହୋଇଥିବା ମୌସୁମୀ ଅଧିବେଶନରେ ପାର୍ଲାମେଣ୍ଟର ଉଭୟ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଯେଭଳି ଅଚଳାବସ୍ଥା ଲାଗି ରହିଲା, ଏହାକୁ ଲକ୍ଷ୍ୟରେ ରଖି ରାଷ୍ଟ୍ରପତି ଉପରୋକ୍ତ ମତ ଦେଇଛନ୍ତି। ମୌସୁମୀ ଅଧିବେଶନରେ ଅଚଳାବସ୍ଥା ପାଇଁ ସରକାର ଓ ବିରୋଧୀ ପରସ୍ପରକୁ ଦୋଷ ଦେଉଥିବାବେଳେ ଏମ୍‌ପିମାନଙ୍କୁ ମାଡ଼ ମାରିବା ଲାଗି ବାହାର ଲୋକଙ୍କୁ ମାର୍ଶାଲ ନିଯୁକ୍ତ କରାଯାଇଥିବା ବିରୋଧୀ ଅଭିଯୋଗ ଆଣିଥିଲେ। ପାର୍ଲାମେଣ୍ଟରେ ବିରୋଧୀଙ୍କ ସ୍ୱରକୁ ଚପାଇଦେବା ସହ ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ସେମାନେ କହିଥିଲେ।

ଟେଲିଭିଜନ ବାର୍ତ୍ତାରେ ରାଷ୍ଟ୍ରପତି କୋଭିଡ୍-୧୯ ଦ୍ୱିତୀୟ ଲହରର ଭୟାବହତା ସମ୍ପର୍କରେ କହିଥିଲେ। ଏବେ ବି ଦେଶ ଘାତକ ମହାମାରୀ କବଳରୁ ମୁକୁଳି ପାରିନାହିଁ। ଏଭଳି ସମୟରେ ଅଧିକ ଯତ୍ନ ଓ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ସେ ଦେଶବାସୀଙ୍କୁ ପରାମର୍ଶ ଦେଇଥିଲେ। ୩ କୃଷି ଆଇନ ବିରୋଧରେ ଚାଷୀ ସଂଗଠନଗୁଡ଼ିକ ଦୀର୍ଘଦିନ ହେଲା ଆନ୍ଦୋଳନ ଚଳାଇଥିବାବେଳେ ଏହା ଉପରେ ଉଦ୍‌ବେଗ ପ୍ରକାଶ କରି କୋବିନ୍ଦ କହିଥିଲେ, କୃଷି ବଜାର ବ୍ୟବସ୍ଥାରେ ଅନେକ ସଂସ୍କାର ଅନ୍ନଦାତା ଚାଷୀଙ୍କୁ ସଶକ୍ତ କରାଇବା ସହ ସେମାନଙ୍କ ଉତ୍ପାଦିତ ଫସଲକୁ ଉପଯୁକ୍ତ ମୂଲ୍ୟ ମିଳିବାରେ ସହାୟକ ହେବ।

ଦେଶ ସ୍ୱାଧୀନତାରେ ସଂଗ୍ରାମୀମାନଙ୍କ ବଳିଦାନକୁ ଆମେ ଭୁଲି ପାରିବା ନାହିଁ। ଚଳିତ ବର୍ଷ ଆମେ ଏହାର ୭୫ତମ ବର୍ଷ ଅବସରରେ ଅମୃତ ମହୋତ୍ସବ ପାଳନ କରୁଛେ। ଦେଶ ସ୍ୱାଧୀନ ହେଲାବେଳେ ଭାରତରେ ଗଣତନ୍ତ୍ର ଅଧିକ ଦିନ ତିଷ୍ଠି ରହିବ ନାହିଁ ବୋଲି ଅନେକ ସଂଶୟବାଦୀ ଆଶଙ୍କା ପ୍ରକାଶ କରିଥିଲେ। ତେବେ ଗଣତନ୍ତ୍ରର ଚେର ଭାରତ ମାଟିରେ ପୁରାତନ କାଳରୁ ବିକଶିତ ହୋଇଥିବା ସମ୍ପର୍କରେ ସେମାନଙ୍କର ଧାରଣା ନ ଥିଲା। ଆଧୁନିକ ଯୁଗରେ ସବୁ ଭେଦଭାବର ଊର୍ଦ୍ଧ୍ୱକୁ ଯାଇ ସବୁ ଯୁବବର୍ଗଙ୍କୁ ମତାଧିକାର ଦେବାରେ ଭାରତ ଅଧିକାଂଶ ପାଶ୍ଚାତ୍ୟ ଦେଶଠାରୁ ଆଗରେ ରହିଛି। ଦେଶବାସୀ ଭାରତକୁ ଏକ ସୁଦୃଢ଼ ଗଣତନ୍ତ୍ରରେ ପରିଣତ କରିପାରିଛନ୍ତି ବୋଲି ରାଷ୍ଟ୍ରପତି କହିଥିଲେ। ଆମେ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଗ୍ରହଣ କରିଥିବାରୁ ସଂସଦ ଆମ ଗଣତନ୍ତ୍ରର ମନ୍ଦିର ବୋଲି ସେ କହିଥିଲେ। ପାର୍ଲାମେଣ୍ଟ ଖୁବ୍ ଶୀଘ୍ର ଏକ ନୂଆ ବିଲ୍ଡିଂରେ ହେବାକୁ ଯାଉଥିବା ସବୁ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ବୋଲି ରାଷ୍ଟ୍ରପତି କହିଛନ୍ତି।

## ସୈନ୍ୟ ପଠାଇଲେ ...

ତେବେ ଆଫଗାନିସ୍ତାନରେ ରହିଥିବା ଦୂତାବାସ ଓ ଏହାର କର୍ମଚାରୀଙ୍କ ପ୍ରତି ଆମ ଆଡୁ ବିପଦ ନ ଥିବା ସେ ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟପକ୍ଷରେ ପାକିସ୍ତାନର ଆତଙ୍କବାଦୀ ସଂଗଠନଗୁଡ଼ିକ ସହ ତାଲିବାନର ସମ୍ପର୍କକୁ ସେ ଖଣ୍ଡନ କରିଛନ୍ତି। ଏହା ସତ୍ୟ ଉପରେ ଆଧାରିତ ନୁହେଁ। ତେବେ ରାଜନୈତିକ ଲକ୍ଷ୍ୟ ହାସଲ ଲାଗି ସେମାନଙ୍କର କେତେକ ନୀତି ଆମ ସହ ସମାନ ବୋଲି ଶାହିନ କହିଛନ୍ତି। କୌଣସି ଦେଶ ବିରୋଧରେ ଆଫଗାନ ମାଟିକୁ ବ୍ୟବହାର କରିବାକୁ ଦିଆଯିବ ନାହିଁ, ଏହା ତାଲିବାନର ସାଧାରଣ ନୀତି ବୋଲି ମୁଖପାତ୍ର କହିଛନ୍ତି। ଆଫଗାନମାନଙ୍କୁ ଭାରତର ସହାୟତାକୁ ତାଲିବାନ ପ୍ରଶଂସା କରେ। ଏଠାରେ ଭାରତ ନଦୀବନ୍ଧଠାରୁ ଆରମ୍ଭ କରି ବିଭିନ୍ନ ଭିତ୍ତିଭୂମି କାର୍ଯ୍ୟ କରିଛି, ଯାହା ଦେଶର ବିକାଶ ଓ ଏହାର ଜନସାଧାରଣଙ୍କ ଆର୍ଥିକ ସମୃଦ୍ଧିରେ ସହାୟକ ହୋଇପାରିଥିବା ଶାହିନ କହିଛନ୍ତି।

## ୨ ଓଡ଼ିଆ ଶହୀଦଙ୍କୁ ...

ମାଓବାଦୀଙ୍କ ସହିତ ବୀରତ୍ୱର ସହିତ ମୁକାବିଲା କରିବାବେଳେ ଶହୀଦ ହୋଇଥିଲେ।

ଅନ୍ୟପକ୍ଷରେ ଓଡ଼ିଶାର ୬୭ଜଣ ପୋଲିସ ଅଧିକାରୀ ଓ କର୍ମଚାରୀ ପୋଲିସ ସାହସିକତା(ଗ୍ୟାଲେଣ୍ଟ୍ରି) ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏଥିସହ ପ୍ରଶଂସନୀୟ ଓ ଉଲ୍ଲେଖନୀୟ ସେବା କ୍ଷେତ୍ରରେ ୧୩ଜଣଙ୍କୁ ମେଡାଲ ମିଳିବ। ଉଲ୍ଲେଖନୀୟ ସେବା ପାଇଁ ସ୍ୱତନ୍ତ୍ର ଗୋଇନ୍ଦା ଶାଖା(ଏସ୍ଆଇଡବ୍ଲ୍ୟୁ)ର ଡିଏସ୍‌ପି ଉମାଶଙ୍କର ପଣ୍ଡା ଓ ଭିଜିଲାନ୍ସ କନଷ୍ଟେବଳ ଭାବଗ୍ରାହୀ ତ୍ରିପାଠୀଙ୍କୁ ରାଷ୍ଟ୍ରପତି ପୋଲିସ ମେଡାଲ ମିଳିବ। ତେବେ ପ୍ରଶଂସନୀୟ ସେବା କ୍ଷେତ୍ରରେ କଟକ ସେଣ୍ଟ୍ରାଲ ରେଞ୍ଜ ଆଇଜି ନରସିଂହ ଭୋଳ, ଯାଜପୁର ଅତିରିକ୍ତ ଏସ୍‌ପି ଜୟରାମ ଶତପଥୀ, ଏସ୍‌ଓଜି ଡେପୁଟି କମାଣ୍ଡାଣ୍ଟ ଅଶୋକ କୁମାର ସାହୁ, କଟକ ୟୁପିଡିର ସହକାରୀ କମିଶନର ଅମରେନ୍ଦ୍ର ପଣ୍ଡା, ବରଗଡ଼ର ଡେପୁଟି ଏସ୍‌ପି ପ୍ରଦୀପ କୁମାର ସାହୁ, ସମ୍ବଲପୁରର ଡେପୁଟି ଏସ୍‌ପି ତପନ କୁମାର ସାହୁ, ଭବାନୀପାଟଣାର ଭିଜିଲାନ୍ସ ଡେପୁଟି ଏସ୍‌ପି ସତ୍ୟବାନ ମହାନନ୍ଦ, ଭୁବନେଶ୍ୱର ଅର୍ଥନୈତିକ ଅପରାଧ ଶାଖା ଏସ୍ଆଇ ସୁକାନ୍ତ କୁମାର ମହାନ୍ତି, ଭୁବନେଶ୍ୱର ୟୁପି ଓ ଟିଟିଆଇର ହାବିଲଦାର ଶେଖ୍ ଅବିର, କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟର କନଷ୍ଟେବଳ ଭଗବାନ ସାହୁ ଓ ରାଉରକେଲା ଓଏସ୍ଏପି ଚତୁର୍ଥ ବାଟାଲିୟନର ସିପାହୀ ବିଶ୍ୱକର୍ମା ମୁଣ୍ଡାଙ୍କୁ ପୋଲିସ ମେଡାଲ ମିଳିବ।

ଏଥିସହ ଓଡ଼ିଶାର ୬ଜଣ ଅଗ୍ନିଶମ କର୍ମଚାରୀଙ୍କୁ ମେଡାଲ ପାଇଁ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିଛି। ସାହସିକତା ପାଇଁ ଜୟନ୍ତ ନାୟକ, ଅକ୍ଷୟ ବେହେରା, କାହ୍ନୁ ଶ୍ରୀଚନ୍ଦନ ପରିଡ଼ା ଓ ତପନ କୁମାର ବେହେରା ସାହସିକତା ମେଡାଲ ପାଇବେ। ଉଲ୍ଲେଖନୀୟ ସେବା ପାଇଁ ଉପ ଅଗ୍ନିଶମ ଅଧିକାରୀ ସତ୍ୟପୀର ବେହେରା ଓ ହାବିଲଦାର ମେଜର ରୂପାଇ ଚରଣ ମାଝି ମେଡାଲ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସମସ୍ତ ଅଗ୍ନିଶମ ଅଧିକାରୀଙ୍କୁ ଗୃହ ମନ୍ତ୍ରଣାଳୟ ଶୁଭେଚ୍ଛା ଜଣାଇଛି।

ଏ ନେଇ ଡିଜିପି ଅଭୟ କହିଛନ୍ତି, ଦୁଇ ଓଡ଼ିଆ ମରଣୋତ୍ତର ଶୌର୍ଯ୍ୟ ଚକ୍ର ପାଇବା ଆମ ପାଇଁ ଗର୍ବର ବିଷୟ। ସେମାନଙ୍କ ତ୍ୟାଗ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇବ। ସେମାନେ ଓଡ଼ିଶା ପୋଲିସର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ହୃଦୟରେ ସ୍ମରଣୀୟ ହୋଇ ରହିବେ। ଏହି ଅବସରରେ ସେ ମାଓବାଦୀଙ୍କୁ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ନୂଆ ଜୀବନ ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ପୋଲିସ ମେଡାଲ ସମ୍ପର୍କରେ ସେ କହିଲେ, ପୂର୍ବରୁ ଓଡ଼ିଶାର ୨୧୬ ଜଣ ପୋଲିସ ଗ୍ୟାଲେଣ୍ଟ୍ରି ପଦକ ପାଇଛନ୍ତି। ଏବେକାର ସମସ୍ତ ଯୋଗ୍ୟ ବିବେଚିତ ଅଧିକାରୀ ଓ କର୍ମଚାରୀ ପୋଲିସ ବିଭାଗ ପାଇଁ ଗର୍ବ ଆଣିଛନ୍ତି। ସେମାନଙ୍କ ବୀରତ୍ୱ, ପରାକ୍ରମ, ସାହସ ସମସ୍ତଙ୍କୁ ପ୍ରେରଣା ଯୋଗାଇଛି।

## କ୍ରାଇମବ୍ରାଞ୍ଚ ହାତରେ ...

୩ଜଣିଆ ଟିମ୍ ତୁରନ୍ତ ପାରଳାଖେମୁଣ୍ଡି ଯିବା ସହ ସୌମ୍ୟ ଜଳିଯାଇଥିବା ସରକାରୀ କ୍ୱାର୍ଟରରେ ତନାଘନା ଆରମ୍ଭ କରିଛି। ଦୀର୍ଘ ଦୁଇଘଣ୍ଟା ଧରି କ୍ରାଇମବ୍ରାଞ୍ଚ ଟିମ୍ ଉକ୍ତ କ୍ୱାର୍ଟରରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲା। ଘରର ସମସ୍ତ ଆସବାବପତ୍ର, ଫିଙ୍ଗର ପ୍ରିଣ୍ଟ, କେମିକାଲ ବ୍ୟବହାର ଆଦି ପରୀକ୍ଷା ଜାରି ରଖିଛନ୍ତି। ଏହି ମାମଲାରେ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା, ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କ ସହ ଅନ୍ୟମାନଙ୍କୁ ମଧ୍ୟ ପୁଣି ଜେରା କରାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଏସ୍‌ପି ମିଶ୍ର କହିଛନ୍ତି। କ୍ରାଇମବ୍ରାଞ୍ଚର ଏହି ଟିମ୍‌କୁ ସହାୟତା କରିବା ପାଇଁ ଏକ ୬ଜଣିଆ ବିଶେଷଜ୍ଞ ଟିମ୍ ଗଠନ କରାଯାଇଛି। ଯେଉଁଥିରେ ରସାୟନବିତ୍, ଫିଙ୍ଗରପ୍ରିଣ୍ଟ ବିଶେଷଜ୍ଞ, ସାଇଣ୍ଟିଫିକ୍ ଅଫିସର, ଅଗ୍ନିଶମ ବାହିନୀର ବିଶେଷଜ୍ଞ ପ୍ରମୁଖ ରହିଛନ୍ତି। ପୂର୍ବରୁ କ୍ରାଇମବ୍ରାଞ୍ଚ ଏହି ମାମଲାରେ ସ୍ଥାନୀୟ ପୋଲିସକୁ ତଦନ୍ତରେ ସହଯୋଗ କରୁଥିବାବେଳେ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଏବେ ଏହାର ସମ୍ପୂର୍ଣ୍ଣ ତଦନ୍ତ ଦାୟିତ୍ୱ ନେଇଛି ବୋଲି ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି।

ଅନ୍ୟପକ୍ଷେ ଏଯାବତ୍ ପୋଲିସ କାହାରିକୁ ଗିରଫ କରିପାରି ନ ଥିବାରୁ ସୌମ୍ୟଙ୍କ ଭାଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ସେ ପୋଲିସର ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଯଦି ଦୁର୍ଘଟଣାବଶତଃ ସୌମ୍ୟଙ୍କ ଦେହରେ ନିଆଁ ଲାଗିଥିଲା, ତା'ହେଲେ ଏସିଏଫ୍ ଟ୍ରେନିଂ ସମୟରେ ନିଆଁରୁ ବର୍ତ୍ତିବା କୌଶଳ ଶିଖିଥିବା ସୌମ୍ୟ କିପରି ଜଳିଗଲେ, ଯଦି ଏହା ଦୁର୍ଘଟଣା ନ ଥାଇ ସୌମ୍ୟ ଆତ୍ମହତ୍ୟା କରିଥିଲେ ତେବେ ୯୦ପ୍ରତିଶତ ପୋଡ଼ିବା ପର୍ଯ୍ୟନ୍ତ ସ୍ତ୍ରୀ ବିଦ୍ୟା ଭାରତୀ କ'ଣ କରୁଥିଲେ, ପାରଳାଖେମୁଣ୍ଡି ହସ୍ପିଟାଲରେ ବର୍ନ ୱାର୍ଡ ନ ଥିବା ସତ୍ତ୍ୱେ ଗୁରୁତର ଅବସ୍ଥାରେ ତାଙ୍କୁ କାହିଁକି ରାତି ୯ଟାରୁ ୧୨ ପର୍ଯ୍ୟନ୍ତ ସେଠାରେ ପକାଇ ରଖାଗଲା। ପୋଲିସ ଏ ସମସ୍ତ ଦିଗ ଉପରେ ତଦନ୍ତ କାହିଁକି କରୁନି ବୋଲି ଭାଇ ରଞ୍ଜନ ପ୍ରଶ୍ନ କରିବା ସହ ଦୋଷୀଙ୍କୁ ଶୀଘ୍ର ଦଣ୍ଡ ଦେବାଲାଗି ପୁଣିଥରେ ଦାବି କରିଛନ୍ତି।

ସୂଚନା ଯୋଗ୍ୟ, ଜୁଲାଇ୧୨ ସନ୍ଧ୍ୟା ସମୟରେ ସୌମ୍ୟ ପାରଳାଖେମୁଣ୍ଡିସ୍ଥିତ ତାଙ୍କ ସରକାରୀ ବାସଭବନରେ ଥିବା ସମୟରେ ସନ୍ଦେହଜନକ ଭାବେ ନିଆଁରେ ପୋଡ଼ି ହୋଇଯାଇଥିଲେ। ପରେ ତାଙ୍କୁ ଗୁରୁତର ଭାବେ ପାରଳାଖେମୁଣ୍ଡି ହସ୍ପିଟାଲ୍ ନିଆଯାଇଥିଲା। ସେଠାରୁ ତାଙ୍କୁ ବ୍ରହ୍ମପୁର ଓ ପରବର୍ତ୍ତୀ ସମୟରେ କଟକରେ ଥିବା ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ତେବେ ୧୩ତାରିଖରେ ସୌମ୍ୟଙ୍କ ସେଠାରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସୌମ୍ୟଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ଏମିତିକି ତାଙ୍କ ସ୍ତ୍ରୀ ବିଦ୍ୟାଭାରତୀ ଡିଏଫଓଙ୍କ ସହ ଅନୈତିକ ସମ୍ପର୍କ ରଖିଥିବାରୁ ଡିଏଫଓ ମଧ୍ୟ ଏଥିରେ ତାଙ୍କୁ ସାହାଯ୍ୟ କରିଥିବା ସୌମ୍ୟଙ୍କ ପରିବାର ଲୋକେ ଅଭିଯୋଗ ଆଣିଥିଲେ। ପରବର୍ତ୍ତୀ ସମୟରେ ସୌମ୍ୟ ଓ ବିଦ୍ୟାଭାରତୀଙ୍କ ବହୁ ହାତଲେଖା ଚିଠି ମଧ୍ୟ ମିଳିଥିଲା ଯାହ ଉଭୟଙ୍କ ମଧ୍ୟରେ ବୈବାହିକ ସମ୍ପର୍କ ଭଲ ନ ଥିବା ଜଣା ପଡ଼ିଥିଲା। ଯାହାକୁ ନେଇ ସୌମ୍ୟଙ୍କ ପରିବାର ଲୋକେ ଡିଜିପି, ରାଜ୍ୟସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ।

## ଯୁକ୍ତ ୨ କଳାରେ...

ସେହିପରି ଧନ୍ଦାମୂଳକ ଶିକ୍ଷାରେ ୬,୧୯୭ଜଣ ଛାତ୍ରୀଛାତ୍ରଙ୍କ ମୂଲ୍ୟାୟନ କରାଯାଇଥିବାବେଳେ ୫,୩୩୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ରେଗୁଲାରରେ ୪,୮୭୯ଜଣ ଓ ଏକ୍ସ-ରେଗୁଲାରରେ ୪୫୨ଜଣ ପାସ୍ କରିଛନ୍ତି। ଏଥିରେ ବି ଛାତ୍ରୀମାନେ ଆଗରେ ରହିଛନ୍ତି। ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୨,୬୧୪ଜଣ ଛାତ୍ରୀ ଓ ୨,୭୧୭ଜଣ ଛାତ୍ର ଅଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୮.୪% ଓ ଛାତ୍ରଙ୍କ ପାସ୍ ହାର ୮୩.୮୫% ରହିଛି। ୧,୦୭୬ଜଣ ପ୍ରଥମ ଶ୍ରେଣୀରେ, ୧,୮୩୬ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨,୨୧୯ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ପରୀକ୍ଷା ଫଳ ପ୍ରକାଶନ ସମୟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସାହୁ, ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ, ଉପାଧ୍ୟକ୍ଷ ତୁଷାରକାନ୍ତି ତ୍ରିପାଠୀ ଓ ସଚିବ ନିୟତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ କରୋନା ଯୋଗୁ ଯୁକ୍ତ୨ ପରୀକ୍ଷା ବାତିଲ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଅଲ୍ଟରନେଟିଭ୍ ଆସେସମେଣ୍ଟ ସ୍କିମ୍ ଅନୁଯାୟୀ ମାର୍କ ପ୍ରଦାନ କରାଯାଇଛି। ରେଜଲ୍ଟରେ ତଥ୍ୟ ଆଧାରିତ ତ୍ରୁଟି ଥିଲେ ଛାତ୍ରୀଛାତ୍ରମାନେ ଏ ସମ୍ପର୍କରେ ଆସନ୍ତା ୨୩ ତାରିଖ ଭିତରେ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଉପଯୁକ୍ତ ପ୍ରମାଣ ସହ ଅଭିଯୋଗ ଦାଖଲ କରିବେ। ଅଧ୍ୟକ୍ଷ ଉକ୍ତ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି ମାର୍କସିଟ୍ ଓ ଅନ୍ୟାନ୍ୟ ପ୍ରମାଣଗତ ଦସ୍ତାବିଜ ସହ ପରୀକ୍ଷା ନିୟନ୍ତ୍ରକଙ୍କୁ ୨୪ ତାରିଖ ମଧ୍ୟରେ ପଠାଇବେ। ଯେଉଁ ଛାତ୍ରୀଛାତ୍ରମାନେ ମାର୍କରେ ସନ୍ତୁଷ୍ଟ ନ ଥିବେ ସେମାନେ ଚାହିଁଲେ ଅଫ୍‌ଲାଇନ ପରୀକ୍ଷା ଦେଇପାରିବେ। ଅଫ୍‌ଲାଇନ ପରୀକ୍ଷା ସମ୍ପର୍କରେ ସବିଶେଷ ସୂଚନା ଓ ବିଜ୍ଞପ୍ତି ଆସନ୍ତା ୨୧ ତାରିଖ ସୁଦ୍ଧା ପ୍ରକାଶ ପାଇବ ବୋଲି ସିଏଚ୍ଏସ୍ଇ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ଜୁଲାଇ ୩୧ରେ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ବାହାରିଥିଲା। ବିଜ୍ଞାନରେ ପାସ୍ ହାର ୯୭.୧୫% ଓ ବାଣିଜ୍ୟରେ ୯୪.୯୬% ରହିଥିଲା।

## ମଦ୍ରାସା ବୋର୍ଡ ପରୀକ୍ଷା ଫଳ ପ୍ରକାଶ

ଭୁବନେଶ୍ୱର, ୧୪।୮(ବ୍ୟୁରୋ)- ଓଡ଼ିଶା ମଦ୍ରାସା ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାହିର(ଯୁକ୍ତ୨)ର ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ୫୮ଜଣ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ୩୪୭ଜଣ ପ୍ରାଇଭେଟ୍ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୩୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୪୦୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୯୨ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ପାସ୍ ହାର ୯୬.୭ ପ୍ରତିଶତ ରହିଛି। ଭଦ୍ରକ ଜିଲାର ଶେଖ୍ ସରଫରାଜ୍ ଆଲମ୍ ୮୨.୫% ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମଦ୍ରାସା ବୋର୍ଡର ୱେବ୍‌ସାଇଟ୍ osbme.org.inରୁ ଛାତ୍ରୀଛାତ୍ର ସେମାନଙ୍କ ପରୀକ୍ଷା ଫଳ ଜାଣିପାରିବେ ବୋଲି ମଦ୍ରାସା ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି।

## ଆମେରିକାରେ ବଢୁଛନ୍ତି ...

ଥିବାବେଳେ ଏବେ ତାହା ୬.୧%କୁ ବୃଦ୍ଧି ପାଇଛି। ଅଣଶ୍ୱେତାଙ୍ଗଙ୍କ ସଂଖ୍ୟା ୧୨.୧%ରେ ସ୍ଥିର ରହିଛି। ଏକ ଦଶନ୍ଧିରେ ଦେଶରେ ମୋଟ ଜନସଂଖ୍ୟା ୭.୪ ପ୍ରତିଶତ ବଢ଼ିଛି, ଯାହାକି ୧୯୩୦ ପରଠାରୁ ସବୁଠୁ ମନ୍ଥର। ଏହି ଜନଗଣନା ଅନୁସାରେ ଆମେରିକାର ମୋଟ ଲୋକ ସଂଖ୍ୟା ୩୩.୧ କୋଟିକୁ ବୃଦ୍ଧି ପାଇଛି। ଆମେରିକାର ପଶ୍ଚିମ ଓ ଦକ୍ଷିଣ ରାଜ୍ୟଗୁଡ଼ିକରେ ଅନ୍ୟ ଦେଶରୁ ଆସୁଥିବା ଲୋକଙ୍କ ସଂଖ୍ୟା ଅନେକାଂଶରେ ବଢ଼ିଛି। ବିବିଧତାର ଏହି ଧାରା ଜାରି ରହିଲେ ୨୦୪୫ ସୁଦ୍ଧା ଶ୍ୱେତାଙ୍ଗଙ୍କ ସଂଖ୍ୟା ୫୦% ତଳକୁ ଖସିଯିବ ବୋଲି ଆକଳନ କରାଯାଇଛି। ସେହିପରି ୨୦୧୦ରୁ ଆମେରିକାରେ ବହୁଜାତୀୟ ଲୋକଙ୍କ ସଂଖ୍ୟାରେ ବଡ଼ ତାରତମ୍ୟ ଦେଖାଯାଇଛି। ୨୦୧୦ରେ ଏହା ୯୦ ଲକ୍ଷ ଥିବାବେଳେ ୨୦୨୦ରେ ଏଥିରେ ୨୭୬% ବୃଦ୍ଧି ପାଇ ୩ କୋଟି ୩୮ ଲକ୍ଷରେ ପହଞ୍ଚିଛି।

## ଉଭେଇଯାଉଛି ଝୋଟ ...

ଏହାଛଡ଼ା ଘାସ ବାଛିବା ଯନ୍ତ୍ର ପାଇଁ ୧୦୦୦ଟଙ୍କା କିମ୍ବା ୫୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଛି। ବ୍ଲକ ସ୍ତରରେ ପ୍ରତି ୩୦ଜଣ ଚାଷୀଙ୍କ ପାଇଁ ତାଲିମ ବ୍ୟବସ୍ଥା କରାଯାଇଛି। ତେବେ ରାଜ୍ୟ ସରକାର ଏହି ଚାଷକୁ ପ୍ରୋତ୍ସାହନ ଯୋଗାଇବାକୁ ସେପରି କୌଣସି ବ୍ୟବସ୍ଥା କରିନାହାନ୍ତି। କେବଳ କେନ୍ଦ୍ର ଯୋଜନାରେ ଆସୁଥିବା କିଛି ଅର୍ଥ ସହାୟତା ଆକାରରେ ଯୋଗାଇ ଦେଉଛନ୍ତି।

ଜାତିସଂଘ ପ୍ଲାଷ୍ଟିକ ବଦଳରେ ପରିବେଶ ସୁରକ୍ଷା ପାଇଁ ଝୋଟ ତିଆରି ସାମଗ୍ରୀ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛି। ଓଡ଼ିଶାର ଜଳବାୟୁ ଝୋଟଚାଷ ପାଇଁ ଅନୁକୂଳ ଥିବାରୁ ଆନ୍ତର୍ଜାତିକ ଚାହିଦା ପୂରଣ ପାଇଁ ରାଜ୍ୟରେ ଏହାକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ବୋଲି କୃଷି ବିଶେଷଜ୍ଞଙ୍କ ମତ ଦେଉଛନ୍ତି।

କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ ରାଜ୍ୟରେ ଝୋଟଚାଷ କମି ଯାଉଥିଲା। ଗତ ଦୁଇ ବର୍ଷ ହେବ ଏଥିରେ ସୁଧାର ଆସିଛି। ୨୦୨୦ରେ ରାଜ୍ୟରେ ୩୯୬୦ ହେକ୍ଟର ଜମିରେ ଝୋଟଚାଷ ହୋଇଥିବା ବେଳେ ୨୦୨୧ରେ ୫୩୦୦ ହେକ୍ଟର ଜମିରେ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଛି। ହେକ୍ଟର ପିଛା ଝୋଟଚାଷ ପାଇଁ ୯ ହଜାର ଟଙ୍କା ସର୍ବାଧିକ ୨.୫ ଏକର ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଏହାଛଡ଼ା ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆର୍‌କେଭିୱାଇ)ରେ ଚଳିତ ବର୍ଷ କେନ୍ଦୁଝର, କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାରେ ନଳିତା ପଚାଇବା ପାଇଁ ୪୦ଟି କଂକ୍ରିଟ ପୋଖରୀ କରାଯିବ। ସରକାରୀ ଜାଗାରେ ଏହି ପୋଖରୀ ନିର୍ମାଣ ହେବ। ଫଳରେ ଚାଷୀମାନେ ନଳିତା ପଚାଇ ପାରିବେ। ଏହାଛଡ଼ା ଚାଷୀମାନଙ୍କ ଠାରୁ ଭାରତର ଝୋଟ ନିଗମ ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ କ୍ରୟ କରିବ।

ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା କୃଷି ବିଶେଷଜ୍ଞ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ଝୋଟର ଚାହିଦା କମିଯିବାରୁ ନଳିତାଚାଷ ରାଜ୍ୟରେ କମିଯାଇଛି। ସରକାରୀ ସ୍ତରରେ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ସହ ସ୍ଥାୟୀ ବଜାର ସୁବିଧା ଦେଇପାରିଲେ ଝୋଟ ଚାଷ ପ୍ରତି ଆଗ୍ରହ ପ୍ରକାଶ ପାଇବ। ପଲିଥିନ ଓ ପ୍ଲାଷ୍ଟିକ ଉପରେ କଟକଣା ଲଗାଯାଇଥିବାରୁ ଝୋଟ ଭଳି ପ୍ରାକୃତିକ ତନ୍ତୁର ବ୍ୟବହାର ପୁଣି ବୃଦ୍ଧିପାଇଛି। ଝୋଟ ଓ ଅନ୍ୟାନ୍ୟ ତନ୍ତୁକୁ ମିଶାଇ ଶାଢ଼ି ତିଆରି କରାଯାଉଛି। ସରକାର ଏଥିପାଇଁ ସ୍ୱତନ୍ତ୍ର ଯୋଜନା କରିବା ଦରକାର ବୋଲି ସେ କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


FINANCE
Pvt. Finance Secured /Unsecured 10Cr to 100Cr. against property at low Interest.
9008185706
9588088806

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨0000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ ୨୨୨/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
7983517788
8004625362

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ

ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

DHANLAXMI FINANCE
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭରା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପୋଲିସ ବଳୟରେ ନିର୍ମାଣ କାମ ଆରମ୍ଭ

## ଖରସ୍ରୋତା ପାଣି ଭଦ୍ରକକୁ ନେବା ବିବାଦ

କେନ୍ଦ୍ରାପଡ଼ା ଅଫିସ, ୧୪।୮

ଖରସ୍ରୋତା ପାଣି ଭଦ୍ରକକୁ ନେବା ବିବାଦକୁ ନେଇ ଗତ ଗୁରୁବାର କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାଠାରେ ଆନ୍ଦୋଳନକାରୀ ଓ ଜିଲା ପ୍ରଶାସନର ଲଢ଼େଇ ପରେ ମଧ୍ୟ ଏବେ ବି ଚାପା ଉତ୍ତେଜନା ଲାଗି ରହିଛି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟ ମେଗା ପାନୀୟ ଜଳ ପ୍ରକଳ୍ପର ଠିକା ସଂସ୍ଥା କର୍ତ୍ତୃପକ୍ଷଙ୍କ ଅଭିଯୋଗ କ୍ରମେ ରାଜକନିକା ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ୨୪ ଜଣଙ୍କୁ ଜିଲା ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଜିଲା ପୋଲିସର ଏପରି ଗିରଫଦାରି ପରେ ପ୍ରକଳ୍ପ ବିରୋଧରେ ଜନସମର୍ଥନ ବଢ଼ିବାରେ ଲାଗିଛି। ଏଣେ ଜିଲା ପ୍ରଶାସନ ସ୍ଥାନୀୟ ଲୋକଙ୍କ ସହିତ କୌଣସି ଆଲୋଚନା ନ କରି ଶନିବାରଠାରୁ ପୋଲିସ ଉପସ୍ଥିତିରେ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ କରିଛି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଶନିବାର କଂଗ୍ରେସ ନେତା ଗଣେଶ୍ୱର ବେହେରା ଗିରଫ ଘଟଣାକୁ ଦୁର୍ଭାଗ୍ୟଜନକ କହିବା ସହ ଆଳି ଓ ରାଜକନିକା ଅଞ୍ଚଳରେ ବୁଲି ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଛନ୍ତି। ସେହିପରି ଜିଲା ଭାଜପା ପକ୍ଷରୁ ଦୁହୁରିଆସ୍ଥିତ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ପୋଲିସର ଏପରି କାର୍ଯ୍ୟାନୁଷ୍ଠାନକୁ ଦୃଢ଼ ନିନ୍ଦା କରାଯିବା ସହ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଅପରପକ୍ଷେ ଭିତରକନିକା ଇକୋ ସେନ୍‌ସେଟିଭ ଜୋନ ମନିଟରିଂ କମିଟି ସଦସ୍ୟ 'ସମ୍ଭାବନା ଅନୁଷ୍ଠାନ'ର ଜମି ମାପ ସହିତ ବଳକା ଜମିରୁ ଦଖଲ ହଟାଇବା ପାଇଁ ରାଜକନିକା ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟଠାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପର ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଓ ପାଣିଉଠା ସ୍ଥାନ ବରୁଣାଡିହା ଭିତରକନିକା ଇକୋ ସେନ୍‌ସେଟିଭ ଜୋନ ମଧ୍ୟରେ ଅଛି। ଏନେଇ ହୋଇଥିବା ଅନୁଧ୍ୟାନ ରିପୋର୍ଟରେ ପ୍ରକଳ୍ପ ନିର୍ମାଣ ପରେ ଭିତରକନିକା ଉପରେ ହେବାକୁ ଥିବା ପ୍ରଭାବ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ସେହିପରି ସ୍ଥାନୀୟ ଅଞ୍ଚଳର କୃଷି ଓ ପାନୀୟ ଜଳ ଆବଶ୍ୟକତା ଉପରେ ଅନୁଧ୍ୟାନ କରାଯାଇ ନାହିଁ। ପ୍ରକଳ୍ପ ନିର୍ମାଣ ପାଇଁ ଆତୁର ଜିଲା ପ୍ରଶାସନ ସିଆରପିସି ଧାରା ୧୪୪ ଲଗାଇ କାର୍ଯ୍ୟ କରାଇବା ଆଦୌ ଉଚିତ ନୁହେଁ। ପ୍ରକଳ୍ପ ପାଇଁ ଆଳି ଓ ରାଜକନିକାବାସୀଙ୍କ ମତାମତକୁ ଉପେକ୍ଷା କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

ସାମାଜିକ କର୍ମୀ ଗୌତମ କୁମାର ସାହୁ କହିଛନ୍ତି, ସେନ୍‌ସେଟିଭ ଜୋନ ମନିଟରିଂ କମିଟିର ସଦସ୍ୟ ଭାବେ ସମ୍ଭାବନା ଅନୁଷ୍ଠାନ ଅଛି। ଏହାର ସଦସ୍ୟ ଶ୍ରୀକାନ୍ତ ନାୟକ ଭିତରକନିକାର ସୁରକ୍ଷା ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ମେଗା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପରେ ଭିତରକନିକାର ସୁରକ୍ଷା ପାଇଁ ସରକାରୀ ଅନୁଧ୍ୟାନ କମିଟିର ରିପୋର୍ଟକୁ ଅପେକ୍ଷା କରିବାକୁ ଦାବି ଜଣାଇ ଶ୍ରୀକାନ୍ତ ଗତ ମଙ୍ଗଳବାରଠାରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଅନଶନ ଜାରି ରଖିଛନ୍ତି। ଏହାକୁ ପ୍ରକଳ୍ପ ବିରୋଧୀ ଦର୍ଶାଇ ଜିଲା ପ୍ରଶାସନ ଆକ୍ରୋଶମୂଳକ ଭାବେ ଜମି ମାପ କରିଛନ୍ତି। ସେହିପରି ସିପିଆଇର କର୍ମକର୍ତ୍ତା ଗୟାଧର ଧଳ କହିଛନ୍ତି, ଖରସ୍ରୋତା ନଦୀରୁ ପାଣିଉଠାକୁ ବିରୋଧୀ ମିଳିତ ମଞ୍ଚ ବିରୋଧ କରିଛି। ଅପରପକ୍ଷେ ଏସ୍‌ପି ମଡକର ସନ୍ଦିପ ସମ୍ପଦ ଖୁବ୍‌ଶୀଘ୍ର ପୋଲିସ ବଳୟ ମଧ୍ୟରେ ବରୁଣାଡିହାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଗଣମାଧ୍ୟମକୁ ଶୁକ୍ରବାର ସୂଚନା ଦେଇଥିଲେ। ଶନିବାରଠାରୁ ପୋଲିସ ବଳୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏକଥା ଜଣାପଡିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଠେଙ୍ଗାରେ ପିଟି ବୃଦ୍ଧଙ୍କୁ ହତ୍ୟା

**ବାରିପଦା ଅଫିସ, ୧୪।୮** – ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ବୁଡାମରା ଗ୍ରାମରେ ଶନିବାର ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କ ଠେଙ୍ଗା ମାଡରେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବୃଦ୍ଧଙ୍କୁ ଉଦ୍ଧାର କରିବାକୁ ଯାଇ ତାଙ୍କ ବୋହୂ ମଧ୍ୟ ଗୁରୁତର ଆହତ ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ସୁକେଶ ମହାନ୍ତ। ଅଭିଯୁକ୍ତ ଯୁବକ ହେଲେ ବୁଡାମରା ଗ୍ରାମର ଚନ୍ଦ୍ରମୋହନ ମହାନ୍ତ। ଏ ସଂକ୍ରାନ୍ତରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଉକ୍ତ ଯୁବକଙ୍କୁ ଗିରଫ କରିବା ସହିତ ଠେଙ୍ଗା ଜବତ କରିଛି। ଚନ୍ଦ୍ରମୋହନ ଅପରାହ୍ନରେ ମୃତ ସୁକେଶଙ୍କ ବୋହୂଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ସୁକେଶ ଏହାକୁ ବିରୋଧ କରିବାରୁ ଚନ୍ଦ୍ରମୋହନ ଉତ୍ତ୍ୟକ୍ତ ହୋଇ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା।


ODISHA HYDRO POWER CORPORATION LIMITED
BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN: 764051, Phones: 06861-232581 (O)/232641 (R), FAX: 06861-232541, E-mail: unit.head_balimela@yahoo.com

REGD. OFFICE: ODISHA HYDRO POWER CORPORATION LIMITED
(A Govt. of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 751022, Tel.: 91-0674-2542983, 2542802, 2545526 Fax: 2542102, GRAM: HYDROPOWER, E-mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963, GSTIN: 21AAACO2575P1Z9

TENDER CALL NOTICE No.: BHEP/TECH/13/2021-22 Dtd. 12.08.2021

No. CAD-883: Sealed tenders are invited in two part bid basis (Techno-Commercial Bid & Price Bid) from the reputed manufacturers for supply of materials as detailed below.

| Sl. No. | Description of Items | Cost of Tender Paper in Rs. |
|---|---|---|
| 1 | Procurement of Transformer Oil of EHV Grade for BHEP, Balimela | 7,080/- inclusive of GST @ 18% |

The sale of tender paper will be from : 23.08.2021 to 06.09.2021 (upto 13.00 hrs.)
The last date & time of receipt of tender : Upto 16.00 hrs. of 06.09.2021
Date and time of opening of the Techno Commercial Bid : 06.09.2021 at 16.30 hrs.
For details of tender documents, terms and conditions, eligibility criteria and downloading please visit our website at **www.ohpcltd.com**.

OIPR-04019/11/0014/2122 — Sd./- C & P Head, BHEP, Balimela

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ SBI
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସମ୍ବଲପୁର, ସା: ହୁସେନ୍ ହାଉସ୍, ପୋ.: ଅଇଁଠାପଲ୍ଲୀ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୪

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ) [ରୁଲ୍- ୮ (୧)]

ଏତଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୯ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନିମ୍ନଦର୍ଶିତ ତାରିଖରେ ନୋଟିସ୍ ଜାରିକରି ନୋଟିସ୍ ମାଧମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୯ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି।

ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

| ଆକାଉଣ୍ଟ, ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସ୍ୱତ୍ୱାଧିକାରୀ / ଅଂଶୀଦାର / ଗ୍ୟାରେଣ୍ଟିଦାତା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| ଆକାଉଣ୍ଟ ନଂ.: ୩୩୩୩୬୨୦୭୮୭୪ (ସିସି) ଏବଂ ୩୩୩୩୦୪୫୮୦୦୪୯ (ଟିଏଲ) (ବନ୍ଦ)/ **ଋଣଗ୍ରହୀତା: ମେସର୍ସ ଏ.କେ. ବ୍ରଦର୍ସ,** ସା: ଗୋପାଳଜୀ ରୋଡ଼, ସମଲେଶ୍ୱରୀ ମନ୍ଦିର ନିକଟ, ପୋ/ ଜିଲ୍ଲା: ବଲାଙ୍ଗୀର, ପିନ୍- ୭୬୭୦୦୧ | ସ୍ୱତ୍ୱାଧିକାରୀ: ଶ୍ରୀ ଅନନ୍ତ କୁମାର ଦାଶ | **ଶ୍ରୀମତୀ ମୁକ୍ତାଞ୍ଜଳି ଦାଶ,** ସ୍ୱାମୀ: ବିଶ୍ୱମ୍ଭର ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୯୮, ପ୍ଲଟ୍ ନଂ.: ୫୯୫, କ୍ଷେତ୍ର: ଏକର୦.୦୪୬ ଡିସିମିଲି, ପ୍ଲଟ୍ ନଂ.: ୫୯୬, କ୍ଷେତ୍ର: ଏକର୦.୦୧୪ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୬୦ ଡିସିମିଲି,** କିସମ: ଘରବାରୀ, ମୌଜା: ବଲାଙ୍ଗୀର 'ଗ', ଥାନା: ବଲାଙ୍ଗୀର, ତହସିଲ: ବଲାଙ୍ଗୀର, ଜିଲ୍ଲା: ବଲାଙ୍ଗୀର। | ୧୭.୦୧.୨୦୨୦ / ୧୧.୦୮.୨୦୨୧ | ଟ.୪୬,୭୦,୫୫୩/- + ୧୮.୦୧.୨୦୨୦ ଠାରୁ ପରବର୍ତ୍ତୀ ସୁଧ + ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ |

ସ୍ଥାନ: ସମ୍ବଲପୁର
ତାରିଖ : ୧୪.୦୮.୨୦୨୧
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସମ୍ବଲପୁର

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDH, UNIT-V, BHUBANESWAR
E-mail ID: cebuildings_orissa@yahoo.co.in
cebuildings@rediffmail.com, Tel.: (0674) 2391523

INVITATIONS FOR BIDS (IFB)

File No. B-II-M-33/2015 (Pt-II) Lr. No. 30350 — Bhubaneswar, the 11th Aug. 2021
No. B-290

Invitation for Bids

Bid Identification No. OSD (Buildings) - 11/2021-22

| | | |
|---|---|---|
| 1. | The OSD (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in Double Cover System in ONLINE MODE only, for the work "Construction of Abhishek-cum-Banquet Hall at Raj Bhawan, Bhubaneswar Phase-II" amounting to Rs.15,02,92,156.00 as detailed below. | |
| 2. | Nature of Work | Building works |
| 3. | No. of Works | 01 No. |
| 4. | Bid Cost | Rs.10,000/- (each) |
| 5. | Class of Contractor | Super Class |
| 6. | Availability of Bid documents in the website | From Dt.16.08.2021 to 17.00 hours of Dt.06.09.2021 |
| 7. | Date of opening of Bid | Dt.07.09.2021 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

Sd./- OSD (Buildings), Odisha, Bhubaneswar
OIPR-34117/11/0032/2122

## ଏଲ୍‌ଓସିରେ ମିଠା ଆଦାନପ୍ରଦାନ

ପଡୋଶୀ ପାକିସ୍ତାନର ସ୍ୱାଧୀନତା ଦିବସ ପାଳନ ଅବସରରେ ଶନିବାର ଭାରତୀୟ ସେନା ଅଧିକାରୀମାନେ ନିୟନ୍ତ୍ରଣ ରେଖା(ଏଲ୍‌ଓସି)ଠାରେ ସେମାନଙ୍କ ପ୍ରତିପକ୍ଷଙ୍କୁ ଶୁଭେଚ୍ଛା ଜଣାଇବା ସହ ପରସ୍ପର ସହ ମିଠା ଆଦାନପ୍ରଦାନ କରିଛନ୍ତି। ଉତ୍ତର କାଶ୍ମୀରର କୁପୱାରା ଜିଲା ଟାଙ୍ଗଧର ସେକ୍ଟର ଚିଲିହାନା ଟିଥ୍‌ୱାଲ କ୍ରସିଂ ପଏଣ୍ଟରେ ଭାରତୀୟ ସେନା ଅଧିକାରୀମାନେ ପାକିସ୍ତାନୀ ପ୍ରତିପକ୍ଷଙ୍କୁ ମିଠା ବାଣ୍ଟିଥିଲେ।

# କାବୁଲ ଚାରିପଟେ ତାଲିବାନ୍

**ସଂକ୍ଷେପରେ**

## ଗାନ୍ଧିଜୀଙ୍କୁ ମରଣୋତ୍ତର ସମ୍ମାନ ପାଇଁ ଆମେରିକା କଂଗ୍ରେସରେ ପ୍ରସ୍ତାବ



**ୱାଶିଂଟନ,୧୪।୮:** ମହାତ୍ମା ଗାନ୍ଧୀଙ୍କୁ ମରଣୋତ୍ତର ଭାବେ ଆମେରିକାର ସର୍ବୋଚ୍ଚ ସମ୍ମାନ କଂଗ୍ରେସନାଲ ଗୋଲ୍ଡ ମେଡାଲରେ ସମ୍ମାନିତ କରିବା ପାଇଁ ଆମେରିକା ହାଉସ୍ ଅଫ୍ କମନ୍ସରେ ପୁନର୍ବାର ପ୍ରସ୍ତାବ ଅଣାଯାଇଛି। ଏଭଳି ସମ୍ମାନ ପାଇବାରେ ମହାତ୍ମା ଗାନ୍ଧୀ ପ୍ରଥମ ଭାରତୀୟ ହେବେ। ପୂର୍ବରୁ ଏହି ସମ୍ମାନ ଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ଜର୍ଜ ୱାଶିଂଟନ, ନେଲସନ୍ ମଣ୍ଡେଲା, ମାର୍ଟିନ ଲୁଥର କିଙ୍ଗ୍ ଜୁନିୟର, ମଦର ଟେରେସା ଏବଂ ରୋସା ପାର୍କସ୍। ମହାତ୍ମା ଗାନ୍ଧୀଙ୍କ ଐତିହାସିକ ସତ୍ୟାଗ୍ରହ ଏବଂ ଅହିଂସା ଆନ୍ଦୋଳନ ଭାରତ ସମେତ ସାରା ବିଶ୍ୱକୁ ଅନୁପ୍ରାଣିତ କରିଥିଲା। ଶାନ୍ତି ଓ ଅହିଂସାର ପ୍ରସାରରେ ଗାନ୍ଧିଜୀଙ୍କ ଅବଦାନର ସ୍ୱୀକୃତି ସ୍ୱରୂପ ତାଙ୍କୁ କଂଗ୍ରେସନାଲ ଗୋଲ୍ଡ ମେଡାଲରେ ସମ୍ମାନିତ କରିବା ପାଇଁ ଶୁକ୍ରବାର ଆମେରିକା ପ୍ରତିନିଧି ସଭାରେ ନ୍ୟୁୟର୍କ ଏମ୍‌ପି ପୁନର୍ବାର ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟର ସେବା ପାଇଁ ଆମକୁ ଉତ୍ସର୍ଗୀକୃତ କରିବାରେ ଗାନ୍ଧିଜୀ ପ୍ରେରଣା ଯୋଗାଇଥିଲେ ବୋଲି କଂଗ୍ରେସ ସଦସ୍ୟା ବି. ମାଲୋନି କହିଥିଲେ।

## ଯୋଗୀଙ୍କ ବିରୋଧରେ ଲଢ଼ିବେ ଅମିତାଭ ଠାକୁର

**ଜବରଦସ୍ତି ଦିଆଯାଇଥିଲା ଅବସର**



**ନୂଆଦିଲ୍ଲୀ, ୧୪।୮:** ଭାରତୀୟ ପୋଲିସ ସେବା(ଆଇପିଏସ୍)ର ପୂର୍ବତନ ଅଧିକାରୀ ଅମିତାଭ ଠାକୁର ଆସନ୍ତା ବର୍ଷ ଉତ୍ତରପ୍ରଦେଶରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଭାଜପା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ପ୍ରାର୍ଥୀ ହେବେ। ଏ ନେଇ ସେ ଶନିବାର ଏକ ବିବୃତି ମାଧ୍ୟମରେ ଜଣାଇଛନ୍ତି। ୟୁପି କ୍ୟାଡରର ଏହି ଅଧିକାରୀଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ତାଙ୍କୁ ଜୋର ଜବରଦସ୍ତି ଅବସର ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ପଦରେ ରହି ଯୋଗୀ ଅନେକ ଅଗଣତାନ୍ତ୍ରିକ, ଅରାଜକତା, ଉତ୍ପୀଡ଼ନ, ଭେଦଭାବ ପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ଏହା ତାଙ୍କ ସିଦ୍ଧାନ୍ତର ଲଢ଼େଇ। ତେଣୁ ଯୋଗୀ ଯେଉଁ ଆସନରୁ ଛିଡ଼ା ହେବେ ସେଠାରେ ସେ ପ୍ରାର୍ଥୀ ହେବେ ବୋଲି ଠାକୁର କହିଛନ୍ତି। ଗତ ମାର୍ଚ୍ଚ ୨୩ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ଠାକୁରଙ୍କୁ ସେବାରୁ ନିବୃତ୍ତ କରାଯାଇଥିଲା। କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ଦାୟିତ୍ୱରେ ରହିବା ପାଇଁ ସେ ଯୋଗ୍ୟ ନୁହଁନ୍ତି ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଥିଲା। ସମାଜବାଦୀ ପାର୍ଟି ନେତା ମୁଲାୟମ ସିଂ ଯାଦବ ତାଙ୍କୁ ଧମକ ଦେଇଥିବା ନେଇ ଅଭିଯୋଗ ଆଣିବା ପରେ ୨୦୧୫ ଜୁଲାଇ ୧୩ରେ ଠାକୁରଙ୍କୁ ନିଲମ୍ବିତ କରାଯାଇଥିଲା।

## ତୁର୍କୀ ବନ୍ୟାରେ ୪୪ ମୃତ



**ଇସ୍ତାନବୁଲ୍,୧୪।୮:** ତୁର୍କୀରେ ବନ୍ୟା ଓ ଭୂସ୍ଖଳନରେ ୪୪ ଜଣଙ୍କ ମୃତ୍ୟୁ ହୋଇଥିବା ଦେଶର ଜରୁରୀ ତଥା ବିପର୍ଯ୍ୟୟ ସଂସ୍ଥା ପକ୍ଷରୁ କୁହାଯାଇଛି। ବୁଧବାରଠାରୁ ବାର୍ଟିନ, କାଷ୍ଟାମୋନୁ, ସିନୋପ ପ୍ରଦେଶରେ ଲଗାଣ ବର୍ଷା ଜାରି ରହିବାରୁ ବନ୍ୟା ଆସି ୫ ବ୍ରିଜ୍ ଓ ଅନେକ ଘର ଭୁଶୁଡ଼ି ପଡ଼ିଛି। ବନ୍ୟା ସ୍ରୋତରେ ଅନେକ କାର ଭାସିଯାଇଛି। କାଷ୍ଟାମୋନୁରେ ୩୮ ଏବଂ ସିନୋପରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ଏଏଫ୍‌ଏଡି କହିଛି। ଜଣେ ନିଖୋଜ ଥିବାବେଳେ ଅନ୍ୟ ୯ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଖାଲୁଆ ଅଞ୍ଚଳଗୁଡ଼ିକରୁ ୨,୨୫୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ଭୟାବହ ବର୍ଷା ହେଉଥିବା ପାଣିପାଗ ବିଜ୍ଞାନୀମାନେ କହିଛନ୍ତି।

---

- ଲୋଗାର ପ୍ରଦେଶ ଦଖଲ
- ମଜାର-ଇ-ଶରିଫ୍ ଉପରେ ଆକ୍ରମଣ ଜାରି
- ଆଲୋଚନା ପାଇଁ କଠୋର ସର୍ତ୍ତ ରଖିଲେ ଆତଙ୍କବାଦୀ
- ରାଜଧାନୀ ଛାଡ଼ିବା ପାଇଁ ବିମାନବନ୍ଦରରେ ପ୍ରବଳ ଭିଡ଼



**କାବୁଲ୍,୧୪।୮**

ଆଫଗାନିସ୍ତାନ ରାଜଧାନୀ କାବୁଲର ଦକ୍ଷିଣରେ ଥିବା ଲୋଗାର ପ୍ରଦେଶକୁ ତାଲିବାନ ଆତଙ୍କବାଦୀମାନେ ଦଖଲ କରିବା ସହ ଶନିବାର ମଜାର-ଇ-ଶରିଫ୍ ଉପରେ ଆକ୍ରମଣ ଅବ୍ୟାହତ ରଖିଛନ୍ତି। ଆମେରିକା ସୈନ୍ୟ ସମ୍ପୂର୍ଣ୍ଣ ପ୍ରତ୍ୟାହାର ହେବାକୁ ଆଉ ୩ ସପ୍ତାହରୁ କମ୍ ସମୟ ଥିବାବେଳେ ତାଲିବାନ ଦେଶର ଉତ୍ତର, ପଶ୍ଚିମ ଏବଂ ଦକ୍ଷିଣ ଭାଗର ଅଧିକାଂଶ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇସାରିଲାଣି। ଆତଙ୍କବାଦୀମାନେ ଦେଶ ଶାସନକୁ କବ୍‌ଜା କରିବା ସହ ଅନ୍ୟ ଏକ ଗୃହଯୁଦ୍ଧର ଆଶଙ୍କା ବଢ଼ିବାରେ ଲାଗିଛି।

ଆଫଗାନିସ୍ତାନ ରାଜଧାନୀ କାବୁଲକୁ ତାଲିବାନ ଆତଙ୍କବାଦୀମାନେ ଚାରିପଟୁ ଘେରିଗଲେଣି। ଆତଙ୍କବାଦୀମାନେ ରାଜଧାନୀର ଯେତେ ନିକଟତର ହେଉଛନ୍ତି, ଲୋକଙ୍କ ମଧ୍ୟରେ ଆତଙ୍କ ସେତିକି ବଢ଼ିବାରେ ଲାଗିଛି। ଏବେ ରାଜଧାନୀ ଛାଡ଼ି ପଳାଇଯିବା ପାଇଁ କାବୁଲ ଅନ୍ତର୍ଜାତୀୟ ବିମାନବନ୍ଦର ଏକମାତ୍ର ମାର୍ଗ। ଆକ୍ରମଣ ଭୟରେ କାବୁଲ ଛାଡ଼ିବା ପାଇଁ ବିମାନବନ୍ଦର କାଉଣ୍ଟର ଏବଂ ଟର୍ମିନାଲ ବାହାର ପାର୍କିଂ ସ୍ଥଳଗୁଡ଼ିକରେ ଲୋକଙ୍କ ପ୍ରବଳ ଭିଡ଼ ଲାଗି ରହିଛି। ଧାଡ଼ିରେ ଛିଡ଼ାହୋଇଥିବା ଲୋକେ ସେମାନଙ୍କ ଲଗେଜ ଓ ଅନ୍ୟାନ୍ୟ ଜିନିଷକୁ ଠେଲି ଠେଲି ନେଉଥିବା ଦେଖାଯାଇଛି। ଯେଉଁମାନେ ଟିକେଟ ପାଇଯାଉଛନ୍ତି, ସେମାନଙ୍କୁ ଭାଗ୍ୟବାନ ବିବେଚନା କରାଯାଉଛି। ଏହା ପରେ ଟର୍ମିନାଲକୁ ଯିବା ଲାଗି ଆଉ ୩ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଶେଷରେ ସମ୍ପର୍କୀୟମାନଙ୍କୁ ଅଶ୍ରୁଳ ନୟନରେ ବିଦାୟ ଦେଇ ସେମାନେ ଦେଶ ଛାଡୁଛନ୍ତି।

ଶନିବାର ତାଲିବାନ ସମ୍ପୂର୍ଣ୍ଣ ଲୋଗାର ପ୍ରଦେଶକୁ ଦଖଲ କରିବା ସହ ଏହାର ପ୍ରାଦେଶିକ ଅଧିକାରୀମାନଙ୍କୁ ଗିରଫ କରିଛି। ଆତଙ୍କବାଦୀମାନେ ଚାର୍ ଆସ୍ୟାବ ଜିଲାରେ ପହଞ୍ଚିଛନ୍ତି, ଯାହା କାବୁଲଠାରୁ ମାତ୍ର ୧୧ କିଲୋମିଟର ଦୂର। ଏହା ବ୍ୟତୀତ ସେମାନେ ପାକିସ୍ତାନ ସୀମାକୁ ଲାଗିଥିବା ପାକ୍ଟିକା ପ୍ରଦେଶର ରାଜଧାନୀ ଶାରାନାକୁ ମଧ୍ୟ କବ୍‌ଜା କରିଛନ୍ତି। ଦେଶର ଅନ୍ୟତମ ବୃହତ୍ ସହର ମଜାର-ଇ-ଶରିଫକୁ ଚାରିପଟୁ ଆକ୍ରମଣ କରାଯାଉଛି। ସହର ଉପକଣ୍ଠରେ ଜୋରଦାର ଲଢ଼େଇ ଜାରି ରହିଥିବା ପ୍ରାଦେଶିକ ରାଜ୍ୟପାଳଙ୍କ ମୁଖପାତ୍ର ମୁନିର ଅହମଦ ଫରହାଦ କହିଛନ୍ତି।

ତାଲିବାନ୍‌କୁ ଶାନ୍ତି ଆଲୋଚନା ଟେବୁଲ୍‌କୁ ଆଣିବା ପାଇଁ ଇସ୍‌ଲାବା ଉପରେ ଚାପ ବଢୁଛି। କ୍ଷମତା ବଣ୍ଟନ ଲାଗି ଆଫଗାନ ରାଷ୍ଟ୍ରପତି ଅଶ୍ରଫ୍ ଗନିଙ୍କୁ ବାଦ୍ ଦେଇ ସରକାରଙ୍କ ସହ ତାଲିବାନର ଆଲୋଚନା ପାଇଁ ପାକିସ୍ତାନ ପ୍ରସ୍ତାବ ଦେଇଛି। ସେପଟେ ଆଫଗାନିସ୍ତାନ ସରକାରଙ୍କ ସହ ଆଲୋଚନା ପାଇଁ ଆତଙ୍କବାଦୀ ସଂଗଠନ କଠୋର ସର୍ତ୍ତ ରଖିଛି। ସମସ୍ତ ତାଲିବାନ୍ ବନ୍ଦୀଙ୍କୁ ମୁକ୍ତ କରିବା ସହ ଜାତିସଂଘ ଉକ୍ତ ସଂଗଠନକୁ ଆତଙ୍କବାଦୀ ତାଲିକାରୁ ବାଦ୍ ଦେବାକୁ ସୁନ୍ନି ଇସ୍‌ଲାମୀୟ ସଂଗଠନ କହିଛି। ଏଥିସହିତ ମିଳିତ ସରକାରରେ ସମସ୍ତ କ୍ଷମତା ତାଲିବାନକୁ ମିଳିବା ଆବଶ୍ୟକ ବୋଲି ଉକ୍ତ ସଂଗଠନ ସର୍ତ୍ତ ବାଢ଼ିଛି। ଗତ ମାସ ୧୭ରୁ ୧୯ ମଧ୍ୟରେ ରାଷ୍ଟ୍ରପତି ଗନିଙ୍କ ସହ ତାଲିବାନ ନେତାଙ୍କ ବୈଠକ ବିଫଳ ହୋଇଥିଲା। ଗନିଙ୍କ ସହ ଆଲୋଚନା କରିବାକୁ ତାଲିବାନ ନେତାମାନେ ରାଜି ହୋଇ ନ ଥିଲେ।

## ଅସ୍ଥିରତାର ଗମ୍ଭୀର ସ୍ଥିତି



ଅଶ୍ରଫ୍ ଗନି

ଆଫଗାନିସ୍ତାନ ଏବେ ଅସ୍ଥିରତାର ଗୁରୁତର ବିପଦ ମଧ୍ୟରେ ବୋଲି ଶନିବାର ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଅଶ୍ରଫ୍ ଗନି କହିଛନ୍ତି। ତେବେ ଗତ ୨୦ ବର୍ଷର ସଫଳତାକୁ ବ୍ୟର୍ଥ ହେବାକୁ ଦିଆଯିବ ନାହିଁ। ସମସ୍ୟାର ସମାଧାନ ଲାଗି ସେ ସ୍ଥାନୀୟ ନେତା ଓ ଅନ୍ତର୍ଜାତୀୟ ସହଯୋଗୀମାନଙ୍କ ସହ ଆଲୋଚନା ଚଳାଇଛନ୍ତି। ଦେଶର ଅଧିକାଂଶ ଅଞ୍ଚଳକୁ ତାଲିବାନ ଦଖଲ କରିସାରିଥିବାବେଳେ ସଶସ୍ତ୍ର ସୈନ୍ୟବାହିନୀକୁ ପୁଣିଥରେ ଏକଜୁଟ୍ କରିବା ସର୍ବାଧିକ ପ୍ରାଥମିକତା ବୋଲି ଗନି କହିଛନ୍ତି। ରାଷ୍ଟ୍ରପତି ଭାବେ ଦେଶକୁ ଅସ୍ଥିରତା, ହିଂସା ଏବଂ ବିସ୍ଥାପନରୁ ମୁକ୍ତ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ଗନି ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ତେବେ ତାଙ୍କର ଇସ୍ତଫା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଏ ସମ୍ପର୍କରେ ସେ କିଛି କହିନାହାନ୍ତି। ତାଲିବାନ ପକ୍ଷରୁ ତାଙ୍କର ଇସ୍ତଫା ଦାବି ହୋଇଆସୁଛି। ଗତ ବୁଧବାର ଗନିଙ୍କୁ ଶେଷ ଥର ପାଇଁ ମଜାର-ଇ-ଶରିଫରେ ଦେଖିବାକୁ ମିଳିଥିଲା। ଶନିବାର ଉକ୍ତ ସହର ଉପରେ ଆତଙ୍କବାଦୀମାନେ ଜୋର୍‌ଦାର ଆକ୍ରମଣ କରିଛନ୍ତି।

## ସାମିଲ ହେବେ କୋଭିଡ୍ ଯୋଦ୍ଧା, ଅଲିମ୍ପିକ୍ସ କ୍ରୀଡ଼ାବିତ୍

**ନୂଆଦିଲ୍ଲୀ, ୧୪।୮**

**୭୫ତମ ସ୍ୱାଧୀନତା ଦିବସ ଉତ୍ସବ**

ସାରା ଦେଶ ରବିବାର ୭୫ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ଲାଲ୍‌କିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ପ୍ରଥମ ଥର ପାଇଁ ବାୟୁସେନାର ଦୁଇଟି ଏମ୍‌ଆଇ-୧୭ ହେଲିକପ୍ଟର ଲାଲ୍‌କିଲ୍ଲା ଉପରେ ପୁଷ୍ପ ବୃଷ୍ଟି କରିବେ। ଏହି ଉତ୍ସବରେ ଯୋଗଦେବା ପାଇଁ ଅଲିମ୍ପିକ୍ ପଦକ ବିଜେତା ୩୨ କ୍ରୀଡ଼ାବିତ୍ ଓ ଭାରତର କ୍ରୀଡ଼ା କର୍ତ୍ତୃପକ୍ଷ (ଏସ୍‌ଏଆଇ)ର ୨ ଅଧିକାରୀ, ଅନ୍ୟ କ୍ରୀଡ଼ାବିତ୍ ଏବଂ ସହାୟକ କର୍ମଚାରୀମାନଙ୍କୁ ନିମନ୍ତ୍ରଣ କରାଯାଇଛି। ଏହା ବ୍ୟତୀତ କରୋନା ମୁକାବିଲାରେ ପ୍ରମୁଖ ଭୂମିକା ନିଭାଇଥିବା ସ୍ୱାସ୍ଥ୍ୟ କର୍ମଚାରୀମାନେ ସ୍ୱାଧୀନତା ଦିବସ ଉତ୍ସବରେ ଅଂଶଗ୍ରହଣ କରିବେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ରାଷ୍ଟ୍ରମନ୍ତ୍ରୀ ଅଜୟ ଭଟ୍ଟ, ପ୍ରତିରକ୍ଷା ସଚିବ ଅଜୟ କୁମାର ପ୍ରଧାନମନ୍ତ୍ରୀଙ୍କୁ ଲାଲ୍ କିଲାରେ ସ୍ୱାଗତ କରିବେ। ଏହା ପରେ ସ୍ଥଳସେନା, ନୌସେନା, ବାୟୁସେନା ଏବଂ ଦିଲ୍ଲୀ ପୋଲିସ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବ। ଲାଲ୍‌କିଲ୍ଲାରେ ପ୍ରତିରକ୍ଷା ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ବିପିନ ରାୱତ, ସେନାମୁଖ୍ୟ ଏମ୍.ଏମ୍. ନରୱଣେ, ନୌସେନା ମୁଖ୍ୟ ଆଡମିରାଲ କରମବୀର ସିଂ ଏବଂ ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ଆର୍.କେ. ଏସ୍. ଭଦୌରିଆ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବେ। ଅଭିନନ୍ଦନ କାର୍ଯ୍ୟକ୍ରମ ପରେ ପ୍ରଧାନମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବେ।



ନୂଆଦିଲ୍ଲୀର ଏକ ଚିଡ଼ିଆଖାନାରେ ଥିବା ପୁଷ୍କରିଣୀରେ ରୋଜି ପେଲିକାନ୍ ସନ୍ତରଣ କରୁଛନ୍ତି।

## ମିଜୋରାମ ସୀମା ଆସାମ ସ୍କୁଲ୍‌ରେ ବିସ୍ଫୋରଣ

**ଗୁଆହାଟୀ,୧୪।୮**

ଆସାମ-ମିଜୋରାମ ସୀମା ବିବାଦକୁ ନେଇ ଉତ୍ତେଜନା ଥମିବାର ନାଁ ନେଉନାହିଁ। ଶୁକ୍ରବାର ରାତିରେ ମିଜୋରାମ ସୀମାବର୍ତ୍ତୀ ଆସାମର ଏକ ସରକାରୀ ସ୍କୁଲ୍‌ରେ ଦୁର୍ବୃତ୍ତମାନେ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ସ୍କୁଲ ପାଚେରି ଭୁଶୁଡ଼ି ପଡ଼ିଛି। ସ୍ଥାନୀୟ ଲୋକେ ବିସ୍ଫୋରଣ ଶବ୍ଦ ଶୁଣି ପୋଲିସକୁ ଜଣାଇଥିଲେ। ବାସ୍ତବ ସୀମାଠାରୁ ଏହି ସ୍କୁଲ ଏକ କିଲୋମିଟରରୁ କମ୍ ଦୂରରେ ଅବସ୍ଥିତ। ହୈଲାକାଣ୍ଡି ଜିଲା ପୋଲିସ ଓ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି।

## ୬ ଯବାନଙ୍କୁ ଶୌର୍ଯ୍ୟ ଚକ୍ର

**ନୂଆଦିଲ୍ଲୀ, ୧୪।୮**

**୨୩ ଆଇଟିବିପି ଯବାନଙ୍କୁ ପୋଲିସ ପଦକ**

ଆତଙ୍କବାଦ ବିରୋଧୀ ଅଭିଯାନରେ ସାହସିକତା ପ୍ରଦର୍ଶନ ଓ ଆକ୍ରମଣ ଯୋଜନା ପଣ୍ଡ କରିବାରେ ସଫଳତା ପାଇଁ ୬ ଯବାନଙ୍କୁ ଶୌର୍ଯ୍ୟ ଚକ୍ରରେ ସମ୍ମାନିତ କରାଯାଇଛି। ଏହା ଭାରତର ତୃତୀୟ ସବୁଠାରୁ ବଡ଼ ବୀରତା ପଦକ। ମେଜର ଅରୁଣ କୁମାର ପାଣ୍ଡେ, ମେଜର ରବି କୁମାର ଚୌଧୁରୀ, କ୍ୟାପ୍‌ଟେନ୍ ଆଶୁତୋଷ କୁମାର, କ୍ୟାପ୍‌ଟେନ୍ ବିକାଶ କ୍ଷେତ୍ରୀ, ରାଇଫଲମ୍ୟାନ ମୁକେଶ କୁମାର ଏବଂ ସିପାହୀ ନୀରଜ ଅହଲାୱତ୍‌ଙ୍କୁ ଏହି ସମ୍ମାନ ମିଳିଛି। ସ୍ୱାଧୀନତା ଦିବସ ଅବସରରେ ୪ ଜଣ ସେନା କର୍ମଚାରୀଙ୍କୁ 'ବାର୍ ଟୁ ସେନା' ପଦକ ପ୍ରଦାନ କରାଯାଇଥିବାବେଳେ ଅନ୍ୟ ୧୧୬ ଜଣଙ୍କୁ ସେନା ପଦକ ପାଇଁ ମନୋନୀତ କରାଯାଇଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ୧୩୮୦ ସେନା ପଦକ ଘୋଷଣା କରାଯାଇଥିବାବେଳେ ଇଣ୍ଡୋ ତିବେତାନ ବର୍ଡର ପୋଲିସ (ଆଇଟିବିପି)ର ୨୩ ଯବାନଙ୍କୁ ପୋଲିସ ପଦକରେ ସମ୍ମାନିତ କରାଯିବ। ସେମାନଙ୍କ ମଧ୍ୟରେ ଗତ ବର୍ଷ ମେ-ଜୁନ୍ ରେ ଲଦାଖରେ ଚାଇନା ସେନା ସହ ମୁହାଁମୁହିଁ ହୋଇଥିବା ୨୦ ଜଣ ଯବାନ ରହିଛନ୍ତି।

## ଅଗଷ୍ଟ ୧୪ ବିଭାଜନ ବିଭୀଷିକା ସ୍ମୃତି ଦିବସ

**ନୂଆଦିଲ୍ଲୀ, ୧୪।୮(ପି.ଟି.)**

**ବିଜ୍ଞପ୍ତି ଜାରି କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ**

ଅଗଷ୍ଟ ୧୪ ତାରିଖକୁ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ଭାବେ ପାଳନ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ବିଜ୍ଞପ୍ତି ଜାରି କରାଯାଇଛି। ଦେଶ ବିଭାଜନ ବେଳେ ଯେଉଁମାନେ ବଳିଦାନ ଦେଇଥିଲେ ସେମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଉକ୍ତ ଦିବସକୁ ପାଳନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଘୋଷଣା କରିବାର କିଛି ସମୟ ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଦେଶ ବିଭାଜନ ବେଳେ ଅନେକଙ୍କୁ ପ୍ରାଣବଳି ଦେବାକୁ ପଡ଼ିଥିଲା। ବହୁ ଲୋକ ନିର୍ଯାତନାର ଶିକାର ହୋଇଥିଲେ। ସେହି ସମୟର ଯନ୍ତ୍ରଣାକୁ କଦାପି ଭୁଲି ହେବ ନାହିଁ ବୋଲି ମୋଦି କହିଥିଲେ। ଉକ୍ତ ଦିବସକୁ ବିଭାଜନ ବିଭୀଷିକା ସ୍ମୃତି ଦିବସ ଭାବେ ପାଳନ ପାଇଁ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସ୍ୱାଗତ କରିଥିଲେ। ଦେଶ ବିଭାଜନର କ୍ଷତ ଏବଂ ନିଜ ଲୋକଙ୍କୁ ହରାଇବାର ଦୁଃଖକୁ ଶବ୍ଦରେ ପ୍ରକାଶ କରାଯାଇପାରିବ ନାହିଁ। ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ ଦ୍ୱାରା ସମାଜରୁ ପାତରଅନ୍ତର ଏବଂ ଦ୍ୱେଷ ଆଦି ଦୁର୍ଭାବନାକୁ ଦୂର କରାଯାଇ ଶାନ୍ତି, ପ୍ରେମ ଓ ଏକତାକୁ ମଜଭୁତ କରାଯାଇପାରିବ ବୋଲି ସେ ଟୁଇଟ୍ କରିଛନ୍ତି।

ଦେଶବାସୀ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଭାରତ ବିଭାଜନ ବେଳେ ପ୍ରାଣବଳି ଦେଇଥିବା ଦେଶର ପୁଅ ଝିଅମାନଙ୍କୁ ସାଲ୍ୟୁଟ କରାଯିବ। ଏଥିପାଇଁ ଅଗଷ୍ଟ ୧୪କୁ ବିଭାଜନ ବିଭୀଷିକା ସ୍ମୃତି ଦିବସ ଭାବେ ପାଳନ କରିବାକୁ ସରକାର ଘୋଷଣା କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଜ୍ଞପ୍ତିରେ କୁହାଯାଇଛି।

୧୯୪୭ରେ ଭାରତ ସ୍ୱାଧୀନ ହେବା ସହ ବିଭାଜିତ ହୋଇ ପାକିସ୍ତାନ ଗଠନ କରାଯାଇଥିଲା। ଏହି ସମୟରେ ଲକ୍ଷ ଲକ୍ଷ ଲୋକ ବିସ୍ଥାପିତ ହେବା ସହ ଦଙ୍ଗାରେ ଲକ୍ଷାଧିକ ଲୋକଙ୍କ ଜୀବନ ଯାଇଥିଲା।

## ଦିଲ୍ଲୀରେ ସୁରକ୍ଷା କଡ଼ାକଡ଼ି

**ନୂଆଦିଲ୍ଲୀ, ୧୪।୮**

୭୫ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ରାଜଧାନୀ ଦିଲ୍ଲୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୮ ମାସରୁ ଊର୍ଦ୍ଧ୍ୱ ହେଲା କୃଷକ ଆନ୍ଦୋଳନ ଚାଲିଥିବା ଦିଲ୍ଲୀ ସୀମା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ହଜାର ହଜାର ସଂଖ୍ୟାରେ ସୁରକ୍ଷାକର୍ମୀ କଡ଼ା ନଜର ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧନ କରିବାକୁ ଥିବା ଲାଲ୍‌କିଲ୍ଲାରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହାସହ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର, ରେଳ ଷ୍ଟେଶନ, ସୀମା ନିକଟବର୍ତ୍ତୀ ବସ୍ ଟର୍ମିନାଲ ନିକଟରେ ସୁରକ୍ଷାକର୍ମୀ ମୁତୟନ ହୋଇଛନ୍ତି। ଯମୁନା ନଦୀରେ ପାଟ୍ରୋଲିଂ କରାଯାଉଛି। ଦିଲ୍ଲୀ ଟ୍ରାଫିକ୍ ପୋଲିସ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୮ ମୁଖ୍ୟ ରାସ୍ତାକୁ ରବିବାର ସକାଳ ୪ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ବନ୍ଦ କରାଯାଇଛି।



ସ୍ୱାଧୀନତା ଦିବସ ପୂର୍ବରୁ ନୂଆଦିଲ୍ଲୀର ବିଜୟ ଚୌକ୍‌ଠାରେ ପୋଲିସ ଯାଞ୍ଚ କରୁଛି।

## ବଡ଼ ଆକ୍ରମଣ ଯୋଜନା ପଣ୍ଡ

## ୪ ଜେଇଏମ୍ ଆତଙ୍କବାଦୀ ଗିରଫ

**ଶ୍ରୀନଗର, ୧୪।୮**

**ଟାର୍ଗେଟରେ ଥିଲା ଅଯୋଧ୍ୟା, ପାନିପତ ରିଫାଇନାରି**

ସ୍ୱାଧୀନତା ଦିବସରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ଜମ୍ମୁ-କଶ୍ମୀର ପୋଲିସ ପଣ୍ଡ କରିଛି। ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ(ଜେଇଏମ୍) ସଦସ୍ୟମାନେ ଅଗଷ୍ଟ ୧୫ରେ ଜମ୍ମୁରେ ଆଇଡି ବିଛାଇବା ସହ ଦେଶର କେତେକ ପ୍ରମୁଖ ସ୍ଥାନରେ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ଜଣାପଡ଼ିବା ପରେ ପୋଲିସ ୪ ଆତଙ୍କବାଦୀଙ୍କୁ ଶନିବାର ଗିରଫ କରିଛି। ପ୍ରଥମେ ପୁଲ୍‌ୱାମାରୁ ଜଣେ ଆତଙ୍କବାଦୀ ଗିରଫ ହେବା ପରେ ସୂଚନା ପାଇ ଅନ୍ୟ ୪ ଜଣଙ୍କୁ ପୋଲିସ ଧରିଥିଲା। ସେମାନଙ୍କ ନିକଟରୁ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଜବତ ହୋଇଛି। ସେଥିମଧ୍ୟରେ ଚାଇନା ତିଆରି ଗ୍ରେନେଡ୍ ରହିଛି। ଏଥିସହ କଶ୍ମୀର ଉପତ୍ୟକାକୁ ଅସ୍ତ୍ରଶସ୍ତ୍ର ପରିବହନ କରୁଥିବା ଏକ ଟ୍ରକ୍‌କୁ ମଧ୍ୟ ଜବତ କରାଯାଇଛି।



ପାନିପତ ରିଫାଇନାରି

ପୋଲିସ ସୂଚନା ଅନୁଯାୟୀ, ଜେଇଏମ୍ ଆତଙ୍କବାଦୀମାନେ ପାନିପତ ତୈଳ ବିଶୋଧନାଗାର, ଅଯୋଧ୍ୟା ରାମ ଜନ୍ମଭୂମି, ଜମ୍ମୁରେ ଆଇଡି ବିସ୍ଫୋରଣ ଯୋଜନା କରିଥିଲେ। ପାକିସ୍ତାନରେ ଥିବା ଜେଇଏମ୍‌ର ଜଣେ କମାଣ୍ଡର ମୁନାଜିର ଓରଫ୍ ଶାହିଦ୍‌ଙ୍କ ନିର୍ଦ୍ଦେଶକ୍ରମେ ସେମାନେ ଏପରି କରିଥିବା ପୋଲିସ ଆଗରେ ମାନିଛନ୍ତି। ଗିରଫ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ପାନିପତ ତୈଳ ବିଶୋଧନାଗାର ଉପରେ ନଜର ରଖିବା ସହ ଏହାର ଭିଡିଓ ଜେଇଏମ୍ କମାଣ୍ଡରଙ୍କ ନିକଟକୁ ପଠାଇଛନ୍ତି। ଅନ୍ୟଜଣେ ଅଯୋଧ୍ୟା ରାମ ଜନ୍ମଭୂମି ଉପରେ ନଜର ରଖିଥିଲେ। ଆଉ ଜଣେ ଆତଙ୍କବାଦୀ ଜମ୍ମୁରେ ବାଇକ୍ ଯୋଗେ ଆଇଡି ବିସ୍ଫୋରଣ ପାଇଁ ଯୋଜନା କରିଥିଲେ। ଏହି ଆଇଡି ଡ୍ରୋନ ଦ୍ୱାରା ପକାଯିବା ନିମନ୍ତେ ସେମାନେ ପ୍ରସ୍ତୁତ ହୋଇଥିଲେ। ଗିରଫ ଚତୁର୍ଥ ଆତଙ୍କବାଦୀ ଜଣେ ଫଳ ବେପାରୀ ହୋଇ ଭାରତରେ ଜେଇଏମ୍‌ରେ ଯୁବକଙ୍କୁ ଭର୍ତ୍ତି କରାଉଥିଲେ ବୋଲି ପୋଲିସ କହିଛି। ଏହି ଘଟଣା ପରେ ସୁରକ୍ଷାକର୍ମୀ ହାଇ ଆଲର୍ଟରେ ରହିଛନ୍ତି।

## ଭାରତୀୟ ଅଲିମ୍ପିକ ଦଳ ପାଇଁ ଦେଶ ଗର୍ବିତ: ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୪।୮ (ପି.ଟି.)

ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଦଳର ଚମତ୍କାର ପ୍ରଦର୍ଶନ ପାଇଁ ସମଗ୍ର ଦେଶ ଗର୍ବିତ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳକୁ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଏକ 'ଟି ପାର୍ଟି'ରେ ଆପ୍ୟାୟିତ କରାଯାଇଥିଲା। ଏହି ଅବସରରେ ରାଷ୍ଟ୍ରପତି ଭାରତୀୟ ଦଳର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଅଲିମ୍ପିକ୍ସ ଅଂଶଗ୍ରହଣ କରିବା ପରଠାରୁ ଭାରତ ଏଥର ସବୁଠାରୁ ଅଧିକ ପଦକ ଜିତିବାରେ ସମର୍ଥ ହୋଇଛି। ଦଳର ଅଧିକାଂଶ ଖେଳାଳି ସେମାନଙ୍କ କ୍ୟାରିୟର ଆରମ୍ଭରେ ଅଲିମ୍ପିକ୍ସ ପଦାର୍ପଣ କରି ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଏହି ସଫଳତା ଦ୍ୱାରା ଯୁବ ସମାଜ ଖେଳ ପ୍ରତି ଆକୃଷ୍ଟ ହେବେ। ମାତାପିତାଙ୍କ ମନରେ ଖେଳ ପ୍ରତି ସକାରାତ୍ମକ ଭାବ ସୃଷ୍ଟି କରିବ। ରାଷ୍ଟ୍ରପତି ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇବା ସହ ଦଳର ପ୍ରଚେଷ୍ଟାକୁ ସାବାସୀ ଜଣାଇଛନ୍ତି। ଉତ୍ସବରେ ଉପ ରାଷ୍ଟ୍ରପତି ଭେଙ୍କାୟା ନାଇଡୁ ମଧ୍ୟ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରଠାରେ ଶନିବାର ଏକ ଗ୍ରୁପ୍ ଫଟୋ ସେସନରେ ଟୋକିଓ ଅଲିମ୍ପିକ୍ସ ଭାରତୀୟ ଦଳ ସହ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଅନ୍ୟମାନଙ୍କ ସହ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ମଧ୍ୟ ଉପସ୍ଥିତ ଅଛନ୍ତି।

## ଗାଙ୍ଗୁଲିଙ୍କ ବଡ଼ ଭାଇ ସ୍ନେହାଶିଷ ଅସୁସ୍ଥ

କୋଲକାତା, ୧୪।୮ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଧ୍ୟକ୍ଷ ସୌରଭ ଗାଙ୍ଗୁଲିଙ୍କ ବଡ଼ ଭାଇ ସ୍ନେହାଶିଷ ଅସୁସ୍ଥ ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପାକସ୍ଥଳୀରେ ସଂକ୍ରମଣ କାରଣରୁ ତାଙ୍କୁ ଶନିବାର ଚିକିତ୍ସା ପାଇଁ ନିଆଯାଇଥିଲା। ତେବେ ତାଙ୍କ କୋଭିଡ୍-୧୯ ରିପୋର୍ଟ ନେଗେଟିଭ ଆସିଛି ଓ ସେ ପାକସ୍ଥଳୀରେ ସଂକ୍ରମଣର ଶିକାର ହୋଇଛନ୍ତି ବୋଲି ହସ୍ପିଟାଲ ତରଫରୁ କୁହାଯାଇଛି। ସ୍ନେହାଶିଷ ଏବେ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି)ର ସମ୍ପାଦକ ରହିଛନ୍ତି। ୫୩ ବର୍ଷୀୟ ସ୍ନେହାଶିଷଙ୍କର ପୂର୍ବରୁ ଆଞ୍ଜିଓପ୍ଲାଷ୍ଟି କରାଯାଇଥିଲା। ଶୁକ୍ରବାର ରାତିରେ ତାଙ୍କର ବାନ୍ତି ହୋଇଥିଲା। ଫଳରେ ତାଙ୍କୁ ଭୋର ୩ଟାରେ ହସ୍ପିଟାଲ ନିଆଯାଇଥିଲା। ଗାଙ୍ଗୁଲି ଏବେ ସ୍ତ୍ରୀ ଡୋନାଙ୍କ ସହିତ ଲଣ୍ଡନରେ ଅଛନ୍ତି। ସେ ସ୍ଥିତି ଉପରେ ନଜର ରଖିଛନ୍ତି। ଗାଙ୍ଗୁଲିଙ୍କ ଭଳି ସ୍ନେହାଶିଷ ମଧ୍ୟ ଜଣେ କ୍ରିକେଟର।

# ଆଇପିଏଲ୍ ପାଇଁ ଦୁବାଇରେ ଶ୍ରେୟାସ

ନୂଆଦିଲ୍ଲୀ, ୧୪।୮ (ପି.ଟି.)

ଭାରତର ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଶନିବାର ଦୁବାଇରେ ପହଞ୍ଚିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱିତୀୟ ପର୍ଯ୍ୟାୟ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁଥିବାରୁ ଏଥିଲାଗି ସେ ଟ୍ରେନିଂ ନେବା ସହ ନିଜକୁ ପ୍ରସ୍ତୁତ କରିବେ। ୨୦୨୦ ସିଜନରେ ଆୟାରଙ୍କ ନେତୃତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ଫାଇନାଲରେ ପ୍ରବେଶ କରିଥିଲା।



ଶ୍ରେୟାସ ଆୟାର

ଦୀର୍ଘ ୫ ମାସ ରିହାବିଲିଟେଶନରେ ରହିବା ପରେ ସେ ଖେଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୁଣେରେ ଏକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳୁଥିବାବେଳେ ଗୁରୁତର ଭାବେ ଆହତ ହୋଇଥିଲେ ଆୟାର। ଏପ୍ରିଲ ୮ରେ ତାଙ୍କ କାନ୍ଧରେ ଅସ୍ତ୍ରୋପଚାର ହୋଇଥିଲା। ସମସ୍ତ ପ୍ରକାର କ୍ୱାରାଣ୍ଟାଇନ ପ୍ରୋଟୋକଲ କାର୍ଯ୍ୟ ଶେଷ କରିବା ପରେ ଶ୍ରେୟାସ ଦୁବାଇରେ ପହଞ୍ଚିଛନ୍ତି ଏବଂ ସେ ଶୀଘ୍ର ଟ୍ରେନିଂ ଆରମ୍ଭ କରିବେ ବୋଲି ଦିଲ୍ଲୀ କ୍ୟାପିଟାଲ୍ସର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଟିମ୍ ଚଳିତ ମାସ ଶେଷ ଭାଗରେ ପହଞ୍ଚିବ। ଦଳ ସହିତ ଅଭ୍ୟାସ କରିବା ପୂର୍ବରୁ ଆଗୁଆ ଫିଟ୍ କରିବାକୁ ଚାହିଁଥିଲେ ଶ୍ରେୟାସ। ସହାୟତା ପାଇଁ ତାଙ୍କ ସହିତ ବାଲ୍ୟକାଳ କୋଚ୍ ତଥା ଦିଲ୍ଲୀ କ୍ୟାପିଟାଲ୍ସର ବ୍ୟାଟିଂ କୋଚ୍ ପ୍ରବୀଣ ଆମ୍ରେ ମଧ୍ୟ ଆସିଛନ୍ତି। ପ୍ରଥମ ସପ୍ତାହରେ ଟିମ୍ ଓ ନେଟ୍ ବୋଲର ଉପଲବ୍ଧ ହେବେ ନାହିଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏସ୍‌ଓପି ପ୍ରୋଟୋକଲ ଅନୁସାରେ କୌଣସି ବାହାର ନେଟ୍ ବୋଲରଙ୍କ ସହାୟତା ନିଆଯାଇ ପାରିବ ନାହିଁ। ଶ୍ରେୟାସ ପ୍ରବୀଣଙ୍କ ସହାୟତା ନେଇପାରନ୍ତି। କୋଭିଡ୍ ସମୟରେ ଭାରତରେ କ୍ୱାଲିଟି ଟ୍ରେନିଂ ସମ୍ଭବପର ନୁହେଁ। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଟିମ୍‌କୁ ୫ରୁ ୬ ଦିନ କଠିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ତେଣୁ ଦଳ ସହିତ ଟ୍ରେନିଂ ନେବାକୁ ହେଲେ ଶ୍ରେୟାସଙ୍କୁ ଆହୁରି ୧୦ ଦିନ ଅପେକ୍ଷା କରିବାକୁ ପଡ଼ିଥାନ୍ତା। ଶ୍ରେୟାସ ଭାରତର ସୀମିତ ଓଭର ଦଳର ନିୟମିତ ସଦସ୍ୟ ରହି ଆସିଛନ୍ତି। ଏକ ସପ୍ତାହ ଧରି ଟେଷ୍ଟ ପରେ ନ୍ୟାଶନାଲ କ୍ରିକେଟ ଏକାଡେମୀରୁ ସେ ଫିଟ୍‌ନେସ ସାର୍ଟିଫିକେଟ ହାସଲ କରିଛନ୍ତି।

# ଆଜାରେଙ୍କାଙ୍କୁ ହରାଇ ସେମିରେ ସାବାଲେଙ୍କା

ମଣ୍ଟ୍ରିଲ, ୧୪।୮ (ଏପି)

ଏଠାରେ ଚାଲିଥିବା ମଣ୍ଟ୍ରିଲ ମାଷ୍ଟର୍ସ ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟରେ ଟପ୍ ସିଡ୍ ବେଲାରୁଷର ଅରିନା ସାବାଲେଙ୍କା ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସାବାଲେଙ୍କା ୬-୨, ୬-୪ ସେଟ୍‌ରେ ନିଜ ଦେଶର ଭିକ୍ଟୋରିଆ ଆଜାରେଙ୍କାଙ୍କୁ ହରାଇ ସେମିକୁ ଉଠିଛନ୍ତି।

ବିଶ୍ୱ ର୍‍ୟାଙ୍କିଂର ୩ ନମ୍ବର ସ୍ଥାନରେ ଥିବା ସାବାଲେଙ୍କା ଦ୍ୱିତୀୟ ସେଟ୍‌ରେ ୪-୨ରେ ପଛରେ ପଡିଥିଲେ। ତେବେ ସେ ପ୍ରତ୍ୟାବର୍ତ୍ତନ କରି ଶେଷରେ ବିଜୟୀ ହୋଇଥିଲେ। ସେମିରେ ସାବାଲେଙ୍କା ଚତୁର୍ଥ ସିଡ୍ ଚେକ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭାଙ୍କୁ ଭେଟିବେ। ପ୍ଲିସ୍କୋଭା ଅନ୍ୟଏକ କ୍ୱାର୍ଟର ଫାଇନାଲରେ ସ୍ପେନର ସାରା ସୋରିବ୍ସ ଟୋର୍ମୋଙ୍କୁ ୬-୪, ୬-୦ ସେଟ୍‌ରେ ହରାଇ ସେମିରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟଏକ ମହିଳା ସିଙ୍ଗଲ୍ସ



**ଡବ୍ଲ୍ୟୁଟିଏ ମଣ୍ଟ୍ରିଲ ମାଷ୍ଟର୍ସ**

ସେମିରେ ଆମେରିକାର ଜେସିକା ପେଗୁଲା ଓ ଇଟାଲୀର କାମିଲା ଜିଓର୍ଜି ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ଜିଓର୍ଜି ୬-୪, ୭-୬ ସେଟ୍‌ରେ ଆମେରିକାର କୋକୋ ଗୌଫ୍‌ଙ୍କୁ ହରାଇ ସେମିରେ ପ୍ରବେଶ କରିଛନ୍ତି। ସେହିପରି ପେଗୁଲା ୧-୬, ୭-୬, ୬-୦ ସେଟ୍‌ରେ ଟ୍ୟୁନିସିଆର ଓନ୍ସ ଜାବେଉରଙ୍କୁ ହରାଇ ସେମିରେ ପ୍ରବେଶ କରିଛନ୍ତି।



# 'ଉତ୍କୃଷ୍ଟତା ଲାଗି ପ୍ରୟାସ ଜାରି ରହୁ'

ଭୁବନେଶ୍ୱର, ୧୪।୮ (ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟର ୧୭ତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଭର୍ଚୁଆଲରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କହିଲେ, ତୁମେମାନେ ଯେଉଁସବୁ ଜ୍ଞାନ ଆହରଣ କରିଛ, ତାହା ତୁମର ଭବିଷ୍ୟତ ନିର୍ମାଣ କରିବାରେ ସହାୟକ ହେବ। ଉତ୍କୃଷ୍ଟତା ଲାଗି ସମସ୍ତେ ପ୍ରୟାସ ଜାରି ରଖିବା ଆବଶ୍ୟକ। ଏଥିରୁ ଯେଉଁ ସଫଳତା ହାସଲ କରିବ ତାହା ସମାଜର ଦୁର୍ବଳ ବର୍ଗର ବ୍ୟକ୍ତିଙ୍କ ପାଇଁ ସକାରାତ୍ମକ ପ୍ରଭାବ ପକାଇବ ବୋଲି ପ୍ରଧାନ କହିଥିଲେ।

ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶିଷ୍ଟ ଆଧ୍ୟାତ୍ମିକ ସାଧ୍ୱୀ ମାତା ଅମୃତାନନ୍ଦମୟୀ ଦେବୀ (ଆମ୍ମା)ଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ କରାଯାଇଥିଲା। ସେହିଭଳି ବିଶିଷ୍ଟ ଶିକ୍ଷାବିତ୍, ସାମାଜିକକର୍ମୀ ତଥା ଏନାମ୍ ଗ୍ରୁପ୍ ଏବଂ ଦେଶ ଆପନାଏଁ ସହଯୋଗ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ଓ ଫ୍ଲେମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ନିର୍ଦ୍ଦେଶକ ବଲ୍ଲଭ ଭନ୍‌ଶାଲି, ଫ୍ରାନ୍ସର ବିଶିଷ୍ଟ ରସାୟନ ନୋବେଲ୍ ବିଜେତା ପ୍ରଫେସର ଜିନ୍ ମାରି ଲେନ୍‌ଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା। ଡିଲିଟ୍ ସମ୍ମାନ ଗ୍ରହଣ କରି ଅମୃତାନନ୍ଦମୟୀ କହିଲେ, ପରବର୍ତ୍ତୀ ପିଢ଼ି ପାଇଁ ଶିକ୍ଷା ଜରିଆରେ ମାନବିକ ମୂଲ୍ୟବୋଧ ତିଆରି କରିବା ହେଉଛି ବର୍ତ୍ତମାନ ସମୟରେ ଗୁରୁତ୍ୱପୂର୍ଣ୍ଣ। ସେହିପରି କୃତଜ୍ଞତାଠାରୁ ଉଚ୍ଚ କୌଣସି ମାନବିକ ପ୍ରକୃତି ନାହିଁ ବୋଲି ଭନ୍‌ଶାଲି କହିବା ସହ ଛାତ୍ରୀଛାତ୍ର ଏହି ଧର୍ମ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଡ. ଲେନ୍ କିଟ୍ ଓ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଡ. ସାମନ୍ତ ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କୁଳାଧିପତି ପ୍ରଫେସର ବେଦ ପ୍ରକାଶ, ଉପକୁଳାଧିପତି ପ୍ରଫେସର ଡ. ସୁବ୍ରତ ଆଚାର୍ଯ୍ୟ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ପାଇଁ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। କୁଳପତି ଦାୟିତ୍ୱରେ ଥିବା ପ୍ରଫେସର ସସ୍ମିତା ସାମନ୍ତ ବାର୍ଷିକ ବିବରଣୀ ପାଠ କରିବା ସହ କିଟ୍‌ର ବିଶ୍ୱସ୍ତରୀୟ ର୍‍ୟାଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟର ୨୦୨୦-୨୧ ବ୍ୟାଚ୍‌ର ମୋଟ୍ ୭,୦୩୨ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଆୟୁଷ କୁମାର, ବାସେଲ୍ ନାସର ଏବଂ ସୁଧାଂଶୁ ଉପାଧ୍ୟାୟଙ୍କୁ ଚଳିତବର୍ଷର ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବାବେଳେ ୨୨ଜଣ ଛାତ୍ରୀଛାତ୍ରଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ୩୧ଜଣଙ୍କୁ କୁଳପତି ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ନନୀବାଳା ସ୍ୱର୍ଣ୍ଣପଦକ, ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ପି. କେ. ବଳ ସ୍ମାରକୀ ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣପଦକ ଦିଆଯାଇଥିବାବେଳେ ୬୧ଜଣ ଗବେଷଣାରତ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା।




ସମାବର୍ତ୍ତନ ଉତ୍ସବରେ ଅନ୍ୟମାନଙ୍କ ଉପସ୍ଥିତିରେ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଜଣେ ଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରୁଛନ୍ତି।

**କିଟ୍ ବିଶ୍ୱବିଦ୍ୟାଳୟର ୧୭ତମ ସମାବର୍ତ୍ତନ ଉତ୍ସବ**

- ଆମ୍ମାଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ
- ବଲ୍ଲଭ ଭନ୍‌ଶାଲି, ପ୍ରଫେସର ଜିନ୍ ମାରି ଲେନ୍‌ଙ୍କୁ ଡକ୍ଟରେଟ୍
- ୨୫ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ, ୩୧ଜଣଙ୍କୁ ରୌପ୍ୟ

# ୧୬ରୁ ସ୍ୱର୍ଗଦ୍ୱାରରେ ବାହାର ଲୋକଙ୍କୁ ଶବଦାହ ଅନୁମତି

**ମହୋଦଧିରେ ଅସ୍ଥି ବିସର୍ଜନ କରିପାରିବେ**

- ମୃତକଙ୍କ ଅଣକୋଭିଡ୍ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ
- ୧୦ଜଣ ଆତ୍ମୀୟଙ୍କ ଉପସ୍ଥିତିରେ ଅନ୍ତ୍ୟେଷ୍ଟିକ୍ରିୟା
- କୋଭିଡ୍ ଗାଇଡ୍‌ଲାଇନ ପାଳନ ବାଧ୍ୟତାମୂଳକ
- ବର୍ଷା ହେଲେ ମୁଣ୍ଡ ଗୁଞ୍ଜିବାକୁ ହୋଇପାରେ ସମସ୍ୟା

ପୁରୀ ଅଫିସ, ୧୪।୮




ସ୍ୱର୍ଗଦ୍ୱାରରେ ଶବସତ୍କାର ଓ ମହୋଦଧିରେ ଅସ୍ଥି ବିସର୍ଜନ ନେଇ ରହିଥିବା କଟକଣାକୁ ପୁରୀ ଜିଲା ପ୍ରଶାସନ ପ୍ରତ୍ୟାହାର କରିନେଇଛି। ଆସନ୍ତା ୧୬ ତାରିଖରୁ ବାହାର ଜିଲା ଓ ରାଜ୍ୟର ଲୋକେ ସ୍ୱର୍ଗଦ୍ୱାରରେ ଅଣକୋଭିଡ୍ ମୃତକଙ୍କ ଦାହ କରିପାରିବେ। ସେହିଭଳି ଅସ୍ଥି ବିସର୍ଜନ ପାଇଁ ମଧ୍ୟ ବେଳାଭୂମି ଭିତରକୁ ଛଡ଼ାଯିବ ବୋଲି ଜିଲା ପ୍ରଶାସନ ଶନିବାର ସ୍ପଷ୍ଟ କରିଛି। ତେବେ ଶବଦାହ ପୂର୍ବରୁ ଅଣକୋଭିଡ୍ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ପ୍ରତି ଶବସତ୍କାର ବେଳେ ସର୍ବାଧିକ ୧୦ଜଣ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହିପାରିବେ। ଏଥିସହିତ ସ୍ୱର୍ଗଦ୍ୱାର ପରିସରରେ ସମସ୍ତେ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରିବେ। ମାସ୍କ, ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ ହୋଇଥିବାବେଳେ ସାମାଜିକ ଦୂରତା ରକ୍ଷା କରି ଅନ୍ତ୍ୟେଷ୍ଟି କ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ରହିଛି।

କୋଭିଡ୍‌ର ଦ୍ୱିତୀୟ ଲହର ସଂକ୍ରମଣ ବଢ଼ିବା ପରେ ଗତ ଏପ୍ରିଲ ୨୫ରେ ଜିଲା ବାହାରୁ ଆସୁଥିବା ଲୋକଙ୍କୁ ସ୍ୱର୍ଗଦ୍ୱାରରେ ଶବଦାହ ଓ ମହୋଦଧିରେ ଅସ୍ଥି ବିସର୍ଜନ ପାଇଁ କଟକଣା ଲଗାଇଥିଲା ଜିଲା ପ୍ରଶାସନ। କେବଳ ପୁରୀ ଜିଲାର ଲୋକଙ୍କ ପାଇଁ ଶବଦାହ ଅନୁମତି ରହିଥିଲା। ଏବେ ସହରର ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଥିବାବେଳେ ଆସନ୍ତା ୨୩ ତାରିଖରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେଉଛି। ଏଭଳି ସ୍ଥିତିରେ ସର୍ବସାଧାରଣଙ୍କ ପାଇଁ ସ୍ୱର୍ଗଦ୍ୱାରରେ ଶବଦାହ ଅନୁମତି ମିଳିଥିବାରୁ ଆଗାମୀ ଦିନରେ ସହରରେ ଗହଳି ବଢ଼ିବା ଆଶଙ୍କା ପ୍ରକାଶ ପାଇଛି।

ସ୍ୱର୍ଗଦ୍ୱାର ସେବାସମିତି ସଦସ୍ୟ ସିଦ୍ଧାର୍ଥ ରାୟ କହିଛନ୍ତି, ସ୍ୱର୍ଗଦ୍ୱାରଠାରେ କୋଭିଡ୍ କଟକଣାକୁ କଡ଼ାକଡ଼ି କରିବା ପାଇଁ ଆମେ ଯଥେଷ୍ଟ ପ୍ରୟାସ କରୁଛୁ। ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ହେତୁ ଲୋକେ ସହଜରେ ଶବଦାହ ଶେଷ କରିପାରିବେ। କେବଳ କଟକଣା ମାନି ଅନ୍ତ୍ୟେଷ୍ଟି କ୍ରିୟା ସାରିଲେ କାହା ପାଇଁ ସମସ୍ୟା ବଢ଼ିବ ନାହିଁ। ସମସ୍ତ ୨୮ ପିଣ୍ଡିରେ ଶବଦାହ ଚାଲିଛି। ବର୍ଷା ସମୟରେ ପୂର୍ବରୁ ପାଣି ଗଳୁଥିବାବେଳେ ଓଡ଼ିଶା ସେତୁ ନିର୍ମାଣ ନିଗମ ସଂପୃକ୍ତ କାର୍ଯ୍ୟ ଶେଷ କରିଛି। କେବଳ ପାର୍କିଂ ଓ ପ୍ରତୀକ୍ଷାସ୍ଥଳକୁ ନେଇ ସମସ୍ୟା ଲାଗି ରହିଛି। ପ୍ରତୀକ୍ଷାସ୍ଥଳ ନିର୍ମାଣ କାର୍ଯ୍ୟ ସାରିବାକୁ ଜିଲା ପ୍ରଶାସନ ଅଗଷ୍ଟ ୧୫କୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ମଧ୍ୟ ତାହା ହୋଇପାରିନି। ତେଣୁ ବର୍ଷା ହେଲେ ଲୋକେ ମୁଣ୍ଡ ଗୁଞ୍ଜିବାକୁ ହଇରାଣ ହେବେ। ସ୍ୱର୍ଗଦ୍ୱାରର ଉଭୟ ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ପାର୍କିଂ ସମସ୍ୟା ସୃଷ୍ଟି କରିପାରେ। ଏକକାଳୀନ ଭାବେ ୨୦ ମୃତଦେହ ପହଞ୍ଚିଲେ ଆମ୍ବୁଲାନ୍ସ, ପ୍ରିୟଜନଙ୍କ ଗାଡ଼ି ଓ ଅନ୍ୟ ଚାରିଚକିଆ ଯାନ ରଖିବାକୁ ସ୍ଥାନ ଅଣ୍ଟିବ ନାହିଁ ବୋଲି ସ୍ୱର୍ଗଦ୍ୱାରର ଜଣେ କର୍ମଚାରୀ କହିଛନ୍ତି।

# ଓବିସି ବିରୋଧୀ ମୋଦି ସରକାର: କଂଗ୍ରେସ

ଭୁବନେଶ୍ୱର, ୧୪।୮ (ବ୍ୟୁରୋ)

ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଓବିସି ସ୍ୱାର୍ଥ ବିରୋଧୀ ବୋଲି କଂଗ୍ରେସ ଅଭିଯୋଗ କରିଛି। ଶନିବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା କହିଛନ୍ତି, ଦେଶ ଜନସଂଖ୍ୟାର ଅଧା ଓବିସି ବର୍ଗ ପ୍ରତି କେନ୍ଦ୍ର ସରକାର ଅବହେଳା ପ୍ରଦର୍ଶନ କରି ଚାଲିଛି। ପାର୍ଲାମେଣ୍ଟରେ ନିକଟରେ ପାରିତ ହୋଇଥିବା ୧୨୭ ତମ ସଂଶୋଧନ ବିଲ୍ କେନ୍ଦ୍ର ସରକାରଙ୍କ ତ୍ରୁଟିର ସଂଶୋଧନ ମାତ୍ର। ଏଥିରେ ଓବିସି ସ୍ୱାର୍ଥରକ୍ଷା କ୍ଷେତ୍ରରେ କୌଣସି ନୂଆ ବ୍ୟବସ୍ଥା ନାହିଁ। ୧୦୨ତମ ସମ୍ବିଧାନ ସଂଶୋଧନ କରି ରାଜ୍ୟଗୁଡ଼ିକର କ୍ଷମତା ଅପହରଣଜନିତ ଯେଉଁ ଉଦ୍ୟମ କରାଯାଇଥିଲା ଏହା ତାହାର ପ୍ରାୟଶ୍ଚିତ୍ତ। କୋର୍ଟ ଭୟରେ କେନ୍ଦ୍ର ସରକାର ୨୦୨୦ ଜୁଲାଇ ୨୬ରେ ଓବିସି ଓ ଏସ୍‌ଇବିସିଙ୍କ ପାଇଁ ସର୍ବଭାରତୀୟ କ୍ଷେତ୍ରରେ ମେଡିକାଲ କଲେଜ ନାମଲେଖା କ୍ଷେତ୍ରରେ ୨୭ ଓ ୧୦ ପ୍ରତିଶତ ସଂରକ୍ଷଣ ଘୋଷଣା କରିଛନ୍ତି। ଏକ ସପ୍ତାହ ମଧ୍ୟରେ ସଂରକ୍ଷଣ କରି ନାମଲେଖା ପ୍ରକ୍ରିୟା ଆରମ୍ଭ ନ କଲେ କୋର୍ଟ ଅବମାନନା ଅପରାଧରେ ଦଣ୍ଡିତ କରାଯିବା ନେଇ ମାଡ୍ରାସ ହାଇକୋର୍ଟ ଯେଉଁ ଧମକ ଦେଲେ ସେଥିରେ କେନ୍ଦ୍ର ସରକାର ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଛନ୍ତି। କେନ୍ଦ୍ର ସରକାର ୨୦୧୭ ଅକ୍ଟୋବର ୨ରେ ଅବସରପ୍ରାପ୍ତ ବିଚାରପତି ରୋହିନି କମିଶନ ବସାଇ ମାର୍ଚ୍ଚ ୨୦୧୮ରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କମିଶନଙ୍କ ସୁପାରିସ ଆଧାରରେ ପଛୁଆବର୍ଗ ପାଇଁ ଅଧିକ ସାମାଜିକ ଓ ଅର୍ଥନୈତିକ ବିକାଶର ସୁଯୋଗ ହୋଇପାରନ୍ତା। ମାତ୍ର ଏହି କମିଶନଙ୍କ କାର୍ଯ୍ୟକାଳ ବାରମ୍ବାର ବଢ଼ି ଚାଲିଛି। ଜୁଲାଇରେ ଏହାକୁ ଆସନ୍ତା ୨୦୨୨ ଜାନୁୟାରୀ ୩୧କୁ ବୃଦ୍ଧି କରାଯାଇଛି। ଏହା କେବଳ ବିଳମ୍ବିତ ନ୍ୟାୟର ସୂଚନା ଦେଇଛି। ସୁପ୍ରିମ୍‌କୋର୍ଟ ଲାଗୁକରିଥିବା ସଂରକ୍ଷଣ ସର୍ବାଧିକ ସୀମା ୫୦ ପ୍ରତିଶତ ଉପରୁ ଅଙ୍କୁଶ ଉଠାଇବା ନିମନ୍ତେ କେନ୍ଦ୍ର ସରକାର କେବେ ଆଇନ ଆଣିବେ। ୫୦ ପ୍ରତିଶତ ଅଙ୍କୁଶ ହଟାଇବା ଆଇନ ଆଣିବା ପର୍ଯ୍ୟନ୍ତ ସମସ୍ତ ସଂରକ୍ଷଣ ସମ୍ବନ୍ଧିତ ଆଇନଗୁଡ଼ିକ ନବମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବ କି। ପଛୁଆବର୍ଗର ଜାତି ଗଣନା କେବେ କରିବେ। ଯଦି କଂଗ୍ରେସ ପ୍ରଶ୍ନର ଜବାବ ଦେବାକୁ କେନ୍ଦ୍ର ସରକାର ପଛଘୁଞ୍ଚା ଦିଅନ୍ତି ତେବେ କେବଳ ପଛୁଆବର୍ଗ ନୁହେଁ, ଇତିହାସ କ୍ଷମା ଦେବ ନାହିଁ ବୋଲି ବେହେରା କହିଛନ୍ତି।

**ଖରସ୍ରୋତା ନଦୀଜଳ ବିବାଦ**

## ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର, ୧୪।୮ (ବ୍ୟୁରୋ)

ଖରସ୍ରୋତା ନଦୀଜଳ ପ୍ରଦାନକୁ ନେଇ ଉପୁଜିଥିବା ବିବାଦ, ଜନଆକ୍ରୋଶ ଏବଂ ଏହାଜନିତ ଗଣ୍ଡଗୋଳ ଘଟଣାର ଅନୁଧ୍ୟାନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ରାଜ୍ୟ ସ୍ତରୀୟ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି କମିଟିରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଅଧ୍ୟକ୍ଷ ରହିଥିବାବେଳେ, ଅଂଶୁମାନ ମହାନ୍ତି, ଗଣେଶ୍ୱର ବେହେରା, ଜ୍ଞାନଦେବ ବେଉରା ସଭ୍ୟ ରହିଛନ୍ତି। ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା ଆବାହକ ରହିଛନ୍ତି।

## ପୁରୀ ଓ ରାଉରକେଲା ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍

ରାଉରକେଲା ଏବଂ ପୁରୀ ମଧ୍ୟରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବା ପାଇଁ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାଉରକେଲାଠାରୁ ଏହି ଟ୍ରେନ୍ ଅଗଷ୍ଟ ୨୪ରୁ ଛାଡି ପୁରୀ ଅଭିମୁଖେ ଯାତ୍ରା କରିବ। ସେହିଭଳି ପୁରୀରୁ ଅଗଷ୍ଟ ୨୫ରେ ଛାଡି ରାଉରକେଲା ଅଭିମୁଖେ ଯାତ୍ରା କରିବ। ରେଳପଥର ସୂଚନା ଅନୁସାରେ ଏହି ଟ୍ରେନ ବିଭାଗ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଚଳାଚଳ କରିବ। ରାଉରକେଲାଠାରୁ ଏହି ଟ୍ରେନ୍ ପୂର୍ବାହ୍ନ ୮ଘ.୦୫ମି.ରେ ଛାଡିବାକୁ ଥିବାବେଳେ ପୁରୀରୁ ଏହି ଟ୍ରେନ ଭୋର ୪ଘ.୩୫ମି.ରେ ଛାଡ଼ିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ସଂକ୍ଷେପରେ**

## ଟ୍ରେଣ୍ଡ୍ସ ପାଳନ କରୁଛି ସ୍ୱାଧୀନତା ଦିବସ

**ନୂଆଦିଲ୍ଲୀ,୧୪।୮:** ରିଲାଏନ୍ସ ରିଟେଲର ଦ୍ରୁତ ଅଭିବୃଦ୍ଧିଶୀଳ ଆପାରେଲ ଏବଂ ଆସେସୋରିଜ ସ୍ପେଶିଆଲିଟି ଚେନ୍ ଟ୍ରେଣ୍ଡ୍ସ ପକ୍ଷରୁ ୭୫ତମ ସ୍ୱାଧୀନତା ଦିବସ ପାଳନ କରାଯାଉଛି। ଏହି ଅବସରରେ କମ୍ପାନୀ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଗ୍ରାହକମାନେ ୫୦% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ୩୪୯୯ ଟଙ୍କା କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ ଅତିରିକ୍ତ ୨୫% ଅଫ୍ ମିଳିପାରିବ। ୪୯୯୯ ଟଙ୍କା କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ ନିଶ୍ଚିତ ଉପହାର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ ଏବଂ ଡେବିଟ କାର୍ଡଧାରୀଙ୍କ ଲାଗି ଅତିରିକ୍ତ ୧୦% ରିହାତି ମିଳିପାରିବ। ସ୍ୱାଧୀନତା ଦିବସ ଦିନ ୩୪୯୯ ଟଙ୍କାର କିଣାକିଣି ଉପରେ ଏହି ଅଫର ଉପଲବ୍ଧ। କରୋନାର ସମସ୍ତ ନିୟମ ପାଳନପୂର୍ବକ ଷ୍ଟୋରରେ ଗ୍ରାହକଙ୍କୁ ସେବା ଯୋଗାଣ ହେଉଛି। ସାରା ଦେଶର ୮୭୦ ସହରରେ ଟ୍ରେଣ୍ଡସର ୧୫୦୦ ଷ୍ଟୋର ରହିଛି।

## ପ୍ଲାଟିନମ ଇଭାରାର ନୂଆ କଲେକ୍ସନ

**ନୂଆଦିଲ୍ଲୀ, ୧୪।୮:** ପ୍ଲାଟିନମ୍ ଇଭାରା ସୂକ୍ଷ୍ମରୂପେ ନିର୍ମିତ ଏହାର ସୁନ୍ଦର ଅଳଙ୍କାରର ଏକ କଲେକ୍ସନ ନେଇଆସିଛି। ଏହି କଲେକ୍ସନରେ ଥିବା ପ୍ରତ୍ୟେକ ଅଳଙ୍କାର ଶକ୍ତି, କରୁଣା ଓ ସହାନୁଭୂତିର ଏକ ବର୍ଣ୍ଣନାକୁ ପରିପ୍ରକାଶ କରୁଛି। ଏହାର ଡିଜାଇନ୍ ପ୍ୟାଲେଟ୍ ହେଉଛି ଫାସେଟ୍, ବ୍ୟାଘାତକାରୀ ଲାଇନ୍ ଓ ଫ୍ରେମ୍‌ଗୁଡିକର ଏକ ମିଶ୍ରଣ ଯାହା ଭଲ୍ୟୁମର ଏକ ଭ୍ରମ ସୃଷ୍ଟି କରିଥାଏ। ଏହି ପିସ୍‌ଗୁଡିକରେ ଷ୍ଟେଟ୍‌ମେଣ୍ଟ ପ୍ଲାଟିନମ୍ ରିଙ୍ଗ୍, ସୂକ୍ଷ୍ମ ରୂପେ ଡିଜାଇନ୍ ହୋଇଥିବା ପ୍ଲାଟିନମ୍ ନେକ୍ ୱେୟାର ଏବଂ ଇୟରିଙ୍ଗ୍ ଓ ବ୍ରେସ୍‌ଲେଟ୍ ଭଳି ଆକର୍ଷଣୀୟ ଏସେନ୍ସିଆଲ୍ସ ସାମିଲ ରହିଛି। ଏହି ସ୍ୱତନ୍ତ୍ର ଇୟରିଙ୍ଗ୍ ବା କାନଫୁଲଗୁଡିକର କେନ୍ଦ୍ରରେ ଥିବା ପ୍ଲାଟିନମ୍ ନାରୀମାନେ ବହନ କରୁଥିବା ଅପାର ଅନ୍ତର୍ନିହିତ ଶକ୍ତିକୁ ପ୍ରତିଫଳନ କରୁଛି। ଏଥିରୁ ବାହାରୁଥିବା କିରଣ ସେମାନେ କିପରି ନିଜ ଚାରିପାଖରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଗକୁ ବଢିବା ଜାରି ରଖିବା ପାଇଁ ପ୍ରେରିତ କରିଥାନ୍ତି ତାହାକୁ ପ୍ରଦର୍ଶିତ କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# କମୁନି ଦର, ଖାଲି ହେଉଛି ପକେଟ

ନୂଆଦିଲ୍ଲୀ,୧୪।୮



ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ଗତ କିଛି ମାସ ହେଲା କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି। ହେଲେ ତାର ପ୍ରଭାବ ଭାରତ ବଜାରରେ ଦେଖିବାକୁ ମିଳୁନାହିଁ। ଯାହାକୁ ନେଇ ସବୁ ବର୍ଗର ଖାଉଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। କରୋନା ମହାମାରୀ ଯୋଗୁ ଗତ ୧୫ ମାସ ହେବ ୩୦% ଲୋକଙ୍କ ଆର୍ଥିକବସ୍ଥା ଅତି ଦୟନୀୟ ହୋଇପଡିଛି। ସେହିଭଳି ଏହି ସମୟରେ ରୋଜଗାର ଏକ ପ୍ରକାରର ଠପ୍ ହୋଇଯାଇଛି। ଫଳରେ ଦେଶର ପେଟ୍ରୋଲ୍ ଦର ୨୦ ରାଜ୍ୟର ପ୍ରାୟ ସମସ୍ତ ସହରରେ ୧୦୦ ଟପି ରେକର୍ଡ କରିଛି। ସେହିପରି ଡିଜେଲ୍ ଦରର ଅହେତୁକ ବୃଦ୍ଧି ଯୋଗୁ ପରିବହନ ଠାରୁ ପରିବା ହାଟ ପର୍ଯ୍ୟନ୍ତ ସବୁ ସ୍ଥାନରେ ଚଡ଼କ ପଡିଛି। ଏଥିଯୋଗୁ ସବୁ ବର୍ଗର ଖାଉଟିଙ୍କ ପକେଟ୍ ଉପରେ ତେଲ ଦରର ପ୍ରଭାବ ପଡୁଛି।

ଏ ସମ୍ପର୍କରେ ରାଜ୍ୟ ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି ଯେ, ପେଟ୍ରୋଲ ଦର ଠାରୁ ଡିଜେଲ ଦର ବୃଦ୍ଧି ସବୁ ବର୍ଗ ଓ କ୍ଷେତ୍ର ପାଇଁ ସମସ୍ୟା ସୃଷ୍ଟି କରିଛି। ଡିଜେଲ ଯାନ ଜରିଆରେ ୭୦% ମାଲ ପରିବହନ କରାଯାଇଥାଏ। ଗତ ୮ ମାସ ମଧ୍ୟରେ ବଜାର ଦର କ୍ରମାଗତ ବୃଦ୍ଧି ହେବାର ପ୍ରମୁଖ କାରଣ ହେଉଛି ଡିଜେଲ ଦର ବୃଦ୍ଧି, ଏହା ଫଳରେ ପରିବହନ ବ୍ୟବସ୍ଥାରେ ବ୍ୟାପକ ପ୍ରଭାବ ପଡିଛି। ଫଳରେ ବ୍ୟବସାୟୀ ଆଗରୁ ଯେଉଁ ସାମଗ୍ରୀକୁ ୧୦୦ ଟଙ୍କାରେ ବିକ୍ରି କରୁଥିଲେ, ଡିଜେଲ ଓ ପରିବହନ ବାବଦକୁ ଅତିରିକ୍ତ ଖର୍ଚ୍ଚ ପାଇଁ ସେ ସବୁ ବର୍ତ୍ତମାନ ୬୦ରୁ ୮୦% ଦର ବୃଦ୍ଧି ପାଇଛି। ଯାହାକୁ ପରୋକ୍ଷରେ ଖାଉଟି ଭରଣା କରୁଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଗତ ୨୮ ଦିନ ହେବ ପେଟ୍ରୋଲ୍ ଏବଂ ଡିଜେଲ ଦର ବୃଦ୍ଧି ଘଟି ନ ଥିଲେ ସୁଦ୍ଧା ଖାଉଟିଙ୍କ ପାଇଁ ସେ ଭଳି କିଛି ପଦକ୍ଷେପ ଉଭୟ ସରକାର ଓ ତୈଳ କମ୍ପାନୀଗୁଡିକ ପକ୍ଷରୁ ଗ୍ରହଣ କରାଯାଇ ନାହିଁ। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ) ର ସୂଚନା ଅନୁସାରେ ଜୁଲାଇ ୧୭ରେ ଶେଷ ଥର ପାଇଁ ତୈଳ ଦର ପରିବର୍ତ୍ତନ ହୋଇଥିଲା। ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୨.୬୬ ଟଙ୍କା ରହିଥିବା ବେଳେ ଡିଜେଲ ଦର ୯୭.୯୫ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୧. ୮୪ ଟଙ୍କା ଏବଂ ଡିଜେଲ ୮୯.୮୭ ଟଙ୍କାରେ ରହିଛି।

ଗତ ଏପ୍ରିଲ୍ ୨୦୨୦ରୁ ଆଜି ପର୍ଯ୍ୟନ୍ତ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଉପରେ ୩୨.୨୫ ଟଙ୍କା ବୃଦ୍ଧି ହୋଇ ୬୯.୫୯ ଟଙ୍କାରୁ ଆସି ୧୦୧.୮୪ ଟଙ୍କାରେ ପହଞ୍ଚିଛି, ଅର୍ଥାତ ଏହି ସମୟ ମଧ୍ୟରେ ଏଠାରେ ଦର ୪୬.୩୪ % ବଢ଼ିଛି। ସେହିପରି ଡିଜେଲ୍ ଦରରେ ୨୭.୫୮ ଟଙ୍କା ବଢ଼ି ୬୨.୨୯ ଟଙ୍କାରୁ ବୃଦ୍ଧି ଘଟି ୮୯.୮୭ ଟଙ୍କାରେ ରହିଛି। ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ଡିଜେଲ୍ ଉପରେ ପ୍ରାୟ ୪୪.୨୭% ଦର ବଢ଼ିଛି ବୋଲି ଜଣାପଡିଛି। ଅପରପକ୍ଷରେ ଅନ୍ତରାଷ୍ଟ୍ରୀୟ ସ୍ତରରେ ଅଶୋଧିତ ତୈଳର ଦାମରେ ହ୍ରାସ ଘଟୁଛି, ଯାହା ଫଳରେ ଭାରତ ବଜାରର ୨୮ ଦିନ ହେବ ତୈଳ ଦର ସ୍ଥିର ରହିଛି। ଗତ ବର୍ଷ ଏପ୍ରିଲରୁ ଆଜି ପର୍ଯ୍ୟନ୍ତ ପେଟ୍ରୋଲ୍ ଓ ଡିଜେଲ୍ର ମୂଲ୍ୟରେ ୪୦% ରୁ ଅଧିକ ବୃଦ୍ଧି ହୋଇଥିବା ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

## ତନିସ୍କ ପକ୍ଷରୁ 'ଲିଟିଲ୍ ବିଗ୍ ମୋମେଣ୍ଟ୍ସ'ର ଉନ୍ମୋଚନ



ଭୁବନେଶ୍ୱର,୧୪।୮

ଦେଶର ଅଗ୍ରଣୀ ଗହଣା ବ୍ରାଣ୍ଡ୍ ତନିସ୍କ ଏହାର 'ଲିଟିଲ୍ ବିଗ୍ ମୋମେଣ୍ଟ୍ସ' ଗହଣା ସମ୍ଭାରର ଉନ୍ମୋଚନ କରିଛି।ଏକ ଛୋଟ ମୁହୂର୍ତ୍ତକୁ ଯଦି ପାଳନ କରାଯାଏ ତାହା ଏକ ଉଜ୍ଜ୍ୱଳ ରତ୍ନପଥର ହୋଇପାରିବ ଏବଂ ଶାଶ୍ୱତ ସ୍ମୃତି ଭାବେ ଚମକିବ। ଗ୍ରାହକ ଏବେ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଦେଶର ସମସ୍ତ ତନିସ୍କ ଷ୍ଟୋରରେ ଏବଂ ସୀମିତ ସମୟ ପାଇଁ ଏ ଅଫର ଉପଲବ୍ଧ। ଏହି ଅବସରରେ ତନିସ୍କର ଜେନେରାଲ ମ୍ୟାନେଜର (ମାର୍କେଟିଂ) ରଞ୍ଜନି କ୍ରିଷ୍ଣାସ୍ୱାମୀ କୁହନ୍ତି, ଯେତେବେଳେ ଆମେ ଅନ୍ୟମାନଙ୍କ ଯୋଜନାଗୁଡ଼ିକୁ ବନାଇବାରେ ବ୍ୟସ୍ତ ରହୁ ତାହା ହେଉଛି ଜୀବନ। ବଡ଼ ବଡ଼ ମାଇଲଖୁଣ୍ଟରେ ଖୁସିର ସନ୍ଧାନ ହେଉଛି ଜୀବନ। ଆମ ନିତିଦିନିଆ ଜୀବନରେ ଅନେକ ଛୋଟ ଛୋଟ ମୁହୂର୍ତ୍ତ ରହିଥାଏ, ଯାହା ବେଳେବେଳେ ଅଣଦେଖା ହୋଇ କେଉଁ କୋଣରେ ରହିଯାଏ।

## ଆଇଟି କମ୍ପାନୀ 'ଫ୍ୟାକ୍ଟସିସ୍'ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୮



ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା-୨୦୧୮ ଶ୍ରୁତିକ୍ଷା ନାୟକଙ୍କ ନୂତନ ଆଇଟି କମ୍ପାନୀ 'ଫ୍ୟାକ୍ଟସିସ୍ ଟେକ୍ନୋଲୋଜି ପ୍ରା.ଲିଃ' ଶୁକ୍ରବାର ସ୍ଥାନୀୟ ଇନ୍‌ଫୋସିଟିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କମ୍ପାନୀ ତା'ର ଅଭିଜ୍ଞ ଓ ଦକ୍ଷ କର୍ମଚାରୀଙ୍କ ଜରିଆରେ ସାଇବର ସିକ୍ୟୁରିଟି, ଅଡ଼ିଟ୍ ସର୍ଭିସେସ୍, ଆଇଟି ସର୍ଭିସେସ୍ ଭଳି କାର୍ଯ୍ୟକ୍ରମଗୁଡିକ ଉପରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବ। ବର୍ତ୍ତମାନ ସମୟରେ ପ୍ରତିଦିନ ସାଇବର ହ୍ୟାକରଙ୍କ ଦୌରାତ୍ମ୍ୟ ବଢୁଛି। ଏହାକୁ ଆଖି ଆଗରେ ରଖି କମ୍ପାନୀ ବିଶେଷକରି ସାଇବର ସିକ୍ୟୁରିଟି ଉପରେ ଅଧିକ ଗୁରୁତ୍ୱ ଦେବ ବୋଲି କୁହାଯାଇଛି। ଗ୍ଲୋବାଲ ଗ୍ରୁପ ମଧ୍ୟରେ ଆସୁଥିବା ଅନ୍ୟ ସମସ୍ତ କମ୍ପାନୀ ସହିତ ମିଶି 'ଫ୍ୟାକ୍ଟସିସ୍' ଅଭିନବ ପ୍ରୋଜେକ୍ଟ ଉପରେ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି। ଏହି ଅବସରରେ 'ଏଡୁସେଫ୍' ନାମକ ଏକ ପ୍ରଡ଼କ୍ଟର ଶୁଭାରମ୍ଭ କରାଯାଇଥିଲା। ଏହା ବିଶେଷ କରି ଅନଲାଇନ୍ ଜରିଆରେ ବିଭିନ୍ନ ପ୍ରକାରର ଶିକ୍ଷା ପ୍ରଦାନ କରାଯାଉଛି। ସେଥିପାଇଁ ଭିଡ଼ିଓ ଏନକ୍ରିପସନ୍ ସଫ୍ଟୱେର ଭାବେ ଏହାକୁ ବ୍ୟବହାର କରାଯାଇପାରିବ, ଯେଉଁଥିରେ କି ଭିଡ଼ିଓର ଗୋପନୀୟତା ଅଧିକ ରହିବ। ଯଦି କିଏ ଏହାକୁ ଅପବ୍ୟବହାର କରି ରେକର୍ଡିଂ କରିବାକୁ ଚେଷ୍ଟା କରିବ, ତାହା ହେଲେ ସେ ସବୁ ଘଟଣା ଏହି ସଫ୍ଟୱେର ଦ୍ୱାରା ଚିହ୍ନଟ ହୋଇପାରିବ। ଏହି ଅବସରରେ କମ୍ପାନୀର ଚେୟାରମ୍ୟାନ କରୁଣାକର ନାୟକ, ଏହାର ନିର୍ଦ୍ଦେଶକ ଦୀପକ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟେଶନରେ ଖଦି ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୮




ଦେଶ ସ୍ୱାଧୀନତାର ୭୫ ବର୍ଷକୁ ସ୍ମରଣୀୟ କରିବା ପାଇଁ 'ଆଜାଦୀ କା ଅମୃତ ମହୋତ୍ସବ' ଚଳିତ ବର୍ଷ ଅଗଷ୍ଟ୧୫ରୁ ୨୦୨୨ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏ ନେଇ ଭାରତୀୟ ରେଳପଥ ପକ୍ଷରୁ ମଧ୍ୟ ଏକ ବର୍ଷ ପୂର୍ତ୍ତି ଉତ୍ସବର ବିଭିନ୍ନ କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଛି। ଏହି ଉତ୍ସବର ଏକ ଅଂଶ ଭାବେ ସମଗ୍ର ଭାରତୀୟ ରେଳର ୭୫ଟି ପ୍ରମୁଖ ଷ୍ଟେଶନରେ ହସ୍ତତନ୍ତ ଓ ଖଦିର ସାମଗ୍ରୀ ପ୍ରଦର୍ଶନୀ ସହ ବିକ୍ରୟ ଷ୍ଟଲ ଖୋଲାଯିବ। ଏହି ପରିପ୍ରେକ୍ଷୀରେ ଶନିବାର ଭୁବନେଶ୍ୱର ରେଳ ଷ୍ଟେଶନରେ ଖଦି ଓ ଗ୍ରାମୋଦ୍ୟୋଗ ଶିଳ୍ପ କମିଶନ (କେଭିଆଇସି) ପକ୍ଷରୁ ହସ୍ତତନ୍ତ-ଖଦି ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରୟ ଷ୍ଟଲ୍ ଖୋଲାଯାଇଛି। ଏହି ଅବସରରେ ସି.ଆର୍. ନାୟକ, ଷ୍ଟେଶନ ନିର୍ଦ୍ଦେଶକ, ଭୁବନେଶ୍ୱର ଏବଂ ସମୀର କୁମାର ମହାନ୍ତି, କେଭିଆଇସି ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଏହି ପ୍ରଦର୍ଶନୀ ଓ ବିକ୍ରୟ ଷ୍ଟଲ୍‌ର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ସହାୟତାରେ ଏହି ଷ୍ଟଲଗୁଡିକ ସ୍ଥାପିତ ହୋଇଛି। ଏହି ଷ୍ଟଲଗୁଡିକରେ ପ୍ରଦର୍ଶନୀ ତଥା ବିକ୍ରୟ ପାଇଁ ଖଦି ଏବଂ ହସ୍ତତନ୍ତର ବିଭିନ୍ନ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ରହିବ ବୋଲି ଜଣାପଡିଛି। ଏହି ପ୍ରଦର୍ଶନୀ ଅଗଷ୍ଟ ୧୪ରୁ ୨୨ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଖୁବ୍‌ଶୀଘ୍ର ପୁରୀ ରେଳ ଷ୍ଟେଶନରେ ମଧ୍ୟ ଏଭଳି ଏକ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି।

## ଉତ୍କଳ ହସ୍ପିଟାଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୪।୮

ଉତ୍କଳ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଅଟୋ ଡ୍ରାଇଭର୍‌ମାନଙ୍କ ପାଇଁ ଏକ ବେସିକ୍ ଲାଇଫ୍ ସପୋର୍ଟ (ବିଏଲ୍‌ଏସ୍) ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସ୍ଥାନୀୟ ନୀଳାଦ୍ରି ବିହାରସ୍ଥିତ ଶ୍ରୀରାମ ଅଟୋ ଆସୋସିଏଶନର ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏ ସମ୍ପର୍କରେ ଉତ୍କଳ ହସ୍ପିଟାଲ, ଭୁବନେଶ୍ୱରର ସିଓଓ ଡା. ଆଲୋକ ଲୋଧ୍ କହିଥିଲେ, ଉତ୍କଳ ହସ୍ପିଟାଲ ଓଡ଼ିଶାରେ ମେଡିକାଲ ଓ ସର୍ଜିକାଲ ବିଶେଷତ୍ୱ କ୍ଷେତ୍ରରେ ବିଶ୍ୱାସର ଏକ ହଲ୍‌ମାର୍କରେ ପରିଣତ ହୋଇଛି।

**ଫୁରସତ୍**

# ସଂକୀର୍ଣ୍ଣ ସହର 'ୟାନ୍‌ଜିନ୍'

**ଚାଇନାର ୟୁନାନ୍ ପ୍ରଦେଶରେ ରହିଛି ପୃଥିବୀର ସବୁଠାରୁ ସଂକୀର୍ଣ୍ଣ ସହର ୟାନ୍‌ଜିନ୍। ନାନ୍‌ସି ନଦୀର ଉଭୟ ପାର୍ଶ୍ୱରେ ଗଢ଼ି ଉଠିଥିବା ଏହି ସିଟିର ଜନସଂଖ୍ୟା ୫ଲକ୍ଷରୁ ଅଧିକ। ପତଳା ସିମେଣ୍ଟ ଖମ୍ବ ଉପରେ ଛିଡ଼ା ହୋଇଥିବା ବଡ଼ ବଡ଼ ଅଟ୍ଟାଳିକା ପର୍ଯ୍ୟଟକଙ୍କ ପାଇଁ ଆଣିଦିଏ ରୋମାଞ୍ଚକର ଅନୁଭୂତି। ତେଣୁ ଏଭଳି ଏକ ସ୍ଥାନରେ ସମୟ ବିତାଇବା ଲାଗି ପୃଥିବୀର ବିଭିନ୍ନ ସ୍ଥାନରୁ ଛୁଟିଆସୁଛନ୍ତି ପର୍ଯ୍ୟଟକ।**



**ବେଜିଂ:** ପତଳା ପତଳା ଖମ୍ବ ଉପରେ ସୁଉଚ୍ଚ ଅଟ୍ଟାଳିକା। କୋଠା ଉପରୁ ତଳକୁ ଚାହିଁଲେ ଘୂରାଇଦେବ ମୁଣ୍ଡ। କାରଣ ତଳେ ପ୍ରବାହିତ ହେଉଛି ବିପଦପୂର୍ଣ୍ଣ ନଦୀ। ତଥାପି ଜୀବନକୁ ବିପଦରେ ପକାଇ ପିଢ଼ି ପରେ ପିଢ଼ି ଧରି ରହୁଛନ୍ତି ଲକ୍ଷାଧିକ ପରିବାର। ବିଚିତ୍ର ପ୍ରାକୃତିକ ପରିବେଶ ଚାଇନାର ୟୁନାନ୍ ପ୍ରଦେଶରେ ଥିବା 'ୟାନ୍‌ଜିନ୍' ସହରକୁ ସ୍ୱତନ୍ତ୍ର କରି ଗଢ଼ିତୋଳିଥିବାବେଳେ ଏଠାରେ ବସବାସ କରୁଥିବା ୫ ଲକ୍ଷ ଲୋକଙ୍କ ଜୀବନଶୈଳୀ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେବାର ସାମର୍ଥ୍ୟ ରଖେ।

ପୃଥିବୀର ସବୁଠାରୁ ସଂକୀର୍ଣ୍ଣ ସହର ମାନ୍ୟତା ପାଇଥିବା 'ୟାନ୍‌ଜିନ୍' ସହରକୁ ୨ ଭାଗ କରି ବହିଯାଇଛି ବିପଦପୂର୍ଣ୍ଣ ଗଭୀର ନଦୀ 'ନାନ୍‌ସି'। ତେବେ ଏହି ସହର କେତେ ବିପଜ୍ଜନକ ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି। 'ୟାନ୍‌ଜିନ୍' ସହରର ସବୁଠାରୁ ସଂକୀର୍ଣ୍ଣତମ ସ୍ଥାନର ଚଉଡ଼ା ୯୯ ଫୁଟ୍। ଏବଂ ସବୁଠାରୁ ପ୍ରଶସ୍ତ ସ୍ଥାନ ହେଉଛି ୯୯୦ ଫୁଟ। ସହରର ଉଭୟ ପାର୍ଶ୍ୱରେ ସମାନ୍ତରାଳ ଭାବେ ୨ଟି ସଡ଼କ ରହିଛି। ହେଲେ ଉଭୟ ପାର୍ଶ୍ୱକୁ ଯୋଡ଼ିବାକୁ ରହିଛି ହାତଗଣତି ପୋଲ। ପାଦେ ପାଦେ ମୃତ୍ୟୁର ଭୟ ସତ୍ତ୍ୱେ ସହରରେ ରହିବା ଲାଗି ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳେ।

ନଦୀପାର୍ଶ୍ୱରେ ଥିବା ଏହି ସହରରେ ବନ୍ୟା ପରିଚାଳନା ଲାଗି ସୁଚିନ୍ତିତ ବ୍ୟବସ୍ଥା କରାଯାଇଛି। ଖମ୍ବ ଉପରେ ଅଟ୍ଟାଳିକା ଗୁଡ଼ିକ ନିର୍ମାଣ କରାଯାଇଥିବାରୁ ପାଣିରେ ଘରଗୁଡ଼ିକ ସୁରକ୍ଷିତ ରହିଥାଏ। ପୃଥିବୀର ଏଭଳି ଏକ ସହର ଥିବା ଅନେକେ ଜାଣି ନ ଥିଲେ। ଏପରି କି ଚାଇନାର ଅନ୍ୟ ପ୍ରଦେଶର ଲୋକଙ୍କ ନିକଟରେ ମଧ୍ୟ ଏହାର ସୂଚନା ନ ଥିଲା। ଏହାର ଫଟୋ ଭାଇରାଲ ହେବା ପରେ ଲୋକଲୋଚନକୁ ଆସିଥିଲା 'ୟାନ୍‌ଜିନ୍'। ଏଭଳି ପ୍ରତିକୂଳ ପରିବେଶ ସତ୍ତ୍ୱେ 'ୟାନ୍‌ଜିନ୍' ସହରରେ ଲକ୍ଷାଧିକ ଲୋକ ରହିଆସୁଛନ୍ତି। ଏହାପଛର ପ୍ରମୁଖ କାରଣ ହେଉଛି ମାତୃଭୂମି ପ୍ରେମ। ତେବେ ଭୌଗୋଳିକ ସ୍ଥିତି ଏଠାକାର ଅର୍ଥନୈତିକ ବିକାଶରେ ଅନ୍ତରାୟ ସୃଷ୍ଟି କରିଛି। ତେଣୁ କିଛିବର୍ଷ ହେଲା ପେଟପାଟଣା ଚିନ୍ତା ଏଠାକାର ଆଦିବାସୀଙ୍କୁ ସହରମୁହାଁ କରାଇଛି।

## ଲାଇମ ଲାଇଟ୍‌କୁ ଫେରିଲେ ମନ୍ଦିରା



**ମୁମ୍ବାଇ:** ସ୍ୱାମୀଙ୍କ ମୃତ୍ୟୁ ପରେ ବଲିଉଡ ଅଭିନେତ୍ରୀ ମନ୍ଦିରା ବେଦୀ ପ୍ରଥମ ଥର କାମକୁ ଫେରିଛନ୍ତି। ସେ ନିଜ ଇନଷ୍ଟାଗ୍ରାମରେ ଫଟୋ ଶେୟାର କରିଛନ୍ତି। ସ୍ୱାମୀ ରାଜ କୌଶଲଙ୍କ ମୃତ୍ୟୁର ପ୍ରାୟ ଦୁଇମାସ ପରେ ମନ୍ଦିରା ପ୍ରଥମ ଥର କାମ ଆରମ୍ଭ କରିବା ସମୟରେ ଫଟୋ ଶେୟାର କରିଛନ୍ତି। ମନ୍ଦିରାଙ୍କ ସ୍ୱାମୀ ତଥା ବଲିଉଡ ନିର୍ଦ୍ଦେଶକ ରାଜ କୌଶଲଙ୍କ ଚଳିତ ବର୍ଷ ଜୁନ ୩୦ରେ ଦେହାନ୍ତ ହୋଇଥିଲା। ସେବେଠାରୁ ମନ୍ଦିରା ସୋସିଆଲ ମିଡିଆଠାରୁ ମଧ୍ୟ ଦୂରରେ ରହିଥିଲେ। ଏବେ ପୁଣି ଥରେ ଅଭିନେତ୍ରୀ ନୂଆ ଜୀବନ ଆରମ୍ଭ କରି କାମକୁ ଫେରିଛନ୍ତି। ସେ ଇନଷ୍ଟାଗ୍ରାମରେ ସେଲଫି ଶେୟାର କରି ଲେଖିଛନ୍ତି, ସେ କାମକୁ ଫେରିଛନ୍ତି। ମନ୍ଦିରା ଲେଖିଛନ୍ତି, 'କାମକୁ ଫେରିଥିବାରୁ କୃତଜ୍ଞ। ସମସ୍ତ ଦୟା ପାଇଁ ଧନ୍ୟବାଦ। ମୋ ଜୀବନରେ ଲୋକମାନଙ୍କୁ ପାଇଥିବାରୁ, ସୁସ୍ଥ ଏବଂ ଜୀବିତ ଥିବାରୁ ମୁଁ ମଧ୍ୟ ବହୁତ କୃତଜ୍ଞ। ମନ୍ଦିରାଙ୍କ ଏହି ଇନଷ୍ଟାଗ୍ରାମ ପୋଷ୍ଟରେ ତାଙ୍କ ପ୍ରଶଂସକମାନେ ନିଜର ପ୍ରତିକ୍ରିୟା ଦେଉଛନ୍ତି। ମନ୍ଦିରା ତାଙ୍କର ଅଭିନୟ ଶୈଳୀ ଏବଂ ଫିଟ୍‌ନେସ ପାଇଁ ବେଶ ଜଣାଶୁଣା। ସ୍ୱାମୀଙ୍କ ମୃତ୍ୟୁ ପରେ ସେ କିଛି ସମୟ କାମରୁ ବିରତି ନେଇଥିଲେ। କିନ୍ତୁ ଏବେ ସେ ନିଜର ପୁରୁଣା ସକାରାତ୍ମକ ଶୈଳୀ ସହିତ କାମ କରିବାକୁ ଫେରିଛନ୍ତି।

## ବର୍ଷେ ତିଷ୍ଠି ନ ଥିଲା ପ୍ରଥମ ବିବାହ




**ମୁମ୍ବାଇ:** ବଲିଉଡ୍‌ର ଅନ୍ୟତମ ସଫଳ ଗାୟିକା ସୁନିଧି ଚୌହାନ ଶନିବାର ନିଜ ଜନ୍ମଦିନ ପାଳିଛନ୍ତି। ୧୯୮୩ ମସିହାରେ ସୁନିଧି ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ମାତ୍ର ୪ ବର୍ଷ ବୟସରୁ ସେ ସଙ୍ଗୀତ ଦୁନିଆରେ ପାଦ ଥାପିଥିଲେ। ହିନ୍ଦୀ ସମେତ ମରାଠୀ, କନ୍ନଡ, ତେଲୁଗୁ, ତାମିଲ, ପଞ୍ଜାବୀ, ବଙ୍ଗାଳୀ, ଆସାମ, ନେପାଳୀ ଏବଂ ଉର୍ଦ୍ଦୁ ଭାଷାରେ ମଧ୍ୟ ସେ ଗୀତ ଗାଇଛନ୍ତି। ସେ ଜଣେ ଫ୍ୟାଶନ ଆଇକନ ମଧ୍ୟ। ସୁନିଧିଙ୍କ ପିତା ଜଣେ ଥିଏଟର କଳାକାର ଥିଲେ। ୧୬ ବର୍ଷ ବୟସରେ ତାଙ୍କୁ ଫିଲ୍ମ ନିର୍ମାତା ରାମ ଗୋପାଳ ବର୍ମା ଫିଲ୍ମ 'ମସ୍ତ'ରେ ସୁଯୋଗ ଦେଇଥିଲେ। ୩ ହଜାରରୁ ଉର୍ଦ୍ଧ୍ୱ ଗୀତ ଗାଇଥିବା ସୁନିଧି ତାଙ୍କଠାରୁ ବୟସରେ ୧୪ ବର୍ଷ ବଡ଼ ନିର୍ଦ୍ଦେଶକ ବବି ଖାନ୍‌ଙ୍କୁ ମାତ୍ର ୧୮ ବର୍ଷ ବୟସରେ ବିବାହ କରିଥିଲେ। ହେଲେ ବର୍ଷକ ପରେ ସେମାନଙ୍କ ଛାଡ଼ପତ୍ର ହୋଇଯାଇଥିଲା। ପରେ ସଙ୍ଗୀତ ନିର୍ଦ୍ଦେଶକ ହିତେଶ ସୋନିକଙ୍କୁ ବିବାହ କରିଥିଲେ ସୁନିଧି। ସୁନିଧିଙ୍କଠାରୁ ହିତେଶ ମଧ୍ୟ ୧୪ ବର୍ଷ ବଡ଼। ହିତେଶ ସୁନିଧିଙ୍କର ପିଲାଦିନର ବନ୍ଧୁ ଥିଲେ। ଉଭୟେ ୧୫ ବର୍ଷ ଧରି ପରସ୍ପରକୁ ଜାଣିଥିଲେ।

## ପାନୀୟର ନାଁ ଖୁନୀ ଜୁସ୍



**ଲକ୍ଷ୍ନୌ:** ପାନୀୟର ନାଁ ଖୁନୀ ଜୁସ୍। କଥାଟା ଶୁଣି ଅଡୁଆ ଲାଗୁଥିବ ନିଶ୍ଚୟ। କିନ୍ତୁ ଏମିତି ଏକ ଜୁସ୍ ଏବେ ବିକ୍ରି ହେଉଛି ଉତ୍ତରପ୍ରଦେଶରେ, ଯାହାର ଖୁବ୍ ଚାହିଦା ବି ରହିଛି। ସେଥିପାଇଁ ତ ଏବେ ଏହି ଜୁସ୍ ସୋସିଆଲ ମିଡିଆରେ ବି ଭାଇରାଲ ହେବାରେ ଲାଗିଛି। ଉତ୍ତରପ୍ରଦେଶ ଫରିଦାବାଦର ଭଗତ୍ ସିଂହ ଛକ ପାଖରେ ଥିବା ଏକ ଦୋକାନରେ ଏଭଳି ଏକ ଜୁସ୍ ତିଆରି କରୁଛନ୍ତି ନଦିମ୍ ନାମକ ଜଣେ ବ୍ୟକ୍ତି। ବିଭିନ୍ନ ପ୍ରକାରର ଜୁସ୍ ମଧ୍ୟରେ ନଦିମ୍ ଖୁନୀ ଜୁସ୍ ବି ତିଆରି କରୁଛନ୍ତି। ଖୁନୀ ଜୁସ୍ ଅର୍ଥ ହେଉଛି ରକ୍ତ ଭଳି ଦେଖାଯାଉଥିବା ଜୁସ୍। ଅର୍ଥାତ୍ ଏହି ଜୁସ୍‌ର ରକ୍ତ ଭଳି ଗାଢ ଲାଲ୍। ନଦିମ୍ ଏହି ଜୁସ୍‌କୁ ଅନ୍ୟ ଜୁସ୍ ଭଳି ଗ୍ରାଇଣ୍ଡରରେ ତିଆରି କରନ୍ତି ଏବଂ ଏହା ବହୁତ ସ୍ୱାସ୍ଥ୍ୟକର ମଧ୍ୟ। କାହିଁକିନା ବିଭିନ୍ନ ପ୍ରକାରର ଫଳ ତଥା ପରିବାପତ୍ରରୁ ଏହି ଜୁସ୍ ତିଆରି ହେଉଛି। ବିଭିନ୍ନ ପ୍ରକାରର ଶାଗ, କଲରା, ହଳଦୀ, ଗାଜର, ବିଟ୍ ଏବଂ କମଳା ତଥା ଅଁଳା ଆଦି ବିଭିନ୍ନ ଫଳ ଓ ପରିବାକୁ ଗ୍ରାଇଣ୍ଡିଂ କରି ସେ ଖୁନୀ ଜୁସ୍ ତିଆରି କରିଥାନ୍ତି। ଜୁସ୍‌ରେ ବିଟ୍ ପଡିଥିବା ଯୋଗୁ ଏହା ଲାଲ୍ ଦେଖାଯାଉଛି। ତେବେ ଏହି ଜୁସ୍‌ରେ ଲେମ୍ବୁ ଓ କଳା ଲୁଣ ପକାଇ ପରଷା ଯାଇଥାଏ, ଯାହା ବେଶ୍ ସ୍ୱାଦିଷ୍ଟ ବି ହୋଇଥାଏ। ଏଭଳି ଏକ ଜୁସ୍ ତିଆରି ହେଉଥିବା ଖବର ଓ ଏହାର ଶୈଳୀକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ଫୁଡ୍ ବ୍ଲଗର ରଜନୀଶ୍ ଗ୍ୟାନୀ। ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ 'ଆର୍ ୟୁ ହଙ୍ଗ୍ରି'ରେ ଏହି ଖୁନୀ ଜୁସ୍‌ର ଭିଡିଓ ଶେୟାର କରିଛନ୍ତି, ଯାହାକୁ ୨୨ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି। ତେବେ ଜୁସ୍ ଅତ୍ୟନ୍ତ ସ୍ୱାସ୍ଥ୍ୟପ୍ରଦ ବୋଲି ସୋସିଆଲ ମିଡିଆରେ ଲୋକେ କମେଣ୍ଟ ଦେଇଛନ୍ତି।

## ଏ ସପ୍ତାହର ପ୍ରଶ୍ନ

୧– ବର୍ତ୍ତମାନର ୟୁନିଅନ୍ ମିନିଷ୍ଟର ଅଫ୍ ଲ' ଆଣ୍ଡ ଜଷ୍ଟିସ୍‌ଙ୍କ ନାମ.......... ?
୨– ଭାରତର ପ୍ରଥମ ସ୍ୱଦେଶୀ ଏୟାରକ୍ରାଫ୍ଟ କ୍ୟାରିୟରର ନାମ......... ?
୩– ନିକଟରେ.......... ଆର୍ମେନିଆର ପ୍ରଧାନମନ୍ତ୍ରୀ ହୋଇଛନ୍ତି ?
୪– ............ ରାଜ୍ୟର ପୋଲିସ କ୍ରାଇମ୍ ଆଣ୍ଡ କ୍ରିମିନାଲ୍ ଟ୍ରାକିଂ ନେଟ୍‌ୱର୍କ ସିଷ୍ଟମ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛି ?
୫– ସମ୍ରାଟ ଅଶୋକଙ୍କ ମା'ଙ୍କ ନାମ ......... ?

## ଗତ ଥରର ଉତ୍ତର

୧ ଅଗଷ୍ଟ ୧
୨ ସାଇରସ୍ ପୁନାୱାଲା
୩ ୟୁଲିମାର ରୋଜାସ୍
୪ ଅଭତାର ସିଂ ଭାସୀନ
୫ ୧୮୩୩

## ଉତ୍ତରଦାତା


ଶେଖ ୟାକୁବ୍, ଗୋପ


ପ୍ରଶାନ୍ତ କର, ପୁରୀ


ନୀଳମାଧବ ପାତ୍ର, ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ ନ୍ୟୁଜ୍ ଚ୍ୟାନେଲ୍ (୨୦୨୧)




୧.................... ଅଲ୍ ଜାଜିରା
୨.................... ବିବିସି ନ୍ୟୁଜ୍
୩.................... ସ୍କାଏ ନ୍ୟୁଜ୍
୪.................... ସିଏନ୍‌ବିସି
୫.................... ଡିଡବ୍ଲ୍ୟୁ-ଟିଭି
୬.................... ଡିଡି ନ୍ୟୁଜ୍
୭.................... ଆର୍‌ଟି
୮.................... ଏବିସି ନ୍ୟୁଜ୍
୯.................... ସିଏନ୍‌ଏନ୍
୧୦.................... ଫ୍ରାନ୍ସ ୨୪

## ଜାଣନ୍ତୁ ଦୁନିଆ

# ସ୍ୱାଧୀନତା ଦିବସ: କିଛି କଥା

**ଆଜି ଆମ ଦେଶର ୭୫ତମ ସ୍ୱାଧୀନତା ଦିବସ। ଏକ ସ୍ୱାଧୀନ ଦେଶର ନାଗରିକ ଭାବେ ଆମେ ଗର୍ବିତ। ତେବେ ଏହି ଦିବସ କେବେଠୁ ପାଳନ ହେଉଛି, ଏଥିପାଇଁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଏବଂ ବଳିଦାନ ଆଦି ବିଷୟରେ ଅଳ୍ପ ବହୁତେ ସଭିଙ୍କୁ ଜଣା । ହେଲେ ଏହି ଦିବସକୁ ନେଇ ଆହୁରି ଅନେକ ତଥ୍ୟ ରହିଛି, ଯାହା ବିଷୟରେ ହୁଏତ ଖୁବ୍ କମ୍ ଜଣଙ୍କୁ ଜଣାଥିବ । ଜାଣିବା ଏଭଳି କିଛି ରୋଚକ ତଥ୍ୟ ସମ୍ପର୍କରେ...**



➔ ଆମ ଦେଶର ପ୍ରଥମ ସ୍ୱାଧୀନତା ଦିବସ ୧୯୪୭ ମସିହାରେ ପାଳନ ହୋଇଥିଲା। ହେଲେ ସେହି ବର୍ଷ ଜାତୀୟ ସଙ୍ଗୀତ ଗାୟନ ହୋଇ ନ ଥିଲା। କାରଣ ରବୀନ୍ଦ୍ର ନାଥ ଟାଗୋରଙ୍କ ଦ୍ୱାରା ୧୯୧୧ ମସିହାରେ ରଚିତ 'ଜନ ଗଣ ମନ' ଗୀତକୁ ୧୯୫୦ ମସିହାରେ ଜାତୀୟ ସଙ୍ଗୀତର ମାନ୍ୟତା ମିଳିଲା।

➔ ଦେଶ ସ୍ୱାଧୀନ ହେବାରେ ମହାତ୍ମା ଗାନ୍ଧୀଙ୍କର ଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା। କାରଣ ସେ ଏହି ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ। ହେଲେ ଆଶ୍ଚର୍ଯ୍ୟର କଥା ପ୍ରଥମ ବର୍ଷ ସ୍ୱାଧୀନତା ଦିବସ ପାଳନ ଉତ୍ସବରେ ସେ ଉପସ୍ଥିତ ରହିପାରି ନ ଥିଲେ। ଏହା ପଛର କାରଣ ହେଉଛି ସେତେବେଳେ ପଶ୍ଚିମବଙ୍ଗରେ ହୋଇଥିବା ହିନ୍ଦୁ-ମୁସ୍‌ଲିମ ସଂଘର୍ଷ ରୋକିବା ଲାଗି ସେ ଅନଶନରେ ବସିଥିଲେ।

➔ ୧୯୪୭ ମସିହା ଅଗଷ୍ଟ ୧୫ ପୂର୍ବଦିନ ଅର୍ଥାତ୍ ୧୪ ତାରିଖ ମଧ୍ୟରାତ୍ରରେ ଲର୍ଡ ମାଉଣ୍ଟବେଟେନ୍ ଜବାହରଲାଲ ନେହେରୁଙ୍କୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଶପଥପାଠ କରାଇଥିଲେ।

➔ ପ୍ରତିବର୍ଷ ସ୍ୱାଧୀନତା ଦିବସରେ ଲାଲ୍‌କିଲାଠାରେ ପ୍ରଧାନମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିଥାନ୍ତି। ହେଲେ ପ୍ରଥମ ସ୍ୱାଧୀନତା ଦିବସରେ ୧୫ ତାରିଖ ପରିବର୍ତ୍ତେ ୧୬ ତାରିଖରେ ସେଠାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



# ସେଦିନ ବି ଥିଲା ଅଗଷ୍ଟ ୧୫

**ଜୀବନରେ ଏମିତି ଅନେକ ଘଟଣା ଘଟେ, ଯାହାକି ସବୁଦିନ ପାଇଁ ଅନୁଭୂତି ହୋଇ ରହିଯାଏ ମନ ଭିତରେ । ଆଜି ସ୍ୱାଧୀନତା ଦିବସରେ ଏହି ଦିନକୁ ନେଇ ନିଜର କିଛି ଅଭୁଲା ଅନୁଭୂତି ସମ୍ପର୍କରେ ଯାହା କୁହନ୍ତି ଏମାନେ...**


ରବୀନ୍ଦ୍ର କୁମାର ପଣ୍ଡା


ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ


ଶ୍ୟାମ କୁମାର ଦାସ


ମହେଶ୍ୱର ପଣ୍ଡା

### ଦେଶ ସ୍ୱାଧୀନତାର ପ୍ରଥମ ପତାକା ଧରିବାର ଅନୁଭୂତି ନିଆରା ଥିଲା

ଦେଶ ସ୍ୱାଧୀନତା ସମୟରେ ମୋର ବୟସ ଥିଲା ୧୮ ବର୍ଷ। ସେହି ସମୟରେ ସେ ପଡ଼ୋଶୀ ଅଞ୍ଚଳ ତଥା ବର୍ତ୍ତମାନର ଭଦ୍ରକ ଜିଲାର ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲରେ ପଢୁଥିଲେ। ଛାତ୍ର ଜୀବନରେ ସେ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଲୁଚାଛପାରେ ଗାଁ ଗାଁ ବୁଲି ଦେଶ ସ୍ୱାଧୀନ ପାଇଁ ଉଦ୍ୟମ ଜାରି ରଖିଥିଲେ। ତେବେ ଦେଶ ସ୍ୱାଧୀନତାର ପ୍ରଥମ ଅନୁଭୂତି ତାଙ୍କୁ ଦେଇଥିଲା ଅପୂର୍ବ ଆନନ୍ଦ। ସେ କୁହନ୍ତି, ସ୍ୱାଧୀନ ଭାରତର ନାଗରିକ ଭାବେ ସ୍କୁଲ୍‌ରେ ପ୍ରଥମ ଥର ଜାତୀୟ ପତାକା ଉତ୍ତୋଳନ କରିବା ବେଳେ ସଭିଙ୍କ ଆଖିରୁ ଧାର ଧାର ହୋଇ ଝରିଆସୁଥିଲା ଆନନ୍ଦାଶ୍ରୁ। ଜାତୀୟ ପତାକା ହାତରେ ଧରି ସାଥିମାନଙ୍କ ସହ ମିଶି ବାସୁଦେବପୁର ଅଞ୍ଚଳ ପରିକ୍ରମା କରିବାର ଖୁସି ଥିଲା ନିଆରା। ଯାହା ଅବର୍ଣ୍ଣନୀୟ। ସେଦିନ ଆମେ ଓ ଆମ ଦେଶ ଇଂରେଜମାନଙ୍କଠାରୁ ସ୍ୱାଧୀନ ହୋଇଥିବା ଖୁସିରେ ସନ୍ଧ୍ୟାରେ ସ୍କୁଲ ପରିସରରେ ଭାତ, ଡାଲମା ଭୋଜି ହୋଇଥିଲା।

– **ମହେଶ୍ୱର ପଣ୍ଡା**(ଅବସରପ୍ରାପ୍ତ ଶିକ୍ଷକ, ସିମୁଳିଆ, ବାଲେଶ୍ୱର)

### ମନେପଡ଼େ ଲୁହ ଓ ଲହୁର କଥା

ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ଅବସରର କଥା। ଆମ ଶ୍ରେଣୀର ମନିଟର ଗୋବିନ୍ଦ କହିଲା, ତୋତେ କାଲି ଅଗଷ୍ଟ ୧୫ ପାଇଁ ଫୁଲ ଯୋଗାଡ଼ କରିବାକୁ ପଡ଼ିବ। ହେଲେ ଆମ ବାଡ଼ିରେ ତ ଗୋଟେ ହେଲେ ବି ଫୁଲ ନାହିଁ। ମୁଁ ଆଣିବି କେଉଁଠୁ ? ମୁଁ ନା ନା କରୁ କରୁ ଫୁଲ ଆଣିବା ଦାୟିତ୍ୱ ମୋ ଉପରେ ଅଜାଡ଼ି ଦେଇ ଗୋବିନ୍ଦ ସେଠାରୁ ପଳାଇଥିଲା। ଫୁଲ ଆଣିବି କେଉଁଠୁ ଚିନ୍ତା ପଡ଼ିଗଲା। ଆମ ଘରପାଖ ମହାପାତ୍ର କକାଙ୍କ ଘରେ ଫୁଟିଥାଏ ବିଭିନ୍ନ ପ୍ରକାରର ଫୁଲ। ଚୋରି କରିବା ମହାପାପ ଜାଣିଥିଲେ ମଧ୍ୟ ଅଟକି ନ ଥିଲି। କାରଣ ମନରେ ଥିଲା- ଦେଶକୁ ସ୍ୱାଧୀନତା ଦେବା ପାଇଁ କେତେକେତେ ଲୋକ ପ୍ରାଣବଳି ଦେଇଥିଲେ, ସେଇ ସ୍ୱାଧୀନତା ଦିବସ ପାଳନ ପାଇଁ ମୁଁ କ'ଣ ଏତିକି କରିପାରିବି ନାହିଁ! ବାସ୍ ଏତିକି ଭାବି ଫୁଲ ଆଣିବାକୁ ଚାଲିଗଲି। ଚାରିପଟେ କଣ୍ଟାବାଉଁଶ କଣିରେ ବାଡ଼। ଯିବା ପାଇଁ କୌଣସି ଉପାୟ ନ ପାଇ ବାଡ଼କୁ ଆଡ଼େଇ ଧୀରେ ଧୀରେ ଭିତରକୁ ଯିବାକୁ ଲାଗିଲି। ବାଉଁଶକଣ୍ଟା ଲାଗି ପିନ୍ଧିଥିବା ଗାମୁଛା ଅଧେ ଚିରିଗଲା। ଖାଲି ଦେହରେ ଥିବା ଯୋଗୁ ଦେହସାରା ମାନଚିତ୍ର ପରି ଦେଖାଗଲା। ସ୍ଥାନେ ସ୍ଥାନେ ରକ୍ତଝରି ମୋ ଦେହକୁ ରଙ୍ଗିନ କରିଦେଲେ ବି ମୁଁ ଫୁଲ ତୋଳିବାରୁ ନିବୃତ୍ତ ହେଲି ନାହିଁ। ନିର୍ଦ୍ଦିଷ୍ଟ ସମୟରେ ଫୁଲ ନେଇ ବିଦ୍ୟାଳୟରେ ପହଞ୍ଚାଇ ଦେଲି। ଜଣେ ବିଶିଷ୍ଟ ରାଜନେତା ଦେବେନ୍ଦ୍ର ନାଥ ବିଦ୍ୟାଳୟର ପତାକା ଉତ୍ତୋଳନ କରିବାକୁ ନିମନ୍ତ୍ରିତ ହୋଇଥାନ୍ତି। ମନେ ମନେ ଭାବୁଥିଲି ମୁଖ୍ୟଅତିଥି ଆସି ପତାକା ଉତ୍ତୋଳନ କରିବେ ଓ ଫୁଲଗୁଡ଼ିକୁ ଦେଖି ଖୁସି ହେବେ। କିଏ ସେ ଫୁଲ ଆଣିଛି ବୋଲି ପଚାରିବେ ଓ ମୁଁ ଆଣିଛି ବୋଲି ଜାଣି ମୋତେ ବହୁତ ପ୍ରଶଂସା କରିବେ। ଦେହସାରା କ୍ଷତାକ୍ତ ହୋଇଥିବାର ଫଳ କ'ଣ ଏହିପରି ନିଷ୍ଫଳ ହୋଇଯିବ ? ମାତ୍ର ସେପରି କିଛି ହେଲା ନାହିଁ। ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରି ଚାଲିଗଲେ। ଧାଡ଼ିଏ ବି ପ୍ରଶଂସା କଲେ ନାହିଁ। ବିଦ୍ୟାଳୟ ତରଫରୁ ଦିଆଯାଇଥିବା ସେଓ ଓ ବୁନ୍ଦିଆ ଖାଇବାକୁ ବସିଛି ହଠାତ୍ ଦେଖିଲି ମହାପାତ୍ର କକାଙ୍କର ଆବିର୍ଭାବ। ଦେହରେ ଲହୁ ଓ ଆଖିରେ ଲୁହ ନେଇ ମୁଁ ସେ ବର୍ଷ ସ୍ୱାଧୀନତା ଦିବସ ପାଳନ କରିଥିଲି। ଆଜି ବି ଦେଖୁଛି ମହାତ୍ମା ଗାନ୍ଧୀ ଲୁହ ଓ ଲହୁ ନିଗାଡ଼ି ଦେଶକୁ ସ୍ୱାଧୀନତା ଆଣିଥିଲେ। ସେ ସ୍ୱାଧୀନତାର ମୂଲ୍ୟ କେତେଜଣ ବୁଝୁଛନ୍ତି ?

– **ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ**(କବି, ବାଲେଶ୍ୱର)

### ବନ୍ୟାଜଳରେ ପଶି ଫେରିଥିଲି ଘରକୁ

୧୯୬୪-୬୫ ମସିହାର ଘଟଣା। ସେତେବେଳେ ଆନନ୍ଦପୁର ବ୍ଲକ ଫକୀରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁଥାଏ। ସେଦିନ ଥାଏ ସ୍ୱାଧୀନତା ଦିବସ। ଆମ ଗାଁ ବୈତରଣୀ ନଦୀ କୂଳରେ। ତେଣୁ ବର୍ଷାଦିନେ ବନ୍ୟା ହେବାର ଭୟ ସର୍ବଦା ଲାଗି ରହିଥାଏ। ଅଗଷ୍ଟ ୧୪ ତାରିଖ ରାତିରେ ପ୍ରବଳ ବର୍ଷା ହେବାରୁ ବୈତରଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେଣୁ ସ୍ୱାଧୀନତା ଦିବସ ପାଳନ ଲାଗି ସ୍କୁଲ୍ ନ ଯିବାକୁ ଘର ଲୋକ ପରାମର୍ଶ ଦେଇଥିଲେ। ହେଲେ ସ୍କୁଲ୍‌ରେ ପତାକା ଉତ୍ତୋଳନର ନିଶା ଏତେ ଅଧିକ ଥିଲା ଯେ, ବର୍ଷାକୁ ଖାତିର ନ କରି ଭିଜି ଭିଜି ସ୍କୁଲ ଚାଲିଗଲି। ସେଠାରେ ପହଞ୍ଚି ଦେଖେ ତ ହାତଗଣତି ମାତ୍ର ୪୦ରୁ ୫୦ ପିଲା ହିଁ ଉପସ୍ଥିତ। ପ୍ରବଳ ବର୍ଷା ସାଙ୍ଗକୁ ବନ୍ୟା ଆଶଙ୍କା ବଢୁଥିବାରୁ ପ୍ରଧାନ ଶିକ୍ଷକ କେବଳ ପତାକା ଉତ୍ତୋଳନ କରି ସାରି ପିଲାଙ୍କୁ ଘରକୁ ଚାଲିଯିବାକୁ କହିଲେ। ଅନ୍ୟାନ୍ୟ କାର୍ଯ୍ୟକ୍ରମ ବନ୍ଦ କରାଗଲା ବୋଲି ଯଦିଓ ମନ ଭାରି ଦୁଃଖ ହୋଇଥିଲା ହେଲେ ଏତେ ପାଣିରେ ଘରକୁ କିପରି ଫେରିବି ଚିନ୍ତା ଘାରୁଥିଲା। ଯାହା ବି ହେଉ ବଡ଼ କଷ୍ଟରେ ସେଦିନ ଘରକୁ ଫେରିଲି। ଘରେ ପହଞ୍ଚିବାର ମାତ୍ର କିଛି ସମୟ ମଧ୍ୟରେ ବନ୍ୟାଜଳ ପଶି ଗ୍ରାମ ତଥା ସ୍କୁଲ ଜଳମଗ୍ନ ହୋଇଗଲା। ଏବେ ବି ସେ ଦିନର ଘଟଣା ମନେପଡ଼ିଲେ ଲୋମ ଟାଙ୍କୁରି ଉଠେ।

–**ରବୀନ୍ଦ୍ର କୁମାର ପଣ୍ଡା** (ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, କେନ୍ଦୁଝର)

### ଛୋଟିଆ ସାହାଯ୍ୟ ବେଶ୍ ଆନନ୍ଦ ଦେଇଥିଲା

ସେତେବେଳେ ମୁଁ ଥିଲି ୧୦ମ ଶ୍ରେଣୀର ଛାତ୍ର। ସ୍କୁଲ୍ ସ୍କାଉଟ୍ସ ଟିମ୍‌ରେ ଅଂଶଗ୍ରହଣ କରିଥିଲି। ତେଣୁ ସ୍ୱାଧୀନତା ଦିବସରେ ଆମର ଥିଲା ଅଧିକ ଭୂମିକା। କାରଣ ଅତିଥିଙ୍କୁ ସ୍ୱାଗତ କରିବା, ମଞ୍ଚଯାଏ ନେବାଠାରୁ ପରେଡ ପର୍ଯ୍ୟନ୍ତ ଆମର ଥିଲା ଅନେକ କାମ। ତେବେ ସ୍କାଉଟ୍ ଟିମ୍‌ର ସ୍ୱେଶାଲ୍ ୟୁନିଫର୍ମକୁ ଛାଡିଦେବା ପରେ ଅନ୍ୟ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ୍ ୟୁନିଫର୍ମରେ ଆସିବାକୁ କୁହାଯାଇଥିଲା ଏବଂ ସଭିଙ୍କ ଲାଗି ଜୋତା ଥିଲା ବାଧ୍ୟତାମୂଳକ। ସକାଳୁ ସମସ୍ତେ ସ୍କୁଲ୍‌ରେ ପହଞ୍ଚିଗଲୁ। ହେଲେ ଆମ କ୍ଲାସ୍‌ର ଜଣେ ଝିଅ ଧାଡ଼ିରୁ ଅଲଗା ହୋଇ ଗୋଟିଏ କୋଣରେ ମନଦୁଃଖରେ ଠିଆ ହୋଇଥିବା ଦେଖି ପାଖକୁ ଗଲି। ପଚାରି ବୁଝିବାରୁ ଜୋତା ନ ଥିବାରୁ ସାର୍ ଏଠାରେ ଅଲଗା ଠିଆ କରାଇଥିବା ସେ କହିଲା। ପରେଡରେ ଭାଗ ନେବାକୁ ତା'ର ଆଗ୍ରହ ଦେଖି ନିଜକୁ ସମ୍ଭାଳି ପାରିଲିନାହିଁ। ଅଭାବ ଯୋଗୁ ସେ ଏତେବଡ଼ ଖୁସିରୁ କାହିଁକି ବଞ୍ଚିତ ହେବ ଭାବି ନିଜ ଜୋତା ଖୋଲି ତା'କୁ ପିନ୍ଧିବାକୁ ଦେଇଥିଲି। ଯଦିଓ ଜୋତା ବିନା ମୋତେ ସ୍କାଉଟ୍ସରୁ ଓହରିବାକୁ ପଡିଥିଲା ହେଲେ ସେହି ଝିଅଟିର ପରେଡ କରିବା ଉତ୍କଣ୍ଠା ଆଉ ତା' ମୁହଁର ହସ ଦେଖି ଯେଉଁ ଆତ୍ମସନ୍ତୋଷ ମିଳିଥିଲା ତାହା ଅବର୍ଣ୍ଣନୀୟ। ବର୍ତ୍ତମାନ ପୋଲିସ ବିଭାଗରେ କାର୍ଯ୍ୟରତ ସେହି ସାଙ୍ଗଟିକୁ ଦେଖିଲେ ସେଦିନ କଥା ମନପଡ଼ିଯାଏ।

– **ଶ୍ୟାମ କୁମାର ଦାସ**(ଭାଜପା ନଗର ସଭାପତି, ରାୟଗଡ଼ା)



## ୟୁଥ୍ କ୍ଲବ

# ଅସହାୟଙ୍କ ସେବାରେ ବ୍ରତୀ

ଆଜିର ଆଧୁନିକ ସମାଜରେ ଅନେକ ଯୁବତୀଯୁବକ ସମୟ ମିଳିଲେ କେବଳ ମଜାମସ୍ତି, ଭୋଜିଭାତଠୁ ଆରମ୍ଭ କରି ବୁଲାବୁଲିରେ ମନ ଦେଉଥିବା ଦେଖିବାକୁ ମିଳନ୍ତି। ଏଭଳି ପରିବର୍ତ୍ତିତ ଜୀବନଶୈଳୀ ଓ ସଉକ ଦେଖି କେହି ସେମାନଙ୍କୁ କୁହନ୍ତି ପଥଭ୍ରଷ୍ଟ ତ ଆଉ କେହି କୁହନ୍ତି ବିଶୃଙ୍ଖଳିତ । ହେଲେ ଆଜିର ଯୁବପିଢ଼ିଙ୍କ ମଧ୍ୟରେ ଏମିତି ବି କେତେଜଣ ଅଛନ୍ତି ଯେଉଁମାନେ ନିଜ ବ୍ୟସ୍ତବହୁଳ ଜୀବନରୁ ସମୟ କାଢ଼ି ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ କରି ପାଲଟିଛନ୍ତି ଅନ୍ୟମାନଙ୍କ ଲାଗି ଉଦାହରଣ। ଏଭଳି ଏକ ଯୁବଗୋଷ୍ଠୀର ନାମ ହେଉଛି କଟକରେ ଥିବା 'ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ' । ଅସହାୟଙ୍କୁ ସହାୟତାର ହାତ ବଢ଼ାଇବାର ଲକ୍ଷ୍ୟ ନେଇ ୨୦୧୮ ଅକ୍ଟୋବର ୨ ତାରିଖରେ ୭ ଜଣ ଯୁବକଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିଲା ଏହି କ୍ଲବ୍। ସଭାପତି ମନୋଜ ପଣ୍ଡା କୁହନ୍ତି, ଥରେ ଏକ ଚା ଖଟିରେ ବସିଥିବା ସମୟରେ ଜଣେ ମାନସିକ ବିକାରଗ୍ରସ୍ତ ଲୋକ ରାସ୍ତାରେ ବୁଲୁଥିବାର ଦେଖିଲୁ । ଅସହାୟ ବ୍ୟକ୍ତି ଜଣଙ୍କୁ ନା କେହି ସହାୟତା ନା ଦେଉଥିଲେ ଖାଇବାକୁ। ଏହି ଦୃଶ୍ୟ ଆମ ମନକୁ ଆନ୍ଦୋଳିତ କରିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ସହାୟତାର ହାତ ବଢ଼ାଇଥିଲୁ । ଆଉ ସେବେଠାରୁ ହିଁ ମୂଳଦୁଆ ପଡ଼ିଥିଲା ଆମ କ୍ଲବ୍‌ର। ତେବେ ଖୁସିର ବିଷୟ ହେଉଛି ମାତ୍ର ୭ ଜଣଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କ୍ଲବ୍‌ର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୨୫୦।' ବିଭିନ୍ନ ପ୍ରକାର ସମାଜଧର୍ମୀ କାର୍ଯ୍ୟ କରି ଏହି କ୍ଲବ୍ ସହରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସଦସ୍ୟମାନେ ବିଭିନ୍ନ ସ୍ଥାନରେ ଆୟୋଜିତ ଭୋଜିରେ ବଳକା ରହିଯାଉଥିବା ଖାଦ୍ୟକୁ ସଂଗ୍ରହ କରି ରାସ୍ତା କଡ଼ରେ ବସିଥିବା ଭୋକିଲା ଲୋକଙ୍କୁ ବଣ୍ଟନ କରୁଛନ୍ତି। ଏଥିସହ ରାସ୍ତାରେ ବୁଲୁଥିବା ଅସହାୟ ଲୋକଙ୍କୁ ହେଉ ଅବା ଦୁର୍ଘଟଣା ସମୟରେ ପୀଡ଼ିତଙ୍କୁ ସହାୟତା ପାଇଁ ଏମାନେ ସର୍ବଦା ତତ୍ପର। ଏମିତିକି ଏମାନେ ପରିଚୟ ନ ଥିବା ଶବଗୁଡ଼ିକର ସତ୍କାର ମଧ୍ୟ କରିଥାନ୍ତି। ଏହାବ୍ୟତୀତ ରକ୍ତଦାନ ଶିବିର ଆୟୋଜନ କରିବା ସହ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ ମଧ୍ୟ କରିଥାନ୍ତି। କରୋନା ଲାଗି ଲକ୍‌ଡାଉନ୍ ଏବଂ ଶଟ୍‌ଡାଉନ ସମୟରେ ରାସ୍ତାରେ ବୁଲା କୁକୁର ଏବଂ ଗୋରୁଙ୍କୁ ମଧ୍ୟ ଖାଦ୍ୟ ବଣ୍ଟନ କରୁଛନ୍ତି। ସ୍ୱାଧୀନତା ଦିବସ ଉପଲକ୍ଷେ ସହରର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସଫେଇ ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି। ସେହିଭଳି ଘରେ ଘରେ ବୁଲି କୋଭିଡ୍ ରୋଗୀଙ୍କୁ ଖାଦ୍ୟ ପ୍ରଦାନ କରୁଛନ୍ତି । ତେବେ ଏପରି ସମାଜଧର୍ମୀ କାର୍ଯ୍ୟ ପାଇଁ ଏହି କ୍ଲବ୍ ଅନେକଥର ପୁରସ୍କୃତ ଏବଂ ପ୍ରଶଂସିତ ମଧ୍ୟ ହୋଇଛି। ଭବିଷ୍ୟତରେ ମାନସିକ ବିକାରଗ୍ରସ୍ତଙ୍କ ପାଇଁ ଏକ ଆଶ୍ରମ ନିର୍ମାଣ କରିବା ଲକ୍ଷ୍ୟ ରହିଥିବା କୁହନ୍ତି ସମ୍ପାଦକ ଶଶାଙ୍କ ଶେଖର ସାହୁ।

– **ସୁପ୍ରିୟା ପ୍ରିୟଦର୍ଶିନୀ**





ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧୫ ଅଗଷ୍ଟ, ୨୦୨୧ Bhubaneswar, Sunday, August 15/2021

# ରୁଟ୍‌ଙ୍କ ବୃହତ୍ ଶତକ: ଇଂଲଣ୍ଡ ଅଗ୍ରଣୀ

ଲର୍ଡ୍ସ,୧୪।୮

ଅଧିନାୟକ ଜୋ ରୁଟ୍‌ଙ୍କ ବୃହତ୍ ଅପରାଜିତ ଶତକ ସହାୟତାରେ ଲର୍ଡ୍ସରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଭ୍ରମଣକାରୀ ଭାରତକୁ ଦୃଢ଼ ଜବାବ ଦେବା ସହ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ଭାରତକୁ ପ୍ରଥମ ଇନିଂସରେ ୧୨୬.୧ ଓଭରରେ ୩୬୪ ରନରେ ଅଲଆଉଟ କରିବା ପରେ ଇଂଲଣ୍ଡ ଦମ୍‌ଦାର ପ୍ରଦର୍ଶନ କରିଛି। ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ୧୨୮ ଓଭରରେ ୩୯୧ ରନକରି ଅଲଆଉଟ ହୋଇଛି। ଫଳରେ ଇଂଲଣ୍ଡ ପ୍ରଥମ ଇନିଂସରେ ୨୭ ରନର ଅଗ୍ରଣୀ ହାସଲ କରିଛି। ରୁଟ୍ ୧୮୦ ରନର ବୃହତ୍ ଶତକୀୟ ଇନିଂସ ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଛନ୍ତି। ସେ କ୍ୟାରିୟରର ୨୨ତମ ଟେଷ୍ଟ ଶତକ ହାସଲ କରିଛନ୍ତି।

ଦ୍ୱିତୀୟ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୧୯/୩ରୁ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ରୁଟ୍ ୪୮ରୁ ଖେଳ ଆରମ୍ଭ କରିଥିଲେ। ସେହିପରି ଜନି ବେୟାରଷ୍ଟୋ ୬ ରନରୁ ଖେଳ ଆରମ୍ଭ କରି ୫୭ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ପ୍ୟାଭିଲିୟନ ଫେରିଥିଲେ। ମହମ୍ମଦ ସିରାଜଙ୍କ ବଲ୍‌ରେ ବେୟାରଷ୍ଟୋ ସ୍ଲିପ୍‌ରେ ବିରାଟ କୋହଲିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଚତୁର୍ଥ ଉଇକେଟରେ ରୁଟ୍ ଓ ବେୟାରଷ୍ଟୋ ୨୨୭ଟି ବଲର ସମ୍ମୁଖୀନ ହୋଇ ୧୨୧ ରନକରି ଇଂଲଣ୍ଡକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ଏହାପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ୍ ବଟଲର ବ୍ୟାଟିଂ କରିବାକୁ ଆସି ୨୩ ରନକରି କ୍ରିଜରେ ଜମି ଆସୁଥିବା ବେଳେ ଅଭିଜ୍ଞ ଦ୍ରୁତ ବୋଲର ଈଶାନ୍ତ ଶର୍ମାଙ୍କ ଦ୍ୱାରା ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। କ୍ୟାରିୟର ୨୨ତମ ଶତକ ହାସଲ କରିଥିବା ରୁଟ୍ ଭାରତ ବିପକ୍ଷରେ ସପ୍ତମ ଓ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ରୁଟ ମଧ୍ୟ ଇଂଲଣ୍ଡରେ ଭାରତ ବିପକ୍ଷରେ କ୍ରମାଗତ ଚତୁର୍ଥ ଥର ପାଇଁ ୫୦ରୁ ଉର୍ଦ୍ଧ୍ୱ ସ୍କୋର କରିଛନ୍ତି। ଏହାପୂର୍ବରୁ ରୁଟ୍ ୨୦୧୮ରେ କେନିଂଟନ ଓଭାଲ ଟେଷ୍ଟର ଦ୍ୱିତୀୟ ଇନିଂସରେ ୧୨୫ ରନର ଶତକୀୟ ପାଳି ଖେଳିଥିଲେ। ପୁଣି ଚଳିତ ସିରିଜର ପ୍ରଥମ ଟେଷ୍ଟରେ ରୁଟ୍ ପ୍ରଥମ ଇନିଂସରେ ୬୪ ଓ ଦ୍ୱିତୀୟ ଇନିଂସରେ ୧୦୯ ରନର ଶତକୀୟ ପାଳି ଖେଳିଥିଲେ। ତୃତୀୟ ଦିବସର ପ୍ରଥମ ସେସନରେ ରୁଟ୍ ଓ ବେୟାରଷ୍ଟୋ ସୁନ୍ଦର ବ୍ୟାଟିଂ ପ୍ରଦର୍ଶନ କରଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ତେବେ ଲଞ୍ଚ୍ ପରେ ବେୟାରଷ୍ଟୋ ଆଉଟ ହୋଇଥିଲେ। ସେ ତାଙ୍କ କ୍ୟାରିୟରର ୨୨ତମ ଅର୍ଦ୍ଧଶତକ ହାସଲ କରିଥିଲେ। ଏହାପରେ ୨୭ ରନ କରି ଖେଳୁଥିବା ଅଲରାଉଣ୍ଡର ମୋଇନ ଅଲି ଈଶାନ୍ତଙ୍କ ବଲ୍‌ରେ ସ୍ଲିପ୍‌ରେ କୋହଲିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାର ପରବର୍ତ୍ତୀ ବଲ୍‌ରେ ବିନା ସ୍କୋରରରେ ସାମ କୁରାନଙ୍କୁ ଈଶାନ୍ତ ଆଉଟ କରିଥିଲେ। କୁରାନ ରୋହିତ ଶର୍ମାଙ୍କୁ ଦ୍ୱିତୀୟ ସ୍ଲିପ୍‌ରେ କ୍ୟାଚ୍ ଦେଇଥିଲେ। କ୍ରମାଗତ ଦୁଇଟି ବଲ୍‌ରେ ଈଶାନ୍ତ ମୋଇନ ଓ କୁରାନଙ୍କୁ ଆଉଟ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ଓଲି ରବିନସନ ୬ ରନକରିଥିବା ବେଳେ ସିରାଜଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିବା ବେଳେ ମାର୍କ ଉଡ୍ ଜାଡେଜାଙ୍କ ଥ୍ରୋରେ ରିଷଭ ପନ୍ତଙ୍କ ଦ୍ୱାରା ରନ୍ ଆଉଟ ହୋଇଥିଲେ। ଅନ୍ତିମ ଉଇକେଟ ଭାବେ ଜେମ୍ସ ଆଣ୍ଡରସନ ତୃତୀୟ ଦିବସରେ ଅନ୍ତିମ ବଲ୍‌ରେ ହିଁ ବିନା ସ୍କୋରରେ ମହମ୍ମଦ ସାମିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଗୋଟିଏ ପଟେ ଉଇକେଟ ପତନ ଘଟୁଥିଲେ ମଧ୍ୟ ଅନ୍ୟପଟେ ରୁଟ୍ ଧୈର୍ଯ୍ୟର ସହ ବ୍ୟାଟିଂକରି ଭାରତୀୟ ବୋଲରଙ୍କୁ ନିରାଶ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ସିରାଜ ସର୍ବାଧିକ ୪, ଈଶାନ୍ତ ୩ ଓ ସାମି ୨ଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
ଭାରତ ପ୍ରଥମ ଇନିଂସ– ୧୨୬.୧ ଓଭରରେ ୩୬୪ ଅଲଆଉଟ। ଇଂଲଣ୍ଡ ପ୍ରଥମ ଇନିଂସ– ୧୨୮ ଓଭରରେ ୩୯୧ ଅଲଆଉଟ। (ରୁଟ୍– ୧୮୦*, ବେୟାରଷ୍ଟୋ– ୫୭, ବର୍ନ୍ସ–୪୯, ବଟଲର– ୨୩, ମୋଇନ– ୨୭, ସିରାଜ– ୪/୯୪, ଈଶାନ୍ତ– ୩/ ୬୯, ସାମି– ୨/୯୫)।


ଶତକ ହାସଲ ପରେ ଜୋ ରୁଟ୍।

# ଫର୍ମକୁ ଫେରିବେ ପୂଜାରା, ରାହାନେ

**ଲଣ୍ଡନ, ୧୪।୮(ପି.ଟି.):** ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେ ଉଭୟେ ହେଉଛନ୍ତି ବିଶ୍ୱ ଶ୍ରେଣୀୟ ବ୍ୟାଟ୍ସମ୍ୟାନ। ବ୍ୟାଟ୍‌ରୁ କିଭଳି ରନ୍ କାଢ଼ିବାକୁ ହୁଏ ସେମାନଙ୍କୁ ଜଣା। ସେମାନେ ଖୁବ୍ ଶୀଘ୍ର ଫର୍ମକୁ ଫେରିବେ ବୋଲି ଭାରତର ଓପନିଂ ବ୍ୟାଟ୍ସମ୍ୟାନ କେ.ଏଲ୍. ରାହୁଲ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ପୂଜାରା ଓ ଟେଷ୍ଟ ଉପଅଧିନାୟକ ରାହାନେଙ୍କର ଆଭରେଜ ୨୦ ରହିଛି। ଇଂଲଣ୍ଡରେ ୩ଟି ଇନିଂସରେ ପୂଜାରା ୪, ୧୨* ଓ ୯ ରନ କରିଛନ୍ତି। ରାହାନେ ଖେଳିଥିବା ଦୁଇଟି ଇନିଂସରେ ମାତ୍ର ୫ ଓ ୧ ରନ କରିପାରିଛନ୍ତି। ଅନେକଥର ବ୍ୟାଟିଂ ସଙ୍କଟରେ ପଡ଼ିଥିବାବେଳେ ପୂଜାରା ଓ ଅଜିଙ୍କ୍ୟ ଆମକୁ ଉଦ୍ଧାର କରିଛନ୍ତି।







# କ୍ଷମା ମାଗିଲେ ଭିନେଶ

ନୂଆଦିଲ୍ଲୀ, ୧୪।୮ (ପି.ଟି.)

ଟୋକିଓ ଅଲିମ୍ପିକ୍ସ ବେଳେ ବିଶୃଙ୍ଖଳା ପାଇଁ ସସ୍‌ପେଣ୍ଡ ହୋଇଥିବା ରେସଲର ଭିନେଶ ଫୋଗତ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ନୋଟିସର ଜବାବ ଶୁକ୍ରବାର ଦେଇଛନ୍ତି। ନିଜ ଭୁଲ କାର୍ଯ୍ୟପାଇଁ ସେ କ୍ଷମାପ୍ରାର୍ଥନା ମଧ୍ୟ କରିଛନ୍ତି। ହେଲେ ତାଙ୍କୁ ଆସନ୍ତା ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ଅନୁମତି ମିଳିନାହିଁ। ସୂଚନାଯୋଗ୍ୟ, ଭିନେଶ ଆଥଲେଟ୍ସ ଭିଲେଜରେ ରହିବାକୁ ଏବଂ ତାଙ୍କ ଭାରତୀୟ ଟିମ୍‌ମେଟଙ୍କ ସହ ଟ୍ରେନିଂ ନେବାଲାଗି ରାଜି ହୋଇ ନ ଥିଲେ। ଏହାଛଡ଼ା ସେ ତାଙ୍କ ସିଙ୍ଗଲେଟ୍‌ରେ ଭାରତୀୟ ଦଳର ପ୍ରାୟୋଜକଙ୍କ ଲୋଗୋ ପରିବର୍ତ୍ତେ ନିଜ ଘରୋଇ ପ୍ରାୟୋଜକଙ୍କ ଲୋଗୋ ବ୍ୟବହାର କରିଥିଲେ। ଏହି କାରଣରୁ ଡବ୍ଲ୍ୟୁଏଫ୍‌ଆଇ ତାଙ୍କୁ ସସ୍‌ପେଣ୍ଡ କରିବା ସହ କାରଣ ଦର୍ଶାଅ ନୋଟିସ୍ ପଠାଇଥିଲା। ଏହାର ଦିନକ ପରେ ଭିନେଶ କହିଥିଲେ ଗେମ୍ସ ବେଳେ ତାଙ୍କର ଉଭୟ ଶାରୀରିକ ଓ ମାନସିକ ଅବସ୍ଥା ଭଲ ନ ଥିଲା। ତାଙ୍କର ବ୍ୟକ୍ତିଗତ ଫିଜିଓର ଅଭାବ ରହିଥିଲା। ଓଜିକ୍ୟୁ ଓ ଜେଏସ୍‌ଡବ୍ଲ୍ୟୁ ଭଳି ଘରୋଇ ସ୍ପୋର୍ଟ୍ସ ଏନଜିଓ ମଧ୍ୟ ଭାରତୀୟ ଆଥଲେଟଙ୍କ ପ୍ରାୟୋଜକ ରହିଛନ୍ତି। ସେମାନେ ନିଜ ଇଚ୍ଛା ମୁତାବକ ଭାରତୀୟ ରେସ୍‌ଲରଙ୍କୁ ହାତଉଛନ୍ତି। ଏହା ଅତ୍ୟନ୍ତ ଖରାପ କଥା।

# ନୀରଜ ଚୋପ୍ରା ଅସୁସ୍ଥ

ନୂଆଦିଲ୍ଲୀ, ୧୪।୮ (ପି.ଟି.)

ଅଲିମ୍ପିକ ଚାମ୍ପିୟନ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା କିଛି ଦିନ ହେଲା ଜ୍ୱରରେ ପୀଡ଼ିତ ହୋଇଛନ୍ତି। ତାଙ୍କର କୋଭିଡ୍ ଟେଷ୍ଟ ହୋଇଛି, ଫଳାଫଳ ନେଗେଟିଭ ଆସିଛି। ସରକାରଙ୍କ ତରଫରୁ ସୋମବାର ଏବଂ ଏହାର ପରଦିନ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ଚୋପ୍ରା ଓ ଅନ୍ୟ ଅଲିମ୍ପିକ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚୋପ୍ରା କିନ୍ତୁ ଯଥାକ୍ରମେ ଗୁରୁବାର ଓ ଶୁକ୍ରବାର ପଞ୍ଜାବ ଓ ହରିୟାଣା ସରକାରଙ୍କ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରୁ ଓହରିଯାଇଛନ୍ତି। ରବିବାର ଭାରତୀୟ ଅଲିମ୍ପିକ ଆସୋସିଏଶନ ତରଫରୁ ସମ୍ବର୍ଦ୍ଧନା ଦିଆଯିବା କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବରେ ଚୋପ୍ରା ଯୋଗ ଦେଉଛନ୍ତି କି ନା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ଷ୍ଟାର ଆଥ୍‌ଲେଟ ଜଣକ କିନ୍ତୁ ପାନିପତ ନିକଟବର୍ତ୍ତୀ ତାଙ୍କ ବାସସ୍ଥାନ ଖାନ୍ଦ୍ରା ଗ୍ରାମରେ ମଙ୍ଗଳବାର ପହଞ୍ଚିଥିବା ତାଙ୍କ ମାମୁ ସୂଚନା ଦେଇଛନ୍ତି।

# ମେଜର କ୍ରିକେଟ ଲିଗ୍ ସହିତ ଉନ୍ମୁକ୍ତଙ୍କ ଚୁକ୍ତି

ନୂଆଦିଲ୍ଲୀ,୧୪।୮(ପି.ଟି.)

ଭାରତର ପୂର୍ବତନ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜେତା ଅଧିନାୟକ ଉନ୍ମୁକ୍ତ ଚାନ୍ଦ ଆମେରିକାର ମେଜର କ୍ରିକେଟ ଲିଗ୍ ସହିତ ଏକ ଚୁକ୍ତି କରିଛନ୍ତି। ମେଜର କ୍ରିକେଟ ଲିଗ୍ ଆମେରିକାରେ ପେସାଦାର କ୍ରିକେଟ ପ୍ରତିଯୋଗିତାକୁ ଆଗକୁ ନେବାକୁ ପ୍ରୟାସ କରିଆସୁଛି। ଏହି ଲିଗ୍ ୨୦୦୦ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ଏହି ଚୁକ୍ତି ବଳରେ ଉନ୍ମୁକ୍ତ ଆମେରିକାରେ ମାଇନର କ୍ରିକେଟ ଲିଗ୍ (ଏମ୍‌ଏଲ୍‌ସି)ର ୨୦୨୧ ସେସନରେ ଅଂଶଗ୍ରହଣ କରିବେ ଓ ସେ ସିଲିକନ ଭ୍ୟାଲି ଷ୍ଟ୍ରାଇକର୍ସ ତରଫରୁ ପ୍ରତିନିଧିତ୍ୱ କରିବେ। ମାତ୍ର ୨୮ ବର୍ଷରେ ଉନ୍ମୁକ୍ତ ଶୁକ୍ରବାର କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରିଥିଲେ। ଏବେ ସେ ଶନିବାର ଟୋୟୋଟା ମାଇନର ଲିଗ୍ କ୍ରିକେଟ ଚାମ୍ପିୟନଶିପ୍‌ରେ ମୋର୍ଗାନ ହିଲ୍ ଆଉଟଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସୋକାଲ ଲାସିଙ୍ଗ୍ସ ବିପକ୍ଷରେ ଷ୍ଟ୍ରାଇକର୍ସ ତରଫରୁ ପଦାର୍ପଣ କରିବେ।

ଉନ୍ମୁକ୍ତ ସାନ୍ ଫ୍ରାନ୍‌ସିସ୍କୋର ବେ ଏରିଆକୁ ସ୍ଥାନାନ୍ତର ହୋଇଛନ୍ତି ଓ ମେଜର କ୍ରିକେଟ ଲିଗ୍ ସହିତ ଏକ ବହୁବର୍ଷୀୟ ଚୁକ୍ତି କରିଛନ୍ତି। ମେଜର କ୍ରିକେଟ ଲିଗ୍ ଆମେରିକାରେ କ୍ରିକେଟର ବିକାଶ, ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟ କରିଆସୁଛି। ଏହି ଲିଗ୍ ଆଗାମୀ ପିଢ଼ିର କ୍ରିକେଟର ସୃଷ୍ଟି କରିବାକୁ କାର୍ଯ୍ୟ କରୁଛି। କ୍ୟାରିୟରର ନୂଆ ସୋପାନରେ ପାଦ ଦେଇଥିବାରୁ ବହୁତ ଖୁସି ଅଛି। ଆମେରିକାରେ କ୍ରିକେଟର ବିକାଶ ପାଇଁ କାର୍ଯ୍ୟ କରୁଥିବା ମେଜର କ୍ରିକେଟ ଲିଗ୍ ସହିତ ଜଡ଼ିତ ରହିବା ମୋ ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଚଳିତ ସପ୍ତାହ ଶେଷରେ ଆରମ୍ଭ ହେବାକୁ ଥିବା ମାଇନର ଲିଗ୍ କ୍ରିକେଟରେ ଷ୍ଟ୍ରାଇକର ତରଫରୁ ଖେଳିବାର ସୁଯୋଗ ହାସଲ କରିଛି। ବେ ଏରିଆରେ କ୍ରିକେଟର ବିକାଶ ପାଇଁ କାର୍ଯ୍ୟ କରିବି। ଏହି ଅଞ୍ଚଳରେ କ୍ରିକେଟକୁ ନେଇ ଯଥେଷ୍ଟ ଉତ୍ସାହ ରହିଛି ବୋଲି ଉନ୍ମୁକ୍ତ କହିଛନ୍ତି। ଉଲ୍ଲେଖଥାଉ କି, ଟୋୟୋଟା ମାଇନର ଲିଗ୍ କ୍ରିକେଟ ଚାମ୍ପିୟନଶିପ୍ ଆମେରିକାର ଏକ ଜାତୀୟ ଟି୨୦ କ୍ରିକେଟ ଇଭେଣ୍ଟ। ଏହି ଗ୍ରୀଷ୍ମରେ ଏହାକୁ ଲଞ୍ଚ୍ କରାଯାଇଛି। ଏହି ଲିଗ୍‌ରେ ୨୭ଟି ସହର ପର୍ଯ୍ୟବସିତ ଦଳ ଅଂଶଗ୍ରହଣ କରିବେ। ୨୬ ଭେନ୍ୟୁରେ ୨୦୦ରୁ ଉର୍ଦ୍ଧ୍ୱ ମ୍ୟାଚ୍ ଖେଳାଯିବ ଓ ଏହି ଲିଗ୍‌ରେ ବିଭିନ୍ନ ଦଳ ତରଫରୁ ମୋଟ ୪୦୦ଟି ଦଳ ଅଂଶଗ୍ରହଣ କରିବେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

**ଦଶପଲ୍ଲା,୧୪।୮ (ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକେରା ନିକଟସ୍ଥ ରଥିପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ସାପକାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଲେ କୃଷ୍ଣଚନ୍ଦ୍ର ଜାନୀ(୪୫)। ସେ ରାତିରେ ଘରେ ଶୋଇଥିବା ବେଳେ ଏକ ସାପ କାମୁଡି ଦେଇଥିଲା। ତାଙ୍କୁ ପ୍ରଥମେ ଦଶପଲ୍ଲା ଡାକ୍ତରଖାନା ଏବଂ ପରେ ନୟାଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ଆକ୍ରାନ୍ତ ସଂଖ୍ୟା ହ୍ରାସ, ମୃତ୍ୟୁ ସଂଖ୍ୟା ବଢ଼ୁଛି

**ନୟାଗଡ଼ ଅଫିସ,୧୪।୮:** ନୟାଗଡ଼ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଥିବାବେଳେ ମୃତକଙ୍କ ସଂଖ୍ୟା ବଢ଼ି ଚାଲିଛି । ଶନିବାର ରିପୋର୍ଟ ଅନୁଯାୟୀ ଜିଲାରେ ୧୨ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଆଉ ୩୧ ରୋଗୀ ଚିହ୍ନଟ ହୋଇଛନ୍ତି। ଏ ପରିପ୍ରେକ୍ଷୀରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ୯୯୪ ରେ ପହଞ୍ଚିଛି । ଚିହ୍ନଟ ୩୧ଜଣଙ୍କ ମଧ୍ୟରୁ ଗଣିଆ ବ୍ଲକରେ ୧, ଖଣ୍ଡପଡ଼ା ବ୍ଲକରେ ୭, ନୟାଗଡ଼ ବ୍ଲକରେ ୪, ନୂଆଗାଁ ବ୍ଲକରେ ୩, ଓଡ଼ଗାଁ ବ୍ଲକରେ ୩, ରଣପୁର ବ୍ଲକ୍‌ରେ ୭ ଓ ନୟାଗଡ଼ ପୌରାଞ୍ଚଳରେ ୬ଜଣ ଚିହ୍ନଟ ହୋଇଛନ୍ତି । ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୭୬ଜଣଙ୍କ ଜୀବନ ନେଇଛି ।

### ୫ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଜେଲ ଗଲେ

**ନୟାଗଡ଼ ଅଫିସ,୧୪।୮:** ଫତେଗଡ ଥାନା ପୋଲିସ ଶନିବାର ବାହାଡା କଲେଜ ନିକଟରୁ ୫ଗ୍ରାମ ୩୦୦ ମିଲିଗ୍ରାମ ବ୍ରାଉନସୁଗାର ଜବତ କରିଛି। ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ବୋଲଗଡ ଥାନା ମାଣିକାଗୋଡା ଗାଁର ତସଲିନ ଖାନ୍(୩୦)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆ ଯାଇଛି । ଏନେଇ ଥାନାରେଏକ ମାମଲା(ନଂ୧୪୮/୨୧) ରୁଜୁ ହୋଇଛି ।

### ଗଞ୍ଜେଇ ଜବତ, ୨ ଗିରଫ

**ଫୁଲବାଣୀ ଅଫିସ, ୧୪।୮:** ଫୁଲବାଣୀ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ଅଞ୍ଚଳର ଜ୍ୟୋତିକାନ୍ତ ଦିଗାଲ ଓ ଖଜୁରିପଡା ବ୍ଲକ ସୁତୁକୁମାର ରଞ୍ଜନ ବେହେରା ।

# ବିକାଶ ନାଁରେ ଦୁର୍ନୀତି

- ରୋଜଗାର ଦେଇଛି ଏମ୍‌ଜିଏନଆରଇଜିଏସ୍
- ଲାଭ ଉଠାଉଛନ୍ତି ଲୋକ ପ୍ରତିନିଧି, ସରକାରୀ କର୍ମଚାରୀ
- ବାଟମାରଣା ରୋକିବାକୁ ନୁହେଁ, ଚାପିବାକୁ ଗୁରୁତ୍ୱ



ରୋହିବାଙ୍କଠାରେ ଖୋଳାଯାଇଥିବା ପୋଖରୀ ।

**ନୟାଗଡ ଅଫିସ,୧୪।୮**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ନୟାଗଡ଼ ଜିଲାରେ ରୋଜଗାରର ମାଧ୍ୟମ ପାଲଟିଛି। ଜବ୍‌କାର୍ଡଧାରୀଙ୍କ ନାଁରେ କେତେଜଣ ଜନପ୍ରତିନିଧି ଓ ସରକାରୀ କର୍ମଚାରୀ ଯୋଜନାର ଫାଇଦା ନେଇ ଚାଲିଛନ୍ତି । ବିକାଶ ନାଁରେ ଲକ୍ଷାଧିକ ଟଙ୍କା ତୋସରପାତ ହେଉଛି । ସ୍ଥିତି ଏପରି ହୋଇଛି, ଦୁର୍ନୀତି ରୋକିବା ବଦଳରେ ଚାପିବାକୁ ଗୁରୁତ୍ୱ ଦିଆଯାଉଛି। ଅଭିଯୋଗକାରୀଙ୍କୁ ହଟହଟା ଓ ଅପଦସ୍ଥ ହେବାକୁ ପଡୁଛି। ଏପରି କି ମାଡ଼ ମାରି ମୁହଁକୁ ବନ୍ଦ କରିଦିଆଯାଉଛି। ଏହି ଯୋଜନାରେ ଦୁର୍ନୀତି ଏପରି କାୟା ବିସ୍ତାର କରିଛି ଯେ, ଯୋଜନାକୁ ବନ୍ଦ କରିଦେଲେ ଭାରି ଭଲହୁଅନ୍ତା ବୋଲି ଅନେକେ ମତ ରଖିଛନ୍ତି ।

କଂଗ୍ରେସର ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକ ନୁହେଁ, ଯନ୍ତ୍ର କାମ କରୁଛି। ଏନେଇ ସବୁଠାରେ ଗୋଟିଏ କଥା ଶୁଣିବାକୁ ମିଳୁଛି ଅଭିଯୋଗ ନାହିଁ । କିନ୍ତୁ ଲୋକଙ୍କ ଅଭିଯୋଗକୁ ଚାପି ଦିଆଯାଇ ସବୁ କିଛି ଠିକ୍ ଚାଲିଛି ବୋଲି କୁହାଯାଉଛି। ଏହାର ଭିତିରି କଥା ହେଉଛି ଯୋଜନା ଭଲ ରୋଜଗାର ଦେଉଛି। ମୋଟା ଅଙ୍କର ଟଙ୍କା ମୁହଁରେ ତାଲା ଝୁଲାଇ ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛି। ଭାଜପା ନେତା ଚନ୍ଦ୍ରବିଜୟୀ ମିଶ୍ର କୁହନ୍ତି, ଗାଁରେ କାମ ମିଳୁନାହିଁ ଦର୍ଶାଇ ଶ୍ରମିକମାନେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି । ହେଲେ ଗାଁର କାମ ଶ୍ରମିକଙ୍କ ନାମରେ ଯନ୍ତ୍ର କରୁଛି। ଏମ୍‌ଜିଏନ୍‌ଆରଇଜିଏସ୍‌ର ରୋଜଗାର ଟଙ୍କାରେ ଅନେକ ଜନପ୍ରତିନିଧି ଓ କର୍ମଚାରୀ ଜେସିବି, ଟ୍ରାକ୍ଟର ମାଲିକ ହୋଇ ସାରିଲେଣି ।

### ବିଡିଓଙ୍କୁ ଦାମୀ ଗାଡ଼ି ଉପହାର

ଭାପୁର ବ୍ଲକରେ ଫଲ୍‌ସ ବିଲ୍ କରିବାକୁ ଜଣେ ବିଡିଓ ଉପହାରରେ ୨୦ ଲକ୍ଷ ଟଙ୍କା ପାଇଥିବା ଚର୍ଚ୍ଚା ହେଉଛି। ଏଥିରେ କିଣିଛନ୍ତି ଭଲ ୪ ଚକିଆ ଯାନ। ପୁଣି ଅନ୍ୟାନ୍ୟ ଉପହାର ରହିଛି। ଏଭଳି ଅଭିଯୋଗରେ କେତେ ସତ୍ୟତା ରହିଛି ତଦନ୍ତସାପେକ୍ଷ। ଏହି ବ୍ଲକରେ ଗୋଟିଏ ରାସ୍ତାକୁ ୨୨ଥର ବିଲ୍, ନଦୀରେ ପୋଖରୀ ପରି ବହୁ ଅନିୟମିତତା ସମ୍ପର୍କରେ ଅଭିଯୋଗ ହୋଇ ଆସୁଛି। ହେଲେ ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ଅନିୟମିତତା ଅଭିଯୋଗ କଲେ କିଛି ଫରକ ପଡୁନି । ସବୁ କିଛି ଠିକ୍‌ଠାକ ଚାଲିଛି ବୋଲି କୁହାଯାଉଛି । ଜଣେ ସୂଚନା କର୍ମୀ କହିଛନ୍ତି, ଭାପୁର ବ୍ଲକ ଉନ୍ନୟନ କାର୍ଯ୍ୟରେ ୧ ନଂ. ହୋଇଛି। ହେଲେ ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତିରେ ପ୍ରଥମ ହୋଇ ଜିଲାର ଗୌରବ ବଢ଼ାଇଛି ।

### କୋଟିପତି ଶ୍ରମିକ

ଏହି କାମରେ କୋଟିପତିମାନେ ଶ୍ରମିକ ସାଜିଛନ୍ତି। ଏହା ନୟାଗଡ଼ରେ ସମ୍ଭବ ହୋଇ ପାରିଛି। ଏମ୍‌ଜିଏନ୍‌ଆରଇଜିଏସ୍ ଅନୁଦାନକୁ ହାତେଇବା ପାଇଁ ଏପରି ଅନିୟମିତତା ଓଡ଼ଗାଁ ବ୍ଲକର ରୋହିବାଙ୍କରେ କରାଯାଇଛି । ରୋହିବାଙ୍କରେ ୨ଟି ଫାର୍ମ ପଣ୍ଡ କରାଯାଇ ଏକ କୋଟିପତି ପରିବାର ୨ରୁ ୪ ଲକ୍ଷ ଟଙ୍କା ବାଟମାରଣା କରି ନେଇଛନ୍ତି । ଦାମୀ କାର, ରାଇସ୍ ମିଲ, ଦୁଇ ମହଲା କୋଠା, ୧୫ରୁ ଉର୍ଦ୍ଧ୍ୱ ବସ୍, ବାଇକ୍ ଶୋ'ରୁମ୍, ପେଟ୍ରୋଲ ପମ୍ପ ଥିବା ଏହି ପରିବାରର ସଦସ୍ୟମାନେ କାଗଜପତ୍ରରେ ଜବ୍‌କାର୍ଡଧାରୀ ସାଜିଛନ୍ତି। ଏହି ଫାର୍ମପଣ୍ଡରେ ବର୍ଷାଋତୁରେ ପାଣି ରହୁନାହିଁ। ଯଦି ପୋଖରୀରେ ପାଣି ରହୁନି, ତେବେ ଖୋଳାଯିବାର ଉଦ୍ଦେଶ୍ୟ କ'ଣ ବୋଲି ସେଠାରେ ଚର୍ଚ୍ଚା ଜୋର ଧରିଛି । ଏ ସଂକ୍ରାନ୍ତରେ ସେହି କୋଟିପତି ଶ୍ରମିକ ପରିବାରର ଜଣେ ବ୍ୟକ୍ତି କହିଛନ୍ତି, ହଁ, ଆମେ କାମ କରି ଟଙ୍କା ନେଇଛୁ, ଅସୁବିଧା ରହିଲା କେଉଁଠି। ଫାର୍ମପଣ୍ଡରେ ସାଧାରଣ ଲୋକ ଉପକୃତ ହେବେ । ଏନେଇ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ କୁହନ୍ତି, ଏହି ଅନିୟମିତତାର ତଦନ୍ତ କରିବା ପାଇଁ ସ୍ଥାନୀୟ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ରାଇମଡ଼ା ଜଙ୍ଗଲରୁ ୧୪ ଲଗ୍ ଶାଳ, କେନ୍ଦୁକାଠ ଜବତ

**ଗଣିଆ,୧୪।୮(ଡି.ଏନ.ଏ.)**

ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଓ ଗଣିଆ ବନାଞ୍ଚଳ କର୍ମଚାରୀମାନେ ଶୁକ୍ରବାର ସନ୍ଧ୍ୟାରେ ମିଳିତ ଭାବେ ଚଢ଼ାଉ କରି ୧୪ ଲଗ୍ ଶାଳ ଓ କେନ୍ଦୁକାଠ ଜବତ କରିଛନ୍ତି । ଜବତ କାଠଗଡ଼ିକୁ ଗଣିଆ ବନାଞ୍ଚଳ ଅଧୀନ ନଛିପୁର ବିଟ୍ ହାଉସ୍‌କୁ ସ୍ଥାନାନ୍ତର କରାଯାଇଛି ।

ଘୁଘଡ଼ିପଡା ଫରେଷ୍ଟ ବିଟ୍ ଅଧୀନ ରାଇମଡ଼ା ଓ ମର୍ଦ୍ଦାବାଡ଼ି ଗ୍ରାମ ନିକଟ ଜଙ୍ଗଲରେ ୧୧ ଲଗ୍ ଶାଳ ଓ ୩ ଲଗ୍ କେନ୍ଦୁକାଠ ରହିଥିବା ଖବର ପାଇ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଫରେଷ୍ଟର ସଞ୍ଜୟ କୁମାର ରାଉତ, ମହେଶ ମେହେର, ନଛିପୁର ବିଟ୍ ଫରେଷ୍ଟର ପବିତ୍ର ମୋହନ ପରିଡ଼ା, ଫରେଷ୍ଟ ଗାର୍ଡ ସୌମ୍ୟରଞ୍ଜନ ଦଳେଇ ଓ ଉଭୟ ବନାଞ୍ଚଳ କର୍ମଚାରୀମାନେ ଚଢ଼ାଉ କରି କାଠ ଜବତ କରିଥିଲେ । ଜଙ୍ଗଲରେ କଟାଯାଇଥିବା କିଛି ଶାଳକାଠ ଫାଳି ମଧ୍ୟ ଜବତ ହୋଇଛି । ଜବତ କାଠର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। ଏ ନେଇ ଗଣିଆ ବନାଞ୍ଚଳ ତରଫରୁ ଏକ ମାମଲା (ନଂ.୩/୨୧) ରୁଜୁ କରାଯାଇଛି।



ଜବତ ହୋଇଥିବା ଶାଳ ଓ କେନ୍ଦୁ ଲଗ୍ ।

## ୧୦ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

**ଖଣ୍ଡପଡ଼ା,୧୪।୮(ସ୍ୱ.ପ୍ର.)**

୧୦ ଦିନ ବିତିଗଲାଣି, ଚାଉପଲ୍ଲୀ ଗ୍ରାମସ୍ଥିତ ପମ୍ପ ହାଉସରେ ବିଦ୍ୟୁତ୍ ସମସ୍ୟା ଯୋଗୁ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ରହିଛି । ଫଳରେ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ଏ ସଂକ୍ରନ୍ତରେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।

ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସରେ ଯାନ୍ତ୍ରିକ ତ୍ରୁଟି ସାଙ୍ଗକୁ ବିଦ୍ୟୁତ୍ ସମସ୍ୟା ଯୋଗୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି । ଫଳରେ ୫୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ କୂପ ଓ ପୋଖରୀର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଉପରୋକ୍ତ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ମର୍ଦ୍ଦରାଜପୁର ପଞ୍ଚାୟତ କର୍ତ୍ତୃପକ୍ଷ, ସରପଞ୍ଚ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଖଣ୍ଡପଡା ବ୍ଲକ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ମାତ୍ର ସମସ୍ୟା ସମାଧାନ ହୋଇ ନ ଥିବା ଖବର ମିଳିଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, ପ୍ରକଳ୍ପକୁ ବିଦ୍ୟୁତ୍ ସରବରାହରେ ବାଧା ସୃଷ୍ଟି ହୋଇଥିବାରୁ ଜଳ ଯୋଗାଣ ବନ୍ଦ ରହିଛି। ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଥିବା ସେ କହିଛନ୍ତି। ପ୍ରକଳ୍ପର ଅଧିକାଂଶ ବିଦ୍ୟୁତ୍ ଯନ୍ତ୍ରପାତି ନଷ୍ଟ ହୋଇଯାଇଛି । ସେଗୁଡ଼ିକ ବଦଳାଇ ନୂଆ ଲଗାଇବାକୁ ପ୍ରକଳ୍ପ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ କୁହାଯାଇଥିଲା । ମାତ୍ର ସେଗୁଡିକ ପରିବର୍ତ୍ତନ ହୋଇ ନ ଥିବାରୁ ବିଦ୍ୟୁତ୍ ଲାଇନ୍ ସଜାଡିବା ସମ୍ଭବ ହୋଇପାରୁ ନ ଥିବା କଣ୍ଠିଲୋ ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି । ଅପରପକ୍ଷେ ଇଂ. ସୁବ୍ରତ ସାହୁ କହିଛନ୍ତି, ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ।

# ଦୁଇ ପାହାଡ଼ କାଟି ମାଟି, ପଥର ଲୁଟ୍

**ନୟାଗଡ଼ ଅଫିସ,୧୪।୮**

ନୟାଗଡ଼ ଜିଲା ଦଶପଲ୍ଲା ତହସିଲ ପୁରୁଣା ଦଶପଲ୍ଲା ନୂଆସାହି ନିକଟରୁ ଦୁଇଟି ପାହାଡ କଟାଯାଇ ବେଆଇନ ଭାବେ କଳାମୁଗୁନି ପଥର ଓ ମାଟି ଲୁଟ୍ ହେଉଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ଏହାର ଅନୁଧ୍ୟାନ ପାଇଁ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶଙ୍କ ନେତୃତ୍ୱରେ ଏକ ଦଳ ଶନିବାର ସଂପୃକ୍ତ ଅଞ୍ଚଳ ଗସ୍ତ କରି ଶନିବାର ଫେରିଛନ୍ତି । ଏହି ଦଳରେ ଦଶପଲ୍ଲା ବ୍ଲକ ସଭାପତି ବୁଲୁ ପରିଡ଼ା, କଂଗ୍ରେସ ନେତା ସରୋଜ ପରିଡ଼ା, ସୁକାନ୍ତ ଶତପଥୀ, ଜିଲା କଂଗ୍ରେସ ଉପସଭାପତି ନିର୍ମଳ ଚନ୍ଦ୍ର ରଥ, ସାଧାରଣ ସମ୍ପାଦକ ଲଡୁକେଶ୍ୱର ଷଡ଼ଙ୍ଗୀ, ନୂଆଗାଁ ବ୍ଲକ ସଭାପତ ଅଶୋକ ନାୟକ ପ୍ରମୁଖ ସାମିଲ ଥିଲେ । ଦଶପଲ୍ଲା ବ୍ଲକ ସଭାପତି ବୁଲୁ ପରିଡାଙ୍କ ସୂଚନା ଅନୁସାରେ ଦୁଇ ମୁଣ୍ଡିଆରେ ବ୍ଲାଷ୍ଟିଂ କରାଯାଇ ପଥର ଫଟା ଯାଉଛି । ସେହି ମାଟି ଓ ପଥର ଦଶପଲ୍ଲା ରେଲୱେ ଟ୍ରାକର ନିର୍ମାଣ କାର୍ଯ୍ୟରେ ଲାଗୁଛି । ଦୁଇ ମୁଣ୍ଡିଆ ଖୋଳା ଯାଇ ପ୍ରାୟ ୧୦ ମିଟର ଗର୍ତ୍ତ ହୋଇ ସାରିଲାଣି । ପ୍ରାୟ ୩ ମାସ ଧରି ଏଠାରୁ ପ୍ରାୟ ୭ ହଜାର ଟ୍ରିପ ପଥର ବୁହା ହୋଇ ସାରିଲାଣି । ସେଠାରୁ ପଥର ଗ୍ରାନାଇଟ କମ୍ପାନୀକୁ ଚାଲାଣ ହେଉଛି। ସେହିପରି ପୁରୁଣା ଦଶପଲ୍ଲା ଜାତୀୟ ରାଜପଥ କଡରେ ମିକ୍ସଚର ପ୍ଲାଣ୍ଟ ଓ କ୍ରସରରେ ଏହାକୁ ଚିପ୍ସ କରି ଭୁବନେଶ୍ୱର ପଠାଯାଉଛି । ଏହି ଅନିୟମିତତାକୁ ଲୁଚାଇବା ପାଇଁ ୫୦ ଲକ୍ଷ ଟଙ୍କା ଲାଞ୍ଚ ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନା ଅଧିକାର ତଥ୍ୟ ଅନୁସାରେ ତହସିଲ ଟଙ୍କାଟିଏ ବି ରାଜସ୍ୱ ପାଇ ନାହିଁ । ଏନେଇ ତହସିଲଦାର ଓ ଜିଲାପାଳ ନୀରବ ଥିବାରୁ ଉଭୟଙ୍କ ନିଲମ୍ବନ ପାଇଁ କଂଗ୍ରେସ ଦାବି କରିଛି । ଏନେଇ କଂଗ୍ରେସ ଖୁବ୍‌ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ପରିଡା କହିଛନ୍ତି ।



ପାହାଡ଼ ଫଟାଯାଉଥିବା ସ୍ଥାନରେ କଂଗ୍ରେସ ପ୍ରତିନିଧି ଦଳ ।

**ନିର୍ମାଣ ଚାଲିଛି ଦଶପଲ୍ଲା ରେଲୱେ ଟ୍ରାକ**

## ବ୍ଲକ ସମ୍ମୁଖରେ ଧାରଣା ପାଇଁ କଂଗ୍ରେସର ବୈଠକ

**ଖଣ୍ଡପଡ଼ା,୧୪।୮(ସ୍ୱ.ପ୍ର.)**

ଆସନ୍ତା ୧୮ ତାରିଖରେ ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯିବ । ଏଥିପାଇଁ ଖଣ୍ଡପଡ଼ାଠାରେ ଆୟୋଜିତ ଏକ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଖଣ୍ଡପଡ଼ା ବ୍ଲକରେ ଦୁର୍ନୀତି, ଅରାଜକତା ସୀମା ଟପିଥିବା ବେଳେ କେତେଜଣ ଦୁର୍ନୀତିଗ୍ରସ୍ତ ପଦାଧିକାରୀ ଉକ୍ତ ବ୍ଲକରେ ବହୁ ବର୍ଷ ଧରି କାମ କରୁଛନ୍ତି । ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀମାନଙ୍କ କଳାକାରନାମା ପଦାକୁ ଆସିବା ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ ଉଦ୍ୟମ ଜାରି ରହିବ ବୋଲି ଖଣ୍ଡପଡ଼ା ବ୍ଲକ୍ କଂଗ୍ରେସ ସଭାପତି ଦେବବ୍ରତ ବେହେରା ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି ।





ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିସ୍ଥଳ ବୁଲା କୁକୁରଙ୍କ ଆଶ୍ରୟସ୍ଥଳ ପାଲଟିଛି ।

## ଆମ୍ବ, ଔଷଧୀୟ ଚାରା ରୋପଣ

**ଓଡ଼ଗାଁ,୧୪।୮(ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକ ରୋହିବାଙ୍କ ସରକାରୀ ଉନ୍ନୀତ ନୋଡାଲ ହାଇସ୍କୁଲ ପରିସରରେ ଶନିବାର ବିଭିନ୍ନ କିସମର ଚାରା ରୋପଣ କରାଯାଇଛି । ଏଥିରେ ଉନ୍ନତ କିସମର ଆମ୍ରପାଲୀ ଆମ୍ବ, ଅଶୋକ, ଅଁଳା, ଶଜନା, ଲେମ୍ବୁ, କଦଳୀ, ଅମୃତଭଣ୍ଡା ଆଦି ବୃକ୍ଷ ରୋପଣ କରାଯାଇଛି । ଇକୋ କ୍ଲବ ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ, ନିର୍ବାଚିତ ସଦସ୍ୟ ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସ, ସନ୍ତୋଷ କୁମାର ସାହୁ, ସରପଞ୍ଚ ମୁରଲୀଧର ପ୍ରଧାନ, ସମିତି ସଭ୍ୟ ଦିଲେଶ୍ୱର ପାତ୍ର, ସିଆରସିସି ଲଳିତ ମୋହନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଉପସ୍ଥିତ ସଦସ୍ୟମାନେ ବୃକ୍ଷରୋପଣ ସହିତ ତା'ର ସଂରକ୍ଷଣ ପାଇଁ ସଂକଳ୍ପ ନେଇଥିଲେ ।

# ୭୫ ବର୍ଷ ପରେ ବି ସ୍ୱାଧୀନତା ଅପହଞ୍ଚ

**ସ୍ୱାଧୀନତାର ୭୫ ବର୍ଷ ପରେ ବି ମେଣ୍ଟି ନାହିଁ ଗରିବଙ୍କ ଭୋକ । ଦାରିଦ୍ର୍ୟ, ବେକାର ସମସ୍ୟା ସହିତ ଅପରାଧ ବଢ଼ିଛି । ରାଜନୈତିକ କ୍ଷେତ୍ରରେ ଅପରାଧୀଙ୍କ ପ୍ରବେଶ, ସବୁଠି ଦୁର୍ନୀତି ଏବଂ ସାମ୍ପ୍ରଦାୟିକବାଦ ପ୍ରଭାବ ବିସ୍ତାର ଭାରତକୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଧୂଳିସାତ୍ ହୋଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବର୍ଗର ଲୋକଙ୍କ ମନର କଥାକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା... ।**

### ଆମେ ଆଜି ବି ପରାଧୀନ



ଆମ ପାଇଁ ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ। ଧନୀ ଲୋକମାନେ ହିଁ ତା'ର ଫାଇଦା ନେଉଛନ୍ତି । ସରକାରଙ୍କ ସବୁ ସୁବିଧା ସୁଯୋଗ ସେମାନେ ଉପଭୋଗ କରୁଛନ୍ତି। ଆମ ପରି ମୂଲିଆ ଶ୍ରେଣୀର ଲୋକଙ୍କ ପାଇଁ ଗାନ୍ଧୀଙ୍କ ରାମରାଜ୍ୟର କିଛି ମାନେ ନାହିଁ। ବାରମ୍ବାର କାକୁତିମିନତି କଲେ ମଧ୍ୟ ଆମ ପାଇଁ ଆବାସ ଯୋଜନା ସାତସପନ ହୋଇଛି। ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ମିଳିପାରୁନି। ବାସ୍ତବରେ ଆମେ ଆଜି ବି ପରାଧୀନ।

**–ବିକଳ ନାଏକ, ଦିନମଜୁରିଆ, କଣ୍ଟିଲୋ**

### ଗ୍ରାମାଞ୍ଚଳର ବିକାଶ ହେଉ



ଗାନ୍ଧିଜୀଙ୍କ ରାମରାଜ୍ୟ ଧର୍ମ, ସତ୍ୟ ଓ ନ୍ୟାୟ ନୀତି ଉପରେ ଆଧାରିତ । ସମସ୍ତେ ତୁରନ୍ତ ନ୍ୟାୟ ପାଆନ୍ତୁ ଗାନ୍ଧିଜୀ ଚାହୁଁଥିଲେ । ଯେତେ ଦିନ ପର୍ଯ୍ୟନ୍ତ ସମାଜରେ ହିଂସା ଓ ଦ୍ୱେଷ ରହିଥିବ, ରାମରାଜ୍ୟ ଗଠନ ସମ୍ଭବ ନୁହେଁ। ଭାରତର ଆତ୍ମା ଗାଁରେ ଥିବାରୁ ଗ୍ରାମାଞ୍ଚଳ ବିକାଶରେ ଦେଶର ବିକାଶ ହେବ । ମାତ୍ର ଆଜି ସ୍ୱାଧୀନତାର ୭୫ବର୍ଷ ପରେ ବି ଜଣେ ସାଧାରଣ ଲୋକ ସେହି ସୁବିଧା ସୁଯୋଗରୁ ବଞ୍ଚିତ ।

**–ଉଷା ପଟ୍ଟନାୟକ, ସଭାପତି ଗଣିଆ ଉନ୍ନୟନ କମିଟି**

### ଦାରିଦ୍ର୍ୟ ହଟିନାହିଁ



ଭାରତ ସରକାର 'ଆଜାଦି କି ଅମୃତ ମହୋତ୍ସବ' ପାଳନ କରୁଛନ୍ତି । ହେଲେ ଦାରିଦ୍ର୍ୟ ହଟିନାହିଁ, କଙ୍କାଳସାର ଜନତା ସେଥିରୁ ମୁକ୍ତି ପାଇନାହିଁ। ଗରିବଙ୍କ ଗୋଡ଼ରେ ପଡିଛି ଦାରିଦ୍ର୍ୟର ବେଡ଼ି । ଅସଲ ସ୍ୱାଧୀନତା ସେବେ ଆସିବ, ଯେତେବେଳେ କ୍ଷେତରେ ଶସ୍ୟ ଫଳାଉଥିବା ଚାଷୀଟି ଭୋକରେ ଶୋଇବ ନାହିଁ। ଲୁଗା ବୁଣୁଥିବା ଲୋକଟି ଉଲଗ୍ନ ରହିବ ନାହିଁ। ଘର ତିଆରି କରୁଥିବା ମଣିଷଟି ବାସହୀନ ହେବ ନାହିଁ।

**–ଡକ୍ଟର ପବିତ୍ର ସୁବୁଦ୍ଧି, ସାହିତ୍ୟିକ ଓ ସ୍ତମ୍ଭକାର**

### ଅନେକ କଥା ବାକି ଅଛି



ମହାତ୍ମା ଗାନ୍ଧୀ ଯେଉଁ ସ୍ୱପ୍ନ ଦେଖିଥିଲେ, ସେ ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ଅନେକ ଅଗ୍ରଗତି କରିଛୁ। ତଥାପି ଆହୁରି ଅନେକ କଥା ବାକି ରହିଯାଇଛି । ମୁଁ ଆଶା ରଖିଛି ନିଶ୍ଚିତ ଭାବେ ଆମର ସରକାର ସେ ଦିଗରେ ଯତ୍ନବାନ ହେବେ। ଗାନ୍ଧିଜୀଙ୍କ ସ୍ୱପ୍ନକୁ ସାକାର ପାଇଁ ଗ୍ରାମାଞ୍ଚଳର ଉନ୍ନତି କରାଯିବ । ଏହାଦ୍ୱାରା ଭାରତ ଉନ୍ନତି ପଥରେ ଆହୁରି ଆଗେଇବ। ସମସ୍ତଙ୍କ ସ୍ୱପ୍ନ ସାର୍ଥକ ହେବ।

**–ଅନୁଭବ ପଟ୍ଟନାୟକ,ଇଟି ଆଇଟି ଉପଦେଷ୍ଟା**

### ବିକାଶ ବ୍ୟବସ୍ଥା ଭୁଶୁଡ଼ି ପଡିଛି

ଆଜିର ଜନ ପ୍ରତିନିଧିମାନଙ୍କ ମଧ୍ୟରୁ ଅଧିକାଂଶ କ୍ଷମତାର ଅପବ୍ୟବହାର କରୁଛନ୍ତି । ଏଥିପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ତଥା ବିକାଶ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ତଥାପି ଆମେ ଆଶାବାଦୀ। ଗାନ୍ଧିଜୀ କହୁଥିଲେ ଅଳ୍ପ ସଂଖ୍ୟକ ଲୋକ ଯଦି ସେମାନଙ୍କ ସଂକଳ୍ପରେ ଅଟଳ ରହିବେ ସମାଜରେ ପରିବର୍ତ୍ତନ ଆସିବ । ନିଶ୍ଚିତ ଭାବେ ଗାନ୍ଧୀଙ୍କ ସ୍ୱପ୍ନର ଭାରତ ସାକାର ହେବ । ଦୁଃଖ, ଦାରିଦ୍ର୍ୟ ହଟିବ । ଗରିବଙ୍କ ଦୁଃଖ ଦୂର ହେବ ।



**–ଜୟପ୍ରଭା ସାହୁ, ସାମାଜିକ କର୍ମୀ**

### ସ୍ୱାଧୀନତା ଏବେ ବି ଅପହଞ୍ଚ



ଆଜି ବି ସ୍ୱାଧୀନତା ଅନେକ ଲୋକଙ୍କ ପାଇଁ ଅପହଞ୍ଚ ହୋଇଛି । ପାରମ୍ପରିକ ସ୍ୱାଧୀନତା ଦିବସ ପାଳନ କରାଯାଉଥିଲେ ହେଁ ଏବେ ବି ଅର୍ଥନୈତିକ, ସାମାଜିକ ତଥା ରାଜନୈତିକ ଦିଗରେ ଅସମାନତା ରହିଛି । ନୈତିକ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ ସ୍ୱାଧୀନତା ପ୍ରାପ୍ତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାମାଜିକ ଓ ଅର୍ଥନୈତିକ ସ୍ୱାଧୀନତା ପାଇଁ ସବୁ କ୍ଷେତ୍ରରେ ଉଦ୍ୟମ ଓ ପଦକ୍ଷେପ ନିଆଯିବା ଦରକାର।

**–ଡ. ଅଜିତ ବସନ୍ତରାୟ, ଅଧ୍ୟାପକ, ମହିଳା ମହାବିଦ୍ୟାଳୟ, ଖଣ୍ଡପଡ଼ା**

**ଉପସ୍ଥାପନା–ଅଜୟ କୁମାର ମହାରଣା**

# ଶ୍ରାବଣରେ ବର୍ଷା ନାହିଁ, କ୍ଷେତ ଫାଟି ଆଁ



ଫାଟିଯାଇଥିବା ଧାନକ୍ଷେତ।

**ଖଜୁରୀପଡ଼ା,୧୪।୮(ଡି.ଏନ.ଏ.)**

ଧାରା ଶ୍ରାବଣରେ ଧାରଟିଏ ହେଲେ ବର୍ଷା ନାହିଁ। ବର୍ଷା ଅଭାବ ସାଙ୍ଗକୁ ଜଳସେଚନର ବ୍ୟବସ୍ଥା ନ ଥିବାରୁ ଅଧିକାଂଶ ଧାନକ୍ଷେତ ଫାଟି ଆଁ କଲାଣି। ଏହି ଦୃଶ୍ୟ ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକର ସୁଡୁକୁମ୍ପା ପଞ୍ଚାୟତ ଜିଲାର ଶେଷ ସୀମାବର୍ତ୍ତୀ ବୌଦ୍ଧ ଜିଲା ବୋଡ଼ରର ରାଣୀପଥର ଅଞ୍ଚଳର କୁଣ୍ଡାପଥର ଗ୍ରାମରେ। ଶହ ଶହ ଏକର ଚାଷ ଜମି ଥିଲେ ମଧ୍ୟ ପାଣିର ବ୍ୟବସ୍ଥା ନାହିଁ। କୁଣ୍ଡାପଥର ଗାଁରେ ବର୍ଷା ଜଳ ଉପରେ ଭରସା କରି ଚାଷୀ ଚାଷ କରୁଥିବା ବେଳେ ବର୍ଷା ନ ହେଲେ ଦାନା ଯୋଗାଡ଼ କରିବା ମୁସ୍କିଲ ହୋଇପଡୁଛି। ଫଳରେ କେବଳ ଟଙ୍କିକିଆ ଚାଉଳ ଭରସା ପାଲଟୁଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା। ଚଳିତବର୍ଷ ଯାହା ତଳି ପଡିଥିଲା କିଛି ବର୍ଷା ପାଣିରେ ଗୋଟେ ଦୁଇଟା କ୍ଷେତରେ ଧାନରୁଆ ଆରମ୍ଭ ହୋଇଥିଲା। ତା' ପରଠାରୁ ବର୍ଷା ନାହିଁ। ଫଳରେ ସେହି ଚାଷଜମି ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। କିନ୍ତୁ ଏହି ଜମିଗୁଡ଼ିକରେ ଚାଷ କରିବା ପାଇଁ ଜଳସେଚନ ଲାଗି କୌଣସି ବିକଳ୍ପ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇନଥିବାରୁ ଉଠାଜଳସେଚନ ଯୋଜନାରେ ଚାଷୀକୁ ବୋର୍‌ୱେଲ ଓ ମଟର ସହ ବିଦ୍ୟୁତ୍‌ବ୍ୟବସ୍ଥା କଲେ ବର୍ଷସାରା ଚାଷୀ ରବି ଓ ଖରିଫ ଋତୁରେ ଧାନଚାଷ ସହିତ ଫସଲ ଅମଳ କରିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଆଦର୍ଶ ବିଦ୍ୟାଳୟର ୩ ଶିକ୍ଷକଙ୍କ ବଦଳି

**ନୟାଗଡ଼ ଅଫିସ,୧୪।୮**

ନୟାଗଡ଼ ବ୍ଲକ ନୋତରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିଷ୍ଣୁ ପ୍ରସାଦ ବେହେରା, କମ୍ପ୍ୟୁଟର ଶିକ୍ଷକ ବିଭୁ ପ୍ରସାଦ ସାହୁ ଓ ଖେଳ ଶିକ୍ଷୟିତ୍ରୀ ଦେବସ୍ମିତା ସାହୁଙ୍କ ବଦଳି ହୋଇଛି। ବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରିଥିବା ଅଭିଯୋଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଏହି ବଦଳି ଗତ ୧୩ ତାରିଖରେ କରିଛନ୍ତି । ସଂସ୍କୃତ ଶିକ୍ଷକଙ୍କୁ ସୁନ୍ଦରଗଡ଼ ଜିଲାର କୁସୁମୁଣ୍ଡିହି, କମ୍ପ୍ୟୁଟର ଶିକ୍ଷକଙ୍କୁ ସମ୍ବଲପୁରର ଦୁମଗରମୁଦାବାଦ ଓ ଖେଳ ଶିକ୍ଷୟିତ୍ରୀଙ୍କୁ ମୟୂରଭଞ୍ଜ ଜିଲାର ସାନଖୋଲ ଓଡ଼ିଶା ବିଦ୍ୟାଳୟକୁ ବଦଳି କରାଯାଇଛି ।

ଉପରୋକ୍ତ ସ୍କୁଲରେ କରୋନା କଟକଣା ନିୟମକୁ ଅଣଦେଖା କରାଯାଇଥିବା ଅଭିଯୋଗ କରି ୫ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଗତ ୨୮ ତାରିଖ ଦିନ ୧ ଘଣ୍ଟା ବାହାରେ ଅଟକ ରଖିଥିଲେ । ଏପରିକି ଘଟଣାର ତଦନ୍ତ କରିବାକୁ ଯାଇଥିବା ଆଦର୍ଶ ବିଦ୍ୟାଳୟର



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳିକୁ ବିରୋଧ କରି ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

ତଦାରଖ ଅଧିକାରୀ ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ଓ ଜିଲା ବିଜ୍ଞାନ ନିରୀକ୍ଷକ ଶରତ କୁମାର ସାହୁଙ୍କୁ ଠେଲାପେଲା ଓ ମାରପିଟ୍ କରିଥିଲେ। ଶାନ୍ତି ପ୍ରତିଷ୍ଠା କରିବାକୁ ଯାଇଥିବା ଇଟାମାଟି ଥାନା ପୋଲିସକୁ ଦୁର୍ବ୍ୟବହାର କରିଥିଲେ । ଏଭଳି ଏକ ଅଭାବନୀୟ ଘଟଣାକୁ ନେଇ ନୟାଗଡ଼ ଆଦର୍ଶ ବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଶାନ୍ତ ପଡିଥିଲା । ଘଟଣା ସମ୍ପର୍କରେ ସ୍କୁଲ ଅଧକ୍ଷା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ, ନୟାଗଡ଼ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ । ଜିଲା ଶିକ୍ଷା ଅଧିକାରୀ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦେଇଥିଲେ। ଜିଲାପାଳ ଘଟଣା ସମ୍ପର୍କରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନଙ୍କୁ ଅବଗତ କରାଇଥିଲେ । ଏହା ପରେ ଗତ ଜୁଲାଇ ୩୧ରେ ୨ଜଣ ଶିକ୍ଷକ ନିଲମ୍ବିତ ହୋଇଥିଲେ । ନିଲମ୍ବନ ସଙ୍ଗୀତ ଶିକ୍ଷକ କୁରେଶ ଚନ୍ଦ୍ର ସାହୁ ଓ କଳା ଶିକ୍ଷକ

## ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କୁ ଅଟକ ଘଟଣା

ଅରୁଣ କୁମାର ବେହେରା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନିୟୋଜିତ ଅଛନ୍ତି । ଅନ୍ୟ ୩ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବଦଳି କରାଯାଇଛି।

## ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନୋତରଠାରେ ଛାତ୍ରୀଛାତ୍ର ଶନିବାର ବିକ୍ଷୋଭ କରିଥିଲେ। ଫାଟକ ସମ୍ମୁଖରେ ଶନିବାର କେତେଜଣ ଛାତ୍ରୀଛାତ୍ର ଅଟକି ରହି ବିଦ୍ୟାଳୟକୁ ଯାଇ ନ ଥିଲେ। ସେମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡକାଇ ଶିକ୍ଷକମାନେ ନିର୍ଦ୍ଦୋଷ ବୋଲି ଛାତ୍ରୀଛାତ୍ର ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରଙ୍କ ଆନ୍ଦୋଳନକୁ ଅଭିଭାବକ ସହଯୋଗ କରିଥିଲେ। ସୋମବାର ଆନ୍ଦୋଳନକୁ ବଡ଼ ଧରଣର କରିବାକୁ ନିଷ୍ପତ୍ତି ନେଇ ମନକୁ ମନ ବିକ୍ଷୋଭକୁ ବନ୍ଦ ରଖିଥିଲେ ।




# ବିଜୁ ମହିଳା ଜନତା ଦଳର ପ୍ରସ୍ତୁତି ବୈଠକ

**ରାଇକିଆ,୧୪।୮(ଡି.ଏନ.ଏ.)**

ରାଇକିଆ ବିଜୁ ମହିଳା ଜନତା ଦଳର ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ବ୍ଲକ ସ୍ତରୀୟ କମିଟି ଗଠନ କରାଯାଇଛି। ବ୍ଲକ ସଭାନେତ୍ରୀ ଶୀତଲ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜି ଉଦୟଗିରି ବିଧାୟକ ସଲୁଗା ପ୍ରଧାନ, ଜିଲା ସଭାନେତ୍ରୀ ପୁନମ କହଁର, ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ମମତା ବିଷୋୟୀ ଯୋଗ ଦେଇ ପଞ୍ଚାୟତ ସ୍ତରରେ ଯେପରି ମହିଳା ୟୁନିଟ ସଂଗଠିତ ହୋଇ ଠିକ ଭାବେ କାମ କରି ପାରିବେ ସେ ନେଇ ଦିଗ ଦର୍ଶନ ଦେଇଥିଲେ। ବ୍ଲକ ବିଜେଡି ସଭପତି ରାଜମୋହନ ଦିଗାଲ, ବିଜେଡି ଜିଲା ସଂଖ୍ୟା ଲଘୁ ସେଲ ସଭାପତି ଜୟାନନ୍ଦ ନାୟକ, ବିଜେଡି ବ୍ଲକ ସଭାପତି ସୁଧାଂଶୁ ପାଣିଗ୍ରାହୀ, ସମ୍ପାଦକ ମିଥୁନ ଦିଗାଲ, ଛାତ୍ର ବିଜେଡି ସଭାପତି ରୋସନ ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦିପ ପ୍ରଧାନ, ଟିକାବାଲି ବ୍ଲକ ସଭାପତି ରୋଦନ ମଳିକ ପ୍ରମୁଖ ଯୋଗ ଦେଇ ଥିଲେ।







# ଅଘୋଷିତ ବିଦ୍ୟୁତ୍ କାଟ, ଲୋକେ ଅତିଷ୍ଠ

**ରାୟଗଡ଼(ଗଜପତି),୧୪।୮**

ରାୟଗଡ଼ ବ୍ଲକ ସଦର ମହକୁମା ସମେତ ବିଭିନ୍ନ ଅଞ୍ଚଳରେ ଧାରା ଶ୍ରାବଣରେ ବୈଶାଖୀ ଖରା ସହ ଗୁଳୁଗୁଳି ହେଉଥିବା ସାଙ୍ଗକୁ ଘନଘନ ବିଦ୍ୟୁତ୍ କାଟ ହେଉଛି। ଏ ନେଇ ଲୋକେ ନାହିଁ ନଥିବା ହଇରାଣର ସମ୍ମୁଖିନ ହେଉଥିବା ବେଳେ ଅସନ୍ତୋଷ ଦେଖାଦେଇଛି। ରାୟଗଡ଼ ସମେତ ବିଭିନ୍ନ ଅଞ୍ଚଳରେ ପ୍ରାୟ ୧୦ ଦିନରୁ ଅଧିକ ଦିନ ହେବ ଦିନକୁ ପ୍ରାୟ ଦଶ ରୁ ବାର ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ୨୧ ଟି ପଞ୍ଚାୟତର ଲୋକେ ରାୟଗଡ଼ ବ୍ଲକ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ସମସ୍ତ ସରକାରୀ ବେସରକାରୀ କାମ କରିବାକୁ ନେଇ ବହୁ ଦୂରଦୂରାନ୍ତରୁ ଅସୁଛନ୍ତି। କିନ୍ତୁ ବିଦ୍ୟୁତ୍ କାଟ୍ ଯୋଗୁ ନେଟୱର୍କ ବନ୍ଦ ହେଉଥିବାରୁ ସାଧାରଣରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଛି। ଏ ନେଇ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଏଣୁ ତୁରନ୍ତ ପ୍ରଶାସନ ଏଦିଗରେ ପଦକ୍ଷେପ ନେବା ସହିତ ସ୍ଥାୟୀ ସମାଧାନ କରିବା ପାଇଁ ଦାବୀ ହେଉଛି। ଏ ସଂକ୍ରାନ୍ତରେ ଜେଇ ପିତାମ୍ବର ସାହୁଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ୩୩ ବ୍ରେକ ଡାଉନ୍ ହେଉଥିବା ବେଳେ ଏଭଳି ସମସ୍ୟା ଦେଖାଦେଇଛି। ତୁରନ୍ତ ଉକ୍ତ ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି।










# ପୋଡ଼ି ହୋଇ ଯୁବତୀ ଗୁରୁତର

**ସୋରଡ଼ା,୧୪।୮(ଡି.ଏନ୍.ଏ.)**

ସୋରଡ଼ା ଶଙ୍ଖ ସାହିର ମାମାଲି ବିଶୋଇ (୧୯) ଶନିବାର ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ଯୁବତୀ ଜରଣ ଘରେ ଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ମାମାଲିଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ସରକାରୀ ଡାକ୍ତର ଖାନାରେ ଭର୍ତ୍ତି କରଯାଇଥିଲା। ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଡାକ୍ତରଖାନାରେ ପହଞ୍ଚି ପୀଡ଼ିତାଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ପ୍ରଦାନ କରି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇବା ବ୍ୟବସ୍ଥା କରିଥିଲେ। ଯୁବତୀଙ୍କ ବାପା ବୁଲୁ ବିଶୋଇ ବାହାର ରାଜ୍ୟରେ କାମ କରୁଥିଲେ, ୪ ଦିନ ହେବ ସେ ଘରକୁ ଫେରିଥିଲେ। ତେବେ ଯୁବତୀ କିପରି ପୋଡ଼ିଲେ ତାହା ଜଣାପଡ଼ିନାହିଁ।




# ସଙ୍ଗଠନ ମଜଭୁତ ଲାଗି ଆଗଧାଡ଼ି ନେତାଙ୍କୁ ଡାକରା

## ଗୋପାଳପୁର ନିର୍ବାଚନ ମଣ୍ଡଳୀ

**ଗୋପାଳପୁର,୧୪।୮(ଡି.ଏନ.ଏ.)**

ବିଜେଡିର ସଙ୍ଗଠନ କିଭଳି ସୁଦୃଢ଼ ରହିବ, ସେନେଇ ଗୋପାଳପୁର ଏନ୍‌ଏସି, ବ୍ରହ୍ମପୁର ମହାନଗରର ୫ ୱାର୍ଡ, କୁକୁଡ଼ାଖଣ୍ଡି ବ୍ଲକ ଅଧୀନ ୫ ପଞ୍ଚାୟତ ଓ ରଙ୍ଗେଇଲୁଣ୍ଡା ବ୍ଲକ ଅର୍ନ୍ତଗତ ୨୫ ପଞ୍ଚାୟତର ଆଗଧାଡ଼ି ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବଙ୍କ ଡାକରାକ୍ରମେ ଭୁବନେଶ୍ୱର ଯାଇଥିବା ଜଣାପଡ଼ିଛି। ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନମଣ୍ଡଳୀରେ ଦଳକୁ ମଜଭୁତ କରିବା ଲକ୍ଷ୍ୟରେ ଶନିବାର ରାଜ୍ୟ ସଭା ସାଂସଦ ସୁବାସ ସିଂଙ୍କ ସରକାରୀ ବାସଭବନରେ ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଓ ରାଜନୈତିକ ସଚିବ ଗୋପବନ୍ଧୁ ଦାସ ସଂଗଠନ ସମ୍ପର୍କରେ ଆଲୋଚନା ହୋଇଛି। ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଆଗଧାଡ଼ିର ଶହେରୁ ଉର୍ଦ୍ଧ୍ୱ ନେତା ବସି ଆଗାମୀ ପଞ୍ଚାୟତ ନିର୍ବାଚନର ଜୋନାଲ କମିଟି ଏବଂ ୱାର୍ଡ କମିଟି ଗଠନ କରିବା ସହ ତୃଣମୂଳ ସ୍ତରରେ ସଂଗଠନକୁ ମଜଭୁତ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ସୂଚନାଥାଉକି, ବିଜେଡିରୁ ବିଧାୟକ ଡ. ପାଣିଗ୍ରାହୀ ବହିଷ୍କାର ହେବା ପରେ ନିର୍ବାଚନମଣ୍ଡଳୀଟି ମୁରବିବିହୀନ ହୋଇପଡ଼ିଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ ବାରମ୍ବାର ଗସ୍ତ କରି ସାଙ୍ଗଠନିକ କାର୍ଯ୍ୟକ୍ରମ ବୁଝିଥିଲେ।




# ଚୋରି ସାମଗ୍ରୀ ଜବତ, ୩ ଗିରଫ

**ହଞ୍ଜିଳିକାଟୁ,୧୪।୮(ଡି.ଏନ୍.ଏ)**

ଘରେ ପଶି ସୁନା ଅଳଙ୍କାର ଚୋରି ଘଟଣାରେ ହିଞ୍ଜିଳି ପୋଲିସ ଶନିବାର ୩ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗଦଳପୁରର ଆର ବିପ୍ର ଓ ଟି ଶିବା ଏବଂ ହିଞ୍ଜିଳି ଥାନା ସୋମପୁରର ଆର ରବି। ସମାନଙ୍କ ଠାରୁ ପ୍ରାୟ ୪୦ଗ୍ରାମ ନେକଲେସ ଓ ୧୦ହଜାର ଟଙ୍କା ଜବତ ହୋଇଛି। ହିଂଜିଳି ଥାନା ମକରଝୋଳ ଗ୍ରାମରେ ଅପ୍ରିଲ ୧୬ ଓ ୧୭ରେ ପି ଦୁଷ୍ମନ୍ତଙ୍କ ଘରର ବାରିପଟେ କିଛି ଦୁର୍ବୃତ୍ତ କବାଟ ଭାଙ୍ଗି ଆଲମିରାରୁ ୧୦ ତୋଳା ସୁନା ଅଳଙ୍କାର ଓ ୨୦ହଜାର ଟଙ୍କା ଚୋରି କରିଥିଲେ। ଏ ନେଇ ପୋଲିସ ନଂ. ୧୭୫/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

